RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

# ନିତିଦିନ
NITIDIN

www.nitidin.com
twitter.com/nitidintoday
facebook.com/nitidintoday

MONDAY
13 JULY 2026
ସୋମବାର
୧୩ ଜୁଲାଇ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 43 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୨ • ସଂଖ୍ୟା ୪୩ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

### ଆମେରିକାର ଆକ୍ରମଣ-ଇରାନ୍‌ର ପ୍ରତିଆକ୍ରମଣ

# ପୁଣି ବନ୍ଦ ହେଲା ହର୍ମୁଜ୍

**ତେହରାନ୍, ୱାଶିଂଟନ୍, ୧୨।୭/ଏଜେନ୍ସି:**

ରବିବାର ଭୋର ସମୟରେ ଆମେରିକା ଏବଂ ଇରାନ ମଧ୍ୟରେ ଚଳିତ ସପ୍ତାହର ମଧ୍ୟରେ ସବୁଠାରୁ ଭୟଙ୍କର ଗୁଳି ବିନିମୟ ହୋଇଛି । ରିପୋର୍ଟ ଅନୁସାରେ ଇରାନ ପକ୍ଷରୁ ହର୍ମୁଜ ପ୍ରଣାଳୀ ବନ୍ଦ କରାଯିବା ଏବଂ ଏକ ବେସାମରିକ ମାଲବାହୀ ଜାହାଜକୁ ଅଚଳ କରାଯିବା ପରେ ଉଭୟ ପକ୍ଷ ପରସ୍ପରର ଅନେକ ସାମରିକ ଘାଟିକୁ ଟାର୍ଗେଟ୍ କରିଛନ୍ତି । ତେବେ ଏସବୁ ମଧ୍ୟରେ ଇରାନ୍ ପୁନର୍ବାର ହର୍ମୁଜ୍ ପ୍ରଣାଳୀକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ବନ୍ଦ କରିଦେଇଛି । ଇରାନ୍ ଘୋଷଣା କରିଛି ଯେ, ପରବର୍ତ୍ତୀ ନିର୍ଦ୍ଦେଶ ଜାରି ନହେବା ଯାଏ ହର୍ମୁଜ୍ ମାର୍ଗ ସମସ୍ତ ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ ବନ୍ଦ ରହିବ ।

'ତସନିମ ନ୍ୟୁଜ୍ ଏଜେନ୍ସି' ଅନୁଯାୟୀ, ଦକ୍ଷିଣ ଇରାନ ଉପରେ ଆମେରିକାର ବ୍ୟାପକ ବୋମା ବିସ୍ଫୋରଣର ପ୍ରତିଶୋଧ ନେଇଛି ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) । ରବିବାର ସକାଳେ ଇରାନର ସଶସ୍ତ୍ର ବାହିନୀ ପାରସ୍ୟ ଉପସାଗରରେ ଥିବା ଆମେରିକାର ସାମରିକ ଘାଟି ଯେପରିକି ଜୋର୍ଡାନ, କତାର, କୁଏତ, ବାହାରିନ ଏବଂ ଓମାନ ଉପରକୁ ଅତିକମ୍‌ରେ ତିନିଟି ପର୍ଯ୍ୟାୟରେ ବିପୁଳ ସଂଖ୍ୟାରେ ମିସାଇଲ ଏବଂ ଡ୍ରୋନ୍ ମାଡ଼ କରିଛି । ଇରାନ୍ ପୂର୍ବରୁ ଆମେରିକା ସେନା ମଧ୍ୟ ଦାବି କରିଛି ଯେ, ହର୍ମୁଜ ପ୍ରଣାଳୀ ଦେଇ ଯାତ୍ରା କରିବାକୁ ଚେଷ୍ଟା କରୁଥିବା ସାଇପ୍ରସ୍‌ର ପତାକାଧାରୀ ଏକ କଣ୍ଟେନର ଜାହାଜ ଉପରେ ଆଇଆର୍‌ଜିସି ଆକ୍ରମଣ କରିବା ପରେ ଆମେରିକା, ଇରାନ୍ ଉପରେ ଆକ୍ରମଣ ଜାରି ରଖିଛି । ସଦ୍ୟତମ ଆକ୍ରମଣ ଭାବେ ଶନିବାର ବିଳମ୍ବିତ ରାତିରେ ଏହାର ସେନା ଆକାଶମାର୍ଗରୁ ଇରାନ୍ ଅନେକ ସାମରିକ ତଥା ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରଗୁଡ଼ିକରେ ଭୟାବହ ଆକ୍ରମଣ କରିଛି ।






ପ୍ରକାଶ, ଚଳିତ ସପ୍ତାହ ଆରମ୍ଭରେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ୩ କଣ୍ଟେନର ଜାହାଜଗୁଡ଼ିକ ଉପରକୁ ଆଇଆର୍‌ଜିସି ଚେତାବନୀ ସୂଚକ ଗୁଳି ଚଳାଇବା ପରେ ୱାଶିଂଟନ ସହ ଉତ୍ତେଜନା ବୃଦ୍ଧି ପାଇଥିଲା । ଇରାନ୍‌ର ଏପ୍ରକାର ଆକ୍ରମଣ ପରେ ପରେ ହିଁ ଆମେରିକା ତୁରନ୍ତ ଆକ୍ରମଣ କରିବା ଆରମ୍ଭ କରିଥିଲା ଏବଂ ପରେ ଟ୍ରମ୍ପ, ଯୁଦ୍ଧ ବିରତି ଅବଧି ଶେଷ ହୋଇଥିବା ନେଇ ଘୋଷଣା କରିଥିଲେ । ଅନ୍ୟପକ୍ଷେ ଇରାନ ଜିଦ୍ ଧରିଛି ଯେ ସମସ୍ତ ମାଲବାହୀ ଜାହାଜ ଓମାନ ଉପକୂଳ ଦେଇ ଦକ୍ଷିଣ ପଟେ ନଯାଇ ଏହାର ଉପକୂଳ ନିକଟବର୍ତ୍ତୀ ଉତ୍ତର ମାର୍ଗ ଦେଇ ଗତି କରନ୍ତୁ । କିନ୍ତୁ ଆମେରିକା ଏବଂ ଓମାନ୍ ମିଳିତ ଭାବେ ଏକ ବିକଳ୍ପମାର୍ଗରେ ଜାହାଜ ଚଳାଚଳ କରାଇବାକୁ ଚେଷ୍ଟା କରୁଛନ୍ତି ।

ଗତ ୮ ତାରିଖରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଇରାନ୍ ସହ ଯୁଦ୍ଧ ଅବଧି (୬୦ ଦିନିଆ) ସମାପ୍ତ ହେବା ନେଇ ଘୋଷଣା କରିବା ପର ଠାରୁ ଦୁଇ ଦେଶ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଛି । ବିଶେଷକରି ଶନିବାର ଦିନ ଇରାନ ବାହିନୀ ଓମାନ ନିକଟରେ ପ୍ରଣାଳୀ ଦେଇ ଗତି କରୁଥିବା ସାଇପ୍ରସର ପତାକାଧାରୀ କଣ୍ଟେନର ଜାହାଜ ଏମ୍‌ଭି ଜିଏଫ୍‌ଏସ୍ ଗାଲାକ୍ସି ଉପରେ ଆକ୍ରମଣ କରିବାକୁ ନେଇ ବିବାଦ ଅଧିକ ଉଗ୍ର ହୋଇପଡ଼ିଛି । ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଅନୁଯାୟୀ, ଜାହାଜର ଇଞ୍ଜିନ ରୁମ୍ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି ଏବଂ ଜଣେ ▶▶ ୫

### 'ଜିଏଫ୍‌ଏସ୍ ଗାଲାକ୍ସି' ଉପରେ ଆଇଆର୍‌ଜିସିର ଆକ୍ରମଣ

# ୧୦ ଭାରତୀୟ ଉଦ୍ଧାର, ଜଣେ ନିଖୋଜ

**ତେହରାନ୍, ୱାଶିଂଟନ୍, ୧୨।୭/ଏଜେନ୍ସି:**

ଓମାନ ଉପକୂଳ ଏବଂ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ନିକଟରେ 'ଜିଏଫ୍‌ଏସ୍ ଗାଲାକ୍ସି' ନାମକ ଏକ ସାଇପ୍ରସ-ପତାକାଧାରୀ କଣ୍ଟେନର ଜାହାଜ ଉପରେ ଇରାନର ସାମରିକ ବାହିନୀ ଆଇଆର୍‌ଜିସି ଆକ୍ରମଣ କରିଛି । ଇରାନର ଦାବି ଅନୁଯାୟୀ, ସ୍ଥାନୀୟ ସମୟ ଅନୁସାରେ ରବିବାର ସକାଳୁ ଜାହାଜଟି ନିର୍ଦ୍ଧାରିତ ରୁଟ୍ ମାନିନଥିଲା ଏବଂ ଚେତାବନୀକୁ ଅଣଦେଖା କରିବାରୁ ସେମାନେ ଏହା ଉପରକୁ ଗୁଳି ଚଳାଇଥିଲେ । ତେବେ ଏହି

**ତୀବ୍ର ପ୍ରତିକ୍ରିୟା ଜଣାଇଲା ଭାରତ**

ଆକ୍ରମଣ ଯୋଗୁଁ ଜାହାଜର ଇଞ୍ଜିନ ରୁମ୍‌ରେ ଭୟାବହ ନିଆଁ ଲାଗିଯାଇଥିଲା ଏବଂ ଜାହାଜର କ୍ରୁ ମେମ୍ବରମାନେ ଜାହାଜ ଛାଡ଼ି ପଳାଇବାକୁ ବାଧ ହୋଇଥିଲେ ।

ରିପୋର୍ଟ ଅନୁସାରେ ଏହି ଏହି ଜାହାଜରେ ମୋଟ ୧୧ ଜଣ ଭାରତୀୟ ନାଗରିକ କାର୍ଯ୍ୟ କରୁଥିଲେ । ଯେତେବେଳେ ଆଇଆର୍‌ଜିସି ପକ୍ଷରୁ ଆକ୍ରମଣ ହେଲା ଏବଂ ଜାହାଜଟିରେ ନିଆଁ ଲାଗିଗଲା ସେତେବେଳେ ଜାହାଜର ଅନ୍ୟ କର୍ମଚାରୀମାନଙ୍କ ସହ ଏହି ଭାରତୀୟ ନାଗରିକମାନେ ମଧ୍ୟ ଜୀବନ ବଞ୍ଚାଇବାକୁ ସମୁଦ୍ରକୁ ଡେଇଁ ପଡ଼ିଥିଲେ । ତେବେ ୧୧ ଭାରତୀୟ ନାଗରିକଙ୍କ ମଧ୍ୟରୁ ୧୦ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ଜଣେ ଭାରତୀୟ କ୍ରୁ ସଦସ୍ୟ ଏବେ ମଧ୍ୟ ନିଖୋଜ ଅଛନ୍ତି । ଓମାନ ପ୍ରଶାସନ ସହାୟତାରେ ତାଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

ଜାହାଜ ଉପରେ ଏପ୍ରକାର ଆକ୍ରମଣକୁ ଭାରତ ତୀବ୍ର ନିନ୍ଦା କରିଛି ଏବଂ ଗଭୀର ଚିନ୍ତା ପ୍ରକଟ କରିବା ସହ ଇରାନ୍ ଉଦ୍ଦେଶ୍ୟରେ ଏକ ଦୃଢ଼ ବିବୃତ୍ତି ଜାରି କରିଛି । ମଧ୍ୟପ୍ରାଚ୍ୟ ଅଞ୍ଚଳରେ ସାଧାରଣ ବାଣିଜ୍ୟିକ ଜାହାଜ ଏବଂ ନାଗରିକମାନଙ୍କ ଉପରେ ହେଉଥିବା ଏଭଳି ଆକ୍ରମଣକୁ ଭାରତ ଅତ୍ୟନ୍ତ ଚିନ୍ତାଜନକ ବୋଲି କହିଛି । ଅନ୍ୟପକ୍ଷେ ଭାରତର ବୈଦେଶିକ ମନ୍ତ୍ରାଳୟ (ଏମ୍‌ଇଏ) ଓମାନରେ ଥିବା ଭାରତୀୟ ଦୂତାବାସ ମାଧ୍ୟମରେ ନିଖୋଜ ଥିବା ଭାରତୀୟ ନାବିକଙ୍କୁ ଉଦ୍ଧାର କରିବା ପାଇଁ ଓମାନ ସରକାରଙ୍କ ସହ ସିଧାସଳଖ ସମ୍ପର୍କ କରିଛନ୍ତି । ଭାରତ ସରକାର ସମସ୍ତ ପକ୍ଷଙ୍କୁ ଉତ୍ତେଜନା ହ୍ରାସ କରିବାକୁ ଏବଂ ଆଲୋଚନା ମାଧ୍ୟମରେ କୂଟନୈତିକ ସମାଧାନ ବାହାର କରି ସେହି ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି । ଅନ୍ତର୍ଜାତୀୟ ନିୟମ ଅନୁଯାୟୀ ସାମୁଦ୍ରିକ ବାଣିଜ୍ୟ ପାଇଁ ଜଳପଥ ସମ୍ପୂର୍ଣ୍ଣ ମୁକ୍ତ ଓ ସୁରକ୍ଷିତ ରହିବା ଉଚିତ ବୋଲି ଭାରତ ଜୋର ଦେଇଛି ।



## ବୃଦ୍ଧଙ୍କୁ କଚାଡ଼ି ମାରିଲା ଦନ୍ତା

**ଚମ୍ପୁଆ, ୧୨।୭/ଏନ୍‌ଏନ୍‌ଏସ୍:**

କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନ ଅଧୀନ ଗୁରୁବେଡ଼ା ଭୋଳବେଡ଼ା ଗାଁରେ ଏକ ଗୋଠ ଛଡ଼ା ଦନ୍ତା ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ଭୋଳବେଡ଼ା ହରତନା ସାହିର ଯାତ୍ରା ମୁଣ୍ଡା । ସେ ଘରେ ଏକା ରହୁଥିଲେ । ଗତକାଲି ରାତିରେ ସେ ଘରେ ତାଲା ପକାଇ ଘର ବାହାରେ ବନ୍ଧାଯାଇଥିବା ଏକ ପାଲ ତଳେ ଶୋଇଥିଲେ । ରାତି ପ୍ରାୟ ଗୋଟାଏ ସମୟରେ ଗୋଠଛଡ଼ା ଦନ୍ତା ହାତୀ ଆସି ତାଙ୍କୁ ଆକ୍ରମଣ କରିଥିଲେ । ଯାତ୍ରା ମୁଣ୍ଡା ସେଠାରୁ ଦୌଡ଼ି ପଳାଇବାକୁ ପ୍ରୟାସ କରିଥିଲେ । କିନ୍ତୁ ହାତୀଟି ତାଙ୍କୁ ଗୋଡ଼ାଇ ଥିଲା ଓ ଏକ ନାଳ ପାଖରେ ତାଙ୍କୁ କଚାଡ଼ି ମାରି ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଘଟଣାସ୍ଥଳରେ ବାମେବାରୀ ପୁଲିସ୍ ଓ ବନ ବିଭାଗର କର୍ମଚାରୀମାନେ ପହଞ୍ଚି ତଦନ୍ତ କରିଥିଲେ । ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ଦନ୍ତାର ମୃତଦେହ ଉଦ୍ଧାର

**ଯୁଯୁମୁରା, ୧୨।୭/ଏନ୍‌ଏନ୍‌ଏସ୍:**

ସମ୍ବଲପୁର ଜିଲ୍ଲା ପଡ଼ିଆବାହାଲ ବନାଞ୍ଚଳର ବଡସାହିର ସେକ୍ସନ ଅନ୍ତର୍ଗତ ହିରୋ ମିର୍ଦ୍ଧାପଡ଼ା ନିକଟସ୍ଥ ପତ୍ରା ଜଙ୍ଗଲରୁ ରବିବାର ଏକ ଦନ୍ତା ହାତୀର ମୃତଦେହ ଉଦ୍ଧାର ହୋଇଛି । ଜଙ୍ଗଲ ଭିତରୁ ଦୁର୍ଗନ୍ଧ ବାହାରୁଥିବାରୁ ସ୍ଥାନୀୟ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀର ମୃତଦେହ ଠାବ କରିଥିଲେ । ପରେ ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ଓ ପଡ଼ିଆବାହାଲ ରେଞ୍ଜର ସୁନୀଲ ଖିଲାରି ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଥିଲେ । ମୃତ ହାତୀଟିର ବୟସ ପ୍ରାୟ ୧୨ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ପ୍ରାଥମିକ ତଦନ୍ତରୁ ହାତୀଟି ସେଫଟିସେମିଆ ରୋଗରେ ଆକ୍ରାନ୍ତ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି । ଏହାର ମୃତ୍ୟୁ ପ୍ରାୟ ୪ରୁ ୫ ଦିନ ▶▶ ୫

## ଟ୍ରକ୍ ଧକ୍କାରେ ବାପା, ୨ ପୁଅ ମୃତ

**ନବରଙ୍ଗପୁର, ୧୨।୭/ଏନ୍‌ଏନ୍‌ଏସ୍:**

ନବରଙ୍ଗପୁର ଜିଲ୍ଲା ରାଇଘର ଅଞ୍ଚଳରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ବାଇକ୍‌ରେ ଯାଉଥିବା ଏକ ପରିବାର ପ୍ରତି ଦ୍ରୁତଗାମୀ ଟ୍ରକ୍ ଦାଉ ସାଜିଛି । ଟ୍ରକଟି ବାଇକକୁ ଧକ୍କା ଦେବା ସହିତ ୪ କିଲୋମିଟର ଘୋଷାଡ଼ି ନେଇଛି । ଏହି ଦୁର୍ଘଟଣାରେ ବାପା ଏବଂ ତାଙ୍କର ୨ପୁଅଙ୍କ ମୃତ୍ୟୁ ଘଟିଛି । ମୃତକମାନେ ବାପା ବାବୁଲାଲ ଗଣ୍ଡ, ପୁଅ ପ୍ରଦୀପ ଗଣ୍ଡ ଓ ତୁଷାର ଗଣ୍ଡ ।

ସୂଚନା ଅନୁସାରେ ଛତିଶଗଡ଼ ଅନ୍ତର୍ଗତ କର୍ତ୍ତାଭରି ଗ୍ରାମର ବାବୁଲାଲ ଗଣ୍ଡ, ତାଙ୍କ ପତ୍ନୀ ଏବଂ ତିନି ପୁଅକୁ ନେଇ ବାଇକ ଯୋଗେ ସନ୍ଧ୍ୟା ୫ଟା ସମୟରେ ଓଡ଼ିଶାରୁ ଘରକୁ ଫେରୁଥିଲେ । ଠିକ ଏହି ସମୟରେ ରାଇଘର-କୁନ୍ଦେଇ ମୁଖ୍ୟରାସ୍ତାର ଦେଓଭରାଣ୍ଡୀ ଠାରେ ଏକ ଟ୍ରକ ପଛପଟେ ଧକ୍କା ଦେବା ସହିତ ୪ କିଲୋମିଟର ଘୋଷାଡ଼ି ନେଇଥିଲା । ଫଳରେ ଘଟଣା ସ୍ଥଳରେ ବାବୁଲାଲ ଏବଂ ତାଙ୍କ ଦୁଇ ପୁଅଙ୍କ ମୃତ୍ୟୁ ହୋଇଥିଲା । ବାବୁଲାଲଙ୍କ ପତ୍ନୀ ଏବଂ ଅନ୍ୟ ଏକ ୭ ବର୍ଷର ପୁଅଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ହାଟଭରଣ୍ଡୀ ମେଡିକାଲ ଏବଂ ପରେ ଉମରକୋଟ ମେଡିକାଲକୁ ସ୍ଥାନ୍ତରିତ କରାଯାଇଛି । ଘଟଣାସ୍ଥଳରେ ଉତ୍ତେଜନା ଦେଖା ଯିବା ସହିତ କ୍ଷତିପୂରଣ ଦାବିରେ ସମ୍ପର୍କୀୟ ଏବଂ ▶▶ ୫

# ନିଶାମୁକ୍ତ ଓଡ଼ିଶା ପାଇଁ ମାଷ୍ଟର୍ ପ୍ଲାନ୍

**ଭୁବନେଶ୍ୱର, ୧୨।୭/ଏନ୍‌ଏନ୍‌ଏସ୍:**

ରାଜ୍ୟକୁ ନିଶାମୁକ୍ତ କରିବା ଦିଗରେ ଓଡ଼ିଶା ସରକାର ବଡ଼ ପଦକ୍ଷେପ ନେଇଛନ୍ତି । ନିଶାଦ୍ରବ୍ୟର ବ୍ୟବହାର ହ୍ରାସ, ସଚେତନତା ବୃଦ୍ଧି, ଚିକିତ୍ସା, ପୁନର୍ବାସ ଓ ସମାଜରେ ପୁନଃ ଅନ୍ତର୍ଭୁକ୍ତିକୁ ଲକ୍ଷ୍ୟ କରି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୪ କୋଟି ୬୨ ଲକ୍ଷ ଟଙ୍କାର ସଂଶୋଧିତ ରାଜ୍ୟ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସ୍‌ଏସ୍‌ଇପିଡି) ପକ୍ଷରୁ ନ୍ୟାସନାଲ ଆକ୍ସନ ପ୍ଲାନ୍ ଫର୍ ଡ୍ରଗ୍ ଡିମାଣ୍ଡ ରିଡକ୍ସନ୍ (ଏନଏପିଡିଡିଆର) ଅଧୀନରେ ଏହି ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି ।

ବିଭାଗୀୟ ଅତିରିକ୍ତ ସଚିବ ସୋନିଆ ବେହେରାଙ୍କ ସୂଚନା ଅନୁଯାୟୀ, କାର୍ଯ୍ୟ ଯୋଜନାରେ ସଚେତନତା ସୃଷ୍ଟି, ସମୁଦାୟ ଭିତ୍ତିକ ହସ୍ତକ୍ଷେପ, କ୍ଷମତା ବିକାଶ, ଚିକିତ୍ସା ଓ ପୁନର୍ବାସ, ଗଣଯୋଗାଯୋଗ ଅଭିଯାନ ସହ କାର୍ଯ୍ୟକ୍ରମର ନିରନ୍ତର ନିରୀକ୍ଷଣକୁ ପ୍ରାଥମିକତା ଦିଆଯାଇଛି । ଏଥିରୁ କେବଳ ସଚେତନତା ଓ ପ୍ରତିଷେଧମୂଳକ କାର୍ଯ୍ୟକ୍ରମ ପାଇଁ ୧ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟ କରିବାର ପ୍ରସ୍ତାବ ରହିଛି । ଯୋଜନା ଅନୁସାରେ ରାଜ୍ୟର ୧୫୦ଟି ସ୍କୁଲ୍ ଓ ▶▶ ୫

**୪.୬୨ କୋଟିର ସଂଶୋଧିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ**

**କେନ୍ଦ୍ରର ଅନୁମୋଦନ ପାଇଁ ପଠାଇଲା ଏସ୍‌ଏସ୍‌ଇପିଡି**

**୩୧୪ ବ୍ଲକ୍‌ରେ ବସିବ ଆଣ୍ଟି-ଡ୍ରଗ୍ କମିଟି ବୈଠକ**

**ସ୍କୁଲ୍‌ରୁ ପଞ୍ଚାୟତ ପର୍ଯ୍ୟନ୍ତ ଚାଲିବ ସଚେତନତା ଅଭିଯାନ**



## ବିଜେପିରେ ମିଶିଲେ ପ୍ରଭାତ ବିଶ୍ୱାଳ....

**ବିଜେଡିରେ ଭୂକମ୍ପ ସୃଷ୍ଟି ହୋଇଛି: ମୁଖ୍ୟମନ୍ତ୍ରୀ**

▶▶ ରିପୋର୍ଟ: ପୃଷ୍ଠା-୩

## ବିଦ୍ୟୁତ୍ ଫାଶରେ ପଡ଼ି ମହିଳା ମୃତ

**ବୁଗୁଡ଼ା, ୧୨।୭/ଏନ୍‌ଏନ୍‌ଏସ୍:**

ବୁଗୁଡ଼ା ଥାନା ଅନ୍ତର୍ଗତ ତାକରଡା ଗ୍ରାମରେ ବିଦ୍ୟୁତ ଫାଶରେ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତା ମହିଳା ଜଣକ ହେଲେ ତାକରଡା ଗାଁ ଆଡୁଆସାହି ନିବାସୀ ସୀତାରାମ ପ୍ରଧାନଙ୍କ ସ୍ତ୍ରୀ କାନ୍ତା ପ୍ରଧାନ (୫୫) । ଏନେଇ ଥାନାରେ କେସ୍ ନଂ୨୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏସଆଇ ଅର୍ଜୁନ ମଲ୍ଲିକ କହିଛନ୍ତି । ଗତ ଶନିବାର ସନ୍ଧ୍ୟାରେ କାନ୍ତା ବିଲରୁ ଚାଷକାମ ସାରି ଘରକୁ ଫେରୁଥିବା ବେଳେ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ିଯାଇଥିଲେ । ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ କାନ୍ତାଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନଥିଲା । ତେବେ ରବିବାର ସକାଳେ ବିଦ୍ୟୁତ୍ ଫାଶରେ ପଡ଼ି କାନ୍ତା ମୃତ୍ୟୁବରଣ କରିଥିବା ଲୋକେ ଦେଖିବାକୁ ପାଇଥିଲେ । ଏନେଇ ଖବର ପାଇବା ପରେ ପୁଲିସ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାରକୁ ଜବତ କରିବା ସହ କାନ୍ତାଙ୍କ ମୃତଦେହକୁ ସେଠାରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଛି । ଏଏସଆଇ ରାଜକୁମାର ମହାପାତ୍ର ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

**ବନ୍ୟଜନ୍ତୁ ଶିକାର ପାଇଁ ବିଛାଯାଇଥିଲା**

### ସୁସ୍ଥ ହେଲେ ଶ୍ରୀଜିଉ

## ଗଜପତିଙ୍କୁ କରାଗଲା ଅବଗତ

**ପୁରୀ, ୧୨।୭/ଏନ୍‌ଏନ୍‌ଏସ୍:** ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ମହାପ୍ରଭୁ ଦିବ୍ୟସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ଗତକାଲି ଏକାଦଶୀ ତିଥିରେ ଖଳିଲାଗି ଓ ଦଶମୂଳ ମୋଦକ ସେବନ କରି ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ଅଣସରର ଆଜି ଦ୍ୱାଦଶୀ ତିଥିରେ ଶ୍ରୀଜିଉମାନଙ୍କର ଅନୁଷ୍ଠିତ ହୋଇଛି ରାଜପ୍ରାସାଦ ବିଜେ ନୀତି । ମହାପ୍ରଭୁ ଏବେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବା ବେଳେ ଏହି ଖବର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଅବଗତ କରାଯାଇଛି । ଶ୍ରୀମନ୍ଦିରରେ ସକାଳ ଧୂପ ନୀତି ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ବେହେରଣ ଦ୍ୱାର ଫିଟିବା ସହ ଶ୍ରୀମନ୍ଦିରରୁ ଶ୍ରୀନଅରକୁ ରାଜପ୍ରସାଦ ବିଜେ କରାଯାଇଥିଲା । ମହାପ୍ରଭୁ ଏବେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବା ବେଳେ ଏହି ଖବର ଗଜପତି ମହାରାଜାଙ୍କୁ ସୂଚିତ କରାଇବା ନିମନ୍ତେ ଦଇତାପତି ଓ ବିଦ୍ୟାପତି ଶ୍ରୀଜୀଉଙ୍କ ପ୍ରସାଦ ରୂପେ କରାଳ, ଚନ୍ଦନ, ପାଟବସ୍ତ୍ରକୁ ନେଇ ଶ୍ରୀମନ୍ଦିରରୁ ଶ୍ରୀନହରକୁ ବିଜେ କରିଥିଲେ । ପରେ ଗଜପତିଙ୍କ ଶ୍ରୀହସ୍ତ ଛୁଆଁ ବସ୍ତ୍ର ବା ଶାଢୀକୁ ମୁଣ୍ଡରେ ବାନ୍ଧିଥିଲେ ଦଇତାପତି ▶▶ ୫

**ମହାପ୍ରଭୁଙ୍କ ରାଜପ୍ରାସାଦ ବିଜେ ନୀତି**



### ରାମମନ୍ଦିର ଦାନ ଅର୍ଥ ଚୋରି ଘଟଣା: ଗୁମର ଖୋଲୁଛି ଏସ୍‌ଆଇଟି ରିପୋର୍ଟ

# ୪୦ ଦିନରେ ୭୦ ଥର ଚୋରି


**ଅଯୋଧ୍ୟା, ୧୨।୭/ଏଜେନ୍ସି:**

ଅଯୋଧ୍ୟା ରାମ ମନ୍ଦିରର ଦାନ ବାକ୍ସରୁ ଟଙ୍କା ଚୋରି ମାମଲାରେ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ନିଜର ପ୍ରାଥମିକ ରିପୋର୍ଟ ଉତ୍ତରପ୍ରଦେଶ ସରକାରଙ୍କୁ ହସ୍ତାନ୍ତର କରିଛି । ଏହି ରିପୋର୍ଟରେ ଚୋରିର ସାଂଘାତିକ ରଣନୀତି ଏବଂ ମନ୍ଦିର ପ୍ରଶାସନର ଆଉ ଏକ ବଡ଼ ଦୁର୍ନୀତି ସାମ୍ନାକୁ ଆସିଛି । ଏସ୍‌ଆଇଟି ତଦନ୍ତ ସମୟରେ ଜାଣିବାକୁ ପାଇଛି ଯେ, ୪୦ ଦିନ ମଧ୍ୟରେ ପ୍ରାୟ ୭୦ ଥର ଚୋରି ହୋଇଛି । ଏସ୍‌ଆଇଟି ତଦନ୍ତ ଅନୁଯାୟୀ, ୨୦୨୬ ଅପ୍ରେଲ ୨୭ରୁ ଜୁନ୍ ୫ ମଧ୍ୟରେ (ପ୍ରାୟ ୪୦ ଦିନ ମଧ୍ୟରେ) ଦାନ ଗଣତି କରୁଥିବା କର୍ମଚାରୀମାନେ ମୋଟ ୭୦ ଥର ଚୋରି କରିଛନ୍ତି । ଅଭିଯୁକ୍ତମାନେ କେତେକ ଦିନରେ ଦୁଇଥର ଏବଂ ପ୍ରାୟ ୫ଟି ଭିନ୍ନ ଭିନ୍ନ ଦିନରେ ଦିନକୁ ୩ ଥର ଲେଖାଏଁ ଦାନ ଟଙ୍କା ହଡପ୍ କରିଥିବା ଏସ୍‌ଆଇଟି ଅଧିକାରୀମାନେ ଜାଣିବାକୁ ପାଇଛନ୍ତି ।



ତଦନ୍ତ ସମୟରେ ଏସ୍‌ଆଇଟି ଅଧିକାରୀମାନଙ୍କୁ ସାକ୍ଷ୍ୟମାନେ ସୂଚନା ଦେଇଛନ୍ତି ଯେ, ପୂର୍ବରୁ ଦାନ ଟଙ୍କା ଗଣତି ଦିନକରେ ଦୁଇ ଥର ଅର୍ଥାତ୍ ଦୁଇଟି ସିଫ୍ଟରେ ହେଉଥିଲା (ସକାଳ ୬ରୁ ଦୁଇପହର ୨ ଏବଂ ଦୁଇପହର ୨ ରୁ ସନ୍ଧ୍ୟା ୯) । ତଦନ୍ତରୁ ଜଣାପଡ଼ିଛି ଯେ ସମସ୍ତ ୭୦ଟି ଯାକ ଚୋରି କେବଳ ସନ୍ଧ୍ୟା ସିଫ୍ଟ ସମୟରେ ହିଁ ହୋଇଥିଲା । ଟଙ୍କା ଗଣତି କରୁଥିବା କର୍ମଚାରୀମାନେ ନୋଟ୍ ଗଣ୍ଡିରି ଏବଂ ଖୁଚୁରା ଟଙ୍କା, ସୁନା-ରୁପା ଅଳଙ୍କାର ଆଦିକୁ ଅତି ଚତୁରତାର ସହ ନିଜ ପକେଟ୍, ପୋଷାକ ଏବଂ ଜୋତା ଭିତରେ ଲୁଚାଇ ବାହାରକୁ ନେଇଯାଉଥିଲେ । ସିସିଟିଭି ଫୁଟେଜ୍, ଅଭିଯୁକ୍ତଙ୍କ ବୟାନ ଏବଂ ସାକ୍ଷ୍ୟଙ୍କ ପ୍ରମାଣ ଆଧାରରେ ଏସ୍‌ଆଇଟି ଏହି ଦୁର୍ନୀତିର ପର୍ଦ୍ଦାଫାସ କରିଛି । ତଦନ୍ତ ସଂସ୍ଥା ଅଭିଯୁକ୍ତ ଅଭିନାଶ ଶୁକ୍ଲାଙ୍କୁ ଏହି ସିଣ୍ଡିକେଟ୍‌ର ମୁଖ୍ୟ ଭାବେ ଦର୍ଶାଇଛି । ସେ ଏହି ୭୦ଟି ଚୋରି ମଧ୍ୟରୁ ୫୦ରୁ ଅଧିକ ଚୋରିରେ ସିଧାସଳଖ ସାମିଲ ଥିଲେ । ତାଙ୍କ ମାସିକ ଦରମା ମାତ୍ର ୨୦,୦୦୦ ଟଙ୍କା ହୋଇଥିବା ବେଳେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ କୋଟି କୋଟି ଟଙ୍କାର କାରବାର ମିଳିଛି । ତାଙ୍କ ନିକଟରୁ ୨୦.୩୯ ଲକ୍ଷ ନଗଦ, ୧,୧୨୧ ▶▶ ୫

# ଅଖିଳ ଭାରତ ବିବେକାନନ୍ଦ ଯୁବ ମହାମଣ୍ଡଳର ପ୍ରଶିକ୍ଷଣ ଶିବିର



**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍‌:** ଅଖିଳ ଭାରତ ବିବେକାନନ୍ଦ ଯୁବ ମହାମଣ୍ଡଳ ଓଡ଼ିଶା ଶାଖାର ସଂଗଠନ ପ୍ରଶିକ୍ଷଣ ଶିବିର ପୋଖରୀପୁଟ ରାମକୃଷ୍ଣ-ବିବେକାନନ୍ଦ ପ୍ରତିଷ୍ଠାନ ସଭା କକ୍ଷରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସାରା ଓଡ଼ିଶାର ସଂଗଠକମାନେ ଏହି ଶିବିରରେ ଯୋଗ ଦେଇ ସ୍ୱାମୀଜୀଙ୍କର ରାଷ୍ଟ୍ର ନିର୍ମାଣ ଓ ଚରିତ୍ର ଗଠନ ସିଦ୍ଧାନ୍ତ ଉପରେ ଆଲୋଚନା କରିଥିଲେ। ମହାମଣ୍ଡଳର ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ନିର୍ବାଚିତ ହେଇଥିଲେ। ଦୈନିକ ଖବରକାଗଜ 'ନିତିଦିନ'ର ସମ୍ପାଦକ ମନୋଜ କୁମାର ମହାପାତ୍ର ଉକ୍ତ ସଭାରେ ସଭାପତିତ୍ୱ କରିବା ସହିତ ବିଶ୍ୱରଞ୍ଜନ ଶତପଥୀଙ୍କ ଦ୍ୱାରା ଅନୁବାଦିତ ତିନୋଟି ମହାମଣ୍ଡଳ ପୁସ୍ତକ ଭୁବନେଶ୍ୱର ରାମକୃଷ୍ଣ ମଠ ଓ ମିଶନର ପରମ ପୂଜ୍ୟ ଅଧ୍ୟକ୍ଷ ସ୍ୱାମୀ ଆତ୍ମପ୍ରଭାନନ୍ଦଙ୍କର କରକମଳରେ ଉନ୍ମୋଚନ ହେଲା। ଅଲେଖ ସାମଲ, ରମେଶ ଭଦ୍ର, ରଞ୍ଜନ ରାଉତରାୟ, ସୁବାସ ପ୍ରଧାନ, ହରେକୃଷ୍ଣ ଜେନା, ଦୁଃଶାସନ ମହାକୁଡ଼, ବାଞ୍ଛାନିଧି ମଲ୍ଲିକ ଏବଂ କେନ୍ଦ୍ରୀୟ ମହାମଣ୍ଡଳ କୋଲକାତାର ପ୍ରତିନିଧି ରଞ୍ଜିତ ମହାନ୍ତି ସଭାରେ ଉପସ୍ଥିତ ଥିଲେ।

## ଅଲ୍ ଓଡ଼ିଶା ସିକ୍ୟୁରିଟି ମାଲିକ ସଂଘର ସାଧାରଣ ବୈଠକ

**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍‌:** ଅଲ୍ ଓଡ଼ିଶା ସିକ୍ୟୁରିଟି ମାଲିକ ସଂଘର ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ମନୋରଞ୍ଜନ ବେଉରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପରିଚାଳନା ପରିଷଦ, ଉପଦେଷ୍ଟା କମିଟି ଓ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ଶପଥ ଗ୍ରହଣ କରିଥିଲେ। ସଭାପତି ଶ୍ରୀ ବେଉରା ସଂଘର ଦୂରଦୃଷ୍ଟି ଓ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବରୁ ପ୍ରସ୍ତୁତ ହୋଇଥିବା ଏଜେଣ୍ଡା ଅନୁଯାୟୀ ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ ସହ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଘରୋଇ ସୁରକ୍ଷା, ଶିଳ୍ପର ଅଭିବୃଦ୍ଧି ତଥା କଲ୍ୟାଣ ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ସମସ୍ତ ସଦସ୍ୟ ସହମତି ପ୍ରକାଶ କରିଥିଲେ। ବୈଠକରେ ଉପସଭାପତି ବିକାଶ ରଞ୍ଜନ ଦାଶ, ଜିତେନ୍ଦ୍ର କୁମାର ଦାଶ, ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ, ସହକାରୀ ସମ୍ପାଦକ ତପନ କୁମାର ପୁନ୍ତିଆ, ମିହିର ମହାପାତ୍ର, କୋଷାଧ୍ୟକ୍ଷ ବିପିନ ବିହାରୀ ଦାସ, ସହକାରୀ କୋଷାଧ୍ୟକ୍ଷ ରଜତ କୁମାର ସାମଲ, ଯୁଗ୍ମ କୋଷାଧ୍ୟକ୍ଷ ଅମରେଶ କୁମାର ସାହୁ, ଉପଦେଷ୍ଟା ପୁଲ୍ଲିନ୍ ମହାନ୍ତି, ସୁଶାନ୍ତ ଚନ୍ଦ୍ର ନାୟକ, ଭରତ କୁମାର ଶତପଥୀ, ପ୍ରତାପ କୁମାର ପଲାଇ, ଲୁଲୁ ବେହେରା, ଅଶ୍ୱିନୀ କୁମାର ସ୍ୱାଇଁ, ଚିତ୍ତରଞ୍ଜନ ଅଧିକାରୀ, ଜିତେନ୍ଦ୍ର କୁମାର ସ୍ୱାଇଁ, ପ୍ରଦୀପ୍ତ କୁମାର ସ୍ୱାଇଁ, ରାଜୀବ କୁମାର ରଥ, ସଞ୍ଜୀବ କୁମାର ବେହେରା, ମନୋଜ କୁମାର ସାହୁ, ଲଲାଟ କେଶରୀ ପଟ୍ଟନାୟକ ଓ ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଇସ୍କନ୍‌ର ଅଦିନିଆ ରଥଯାତ୍ରା ବିରୋଧରେ ଧାରଣା

**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍‌:** ଆଜି ଇସ୍କନ୍‌ର ଅଦିନିଆ ରଥଯାତ୍ରାକୁ ବିରୋଧ କରି ବିଭିନ୍ନ ଦାବି ନେଇ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ୱି ଫର୍ ଭୁବନେଶ୍ୱର ସମେତ ଅନେକ ଜଗନ୍ନାଥ ପ୍ରେମୀ। ଯଦି ଇସ୍କନ୍ ପକ୍ଷରୁ ଏଥିପ୍ରତି କୌଣସି ପଦକ୍ଷେପ ନିଆ ନ ଯାଏ ତାହା ହେଲେ ଆଗାମୀ ଦିନରେ ଆହୁରି ବୈପ୍ଲବିକ ରୂପ ନେବ ବୋଲି ଅମରେଶ ଜେନା କହିଛନ୍ତି। 'ୱଇ ଫର୍ ଭୁବନେଶ୍ୱର'ର ଏହି ଆହ୍ୱାନ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ପାଇଁ। ଶ୍ରୀ ଜେନା କହିଛନ୍ତି ଯେ ଇସ୍କନ୍ କର୍ତ୍ତୃପକ୍ଷ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ବନ୍ଦ କରୁ, ପୂଜ୍ୟ ଗଜପତି ମହାରାଜାଙ୍କ ଅବମାନନା ଆମେ ସହ୍ୟ କରିବୁ ନାହିଁ। ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ବନ୍ଦ କରୁ। ଶାସ୍ତ୍ର ଓ ପରମ୍ପରା ଅନୁଯାୟୀ ନିର୍ଦ୍ଦିଷ୍ଟ ତିଥିରେ ହିଁ ନୀତି ହେବା ଦରକାର। ସେହିପରି ସରକାର ଓ ମନ୍ଦିର ପ୍ରଶାସନ ଦୃଢ଼ ପଦକ୍ଷେପ ନିଅନ୍ତୁ। ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣର ଦାୟିତ୍ୱ ଆମ ସମସ୍ତଙ୍କର। ଧର୍ମ ନାମରେ ବିଭେଦ ନୁହେଁ, ସନାତନ ମର୍ଯ୍ୟାଦା ରକ୍ଷା ପାଇଁ ସମସ୍ତେ ଚେଷ୍ଟା କରିବା ଆହ୍ୱାନ ବୋଲି ସେ କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଦିଆଗଲା ଶ୍ରୀ ଜେନାଙ୍କ ସମେତ ନରେନ ସାହୁ, ଉମାନାଥ ମିଶ୍ର, ଡକ୍ଟର ନାରାୟଣ ମହାପାତ୍ର ଉପସ୍ଥିତ ରହିଥିବା ବେଳେ ଭୁବନେଶ୍ୱର ଅଞ୍ଚଳର ବହୁ ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ପ୍ରେମୀମାନେ ଯୋଗ ଦେଇଥିଲେ।

## ସମ୍ବାଦପତ୍ର ବିତରକଙ୍କ ପିତୃ ବିୟୋଗ

**କଟକ,୧୨।୭/ଏନ୍‌ଏନ୍‌ଏସ୍‌:** ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇଙ୍କ ପିତା ପ୍ରବୋଧ କୁମାର ଛାଟୋଇଙ୍କ କାଠଗଡା ସାହିସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଛାଟୋଇ ମତ୍ସ୍ୟ ବିଭାଗରେ ଚାକିରୀ କରିଥିଲା ବେଳେ ମଦନମୋହନ ପୂଜାକମିଟି ରେ ୧୦ବର୍ଷ କାଳ କୋଷାଧ୍ୟକ୍ଷ ଥିଲେ। ସମ୍ବାଦପତ୍ର ବିକ୍ରେତା ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ , କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହାଡ଼ିବନ୍ଧୁ ବେହେରା, କେ. ବେଣୁ ରାଓ, ସନ୍ତୋଷ ମହାନ୍ତି, ନଗେନ ସାହୁ. ଦୀପ୍ତି ରଜନ ପଟ୍ଟନାୟକ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ। ପ୍ରବୀର ଜେନା, ବିଶ୍ୱନାଥ ହରିଚନ୍ଦନ, ସନ୍ତୋଷ ବାବୁ, ସଦାଶିବ ଓଝା, ବିରଞ୍ଚି ମହାରଣା, ଦୁର୍ଗା ଚରଣ ମହାରଣା, ଶୁକଦେବ ଓଝା, କର୍ପୋରେଟର ଗଗନ ଓଝା ପ୍ରମୁଖ ସ୍ୱର୍ଗତ ଛାଟୋଇଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଖାନନଗର ଶ୍ମଶାନରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଛି। ପୁତ୍ର ଦୁର୍ଗା ଛାଟୋଇ ମୁଖାଗ୍ନି ଦେଇଥିଲେ।

### ସ୍କୁଲ୍ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର କନ୍‌ଭେନସନ୍

# ହକ୍ ପାଇବାକୁ ଜନ ଆନ୍ଦୋଳନ ପାଇଁ ଆହ୍ୱାନ




**କଟକ,୧୨।୭/ଏନ୍‌ଏନ୍‌ଏସ୍‌:** କଟକ ଜିଲ୍ଲାର ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ମିଳିତ କନଭେନସନ ଓଷ୍ଟା ସମ୍ମିଳନୀ କକ୍ଷ, କଟକଠାରେ କଟକ ଜିଲ୍ଲା ସଭାପତି କଳିଙ୍ଗ କେଶରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆବାହକ ତଥା ଓଷ୍ଟା ଜିଲ୍ଲା ସମ୍ପାଦକ ବିଜୟ କୁମାର ଛତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ସମନ୍ୱୟ ସମିତିର ରାଜ୍ୟ ସଭାପତି ତଥା ଅଲୋଷ୍ଟା ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମଧୁସୂଦନ ଦେ, ପ୍ରଣବ କିଶୋର ନାୟକ, ଶ୍ରୀମନ୍ତ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ଶିକ୍ଷା ଓ ଶିକ୍ଷାୟତନ କିପରି ବିପଦଗ୍ରସ୍ତ ସେ ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶିକ୍ଷକମାନେ ନିଜ ହକ୍ ପାଇବାକୁ କାର୍ଯ୍ୟପାଳିକା, ନ୍ୟାୟପାଳିକା ଉପରେ ଆସ୍ଥା ରଖି ଏକ ଦୁର୍ବାର ଜନ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଆହ୍ୱାନ କରିଥିଲେ। ୬୬୨ କଲେଜର ପ୍ରତିନିଧି, ମଦ୍ରାସାର ପ୍ରତିନିଧି ମାନେ ସହଯୋଗ କରିଥିଲେ। ୧୯୪ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ, ଅବସର ଶିକ୍ଷକ ମାନଙ୍କୁ ୬୨ ବର୍ଷକୁ ବର୍ଦ୍ଧିତ, ସରକାରୀ ବିଦ୍ୟାଳୟର ଶିକ୍ଷକ ମାନଙ୍କ ବରିଷ୍ଠତା ପାଇଁ ୬ ଟି ନୋସନାଲ ଇନ୍‌କ୍ରିମେଣ୍ଟ୍ ଭଳି ଦାବି ହାସଲ ପାଇଁ ଲଢ଼େଇ କରିବାକୁ ଅଙ୍ଗୀକାରବଦ୍ଧ ହୋଇଥିଲେ। ଓଷ୍ଟାର ବିଭିନ୍ନ ବ୍ଲକର ସଭାପତି ଶ୍ୟାମବନ୍ଧୁ ବେହୁରା, ବଟକୃଷ୍ଣ ସାହୁ, ସବିତା ମହାନ୍ତି, ପ୍ରାର୍ଥନା ପଟ୍ଟନାୟକ, ବ୍ଲକର ସମ୍ପାଦକ ଅଶୋକ କୁମାର ଧଳ, ସୁଗମ ପ୍ରସାଦ ଦଳୁଆ, ସାରଦା ନାୟକ,ଶରତ କୁମାର ଭଞ୍ଜ, ଚକ୍ରଧର ନାୟକ, ପ୍ରଦୀପ କୁମାର ପଣ୍ଡା, ରବୀନ୍ଦ୍ରନାଥ ବିଶ୍ୱାଳ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଜିଲ୍ଲାର ଉପସଭାପତି ସ୍ୱପ୍ନାଶ୍ରୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ସିଂହ, ଲକ୍ଷ୍ମୀନାରାୟଣ ବରାଳ, କଲ୍ୟାଣୀ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

### ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସମ୍ପର୍କରେ ଚର୍ଚ୍ଚା

## 'ବ୍ରହ୍ମ ଅଚ୍ୟୁତ' ପୁସ୍ତକ ଲୋକାର୍ପିତ

**କଟକ,୧୨।୭/ଏନ୍‌ଏନ୍‌ଏସ୍‌:** ଶ୍ରୀବ୍ରହ୍ମ ଅଚ୍ୟୁତ ସାରସ୍ୱତ ସମାଜ, ନେମାଳ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ କଟକ ଶତାବ୍ଦୀ ଭବନରେ ମହାପୁରୁଷ ଅଚ୍ୟୁତାନନ୍ଦ ସାହିତ୍ୟ ଚର୍ଚ୍ଚା ଓ 'ବ୍ରହ୍ମ ଅଚ୍ୟୁତ' ପୁସ୍ତକ ସଂକଳନର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାରୋହରେ ଉଦଘାଟକ ଭାବରେ ଯୋଗଦେଇ 'ଆମ ଓଡ଼ିଶା'ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ସନ୍ଥ ଅଚ୍ୟୁତାନନ୍ଦ ଓ ପଞ୍ଚସଖା ସାଧକମାନଙ୍କ କୃତିତ୍ୱ ସଂପର୍କରେ ଅବତାରଣା କରି ଆମ ଗୌରବମୟ ଅତୀତର ସୂଚନା ପ୍ରଦାନ କରିଥିଲେ। ସଭାରେ ପଣ୍ଡିତ ଡଃ ପ୍ରବୋଧ କୁମାର ମିଶ୍ର ମୁଖ୍ୟ ଅତିଥି ଓ ପ୍ରାଧ୍ୟାପିକା ଡଃ ପ୍ରତିଭା ମହାରଥୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସାଧନା, ପଞ୍ଚସଖା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସଂପର୍କରେ ଆଲୋଚନା କରିଥିଲେ। ଅଚ୍ୟୁତାନନ୍ଦ ସାହିତ୍ୟ ଗବେଷକ ଇଂ. ଗୁରୁପ୍ରସାଦ ପୃଷ୍ଟି, ଓଡ଼ିଶା ସାହିତ୍ୟ ଏକାଡେମୀର ସହସମ୍ପାଦକ ସଞ୍ଜୟ କୁମାର ଛୁଆଳସିଂ,ଅବନୀ ଚନ୍ଦ୍ର ଦାସ, ଗୀତାଞ୍ଜଳି ପୃଷ୍ଟି ଓ ଡଃ ସନ୍ତୋଷ ଉପାଧ୍ୟାୟ ସମ୍ମାନିତ ଅତିଥି ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀ ଶ୍ରୀ ବ୍ରହ୍ମ ଅଚ୍ୟୁତ ସାରସ୍ୱତ ସମାଜର ପ୍ରତିଷ୍ଠାତା ତଥା 'ବ୍ରହ୍ମ ଅଚ୍ୟୁତ' ପୁସ୍ତକର ସଂକଳକ ଆଶୀର୍ବାଦ ଦାସ ପ୍ରାରମ୍ଭିକ ବକ୍ତବ୍ୟରେ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆଇନଜୀବୀ ଇଂ ଆକାଶ ଭୂୟାଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଲେଖିକା ଡଃ ସଙ୍ଗୀତା ମିଶ୍ରଙ୍କ 'ସଙ୍ଗୀତାଙ୍କର ସ୍ୱର' ପୁସ୍ତକ ଲୋକାର୍ପଣ ହୋଇଥିଲା। ସାହିତ୍ୟିକ ଡଃ ଏକାଦଶୀ ପ୍ରଧାନ ମଞ୍ଚ ଆମନ୍ତ୍ରଣ ଓ ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ।



## କାମ କରୁନି ଇ-ପିଓଏସ୍ ମେସିନ୍, ଅନ୍ନପୂର୍ଣ୍ଣା ଚାଉଳ ବଣ୍ଟନରେ ସମସ୍ୟା

**କଟକ,୧୨।୭/ଏନ୍‌ଏନ୍‌ଏସ୍‌:** ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଯୋଗାଇ ଦିଆଯାଉଥିବା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଚାଉଳ ଖାଉଟିଙ୍କୁ ଦେବାରେ କଟକ ସହରରେ ସମସ୍ୟା ସୃଷ୍ଟି ହୋଇଛି। ପ୍ରାୟ ଅଧିକାଂଶ ସ୍ଥାନରେ ଇ-ପିଓଏସ୍ ମେସିନ୍ ସଠିକ୍ ଢଙ୍ଗରେ କାମ କରୁନଥିବାରୁ ଚାଉଳ ନପାଇ ପଡ଼ିକାର୍ଡଧାରୀଙ୍କ ହତାଶ ହେବାକୁ ପଡୁଛି। କେତେବେଳେ ସର୍ଭର ଡାଉନ୍ ରହୁଛି ତ ଆଉ କେତେବେଳେ ପିଓଏସ୍ ଚାଲୁନାହିଁ। ଫଳରେ ଖୁଚୁରା ବିକ୍ରୟ କେନ୍ଦ୍ର ଆଗରେ ଦୀର୍ଘସମୟ ଧରି ଧାଡ଼ିରେ ଛିଡ଼ା ହୋଇ ଚାଉଳ ନପାଇ ଖାଲି ହାତରେ ଫେରୁଛନ୍ତି ଖାଉଟି। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଚାଉଳର ଏପ୍ରିଲ, ମେ ଓ ଜୁନ୍‌ର କୋଟାର ବଣ୍ଟନ ୧୫ତାରିଖ ମଧ୍ୟରେ ସାରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ନିୟମାନୁସାରେ ଇ-ପିଓଏସ୍ ବିନା ବଣ୍ଟନ ଅସମ୍ଭବ, ତେଣୁ ଖୁଚୁରା ବିକ୍ରେତା ଏ କ୍ଷେତ୍ରରେ ଅସହାୟ। ପ୍ରାୟ ଅଧିକାଂଶ ଖୁଚୁରା ବିକ୍ରୟ କେନ୍ଦ୍ରରେ ଏହି ଚାଉଳ ବ୍ୟାପାରକୁ ନେଇ ଖାଉଟି ଓ ବିକ୍ରେତାଙ୍କ ତିକ୍ତତା ସୃଷ୍ଟି ହେଉଥିବାର ପରିଲକ୍ଷିତ ହେଉଛି। ଏହା ସେମାନଙ୍କ ନିୟନ୍ତ୍ରଣରେ ନାହିଁ ଏବଂ ଏ ବାବଦରେ ଅବଗତ ଥାଇ ସୁଦ୍ଧା କିଛି କରିବାକୁ ସମର୍ଥ ନୁହନ୍ତି ବୋଲି ଜିଲାଯୋଗାଣ ବିଭାଗ ସ୍ପଷ୍ଟ କରିଛି। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଚାଉଳର ପ୍ରଥମ ତିନିମାସିଆ କୋଟାର ବଠନ ୧୫ତାରିଖ ମଧ୍ୟରେ କିଭଳି ସାରିବେ ସେ ନେଇ ଖୁଚୁରାବିକ୍ରେତା ତଥା ଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଜୁନ୍‌୧୨ତାରିଖରୁ ପ୍ରଥମକରି ଅନ୍ନପୂର୍ଣ୍ଣା ଚାଉଳ ଏକକାଳୀନ ତିନି ମାସ ପାଇଁ ଦିଆଯାଉଛି। କଟକ ମହାନଗର ନିଗମ ଅଞ୍ଚଳର ୧୬୨ଟି ଖୁଚୁରା ବିକ୍ରୟ କେନ୍ଦ୍ରରେ ଏହା ବଣ୍ଟନ ହେଉଛି। ପିଓଏସ୍ ମେସିନ୍ ନାନା ପ୍ରକାର ବିଭ୍ରାଟ ଯୋଗୁ ବଣ୍ଟନ ବ୍ୟବସ୍ଥାରେ ସମସ୍ୟା ଉପୁଜିଛି। ଏକ୍ଷେତ୍ରରେ ସମାଧାନ ସୂତ୍ର ନିର୍ଦ୍ଧାରଣ କରିବା ଲାଗି ଦାବି ହେଉଛି।

## ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ପାଇକରାୟଙ୍କ ଜୟନ୍ତୀ ସମାରୋହ




**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍‌:** ସ୍ୱାଧୀନତା ସଂଗ୍ରାମୀ, କମ୍ୟୁନିଷ୍ଟ ପାର୍ଟିର ପ୍ରାକ୍ତନ ଦଳପତି ଗଙ୍ଗାଧର ପାଇକରାୟଙ୍କ ୧୧୧ତମ ଜନ୍ମନ୍ତୀ ସମାରୋହ ସିପିଆଇ ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଜୟନ୍ତୀ କମିଟିର ସଭାପତି ସୁର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜୟନ୍ତୀ କମିଟିର ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଦେବା ପରେ ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ରମଣୀରଞ୍ଜନ ରାଉତରାୟ, ବରିଷ୍ଠ ସିପିଆଇ (ଏମ୍) ନେତା ଜନାର୍ଦ୍ଦନ ପତି, ସିପିଆଇ (ଏମ୍‌ଏଲ୍) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ପ୍ରଫେସର ମାନସ କୁମାର ବେହେରା ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ ଗଙ୍ଗାଧର ପାଇକରାୟ ପରାଧୀନ ଭାରତରେ ନିଜ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ କାରାବରଣ କରିଥିଲେ। ପରେ କୃଷକ ଓ କମ୍ୟୁନିଷ୍ଟ ଆନ୍ଦୋଳନରେ ଯୋଗ ଦେଇ ଚାରି ଚାରିଥର ବିଧାୟକ ହେବା ସହ ଶେଷ ପର୍ଯ୍ୟନ୍ତ କୃଷକ ଓ ଖଟିଖିଆଙ୍କ ସହ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ଶ୍ରୀକାନ୍ତ ମିଶ୍ର, ନାରୀନେତ୍ରୀ ବନଲତା ଜେନା, ପ୍ରମୋଦିନୀ ପାଇକରାୟ, 'ଛାତ୍ର' ସମ୍ପାଦକ ସତୀଶ ମିଶ୍ର, କୈଳାସ ପୁହାଣ, ଶଙ୍କର ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### କଟକର ସର୍ବାଙ୍ଗୀନ ଉନ୍ନତିର ପ୍ରସ୍ତାବ

## ମେୟରଙ୍କୁ ଭେଟିଲା ବାଇମୁଣ୍ଡି ସଂଗଠନ



**କଟକ,୧୨।୭/ଏନ୍‌ଏନ୍‌ଏସ୍‌:** କଟକ ସହରର ଐତିହ୍ୟ, ପରମ୍ପରା ଓ ସର୍ବାଙ୍ଗୀନ ବିକାଶକୁ ନେଇ ଆଜି ବାଇମୁଣ୍ଡି ସଂଗଠନର ସଙ୍ଗଠନର କର୍ମକର୍ତ୍ତାମାନେ କଟକ ମେୟର ସୁବାସ ସିଂହଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ସାକ୍ଷାତ୍ ସମୟରେ କଟକ ସହରର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ, ନାଗରିକ ସୁବିଧାର ବିକାଶ,ଐତିହ୍ୟବାହୀ ସ୍ଥାନଗୁଡ଼ିକର ସଂରକ୍ଷଣ ଏବଂ ବାଇମୁଣ୍ଡି ଅଞ୍ଚଳର ସାମଗ୍ରିକ ଉନ୍ନତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରତିନିଧିମଣ୍ଡଳ ପକ୍ଷରୁ କଟକର ଐତିହାସିକ ପରିଚୟ ବହନ କରୁଥିବା ବାଇମୁଣ୍ଡିଙ୍କ ସ୍ମୃତିକୁ ଚିରସ୍ଥାୟୀ କରିବା ଉଦ୍ଦେଶ୍ୟରେ ସହରର ଏକ ସାର୍ବଜନୀନ ପାର୍କକୁ 'ବାଇମୁଣ୍ଡି ପାର୍କ' ନାମରେ ନାମିତ କରିବା ପାଇଁ ଅନୁରୋଧ କରାଯାଇଥିଲା। ମେୟର ଶ୍ରୀ ସିଂହ ପ୍ରତିନିଧିମଣ୍ଡଳର ପ୍ରସ୍ତାବ ଓ ଦାବିକୁ ଗୁରୁତ୍ୱର ସହ ଶୁଣିଏନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ବାଇମୁଣ୍ଡି ସଙ୍ଗଠନର ପକ୍ଷରୁ ସଭାପତି ବସନ୍ତ କୁମାର ସେଠୀ, ସାଧାରଣ ସମ୍ପାଦକ ବସନ୍ତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ସୋମନାଥ ରାଉତ, ଖ୍ରୀଷ୍ଟ କଲେଜ ପୂର୍ବତନ ଅଧ୍ୟକ୍ଷ ଡକ୍ଟର ସିଦ୍ଧାର୍ଥ କୁମାର ସାହୁ, ରମେଶ ଚନ୍ଦ୍ର ସିଂହ, ଜ୍ୟୋତି ଭୂଷଣ ଦାସ, ବିକ୍ରମ ଲେଙ୍କା, ରମେଶ ଚନ୍ଦ୍ର ରଥ, ଉପସଭାପତି ନିବାସ ଚନ୍ଦ୍ର ମିଶ୍ର ଓ ଅଭୟ କୁମାର ସେଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଏଆଇଟିୟୁସି କାର୍ଯ୍ୟକାରୀ କମିଟି ବୈଠକ



**କଟକ,୧୨।୭/ଏନ୍‌ଏନ୍‌ଏସ୍‌:** ଅଖିଳ ଭାରତ ଟ୍ରେଡ୍ ୟୁନିଅନ୍ କଂଗ୍ରେସ (ଏଆଇଟିୟୁସି) କଟକ ଜିଲ୍ଲା କମିଟି ବୈଠକ ପାଲିତପଡ଼ା ନବଯୁଗ ପ୍ରେସ୍ କିଶୋର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମ୍ପାଦକ ବିନୋଦ ବେହେରା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରି ଆଗାମୀ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ବୈଠକରେ ଆଗାମୀ ଷଷ୍ଠ କଟକ ଜିଲ୍ଲା ସମ୍ମିଳନୀ ଅଗଷ୍ଟ୨ ତାରିଖରେ ଅନୁଷ୍ଠିତ ହେବ। ସାଙ୍ଗଠନିକ ଆଲୋଚନା ସହିତ ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ୍ ଦାବିରେ ପଦଯାତ୍ରା ପ୍ରତ୍ୟେକ ବ୍ଲକରେ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆଲୋଚନାରେ ଉପ -ସଭାପତି ଅମରେନ୍ଦୁ ମହାନ୍ତି,ବ୍ୟାଙ୍କ୍ କର୍ମଚାରୀ ନେତା ସୁଭାଷ ବୋଷ, ଅଶୋକ ତା, ନିର୍ମାଣ ଶ୍ରମିକ ନେତା ହରିହର ମହାନ୍ତି, ତ୍ରିଲୋକ୍ୟ ନାଥ, ପ୍ରଶାନ୍ତ ସୂତାର, ଆଞ୍ଚଳିକ ବୀମା କର୍ମଚାରୀ ସଂଘ ସମ୍ପାଦକ ଅକ୍ଷୟ ବେହୁରିଆ,ମନୋଜ ରଥ ଓ ଶ୍ରମିକ ନେତା ଜୟ ସିଂହ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ୍ କ୍ରିକେଟ୍

## ଏମ୍‌ସିସିକୁ ହରାଇ ପାରାମାଉଣ୍ଟ୍ ସ୍ପୋର୍ଟିଂ ଚାମ୍ପିଅନ୍



**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍‌:** ପାରାମାଉଣ୍ଟ୍ ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ୍ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍‌ରେ ଆୟୋଜକ ପାରାମାଉଣ୍ଟ୍ ଚାମ୍ପିଅନ୍ ହୋଇଛି। ଆଜି ଅନୁଷ୍ଠିତ ଫାଇନାଲ୍‌ରେ ଟିମ୍ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍ (ଏମ୍‌ସିସି) ୪ ୱିକେଟ୍‌ରେ ହରାଇ ଦେଇଛି। ପ୍ରଥମେ ଏମ୍‌ସିସି ନିର୍ଦ୍ଧାରିତ ୩୦ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୨୯ ରନ୍ କରିଥିଲା। ଆୟୁଷ୍ମାନ ଦାସ ସର୍ବାଧିକ ୩୨ ରନ୍ କରିଥିବା ବେଳେ ପ୍ରତିପକ୍ଷରୁ ଶୁଭମ୍ ପରିଡ଼ା ୩ଟି, ବିଜୟ ସିଂହ ଓ ଏମ୍‌ଡି ସାଜେବ୍ ୨-୨ ୱିକେଟ୍ ନେଇଥିଲେ। ୧୩୦ ରନ୍‌ର ଲକ୍ଷ୍ୟକୁ ପାରାମାଉଣ୍ଟ୍ ୨୮.୩ ଓଭର୍‌ରେ ୬ ୱିକେଟ୍ ହରାଇ ହାସଲ କରିନେଇଥିଲା। ପ୍ରତିକ୍ଷୀତ ପ୍ରଧାନ ୪୬, ଆଶିଷ ପଣ୍ଡା ୨୧ ଏବଂ ସୁସଙ୍କେତ ରାଉତରାୟ ଅପରାଜିତ ୧୯ ରନ୍ କରିଥିଲେ। ଏମ୍‌ସିସି ପକ୍ଷରୁ ଅଭିଳାଷ କାନୁନ୍‌ଗୋ ଏବଂ ଭୁବନେଶ ସାମଲ ୨ଟି ଲେଖାଏଁ ୱିକେଟ୍ ପାଇଥିଲେ। ଶୁଭମ ପରିଡ଼ା ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ବିଜେବି ନଗର ପିପୁଲ୍ସ ଆସୋସିଏସନ୍ ସଭାପତି ଶ୍ରୀପତି ନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ୍ ଟିମ୍‌କୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଅଂଶୁମାନ ଦାସ ଶ୍ରେଷ୍ଠ ଫିଲ୍ଡର୍, ଅଭିଳାଷ କାନୁନ୍‌ଗୋ ଶ୍ରେଷ୍ଠ ବୋଲର୍, ସାଇଦିତ୍ୟ ମହାନ୍ତି ଶ୍ରେଷ୍ଠ ବ୍ୟାଟର୍, ପ୍ରତିକ୍ଷୀତ ପ୍ରଧାନ ମ୍ୟାନ୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ୍ ଭାବେ ପୁରସ୍କୃତ ହୋଇଥିଲେ। ସଭାରେ ସଭାପତି ପ୍ରତାପ ଜେନା, ସମ୍ପାଦକ ଅଶୋକ କୁମାର ପାତ୍ର ଏବଂ ବରିଷ୍ଠ ସଦସ୍ୟ ଡି ବାବୁ ଉପସ୍ଥିତ ଥିଲେ।

### ଗୋଆରେ ତାଏକ୍ୱୋଣ୍ଡୋ ଏସିଆ କପ୍

## କଳିଙ୍ଗ ତାଏକ୍ୱୋଣ୍ଡୋ ଆସୋସିଏସନ୍‌ର ସଫଳତା




**କଟକ,୧୨।୭/ଏନ୍‌ଏନ୍‌ଏସ୍‌:** ଗୋଆର ପେଡମ ଇଣ୍ଡୋର୍ ଷ୍ଟାଡିଅମରେ ଜୁନ୍ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ନବମ ତାଏକ୍ୱୋଣ୍ଡୋ ଏସିଆ କପ୍-୨୦୨୬ରେ କଳିଙ୍ଗ ତାଏକ୍ୱୋଣ୍ଡୋ ଆସୋସିଏସନ୍ ଖେଳାଳିମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ବୋଲି କଳିଙ୍ଗ ତାଏକ୍ୱୋଣ୍ଡୋ ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ଗାନ୍ଧୀ ଭବନଠାରେ ଆସୋସିଏସନ୍ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସଭାପତି ଅଶୋକ କୁମାର କାଣ୍ଡି ଓ ସମ୍ପାଦକ ପ୍ରଦୀପ କୁମାର କାଣ୍ଡି କହିଥିଲେ ଯେ, ଏସିଆ କପ୍‌ରେ କଳିଙ୍ଗ ତାଏକ୍ୱୋଣ୍ଡୋ ଆସୋସିଏସନ୍‌ର ଖେଳାଳିମାନଙ୍କ ପ୍ରଦର୍ଶନ ଅତ୍ୟନ୍ତ ପ୍ରଶଂସନୀୟ ରହିଛି। ଭବିଷ୍ୟତରେ ମଧ୍ୟ ରାଜ୍ୟରୁ ଅଧିକ ସଂଖ୍ୟକ ଆନ୍ତର୍ଜାତିକସ୍ତରୀୟ ଖେଳାଳି ସୃଷ୍ଟି ପାଇଁ ଆସୋସିଏସନ୍ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଜାରି ରହିବ ବୋଲି କହିଥିଲେ। ସୂଚନାଯୋଗ୍ୟ କୋଚ୍ ଓମ କାର ନାୟକ, ଅଂଶୁମାନ ମହାନ୍ତି ଓ ଗାୟତ୍ରୀ ସିଂହଙ୍କ ତତ୍ତ୍ୱାବଧାନରେ ଗୋଆରେ ଉନ୍ନତମାନର ପ୍ରଶିକ୍ଷଣ ପାଇଥିବା ୧୮ ଜଣ ପୁରୁଷ ଓ ମହିଳା ଖେଳାଳି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣ ସ୍ୱର୍ଣ୍ଣ, ୬ ଜଣ ରୌପ୍ୟ ଓ ୫ ଜଣ କାଂସ୍ୟ ପଦକ ଜିତି ମୋଟ ୧୮ଟି ପଦକ ହାସଲ କରିଥିଲେ। ସଫଳ ଖେଳାଳିମାନଙ୍କୁ ସାର୍ଟିଫିକେଟ୍ ଓ ପଦକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସ୍ୱର୍ଣ୍ଣ ପଦକ ବିଜେତାମାନେ ହେଲେ ପ୍ରିୟାଙ୍କା ସିଂ, ନିଲିପ୍ତା ସିଂ, ମହମ୍ମଦ ଅଦିଲ୍ ଖାଁ, ମୃତ୍ୟୁଞ୍ଜୟ ଶର୍ମା, ସୁକନ୍ୟା ପୃଷ୍ଟି, ସାଇ ସମର୍ଥ ରାଉତ ଓ ପ୍ରିୟାଂଶୁ ପଣ୍ଡା। ରୌପ୍ୟ ପଦକ ବିଜେତା ହେଲେ ଯୁଗଳ କିଶୋର ସାସମଲ, ସଂକଳ୍ପ ପୁହାଣ, ମୈତ୍ରୀ ବେହେରା, ସାଇ ଆଦିତ୍ୟ ସାମନ୍ତରାୟ, ସୁରିମା ସିଂ ଓ ପ୍ରିୟାଂଶୀ କାଣ୍ଡି। ସେହିପରି କାଂସ୍ୟ ପଦକ ବିଜେତାମାନେ ହେଲେ କଳ୍ପନା ଓଝା, ସାକୀର ଉର୍ ରହମନ , ସୌମ୍ୟରଞ୍ଜନ ମାଝୀ, ସୁପ୍ରିତି ସାମନ୍ତ ଓ ସୂର୍ଯ୍ୟଦୀପ ସାମନ୍ତ।

## ୪ ଛାତ୍ର ପୁରସ୍କୃତ

**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍‌:** ସିବିଏସଇ ସହୋଦୟା ପରିବାର ପକ୍ଷରୁ ସୈନିକ ସ୍କୁଲ ପରିସରରେ ଏକାଡେମିକ୍ ଆଚିଭର୍ସ ଆୱାର୍ଡ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଲେଫ୍ଟନାଣ୍ଟ ଜେନେରାଲ ରାଜଗୋପାଳ ଚେଲାମଣି ଶ୍ରୀକାନ୍ତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କ୍ରମରେ ଭୁବନେଶ୍ୱର ମଳିପଡା ସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ଦଶମ ଶ୍ରେଣୀ ଟପ୍ପର ସାରସ୍ୱତ ଶ୍ରୀଚନ୍ଦନ, ସୌମ୍ୟରଞ୍ଜନ ସାହୁ ଓ ଦ୍ୱାଦଶ ବିଜ୍ଞାନ ଟପ୍ପର ଉଜ୍ଜ୍ୱଳ ସିଂ ଏବଂ ବାଣିଜ୍ୟ ଟପ୍ପର ପ୍ରିୟାଂଶୁ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଜେପିରେ ମିଶିଲେ ପ୍ରଭାତ ବିଶ୍ୱାଳ

# ବିଜେଡିରେ ଭୂକମ୍ପ ସୃଷ୍ଟି ହୋଇଛି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୭/ଏନ୍ଏନ୍ଏସ୍:** ପ୍ରଭାତ ବାବୁ ବିଜେପିରେ ମିଶିବା ବିଜେଡିରେ ଭୂକମ୍ପ ସୃଷ୍ଟି କରିଛି। ୬ ଦିନ ହେଲା ବିଜେଡି ନେତା କଟକରେ ଡେରା ପକାଇଛନ୍ତି, କେହି ଯେମିତି ନ ଯିବେ ଚେଷ୍ଟା କରୁଛନ୍ତି। ଯେତେ ବନ୍ଧ ବାନ୍ଧିଲେ ବି କାଠଯୋଡ଼ି ଦେଇ ପାଣି ବିଜେପି କାର୍ଯ୍ୟାଳୟରେ ମିଶିଛି। ଲୋକେ ଆଉ ବିଜେଡିକୁ ଚାହୁଁନାହାନ୍ତି। ଆମ ସରକାର ଲୋକଙ୍କ ସରକାର ହୋଇ କାମ କରୁଛି । କଥା ଦେଇ କଥା ରଖିବା ସହ କଥା ଦେଇ କଥା ରଖିଥିବା ସରକାର ପାଖକୁ ଆସିଛନ୍ତି ପ୍ରଭାତ ବାବୁ ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ପ୍ରଭାତ ବିଶ୍ୱାଳଙ୍କ ମିଶ୍ରଣ ପର୍ବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଦୁଇ ଦଶନ୍ଧିର ବିଜେଡି ସହ ସମ୍ପର୍କ କାଟି ପଦ୍ମ ପୋଖରୀରେ ଡିଆଁ ମାରିଛନ୍ତି କଟକ-ଚୌଦ୍ୱାରର ତିନି ତିନି ଥରର ବିଧାୟକ ପ୍ରଭାତ ବିଶ୍ୱାଳ। ଶହ ଶହ ସମର୍ଥକଙ୍କ ସହ ରାଜ୍ୟ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ ପ୍ରଭାତ। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଅନ୍ୟ ପଦାଧିକାରୀଙ୍କ ଉପସ୍ଥିତିରେ ଧରିଛନ୍ତି ପଦ୍ମ। ପ୍ରଭାତଙ୍କ ସହ ବିଜେପିରେ ଚୌଦ୍ୱାର-କଟକର ଅନେକ ବିଜେଡି ନେତା ସାମିଲ ହୋଇଛନ୍ତି।





ମିଶ୍ରଣ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶାରେ ବିଜେପିର ଜୟଯାତ୍ରାର ଆଉ ଗୋଟିଏ ଫର୍ଦ୍ଦ ଆଜି ଯୋଡ଼ି ହୋଇଛି। ବିଜେଡି ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳଙ୍କ ଯୋଗଦାନ ପରେ ବିଜେପିର ସଂଗଠନ ସଶକ୍ତ ହୋଇଛି। ତାଙ୍କର ସାଂଗଠନିକ ଦକ୍ଷତା ତଥା ଲୋକସଂପର୍କ ଆମ ଦଳକୁ ଜିଲ୍ଲାରେ ଶକ୍ତିଶାଳୀ କରିବ। ପ୍ରଥମେ ରାଷ୍ଟ୍ର, ତାପରେ ଦଳ, ଶେଷରେ ବ୍ୟକ୍ତି ହେଉଛି ଆମ ଦଳର ମୂଳମନ୍ତ୍ର। ଏହି ବିଚାରଧାରାରୁ ଆମେ ତିଳେହେଲେ ବିଚ୍ୟୁତ ନହୋଇ ଗୁଣ୍ଡୁଚି ମୂଷା ଭଳି ରାଷ୍ଟ୍ର ଗଠନ କାର୍ଯ୍ୟରେ ଲାଗିରହିଛୁ। ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ ମନ୍ତ୍ରରେ ଆକର୍ଷିତ ହୋଇ ଅନ୍ୟ ଦଳର ଅନେକ ନେତା ଆମ ଦଳରେ ଯୋଗଦାନ କରିଛନ୍ତି। ଗତ ୨୪ ମାସରେ ଆମ ସରକାର ଯେଉଁ ଯୁଗାନ୍ତକାରୀ ଯୋଜନାର ସଫଳ କ୍ରିୟାନ୍ୱୟନ ଏବଂ ପଦକ୍ଷେପ ନେଇଛନ୍ତି, ତାହା ଗତ ୨୪ ବର୍ଷରେ ସମ୍ଭବ ହୋଇନଥିଲା। ଆମ ଦଳ କୌଣସି ବ୍ୟକ୍ତି କୈନ୍ଦ୍ରୀକ ଦଳ ନୁହେଁ, ଏହା କାର୍ଯ୍ୟକ୍ରମ ଆଧାରିତ ଏବଂ ଗଣତାନ୍ତ୍ରିକ ପରମ୍ପରା ଅନୁସାରେ ପରିଚାଳିତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ ପ୍ରଭାତ ବିଶ୍ୱାଳଙ୍କ ଯୋଗଦାନ କଟକ ଜିଲ୍ଲାରେ ବିଜେପିର ସଂଗଠନକୁ ଅଧିକ ସୁଦୃଢ଼ କରିବ। ଆଜିର ମିଶ୍ରଣ ପର୍ବରେ କଟକ ମହାନଗର ନିଗମର କର୍ପୋରେଟର ପଦ୍ମିନୀ ସାହୁ, ମିନା ସାହୁ, ଚୌଦ୍ୱାର ପୌରପାଳିକା କାଉନ୍‌ସିଲର ସୁଜାତା ସାହୁ, ଟାଙ୍ଗୀ ଚୌଦ୍ୱାର ପଞ୍ଚାୟତ ସମିତି ଉପାଧକ୍ଷା ସୁପ୍ରିୟା ଜେଠୀ, ସରପଞ୍ଚ ଶୈଳବାଳା ନାୟକ, ଦିଲୀପ କୁମାର ଭୋଇ, ନମିତା ମଲ୍ଲିକ, ସମିତିସଭ୍ୟା ବନ୍ଦନା ସ୍ୱାଇଁ, ରୀତା ରାଉତ, କଟକ ପୂର୍ବତନ କର୍ପୋରେଟର ଧର୍ମାନନ୍ଦ ପାତ୍ର, କଟକ ଜିଲ୍ଲା ବିଜେଡି ସାଧାରଣ ସଂପାଦକ ଏମ୍ ଡି ଫରିଦ, ମହେନ୍ଦ୍ର ନାୟକ, ନାଗୁଣୀ ଚରଣ ମହାନ୍ତି, ରମାକାନ୍ତ ଲେଙ୍କା, ଇଂ. ଆଶିଷ କୁମାର ସ୍ୱାଇଁ, ସୁଭେନ୍ଦୁ ସେନଗୁପ୍ତା ପ୍ରମୁଖ ବିଜେଡି ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ବିଜେପିରେ ଯୋଗଦାନ କରିଛନ୍ତି ।



ସେହିପରି ବିଶ୍ୱଭାରତୀ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ.ବୈଷ୍ଣବ ଚରଣ ସାମଲ, ୧୮୨ ବରିଷ୍ଠ ନାଗରିକ ସଂଘର ସଭାପତି ଡ. ପ୍ରଫେସର କୃପାସିନ୍ଧୁ ପଣ୍ଡା, ଏଏନ୍ଏଚ୍ କଟକ ସର୍କଲର ଅବସରପ୍ରାପ୍ତ ସଭାପତି ଡ. ପ୍ରଫେସର ଅନଙ୍ଗ ଦ୍ୱିବେଦୀ, ଓଡ଼ିଶା ଉଚ୍ଚନ୍ୟାୟାଳୟ ଅବସରପ୍ରାପ୍ତ ବିଚାରପତି ନୃସିଂହ ଚରଣ ଷଡ଼ଙ୍ଗୀ, ଖଣ୍ଡାୟତ-କ୍ଷେତ୍ରୀୟ ମହାସଂଘ ଅବସରପ୍ରାପ୍ତ ସମ୍ପାଦକ ଶ୍ୟାମସୁନ୍ଦର ସାମଲ, ଓୟୁଏଟିର ପୂର୍ବତନ ଡିନ୍ ବୈଜ୍ଞାନିକ ପ୍ରଫେସର ସଞ୍ଜୟ ସାମନ୍ତରାୟ, ପୂର୍ବାଞ୍ଚଳ କଲ୍ୟାଣ ସମିତି ସଭାପତି, ଅବସରପ୍ରାପ୍ତ ଏସ୍‌ପି ତୁସାର ଦାସ, କଟକ ଏସ୍‌ସିବି ମେଡିକାଲ କଲେଜର ଅବସରପ୍ରାପ୍ତ ଏଚ୍‌ଓଡି (ମେଡିସିନ)ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ ପୂର୍ବତନ ଉପଦେଷ୍ଟା ଦିଲ୍ଲୀପ କୁମାର ସାହୁ, କଟକ ପୂର୍ବାଞ୍ଚଳ ଶାନ୍ତିକମିଟି ସଭାପତି ବିଜୟ କୁମାର ସାହୁ, କଟକ ଜିଲ୍ଲା ବିଜେଡିର ପୂର୍ବତନ ଜିଲ୍ଲା ଉପସଭାପତି ଶରତ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ସାହୁ, ଏମ୍‌ଡି ଦିଲ୍‌ସାଦ୍, କଟକ ଗୁରୁଦ୍ୱାରା କମିଟିର ସଭାପତି ଗୁରୁଦେବ ସିଂହ, ସମ୍ପାଦକ ନଚ୍‌ତର ସିଂହ, ଉପଦେଷ୍ଟା ସୁକଦେବ ସିଂହ ପ୍ରମୁଖ ବିଜେପିରେ ଯୋଗଦାନ କରିଛନ୍ତି। ସେହିପରି ଯୋଡ଼ା ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁଙ୍କ ସମେତ କାଉନସିଲର ଭାନୁମତି ବାନା, ସୁମିତ୍ରା କାରୁଆ, ଶୁଭମ ନାୟକ, ବରୁଣ ଆପତା, ନିଳମଣୀ ମୁଣ୍ଡା, ପ୍ରମୋଦ ବେହେରା ପ୍ରମୁଖ ବିଜେଡି ଛାଡ଼ି ବିଜେପିରେ ଯୋଗଦାନ କରିଛନ୍ତି। ଏହି ଅବସରରେ କଟକ ସଦର ବିଧାୟକ ପ୍ରକାଶ ସେଠୀ, ରାଜ୍ୟ ସାଧାରଣ ସଂପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଂପାଦକ ସରୋଜ କର, ସ୍ମୃତି ପଟ୍ଟନାୟକ, କଟକ ଜିଲ୍ଲା ସଭାପତି (ନଗର) ସୁକାନ୍ତ ବିଶ୍ୱାଳ ଓ ପ୍ରଭାରୀ ଜ୍ଞାନଦେବ ବେଉରା, କଟକ ଜିଲ୍ଲା ସଭାପତି (ଗ୍ରାମୀଣ) ରାମନାରାୟଣ ମହାନ୍ତି ଓ ପ୍ରଭାରୀ କିଶୋର ପଣ୍ଡା, କେନ୍ଦୁଝର ଜିଲ୍ଲା ସଭାପତି ଶୁକଦେବ ମହନ୍ତ, ବରିଷ୍ଠ ନେତା ବିନୋଦ ଦାଶ, ମୁରଲୀ ଶର୍ମା, ଲଲାଟେନ୍ଦୁ ବଡୁ, ରଶ୍ମୀରେଖା ଦାଶ, ଜ୍ଞାନେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## 'ଗୁଣ୍ଡୁଚି ମୂଷା ଭଳି କାମ କରିବି'

**ଭୁବନେଶ୍ୱର,୧୨।୭/ଏନ୍ଏନ୍ଏସ୍:** ୨୪ ବର୍ଷ ବହୁ ପରିଶ୍ରମ କରିଛି। ଦଳ ପାଇଁ ନିଷ୍ଠା ଦେଖାଇଛି। ୩୦ ବର୍ଷ ହେଲା ଜନ ସେବା କରୁଛି। ମୁଁ ଭାବିଥିଲି ସୁନାକୁ ଚିହ୍ନିବେ କିନ୍ତୁ ମୋ ଆକଳନ ଭୁଲ ହେଲା। ବଣିଆ ହୋଇ ସୁନା ଚିହ୍ନିଲେ ନାହିଁ। କିନ୍ତୁ ବିଳମ୍ବ ହେଉ ପଛେ ବିଜେପି ସୁନାକୁ ଚିହ୍ନିଲା। ଗୁଣ୍ଡୁଚି ମୂଷା ଭଳି ବିଜେପିରେ କାମ କରିବି। ବିଜେପିରେ ଯୋଗ ଦେବା ଅବସରରେ ପ୍ରଭାତ ବିଶ୍ୱାଳ ଏହା କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଯେ କଟକର କିଛି ବିଜେଡି ନେତା ଗତ କିଛି ଦିନ ଧରି ଡେରା ପକାଇଛନ୍ତି। କର୍ପୋରେଟରମାନଙ୍କୁ ଅଟକାଇ ରଖିଛନ୍ତି। ଏହା ସତ୍ତ୍ୱେ ଶେଷରେ ସତ୍ୟର ଜୟ ହୋଇଛି। ବହୁ ଲୋକଙ୍କ ଜାତକ ମୋ ପାଖେ ଅଛି। ୧୨ ବର୍ଷ ଜଣକ ଦାୟିତ୍ୱରେ ପ୍ରଚ୍ଛଦ ପଟରେ କାମ କରିଥିଲି ଏବଂ ଅନ୍ୟ ୧୨ ବର୍ଷ ଆଉ ଜଣଙ୍କ ନେତୃତ୍ୱରେ ରହିଲା । ମୋଠୁ ସହଯୋଗ ବି ନେଉଥିଲେ ବୋଲି ପ୍ରଭାତ କହିଛନ୍ତି।

ସେହିପରି ସେ କହିଛନ୍ତି ଯେ ବିଜେପିର ବିଶାଳ ସଂଗଠନରେ ମୁଁ ସାଧାରଣ କର୍ମୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ବିଚାରଧାରା ଏକ ଆଦର୍ଶ। ଓଡ଼ିଶା ଓ ପଶ୍ଚିମବଙ୍ଗ ନିର୍ବାଚନ ତାହାର ଉଦାହରଣ। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ମୁଁ ବହୁ ପୂର୍ବରୁ ଜାଣିଛି। ବିଧାନସଭାରେ ଭେଟ ହୁଏ , କଟକ ଆସନ୍ତି। କେନ୍ଦୁଝର ଗଲେ ମତେ ଖୁବ୍ ଆତିଥ୍ୟ ଦିଅନ୍ତି।

**ବିଳମ୍ବ ହେଉ ପଛେ ବିଜେପି ସୁନାକୁ ଚିହ୍ନିଲା**

**ବହୁ ଲୋକଙ୍କ ଜାତକ ମୋ ପାଖେ ଅଛି**

ମୋହନ ଚରଣ ମାଝୀ ଜଣେ ଭଲ ମଣିଷ, ଦରଦୀ ଲୋକ ବୋଲି କହିଛନ୍ତି। ରାଜ୍ୟ ସଭାପତି ମତେ ବ୍ୟକ୍ତିଗତ ଭାବେ ବହୁ ଭଲ ପାଆନ୍ତି। ରାଜ୍ୟ ସଭାପତିଙ୍କ ପରିଶ୍ରମ ଓ ଚିନ୍ତାଧାରା ଯୋଗୁଁ ଆଜି ଓଡ଼ିଶାରେ ପରିବର୍ତ୍ତନ ସମ୍ଭବ ହୋଇଛି ବୋଲି ପ୍ରଭାତ ବିଶ୍ୱାଳ କହିଛନ୍ତି।



### କୃଷକ ମୋର୍ଚ୍ଚାର ସାଙ୍ଗଠନିକ ବୈଠକ

# 'କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଜେପି ସରକାର ସମର୍ପିତ'

**ଭୁବନେଶ୍ୱର,୧୨।୭/ଏନ୍ଏନ୍ଏସ୍:** କୃଷି ଓ କୃଷକଙ୍କ ସାମଗ୍ରୀକ ଉନ୍ନତି ପାଇଁ ବିଜେପି ସରକାର ସମର୍ପିତ। ଓଡ଼ିଶାରେ ବିଜେପି ସରକାର ଆସିବା ପରେ କୃଷି ଓ କୃଷକଙ୍କ ଦିନକୁ ଦିନ ଉନ୍ନତି ହେବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷି ଓ କୃଷକର ଉନ୍ନତି ପାଇଁ ଅନେକ କୃଷି କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ଏସବୁ ଯୋଜନା କିପରି ରାଜ୍ୟର ଚାଷୀମାନଙ୍କ ପାଖରେ ପହଞ୍ଚିବ ସେନେଇ କାର୍ଯ୍ୟକର୍ତ୍ତାମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସରକାର ଓ ଚାଷୀଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ସେତୁ ପରି କାର୍ଯ୍ୟ କରିବ ବୋଲି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ କହିଛନ୍ତି।




ଶ୍ରୀ ପାଢ଼ୀ ଆହୁରି କହିଛନ୍ତି ଯେ, ପୂର୍ବ ସରକାର ସମୟରେ କୃଷକମାନଙ୍କ ଉନ୍ନତି ଉପରେ ଧ୍ୟାନ ଦିଆଯାଉ ନଥିଲା। ପ୍ରଧାନମନ୍ତ୍ରୀଙ୍କ କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ଲୋକଙ୍କ ପାଖରେ ପହଞ୍ଚି ପାରୁନଥିଲା। ମୋଦୀ କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ଉପରେ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କୃଷକଙ୍କ ସାମୂହିକ ବିକାଶ ପାଇଁ ବଦ୍ଧପରିକର। ରାଜ୍ୟର ସମସ୍ତ କୃଷକ ଯେପରି କଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ଉଠାଇପାରିବେ ସେନେଇ ସେମାନଙ୍କୁ ଅବଗତ କରାଇବା ପାଇଁ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି।

ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ବୈଠକରେ ଯୋଗଦେଇ ବିଭିନ୍ନ ଜିଲ୍ଲାରୁ ଆସିଥିବା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନଙ୍କ ମାର୍ଗଦର୍ଶନ କରିଥିଲେ। ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେଇ ପରିବର୍ତ୍ତିତ ପରିବେଶ ଯୋଗୁ ଚାଷ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଅବଗତ କରାଇଥିଲେ। ସାଂସଦ ସୁକାନ୍ତ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି, କୃଷକସଶକ୍ତିକରଣ ଉପରେ ବିଭିନ୍ନ ଯୋଜନା ଓ ତାର ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ ଉପସଭାପତି ଆଲୋକ ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପୃଷ୍ଟି, ଶ୍ରୀକାନ୍ତ ମିଶ୍ର, ରାଜ୍ୟ ସଂପାଦିକା ସୁଚରିତା ଜେନାମଣି, କୋଷାଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ, ମିଡିଆ ସଂଯୋଜିକା ପୂର୍ଣ୍ଣବାସୀ ମହାପାତ୍ରଙ୍କ ସମେତ ମୋର୍ଚ୍ଚାର ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ସଭାପତି ଏବଂ ସାଧାରଣ ସମ୍ପାଦକମାନେ ଉପସ୍ଥିତ ଥିଲେ।

**ସରକାର ଓ ଚାଷୀଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ସେତୁ ପରି କାର୍ଯ୍ୟ କରିବ**

## ଆଖି ବୁଜିଲେ ବ୍ରହ୍ମପୁର ନିଆଁ ପୀଡ଼ିତା

**ବ୍ରହ୍ମପୁର,୧୨।୭/ଏନ୍ଏନ୍ଏସ୍:** ବ୍ରହ୍ମପୁରର ବହୁଚର୍ଚ୍ଚିତ ବିବାହିତା ମହିଳାଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ସାମ୍ନାକୁ ଆସିଛି ଦୁଃଖଦ ଖବର। ଭୁବନେଶ୍ୱରର ଘରୋଇ ମେଡିକାଲରେ ଗୁରୁତର ଭାବେ ଚିକିତ୍ସାଧୀନ ଥିବା ପୀଡ଼ିତାଙ୍କ ଜୀବନ ଯାଇଛି। ଜଳିପୋଡ଼ି ଗୁରୁତର ଭାବେ ମେଡିକାଲରେ ସେ ଚିକିତ୍ସିତ ହେଉଥିଲେ। ପୀଡ଼ିତାଙ୍କୁ ବାପା ଯୌନ ନିର୍ଯାତନା ଦେଇଥିବା ନେଇ ସାଂଘାତିକ ଅଭିଯୋଗ ଆଣିଥିଲେ। ଝିଅର ଅଭିଯୋଗ ଓ ପ୍ରମାଣ ପରେ ବାପା ସୁଭାଷ ଚନ୍ଦ୍ର ମିଶ୍ରଙ୍କୁ ଶନିବାର ଗିରଫ କରାଯାଇଛି। ସୋସିଆଲ୍ ମିଡ଼ିଆରେ ପୋଷ୍ଟ କରିଥିବା ଭିଡ଼ିଓରେ ପୀଡ଼ିତା ବାପାଙ୍କ ନାଁରେ ଅଭିଯୋଗ କରିଥିଲେ। ଏହି ଘଟଣା ପରେ ମାମଲାର ତଦନ୍ତକୁ ପୁଲିସ ଅଧିକ ଜୋରଦାର କରିଛି। ତଦନ୍ତ ସମୟରେ ଫରେନସିକ୍ ପରୀକ୍ଷା, ବୈଜ୍ଞାନିକ ପ୍ରମାଣ ସଂଗ୍ରହ ଓ ମୋବାଇଲ ଜବତ କରାଯାଇଥିବା ପୁଲିସ ସୂଚନା ଦେଇଛି। ପୁଲିସ କହିଛି ଯେ, ପୀଡ଼ିତାଙ୍କ ମୃତ୍ୟୁ ପରେ ମାମଲାରେ ପ୍ରଯୁଜ୍ୟ ଆଇନଗତ ଧାରା ସଂଯୋଜନ କରାଯିବ ଏବଂ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଛି। ପୋଷ୍ଟମର୍ଟମ ରିପୋର୍ଟ ଓ ଅନ୍ୟାନ୍ୟ ଫରେନସିକ୍ ପ୍ରମାଣ ଆଧାରରେ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୁଲିସ ସୂଚନା ଦେଇଛି।

ଗତ ଗୁରୁବାର ସକାଳେ ପୀଡ଼ିତା ବାସୁଦେବ ନଗର ତୃତୀୟ ନଗରରେ ଥିବା ଶାଶୂଘରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ଦିଅର ରାମପ୍ରସାଦ ମିଶ୍ର ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲ କଲେଜ ବ୍ରହ୍ମପୁରରେ ଭର୍ତ୍ତି କରିଥିଲେ। ଡା. ସୁବ୍ରତ କୁମାର ବିଶ୍ୱାଳ ତାଙ୍କ ବୟାନ ରେକର୍ଡ କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

### ସଂସଦରେ ଉପସ୍ଥାପନ ହେବ ଓଡ଼ିଶାର ବିଭିନ୍ନ ପ୍ରସଙ୍ଗ

## ଗଣମାଧ୍ୟମ ପ୍ରତିନିଧିଙ୍କ ପରାମର୍ଶ ଲୋଡ଼ିଲେ ସଂତୃପ୍ତ

**ଭୁବନେଶ୍ୱର,୧୨।୭/ଏନ୍ଏନ୍ଏସ୍:** ଓଡ଼ିଶାର ସ୍ୱାର୍ଥ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ସଂସଦରେ ଉପସ୍ଥାପନ ହେବ। ଏନେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପରାମର୍ଶ ଲୋଡ଼ିଛନ୍ତି ରାଜ୍ୟସଭା ସାଂସଦ ଡ଼ ସଂତୃପ୍ତ ମିଶ୍ର । ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼ ମିଶ୍ର ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହ ଆଲୋଚନା କରିଥିଲେ। ଆଗକୁ ପାର୍ଲାମେଣ୍ଟ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି। ଡ଼ ମିଶ୍ର ଓଡ଼ିଶାର ବିଭିନ୍ନ ସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗରେ ପାର୍ଲାମେଣ୍ଟରେ ପ୍ରଶ୍ନ ଉପସ୍ଥାପନ କରିବେ। ସେନେଇ ସାମ୍ବାଦିକମାନଙ୍କ ପରାମର୍ଶ ଗ୍ରହଣ କରିଥିଲେ। ଡବଲ ଇଞ୍ଜିନ ସରକାର ପାଇଁ ରାଜ୍ୟରେ ମାଳ ମାଳ ସମସ୍ୟା ରହିଛି। ବିଜେପି ସରକାରରେ ଗତ ଦୁଇ ବର୍ଷ ହେବ ଉନ୍ନତିମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି, ଯାହା ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ରାଜ୍ୟର ସମସ୍ତ ବର୍ଗର ଲୋକେ ଉପେକ୍ଷିତ ହେଉଛନ୍ତି ବୋଲି ଡ଼ ମିଶ୍ର କହି ରାଜ୍ୟବାସୀଙ୍କ ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିବା ପାଇଁ ମତାମତ ଗ୍ରହଣ କରିଛନ୍ତି । ରାଜ୍ୟର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ବାବଦରେ ସାମ୍ବାଦିକ ମାନେ ଜଡ଼ିତ ରହିଛନ୍ତି।



ସେ ବାବଦରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ରାଜ୍ୟର ସମୂହ ସ୍ୱାର୍ଥ କେନ୍ଦ୍ରିକ ପ୍ରସଙ୍ଗ ବାବଦରେ ପ୍ରଶ୍ନ ପାର୍ଲାମେଣ୍ଟରେ ଉପସ୍ଥାପିତ କରିବା ନେଇ ତଥ୍ୟ ସଂଗ୍ରହ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେଲିନ ମହାନ୍ତି, ଡ଼ ପ୍ରିୟବ୍ରତ ମାଝୀ, ମୁଖପାତ୍ର ଜ୍ୟୁନାଥ ପଣ୍ଡା, ମିହିର ରାୟ, ନାରାୟଣ ଜେନା, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, ନନ୍ଦଲାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ସରକାରଙ୍କ ଉପରେ ବର୍ଷିଲା ବିଜେଡି

## ମିଶନ ଶକ୍ତି ୱେବ୍‌ସାଇଟରୁ ନବୀନଙ୍କ ଫଟୋ ଅପସାରଣ ଉଦ୍ୟମ ଦୁର୍ଭାଗ୍ୟଜନକ

**ଭୁବନେଶ୍ୱର,୧୨।୭/ଏନ୍ଏନ୍ଏସ୍:** ରାଜ୍ୟ ବିଜେପି ସରକାର, ନବୀନ ସରକାରଙ୍କ ସମୟରେ ପ୍ରତିଷ୍ଠିତ ହୋଇଥିବା ମିଶନ ଶକ୍ତିର ଗୌରବମୟ ଇତିହାସକୁ ଲିଭାଇବାର ବୃଥା ପ୍ରୟାସ କରୁଛନ୍ତି ବୋଲି ଅଭିଯୋଗ କରି ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ସରକାରଙ୍କ ଏହି ପଦକ୍ଷେପ ଓଡ଼ିଶାର ଜନମାନସକୁ ଅପମାନିତ କରିବା ସହିତ ସରକାରଙ୍କ ଅସୁରକ୍ଷିତ ମନୋଭାବକୁ ପ୍ରଦର୍ଶିତ କରୁଛି ବୋଲି ବିଜେଡି କହିଛି। ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟିକା ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଓ ପୂର୍ବତନ ରାଜ୍ୟ ମହିଳା କମିସନର ଲୋପାମୁଦ୍ରା ବକ୍ସିପାତ୍ର ରାଜ୍ୟ ସରକାରଙ୍କ ପଦକ୍ଷେପ ତାଙ୍କ ହିନମନ୍ୟତାକୁ ପ୍ରଦର୍ଶିତ କରୁଛି ବୋଲି କହିଛନ୍ତି।



ବିଜେଡିର ଏହି ନାରୀନେତ୍ରୀମାନେ କହିଥିଲେ ଯେ, ମିଶନ ଶକ୍ତି ସମ୍ବନ୍ଧୀୟ ସରକାରୀ ୱେବସାଇଟରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଓ ତଥ୍ୟ ହଟାଇବାର ପ୍ରୟାସ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏହା ବର୍ତ୍ତମାନ ସରକାରଙ୍କ ଗଭୀର ଅସୁରକ୍ଷିତ ମନୋଭାବର ପ୍ରତିଫଳନ। ମିଶନ ଶକ୍ତି କୌଣସି ଦଳୀୟ ପ୍ରକଳ୍ପ ନୁହେଁ; ଏହା ଓଡ଼ିଶାର ଲକ୍ଷ ଲକ୍ଷ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ଓ କ୍ଷେତ୍ରସ୍ତରୀୟ କର୍ମୀଙ୍କ ଦୀର୍ଘ ବର୍ଷର ପରିଶ୍ରମ ଏବଂ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଢ଼ିଉଠିଥିବା ଏକ ଜନ ଆନ୍ଦୋଳନ। ଓଡ଼ିଶାର ମହିଳାମାନେ ଭଲ ଭାବେ ଜାଣିଛନ୍ତି କିଏ ସେମାନଙ୍କୁ ସଶକ୍ତ କରିଥିଲେ, କିଏ ମିଶନ ଶକ୍ତିକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଥିଲେ। ମିଶନ ଶକ୍ତି ଲକ୍ଷ ଲକ୍ଷ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବନ, ସମ୍ମାନ ଓ ସାମାଜିକ ସଶକ୍ତିକରଣର ପଥ ଦେଖାଇଛି। ଏହି ସଫଳତା ଓଡ଼ିଶାର ଇତିହାସରେ ଚିରସ୍ଥାୟୀ ହୋଇ ରହିବ। ସେମାନେ କହିଥିଲେ, ସରକାର ବଦଳିପାରେ, କିନ୍ତୁ ଶାସନର ଧାରା ଅବିରତ ରହେ। ସରକାରୀ ବିଭାଗ ଓ ପ୍ଲାଟଫର୍ମ ଗୁଡ଼ିକ କୌଣସି ରାଜନୈତିକ ଦଳର ସମ୍ପତ୍ତି ନୁହେଁ; ସେଗୁଡ଼ିକ ଓଡ଼ିଶାର ଜନସାଧାରଣଙ୍କ ସମ୍ପତ୍ତି। ସେଗୁଡ଼ିକର ଉଦ୍ଦେଶ୍ୟ ହେଉଛି ସଂସ୍ଥାଗତ ଇତିହାସକୁ ସଂରକ୍ଷଣ କରିବା, ଦଳୀୟ ପ୍ରଚାରର ମାଧ୍ୟମ ହେବା ନୁହେଁ। ବର୍ତ୍ତମାନ ସରକାରଙ୍କର ଯଦି ନିଜ କାର୍ଯ୍ୟଦକ୍ଷତା ଉପରେ ବିଶ୍ୱାସ ଅଛି, ତେବେ ସେମାନେ ନିଜ ସଫଳତାକୁ ଲୋକଙ୍କ ସାମ୍ନାରେ ରଖନ୍ତୁ, ଅନ୍ୟମାନଙ୍କ ସଫଳତାକୁ ଲିଭାଇବାର ବୃଥା ଚେଷ୍ଟା କରନ୍ତୁ ନାହିଁ।

# ଘୋଷଯାତ୍ରା ପାଇଁ ଚିନିଶିଳ୍ପ ନୂଆଗାଁ ଉତ୍ସବମୁଖର

**ଆସିକା,୧୨।୭/ଏନ୍‌ଏନ୍‌ଏସ୍‌:** ଆଉମାତ୍ର ୩ ଦିନ ପରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱନିୟନ୍ତା ଜଗନ୍ନାଥଙ୍କ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଆସିକା ନିକଟସ୍ଥ ଚିନିଶିଳ୍ପ ନୂଆଗାଁ ଏବେଠୁ ଉତ୍ସବମୁଖର ହୋଇଛି। ପ୍ରସିଦ୍ଧ ଘୋଷଯାତ୍ରା ଦିନ ଜଗତବନ୍ଧୁ ଶ୍ରୀ ଜଗନ୍ନାଥ, ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ପହଣ୍ଡିରେ ଅଣାଯାଇ ରଥାରୁଢ କରାଯିବ। ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା ରଥରେ ପୂର୍ବ ପ୍ରଚଳିତ ପ୍ରଥା ଅନୁଯାୟୀ ମାହେନ୍ଦ୍ର ବେଳାରେ ଛେରାପହଁରା କାର୍ଯ୍ୟ ସଂପାଦନ ପରେ ରଥଟଣା ଆରମ୍ଭ ହେବ ବୋଲି ଜଣାପଡିଛି। ଚିନିଶିଳ୍ପ ନୂଆଗାଁ ଜଗନ୍ନାଥ ମନ୍ଦିରରେ ଦୀର୍ଘ ବର୍ଷ ଧରି ପୂଜା ପାଉଥିବା ତିନି ଭାଇଭଉଣୀ ଗୋଟିଏ ସୁସଜ୍ଜିତ ରଥରେ



ମାଉସୀ ମା ମନ୍ଦିରକୁ ଯିବେ। ଜନସମୁଦ୍ରରେ ପରିଣତ ହେବ ମନ୍ଦିର ପରିବେଶ। ବିଶ୍ୱନିୟନ୍ତା ରଥାରୁଢ ପ୍ରଭୁଙ୍କ ଗୋସାଇଁଙ୍କୁ ଦର୍ଶନ ପାଇଁ ଏବେଠୁ ଶ୍ରଦ୍ଧାଳୁ ଭକ୍ତମାନେ ଅପେକ୍ଷା କରି ରହିଛନ୍ତି। ଚିନିଶିଳ୍ପ ନୂଆଗାଁରେ ଦୀର୍ଘ ବର୍ଷ ଧରି ହୋଇଆସୁଥିବା କୋଟି କୈବଲ୍ୟନାଥ ମହିମା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ହଜାର ହଜାର ଭକ୍ତଙ୍କ ଆସ୍ଥା ଓ ଭକ୍ତିର ମହୋତ୍ସବ କହିଲେ ଅତ୍ୟୁକ୍ତି ହେବ ନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ବଡ ବିଚିତ୍ର। ସେହି ବିଚିତ୍ର ଓ ବିସ୍ମୟ ଏବଂ ଅଭେଦ୍ୟ ରହସ୍ୟକୁ କେହି କେବେ ଭେଦ କରିପାରିନାହାନ୍ତି। ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁ ଭକ୍ତ ଯେତେବେଳେ ଦୃଢ ବିଶ୍ୱାସରେ ଶ୍ରଦ୍ଧା ଏବଂ ଭକ୍ତି ଓ ନିଷ୍ଠାର ସହିତ ଜଗତକର୍ତ୍ତାଙ୍କ ଶ୍ରୀ ଚରଣାରବିନ୍ଦରେ ନିଜକୁ ସମର୍ପି ଦେଇଥାଏ ସେ ନିଶ୍ଚିତ ଭାବେ ବିଭୁକୃପା ଲାଭ କରିଥାଏ ବୋଲି ବିଶ୍ୱାସ ରହିଛି। ବର୍ତ୍ତମାନ ଏହି ମନ୍ଦିରକୁ ଶ୍ରଦ୍ଧାଳୁ ଭକ୍ତଙ୍କ ସୁଅ ଛୁଟୁଛି। ପୁରୀ ଶ୍ରୀ ମନ୍ଦିରର ସମସ୍ତ ନୀତିକାନ୍ତି ଓ ବିଧିବିଧାନକୁ ଅନୁସରଣ କରି ଐତିହ୍ୟ ଓ କାର୍ଯ୍ୟସଂପନ୍ନ ଚିନିଶିଳ୍ପ ଜଗନ୍ନାଥ ମନ୍ଦିରରେ ବର୍ଷତମାମ ସମସ୍ତ ପୂଜାର୍ଚ୍ଚନା ସଂପାଦନ ହୋଇଛି। ଏହି ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ପରମ୍ପରା, ଐତିହ୍ୟ ଓ ଧାର୍ମିକ ମହତ୍ତ୍ୱ ସମଗ୍ର ଦକ୍ଷିଣ ଓଡିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଶ୍ରୀ ଜଗନ୍ନାଥ ସଂସ୍ଥାପନ ସମିତିର ସଭାପତି ତଥା ଶିଳ୍ପାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଓ ଶ୍ରଦ୍ଧାଳୁ ଭକ୍ତଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ମାନ ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଛି।

## ଛାତରୁ ଖସିପଡ଼ି ଯୁବକ ମୃତ

**ଛତ୍ରପୁର,୧୨।୭/ଏନ୍‌ଏନ୍‌ଏସ୍‌:** ନିଜ ଘରର ଛାତ ଉପରେ କାମ କରୁଥିବା ବେଳେ ଛାତରୁ ଖସି ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଅଭାବନୀୟ ଘଟଣା ଗଞ୍ଜାମ ବ୍ଲକ ରମ୍ଭା ଥାନା ଅନ୍ତର୍ଗତ ବରପାଲି ଗ୍ରାମରେ ଘଟିଛି। ମୃତ ଯୁବକ ହେଲେ ବିକାଶ ଛୋଟରାୟ (୨୦)। ସୂଚନା ଅନୁଯାୟୀ, ଶନିବାର ବିକାଶ ନିଜ ଘରର ଛାତ ଉପରେ କାମ କରୁଥିବା ବେଳେ ହଠାତ୍ ତାଙ୍କ ଗୋଡ଼ ଖସିଯିବାରୁ ସେ ତଳକୁ ପଡ଼ିଯାଇଥିଲେ। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିକାଶଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ସୂଚନା ଦେଇଛନ୍ତି। ଏହି ଘଟଣାର ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମେଡିକାଲରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଛତ୍ରପୁର ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ବାଲିଗୁଡା, ୧୨।୭/ଏନ୍‌ଏନ୍‌ଏସ୍‌:** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ଥାନା ୫୯ନଂ ଜାତୀୟ ରାଜପଥର ବୁଡ଼ାଗୁଡା ଛକରେ ରବିବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଥାନା କିରିକୁଟି ପଞ୍ଚାୟତ ମଧୁପଲ୍ଲୀ ଗାଁର ସୋମନାଥ ବେହେରାଦଳାଇ (୩୭)। ଖବର ପାଇ ଦୁର୍ଘଟଣା ସ୍ଥଳରେ ଦାରିଙ୍ଗବାଡ଼ି ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ସଦଳବଳ ପହଞ୍ଚି ଦୁର୍ଘଟଣାରେ ଆହତ ସୋମନାଥଙ୍କୁ ଆମ୍ବୁଲାନ୍ସ ଯୋଗେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବିଷୟ ଥାନା ଅଧିକାରୀ କହିଛନ୍ତି। ସୂଚନା ଯେ, ସୋମନାଥ ଜଣେ ଭଲ କୃଷକ ସହ ନିଜ ଗ୍ରାମରେ ରହିଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଠିକା କର୍ମଚାରୀ ତଥା ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। ସେ ରବିବାର କୌଣସି କାର୍ଯ୍ୟରେ ସିମନବାଡ଼ି ଆସି ନିଜ ଗାଁକୁ ଫେରିବା ବେଳେ ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି। ଏହି ଦୁର୍ଘଟଣା କିପରି ଘଟିଲା ସେନେଇ ଥାନାରେ ପରିବାର ଲୋକେ ପହଞ୍ଚି ଅଭିଯୋଗ କରିଛନ୍ତି। ପୋଲିସ ସୋମନାଥଙ୍କ ମୃତଦେହ ଏବଂ ଦୁର୍ଘଟଣା ହୋଇଥିବା ବାଇକ୍ ଜବତ କରି ଅଧିକ ତଦନ୍ତ ଅବ୍ୟାହତ ରଖିଥିବା ଜଣାପଡିଛି।

## ଅନ୍ତିମ ପର୍ଯ୍ୟାୟରେ ରଥ ନିର୍ମାଣ କାର୍ଯ୍ୟ

**ବୁଗୁଡ଼ା,୧୨।୭/ଏନ୍‌ଏନ୍‌ଏସ୍‌:** ଆସନ୍ତା ଜୁଲାଇ ୧୬ ତାରିଖ ଦିନ ହେବାକୁ ଯାଉଥିବା ଗୁଣ୍ଡିଚାଯାତ୍ରା ଉପଲକ୍ଷେ ବୁଗୁଡ଼ା ବଡ଼ଦାଣ୍ଡସ୍ଥ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ରଥର ଚକ ଅଖ ଯୋଗ, ବ୍ରାନ୍ଦ, ମୁହାଣ୍ଡି,



ନାହାକ କୁମ୍ଭ ଓ ଚାରି ପୁର ଛନ୍ଦ କାମ, ଅଁଳା ଶ୍ରୀ, କଳସ ଉଠାଣ, ଶୁଆ ବନ୍ଧା କାମ ସରିଥିବା ବେଳେ କେବଳ ବେଦି ଘର କାମ କରିବାକୁ ରହିଛି। ୪୫ ଫୁଟ ଉଚ୍ଚତା ବିଶିଷ୍ଟ ଉକ୍ତ ରଥ ନିର୍ମାଣ କାର୍ଯ୍ୟ ସ୍ଥାନୀୟ ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘ ନେତୃତ୍ୱରେ ରବିନ୍ଦ୍ର କୁମାର ଘଡେଇଙ୍କ ଦ୍ୱାରା ଚାଲିଛି। ଅନ୍ୟପକ୍ଷରେ ଠାକୁର ଅଣସର ଘରେ ଥିବାବେଳେ ଶିଳ୍ପୀ ଗୋବର୍ଦ୍ଧନ ମହାପାତ୍ରଙ୍କ ଦ୍ୱାରା ବନକ କାର୍ଯ୍ୟ ଚାଲୁ ରହିଛି। ସ୍ଥାନୀୟ ବଳଦେବ ସ୍ୱାମୀ ମନ୍ଦିର ପରିଚାଳନା କମିଟିର ତତ୍ତ୍ୱାବଧାନରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଥିବା ବେଳେ ଏ ବର୍ଷର ରଥ ଯାତ୍ରାକୁ ଲୋକେ ଉତ୍ସାହ ଓ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି।

## ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା



**ଆସିକା,୧୨।୭/ଏନ୍‌ଏନ୍‌ଏସ୍‌:** ଆସିକା ମାନବ ସେବା ସମିତି ପକ୍ଷରୁ ଆସନ୍ତା ୧୪ରେ ପାଳିତ ହେବାକୁ ଥିବା ପ୍ରଖ୍ୟାତ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ରବିବାର ସ୍ଥାନୀୟ ପିଏମଶ୍ରୀ ହରିହର ହାଇସ୍କୁଲ ପରିସରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆସିକା ଅଞ୍ଚଳର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ କନିଷ୍ଠ ଓ ବରିଷ୍ଠ ବର୍ଗରେ "ଆଜିର ଓଡ଼ିଶାରେ ଗୋପବନ୍ଧୁଙ୍କ ଆବଶ୍ୟକତା ଅଛି କି?" ଶୀର୍ଷକ ବିଷୟବସ୍ତୁକୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ମାନବସେବା ସମିତିର ଆହ୍ୱାୟକ ଗଣେଶ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ୧୧ ଜଣ ଓ ବରିଷ୍ଠ ବର୍ଗରେ ୧୫ ଜଣ ଏହିଭଳି ସମୁଦାୟ ୨୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମାନବସେବା ସମିତିର ଆହ୍ୱାୟକ ଗଣେଶ ରଥ, ମାନବସେବା ସମିତିର ସକ୍ରିୟ ସଦସ୍ୟ ଏ.ଯୁଧିଷ୍ଠିର ଦୋରା, ପ୍ରସନ୍ନ କୁମାର ପାଣିଗ୍ରାହୀ, ରାମଚନ୍ଦ୍ର ଦା, ଡି.ବଦ୍ରିନାଥ ପାତ୍ର, ସୁଶୀଲ ମୋହନ ପାତ୍ର, ମନୋଜ କୁମାର ମିଶ୍ର, ସତ୍ୟପ୍ରିୟ ରଥ, ପ୍ରିତିସବ ମୁନି, ପବିତ୍ର ବେହେରା, ପ୍ରଦୀପ କୁମାର ରାଉତ, ରମାକାନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଚାରକ ରୂପେ ଶିକ୍ଷାବିତ୍ ସତ୍ୟପ୍ରିୟ ରଥ, ପ୍ରିତ୍ୟବ୍ରତ ମୁନି, ଏ. ଯୁଧିଷ୍ଠିର ଦୋରା, ପବିତ୍ର ବେହେରା, ପ୍ରଦୀପ କୁମାର ରାଉତ, ରାମଚନ୍ଦ୍ର ଦା ନିଯୋଜିତ ଥିଲେ। କନିଷ୍ଠ ବର୍ଗରେ ପ୍ରାଚୀ ସ୍ୱାଇଁ ପ୍ରଥମ, ଏସ୍.ରାଜଦୀପ ରାଓ ଦୋରା ଦ୍ୱିତୀୟ, ପ୍ରେରଣା ସାହୁ ତୃତୀୟ ଏବଂ ବରିଷ୍ଠ ବର୍ଗରେ ସଚ୍ଚି ବିଷୋୟୀ ପ୍ରଥମ, ସିମ୍ରନ୍ ମହାରଣା ଓ ସ୍ନେହଲତା ଗୌଡ ଦ୍ୱିତୀୟ, ଗୀତାଞ୍ଜଳି ପାଣିଗ୍ରାହୀ ଓ ଶୁଭଶ୍ରୀ ଦାଶ ତୃତୀୟ ହୋଇଥିବା ଜଣାପଡିଛି। ସେହିପରି ଗତ ୫ ତାରିଖ ରବିବାର ଦିନ ପଣ୍ଡିତ ଗୋପବନ୍ଧୁ ଏକ ବହୁମୁଖୀ ପ୍ରତିଭା ଶୀର୍ଷକ ବିଷୟବସ୍ତୁକୁ ଆଧାର ପ୍ରବନ୍ଧ ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ଅର୍ପିତା ପ୍ରଧାନ ପ୍ରଥମ, ସ୍ନେହଲତା ଗୌଡ ଦ୍ୱିତୀୟ, ପାୟଲ ପଣ୍ଡା ତୃତୀୟ ଏବଂ କନିଷ୍ଠ ବର୍ଗରେ ଆଦିତ୍ୟ ପ୍ରସାଦ ଦାଶ ପ୍ରଥମ, ଆକାଂକ୍ଷା ପାଣିଗ୍ରାହୀ ଏବଂ ସାଇଶ୍ରେୟୀ ସ୍ୱାଇଁ ଦ୍ୱିତୀୟ, ପ୍ରାଚୀ ସ୍ୱାଇଁ ତୃତୀୟ ହୋଇଥିବା ଜଣାପଡିଛି। କୃତୀ ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ୧୪ ତାରିଖ ଦିନ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।

### ବନ୍ଦ କୋଠରୀରେ ଯୁବକଙ୍କୁ ନିର୍ମମ ମାଡ଼ ଭିଡିଓ ଭାଇରାଲ୍

## ମୁଖ୍ୟ ଅଭିଯୁକ୍ତ ଅରୁପ ଗିରଫ

**କୁକୁଡାଖଣ୍ଡି,୧୨।୭/ଏନ୍‌ଏନ୍‌ଏସ୍‌:** ପୁଣି ଗଞ୍ଜାମରେ ଦେଖିବାକୁ ମିଳିଛି ଭାଇଗିରି। ଜଣେ ଯୁବକଙ୍କୁ ବନ୍ଦ କୋଠରୀରେ ରଖି ଅତି ନିର୍ମମ ଭାବେ ପ୍ଲାଷ୍ଟିକ୍ ପାଇପ୍‌ରେ ଆକ୍ରମଣ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ପରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଭାଇରଲ ଭିଡିଓ ଆଧାରରେ ସଦର ଥାନା ପୁଲିସ ତୁରନ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପ୍ରତାପ କୃଷ୍ଣଚନ୍ଦ୍ରପୁର କାଉଖତ ଗ୍ରାମର ଆର. ଶିବରାମ ଓରଫ ଅରୁପ(୨୩) ବୋଲି ଜଣାପଡିଛି। ଅଭିଯୋଗକାରି ମସିହାଖାଲି ଗ୍ରାମ ନିକଟସ୍ଥ କୃପାସିନ୍ଧୁପୁର ଗ୍ରାମର ପ୍ରଶାନ୍ତ ଦାସଙ୍କ ଲିଖିତ ଅଭିଯୋଗ ଆଧାରରେ ସଦର ଥାନାରେ କେସ୍ ନଂ ୪୪୫/୨୬ରେ ରୁଜୁ କରାଯାଇଛି। ତଦନ୍ତ ବେଳେ ଅଭିଯୋଗକାରୀଙ୍କଠାରୁ ଘଟଣାର ଭିଡିଓ ଥିବା ପେନଡ୍ରାଇଭ ଜବତ ହୋଇଛି। ତଦନ୍ତରୁ ଜଣାପଡିଛି ଯେ ଅଭିଯୋଗକାରୀ ପ୍ରଶାନ୍ତ ଦାସ ଏବଂ ଅରୂପ ଉଭୟ ମିଳିତ ଭାବେ ପୂର୍ବରୁ ଭଲ ଭାବେ ଜଣାଶୁଣା ଅଛନ୍ତି। ଅଭିଯୁକ୍ତ ଶିବରାମଙ୍କ ନାମରେ ପୂର୍ବରୁ ସଦର ଥାନାରେ ବିଭିନ୍ନ ଅପରାଧିକ ମାମଲା ରହିଛି। ଗତ କିଛି ମାସ ତଳେ ଅଭିଯୁକ୍ତ ଶିବରାମ ଏକ ଅସାମାଜିକ କାମ କରିବାକୁ ପ୍ରଶାନ୍ତଙ୍କୁ



କହିଥିଲା। ଏଥିରେ ପ୍ରଶାନ୍ତ ମନା କରିବାରୁ ଶିବରାମ ତାଙ୍କୁ ଏକ କୋଠରୀରେ ବନ୍ଦ କରି ମାଡ଼ ମାରିଥିଲା। ପ୍ରଶାନ୍ତ ଅନୁସୂଚିତ ଜାତିର ବୋଲି ଜାଣି ଅଭିଯୁକ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଫାଇବର ବାଡିରେ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲା। ଘଟଣା ବାହାରେ କହିଲେ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିଲା ବୋଲି ପ୍ରଶାନ୍ତଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୁକ୍ତ ଆର. ଶିବରାମ ଓରଫ ଅରୁପ ମସିହାଖାଲି ସରପଞ୍ଚ କେ. ବୁଲୁଙ୍କ ସହଯୋଗୀ ରହିଥିବାରୁ ଅଭିଯୁକ୍ତ ଭୟ ଛାଡିଯାଉଥିବା ପ୍ରଶାନ୍ତଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ତିନି ଦିନ ଧରି ବନ୍ଦ କୋଠରୀରେ ରଖି ଅମାନୁଷିକ ଆକ୍ରମଣ ପରେ ଧମକ ଦେଇ ଛାଡିଥିଲେ। ପରେ ଅଭିଯୋଗକାରୀ ପ୍ରଶାନ୍ତ ଭୟରେ ଘର ଛାଡି ବାହାରେ ଆତ୍ମଗୋପନ କରିଥିଲା। ପୁଲିସ ଘଟଣାର ତଦନ୍ତ କରି ଆଜି ଅପରାହ୍ନରେ ଶିବରାମକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନାମରେ ପୂର୍ବରୁ ସଦର ଥାନାରେ ଦୁଇଟି ମାମଲା ରହିଥିବା ପୁଲିସ କହିଛି। ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ରହିଛି। ଜାତିଗତ ନିର୍ଯାତନା ରୋକିବାକୁ ଅନୁସୂଚିତ ଜାତି ଆକ୍ଟ ଲାଗୁ କରି କୋର୍ଟ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତଙ୍କ ସୂଚନା କ୍ରମେ ପୂର୍ବରୁ ତାଙ୍କ ଭଉଣୀ କୃପାସିନ୍ଧୁପୁର ବିଦ୍ୟାଳୟରୁ ଫେରୁଥିବା ବେଳେ ହରିଜନ ବସ୍ତିର ପ୍ରଶାନ୍ତ ଦାସ ବିଭିନ୍ନ ସମୟରେ କମେଣ୍ଟ ମାରୁଥିବାରୁ ପ୍ରଶାନ୍ତକୁ ଆକ୍ରମଣ କରିଥିବା ଅଭିଯୁକ୍ତ କହିଛି।

## ଜାତୀୟ ସ୍ତରର ସ୍କେଟିଂ ପଦକ ବିଜେତାଙ୍କୁ ସାଂସଦଙ୍କ ଶୁଭେଚ୍ଛା

**ବ୍ରହ୍ମପୁର,୧୨।୭/ଏନ୍‌ଏନ୍‌ଏସ୍‌:** ଜାତୀୟ ସ୍ତରର ଦୁଇ ପଦକ ବିଜେତା ସ୍କେଟର ନିଶାନ ମଲାଣା ଓ ଦିବ୍ୟାଂଶ ଦେବ ଜେନା ସମ୍ପ୍ରତି ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ସାଂସଦ ମହୋଦୟ ଉଭୟ ଖେଳାଳିଙ୍କୁ ଜାତୀୟ ସ୍ତରରେ ସଫଳତା ପାଇଁ ଶୁଭେଚ୍ଛା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ। ଏହି ସାକ୍ଷାତକାର ସମୟରେ ତାଙ୍କର ଆଇନ୍



ପରାମର୍ଶଦାତା ଅସିତ୍ ଶତପଥୀ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ବ୍ରହ୍ମପୁର ସ୍କେଟିଂ ଏକାଡେମୀର ଗଞ୍ଜାମ ଓ ଗଜପତି ଶାଖାର ବିକାଶ, ଆଗାମୀ କାର୍ଯ୍ୟକ୍ରମର ରୂପରେଖା ଏବଂ ସ୍କେଟିଂ ସହ ବିଭିନ୍ନ କ୍ରୀଡ଼ାର ବିକାଶ ପାଇଁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଆମ ଅଞ୍ଚଳରେ ସ୍କେଟିଂ ଓ କ୍ରୀଡ଼ାର ପ୍ରସାର ଏବଂ ବିକାଶ ପ୍ରତି ମାନ୍ୟବର ସାଂସଦଙ୍କ ଆନ୍ତରିକ ଆଗ୍ରହ, ମୂଲ୍ୟବାନ ସମୟ, ପ୍ରେରଣା ଓ ନିରନ୍ତର ସହଯୋଗ ପାଇଁ ବ୍ରହ୍ମପୁର ସ୍କେଟିଂ ଏକାଡେମୀ ପକ୍ଷରୁ କୋଚ୍ ବିଭୂତି ଭୂଷଣ ଜେନା ହୃଦୟରୁ କୃତଜ୍ଞତା ଜଣାଇଥିଲେ।

## ପୁସ୍ତକ 'କିଛି କହିବାର ଥିଲା' ଉନ୍ମୋଚିତ

**ବ୍ରହ୍ମପୁର,୧୨।୭/ଏନ୍‌ଏନ୍‌ଏସ୍‌:** ସ୍ଥାନୀୟ ପ୍ରେମନଗରସ୍ଥିତ ଷ୍ଟୋରୀଲାଇନ୍ କାଫେରେ ଆୟୋଜିତ 'ମେଲୋଡିଜ୍ ଅଫ୍ ବ୍ରହ୍ମପୁର' ଓପେନ୍ ମାଇକ୍ (ମୁକ୍ତ ମଞ୍ଚ) କାର୍ଯ୍ୟକ୍ରମ ଅବସରରେ ସାମ୍ବାଦିକ ତଥା ଲେଖକ ରାମକୃଷ୍ଣ ଡାକୁଆଙ୍କ ନୂତନ ପୁସ୍ତକ 'କିଛି କହିବାର ଥିଲା' ଉନ୍ମୋଚିତ ହୋଇଛି। ଏହି ପୁସ୍ତକକୁ ବରିଷ୍ଠ ସାମ୍ବାଦିକ ସନତ ପଣ୍ଡା, ବରିଷ୍ଠ ସାମ୍ବାଦିକ ଆଶୀର୍ବାଦ ରାଉତ, ବିଶିଷ୍ଟ ଲେଖକ ଶିବ ଶଙ୍କର, ଆଇଟି ପେସାଦାର ସାସ୍ୱତୀ ଶୁଭ୍ରା ଦାସ, ପୁସ୍ତକ ସମୀକ୍ଷକ ଶିବାନୀ ଲେଙ୍କା ଏବଂ ଅଭିଲାଷା ମୁକ୍ତ ମଞ୍ଚର ପ୍ରତିଷ୍ଠାତ୍ରୀ ଅଭିଲିପ୍ସା ପାଢ଼ୀଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଇଥିଲା। ଅତିଥିମାନେ ପୁସ୍ତକର ସୃଜନଶୀଳତା, ଭାଷା ଓ ବିଷୟବସ୍ତୁକୁ ପ୍ରଶଂସା କରିବା ସହ ଲେଖକ ରାମକୃଷ୍ଣ ଡାକୁଆଙ୍କ ସାହିତ୍ୟ ସାଧନାର ଉଚ୍ଚ ପ୍ରଶଂସା କରିଥିଲେ। ଯୁବପିଢ଼ିକୁ ଓଡ଼ିଆ ସାହିତ୍ୟ ସହ ଯୋଡ଼ିବାରେ ଏଭଳି ଆୟୋଜନ ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ, ପାଠକ, ସାମ୍ବାଦିକ, କବି ଓ ବିଭିନ୍ନ କ୍ଷେତ୍ରର



ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଲେଖକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପୁସ୍ତକ ଉନ୍ମୋଚନ ସହିତ ଏହାର ବିକ୍ରୟ ମଧ୍ୟ ଆରମ୍ଭ ହୋଇଥିଲା। ଏହି ସାହିତ୍ୟିକ ସମାରୋହ ବ୍ରହ୍ମପୁରର ସାଂସ୍କୃତିକ ପରିବେଶକୁ ଆହୁରି ସମୃଦ୍ଧ କରିଥିବା ବେଳେ ଉପସ୍ଥିତ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ପାଲଟିଥିଲା। ବିଦ୍ୟୁତ୍ ପ୍ରଭା ସାହୁ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

## କାଳିଗାଡୁ ପର୍ବତ ଶୃଙ୍ଗରେ ପର୍ଯ୍ୟଟକଙ୍କ ଭିଡ଼

**ଜି.ଉଦୟଗିରି, ୧୨।୭/ଏନ୍‌ଏନ୍‌ଏସ୍‌:** ଜି.ଉଦୟଗିରି ବ୍ଲକ ଅଧିନସ୍ଥ ମାଲିକାପଡି ପଞ୍ଚାୟତ ଅନ୍ତର୍ଗତ ମୁକୁଲିଙ୍ଗିଆ ଗ୍ରାମର କାଳିଗାଡୁ ପର୍ବତ ଶୃଙ୍ଗରେ ବର୍ତ୍ତମାନ ଚିତ୍ର ବଦଳୁଥିବା ବେଳେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଦୈନିକ ଏଠାକୁ ଶତାଧିକ ପର୍ଯ୍ୟଟକ ବୁଲିବାକୁ ଆସି କାଳିଗାଡୁ ପର୍ବତ ଶୃଙ୍ଗର ମନଲୋଭା ଦୃଶ୍ୟକୁ ଉପଭୋଗ କରିବା ସହ ମୋବାଇଲରେ ଫଟୋଚିତ୍ର କଏଦ କରୁଥିବା ଦେଖିବାକୁ ମିଳୁଛି। କୋଭିଡ ପରବର୍ତ୍ତୀ ସମୟରେ ସୋସିଆଲ ମେଡ଼ିଆରେ ଏହି ସୌନ୍ଦର୍ଯ୍ୟମୟ ପର୍ଯ୍ୟଟନ କ୍ଷେତ୍ରଟି ଫେସବୁକ, ଇନଷ୍ଟାଗ୍ରାମ ଭଳି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୁରି ବୁଲି ଲୋକଲୋଚନକୁ ଆସିଥିଲା। ଯାହାଫଳରେ ଏହି ସୁନ୍ଦର ଦର୍ଶନୀୟ ସ୍ଥାନକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିବାକୁ ଲାଗିଲା। ପ୍ରଥମେ ଏହି ପର୍ବତ ଶୃଙ୍ଗ ପର୍ଯ୍ୟନ୍ତ ଯିବା ଆସିବା ପାଇଁ କୌଣସି ପାଦ ଚଲା ରାସ୍ତାଟିଏ ମଧ୍ୟ ନ ଥିଲା। ସେଠାକୁ ଯିବା ପାଇଁ ଏକ ଅଣଓସାରିଆ ପହଡ଼ିଆ ରାସ୍ତା ଦେଇ ଯିବାକୁ ପଡୁଥିଲା। ଗଣମାଧ୍ୟମରେ ଏହା




ବାରମ୍ବାର ଖବର ପ୍ରସାରଣ ପରେ ଏହି ପର୍ବତ ଶୃଙ୍ଗ ଅଧିକ ରୁ ଅଧିକ ଲୋକଲୋଚନକୁ ଆସିବା ଦ୍ୱାରା ପ୍ରଶାସନର ଦୃଷ୍ଟି ଗୋଚର ହେଲା। ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମିଳିତ ସହଯୋଗରେ କାଳିଗାଡୁ ପର୍ବତ ଶୃଙ୍ଗର ଉନ୍ନତି ମୂଳକ କାର୍ଯ୍ୟ ଆରମ୍ଭ ହେଲା। ପର୍ବତ ଶୃଙ୍ଗକୁ ଯିବା ଆସିବା ପାଇଁ ପାହାଡ଼କୁ କାଟି ଉପରକୁ ଯିବାପାଇଁ ରାସ୍ତା ତିଆରି କାମ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ସୁରକ୍ଷା ପାଚେରି ନିର୍ମାଣ ହେଲା। ପର୍ଯ୍ୟଟକଙ୍କ ସୁବିଧା, ସୁରକ୍ଷା ଏବଂ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ମୁକୁଲିଙ୍ଗିଆ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଆସୁଛନ୍ତି। ନବ ନିର୍ମିତ କାଳିଗାଡୁ ପର୍ବତ ଶୃଙ୍ଗର ସ୍ୱାଗତମ ଗେଟ ଅତି ମନୋରମ ଦେଖାଯାଉଥିବା କହିଛନ୍ତି ପର୍ଯ୍ୟଟକ। ଯଦି ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ଏହି ପର୍ଯ୍ୟଟନ ସ୍ଥଳୀ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଏ ତେବେ ଏହା ସାରା ରାଜ୍ୟରେ ଏକ ସୌନ୍ଦର୍ଯ୍ୟମୟ ପର୍ବତ ଶୃଙ୍ଗ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବା ସହିତ ଜିଲ୍ଲାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳରେ ସହାୟକ ହୋଇପାରନ୍ତା।

## ଜିଲ୍ଲାସ୍ତରୀୟ ଗୋପବନ୍ଧୁ ସ୍ମାରକ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା




**ଫୁଲବାଣୀ,୧୨।୭/ଏନ୍‌ଏନ୍‌ଏସ୍‌:** କନ୍ଧମାଳ ଜିଲାର ସଦର ମହକୁମା ଫୁଲବାଣୀସ୍ଥିତ ଚିଦାନନ୍ଦ ବିଦ୍ୟାଳୟରେ ଲୋକସେବକ ମଣ୍ଡଳ ପକ୍ଷରୁ ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗୀତା ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଖଜୁରିପଡ଼ା ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦୁତିମେଣ୍ଡିର ୧୦ମ ଶ୍ରେଣୀର ଛାତ୍ର ଆଶୁତୋଷ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଫୁଲବାଣୀ ପବ୍ଲିକ୍ ସ୍କୁଲର ୯ମ ଶ୍ରେଣୀର ଛାତ୍ର ସାଇ ସୁଭମ୍ ମହାନ୍ତି ଦ୍ୱିତୀୟ ସ୍ଥାନ ଓ ଜି.ଉଦୟଗିରି ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ର ରବିନ୍ଦ୍ରନାଥ ଚୌଧୁରୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଚିତ୍ରାଙ୍କନ ପ୍ରତିଯୋଗିତାରେ ଖଜୁରିପଡ଼ା ବ୍ଲକର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ତପସ୍ୱିନୀ ସାହାଣୀ ପ୍ରଥମ, ବାଲିଗୁଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୭ମ ଶ୍ରେଣୀର ଛାତ୍ର ଦେବାଶିଷ୍ ପ୍ରଧାନ ଦ୍ୱିତୀୟ ଏବଂ ରାଇକିଆ ବିଜୟ ହାଇସ୍କୁଲର ସପ୍ତମ ଶ୍ରେଣୀର ଛାତ୍ର ଜ୍ୟୋତି ଚରଣ ମଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅଶୋକ ମହାନ୍ତି ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ରାଜେଶ ସ୍ୱାଇଁ ଓ ସମ୍ମାନିତ ଅତିଥିଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପି. ପଦ୍ମା, ଅସିଷ୍ଟାଣ୍ଟ ସବ୍ କଲେକ୍ଟର ଟି.ପଦ୍ମନାଭ, ଫୁଲବାଣୀ ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁର, ବାଲିଗୁଡ଼ା ଏନ୍‌ଏସି ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଓ ଚିଦାନନ୍ଦ ବିଦ୍ୟାଳୟର ନିର୍ଦ୍ଦେଶକ କିଶୋର ପ୍ରଧାନ ଓ ଅଧକ୍ଷା ସୁଭ୍ରାରାଣି ପଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ନଗଦ ଅର୍ଥ ରାଶି ସହିତ ପ୍ରମାଣପତ୍ର, ଉତ୍ତରୀୟ ଏବଂ ଟ୍ରଫି ପ୍ରଦାନ କରିଥିଲେ। ଏଥି ସହିତ କୁଇଜ୍ ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କୁଇଜ୍ ପ୍ରତିଯୋଗିତାରେ ବିଚାରକ ଭାବେ ରବିନ୍ଦ୍ରନାଥ ସେଠୀ, ଅସ୍ମିତା ପାଢୀ ଏବଂ କଲ୍ୟାଣି ପ୍ରଧାନ ଯୋଗଦେଇଥିବା ବେଳେ ଅନୁଷ୍ଠିତ ପ୍ରତିଯୋଗିତାକୁ ଶିକ୍ଷୟିତ୍ରୀ ସସ୍ମିତା ବାଗ୍, ଶାନ୍ତିଲତା ପଟ୍ଟନାୟକ ଏବଂ ଅନ୍ୱେଷା ସାହୁ ପରିଚାଳନା କରିଥିଲେ।

## ଟ୍ରେନ୍‌ରୁ ଖସି ଯୁବକ ଗୁରୁତର

**ଛତ୍ରପୁର,୧୨।୭/ଏନ୍‌ଏନ୍‌ଏସ୍‌:** ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅନ୍ତର୍ଗତ ପୋଡାପଦର ନିକଟରେ ଚଳନ୍ତା ଟ୍ରେନରୁ ଖସି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆଜି ସକାଳୁ ଏକ ଚଳନ୍ତା ଟ୍ରେନରୁ ଖସି ପଡ଼ି ଯୁବକ ଜଣକ ଗୁରୁତର ଆହତ ହୋଇ ରେଳ ଧାରଣା କଡ଼ରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଆହତ ଯୁବକକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ମେଡିକାଲକୁ ନେଇଥିଲେ। ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମେଡିକାଲରେ ପହଞ୍ଚି ଯୁବକଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହ କଥା ହୋଇଥିଲେ। ଯୁବକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଯୁବକଙ୍କ ଚେତା ଫେରିନଥିବାରୁ ଏପର୍ଯ୍ୟନ୍ତ ତାଙ୍କର ପରିଚୟ ମିଳିପାରି ନଥିବା ଜଣାପଡିଛି।

## ଆସିକା ବିଜ୍ଞାନ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ପ୍ରତିଭାଧାରୀ ବିଦ୍ୟାର୍ଥୀ ସମ୍ମାନିତ

**ଆସିକା,୧୨।୭/ଏନ୍‌ଏନ୍‌ଏସ୍‌:** ଉଚ୍ଚଶିକ୍ଷାର ବିକାଶ ସାଙ୍ଗକୁ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଆସିକା ବିଜ୍ଞାନ ମହାବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ଗୁରବାର ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ବିଭୂତି ଭୂଷଣ ବେବର୍ତ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧାପକ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଶୈକ୍ଷିକା ଅଧିକାରୀ ଅଧାପିକା ଡ. ନନ୍ଦିତା ଦାଶ, କାର୍ଯ୍ୟକ୍ରମର ସଂଯୋଜକ ଅଧାପକ ଡ. ଅଜିତ୍ କୁମାର ମୁନି ପ୍ରମୁଖ ଯୋଗ ଦେଇଥିଲେ। ଉଚ୍ଚଶିକ୍ଷାର ବିକାଶ ଲାଗି ୧୯୬୮ ମସିହା ଜୁଲାଇ ମାସ ୧୨ ତାରିଖରେ ସ୍ଥାପିତ ପୁରାତନ ଶିକ୍ଷାନୁଷ୍ଠାନର ଅତୀତ ଗୌରବ



ସଂପର୍କରେ ସ୍ମୃତିଚାରଣ କରିଥିଲେ। ଅଧ୍ୟୟନରତ ବିଦ୍ୟାର୍ଥୀମାନେ ଜୀବନରେ ସଂକଳ୍ପ, ଶୃଙ୍ଖଳା ଓ ସମର୍ପଣ ଭାବ ଜାରି ରଖିବା ସହ କଠିନ ପରିଶ୍ରମ କରି ନିଜ ଉଜ୍ଜଳ ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୨୦୨୫-୨୬ ଶିକ୍ଷା ବର୍ଷରେ ଯୁକ୍ତ-୨ ବିଜ୍ଞାନ ପାଠ୍ୟକ୍ରମରେ ଟପ୍ପର ହୋଇଥିବା ବିଦ୍ୟାର୍ଥୀ ବିଶ୍ୱଜିତ୍ ପ୍ରଧାନ, କଳା ପାଠ୍ୟକ୍ରମର ବିଦ୍ୟାର୍ଥୀ ଜେନା ସ୍ୱାତୀ ମଙ୍ଗୁଲୁ, ବାଣିଜ୍ୟ ପାଠ୍ୟକ୍ରମର ଏ.ରୁଦ୍ରମାଧବ ପାତ୍ର, ଧନ୍ଦାମୂଳକ ପାଠ୍ୟକ୍ରମର ଏସ୍.ଚିନ୍ମୟ ରେଡ୍ଡି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଯୁକ୍ତ-୩ ସ୍ନାତକ ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ଓଡିଆ ପାଠ୍ୟକ୍ରମର ବିଦ୍ୟାର୍ଥୀ ଅନିଲ୍ ନାହାକ, ପ୍ରାଣୀବିଜ୍ଞାନ ପାଠ୍ୟକ୍ରମ ବିଦ୍ୟାର୍ଥୀ ନିକିତାରାଣୀ ଗୌଡ, ରାଜନୀତି ବିଜ୍ଞାନର ବିଦ୍ୟାର୍ଥୀ ପୂଜା ମହାନ୍ତି, ବାଣିଜ୍ୟ ପାଠ୍ୟକ୍ରମର ବିଦ୍ୟାର୍ଥୀ ସୁନୀତା ମହାରଣା, ହିନ୍ଦୀ ପାଠ୍ୟକ୍ରମର ବିଦ୍ୟାର୍ଥୀ ତୁଳସୀ ସ୍ୱାଇଁ, ଇପ୍ସିତା ମଲିକ, ମମତା ଭଂଜ, ସୁନେଲୀ ପରିଡା, ସୋନିଆ ବେଗମ୍, ଶୁଭଶ୍ରୀ ମହାପାତ୍ର, ଲିଜା ଗୌଡ, ସୁନିତା ସ୍ୱାଇଁ, ଚନ୍ଦନ ଗୌଡ, କେ.ସୁନେଲୀ ପାତ୍ରଙ୍କ ସମେତ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୃତି ରୋଭର୍, ଏନ୍‌ସିସି କ୍ୟାଡଟେ୍, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ଯୁବ ରେଡକ୍ରସର ସ୍ୱେଚ୍ଛାସେବୀଙ୍କୁ ଟ୍ରଫି ଏବଂ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧାପକ ସରୋଜ କୁମାର ପଣ୍ଡା, ଅଧାପିକା ପଦ୍ମା ମଲିକ, ଅଧାପିକା କୁନିକା ଦାସ, ଅଧାପିକା ଯୋଗେଶ୍ୱରୀ ଧାରୁଆ, ଅଧାପିକା ଚୁନ୍‌ମୁନ୍ ମହାନ୍ତି, ଅଧାପକ ଶୁଭେନ୍ଦୁ କୁମାର ରଥ, ଡେମୋନ୍‌ଷ୍ଟ୍ରେଟର୍ ଧନଞ୍ଜୟ ମହାପାତ୍ର, ଅଧାପକ ଚନ୍ଦନ ମାରାଣ୍ଡି, ମାଧୁରୀ ହେମ୍ବ୍ରମ୍, ସାଲ୍ କୁମାର ସ୍ୱାମୀ, ଦୟାନିଧି ବଡରଇତ, ପବିତ୍ର ଢଙ୍ଗଡାମାଝୀ, ଗୌତମ ମାଝୀ, ଅଶୋକ ସାହୁ, ସାରଥୀ ଗମାଙ୍ଗୋ, ବିଘ୍ନରାଜ ପାଢୀ, ଚିତ୍ରସେନ ବେହେରା, ଦେବାଶିଷ୍ ସାହୁ, ଏଲ୍.ଭାନୁ ରାଓ, ବିଭୁକଲ୍ୟାଣ ପଣ୍ଡା, ରଶ୍ମିପ୍ରିୟା କାଲୁ, ମିନତୀ ବେହେରା, ସନାତନ ପାଢୀ, ରାଜେଶ ସାହୁଙ୍କ ସମେତ ସମସ୍ତ ପ୍ରାଧାପକ, ପ୍ରାଧାପିକା ପ୍ରମୁଖ ଉପସ୍ଥିତ ଥିଲେ।

# ପୁଲିସ୍-ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ

**ପୁରୀ,୧୨।୭/ଏନ୍ଏନ୍ଏସ୍:** ସ୍ଥାନୀୟ ଟାଉନ୍‌ହଲ୍‌ଠାରେ ଆଗାମୀ ରଥଯାତ୍ରା କୁ ଶାନ୍ତି ଶୃଙ୍ଖଳା ର ସହ ସମ୍ପନ୍ନ କରିବାକୁ ପୋଲିସ ମାଜିଷ୍ଟ୍ରେଟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅଧକ୍ଷତା କରିଥିଲେ। ଏଥିରେ ଯୋଗ ଦେଇ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ ରଥଯାତ୍ରା ରେ ମହାପ୍ରଭୁଙ୍କ ପ୍ରତି ସେବା, ନିଷ୍ଠା ଓ ସମର୍ପଣ ରହିଲେ କାର୍ଯ୍ୟ ସଫଳ ହେବ। ରଥଯାତ୍ରା ସମୟରେ ଆଇନ ଶୃଙ୍ଖଳା ରକ୍ଷା ସହ ସମସ୍ତ କାର୍ଯ୍ୟ ରେ ମାଜିଷ୍ଟ୍ରେଟ ଓ ପୋଲିସ ମାନଙ୍କର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଚଳିତ ରଥଯାତ୍ରା ରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୋଲିସ ଓ ପ୍ରଶାସନ ପାଇଁ ଗୁରୁ ଦାୟିତ୍ୱ ବୋଲି



କହିଥିଲେ। କେନ୍ଦ୍ରାଞ୍ଚଳ ଆଇଜି ଡା. ସତ୍ୟଜିତ ନାୟକ ଚଳିତ ରଥଯାତ୍ରା ପାଇଁ ଯେଉଁ ମାର୍ଗଦର୍ଶିକା ଜାରି ହୋଇଛି ତାହାରି ଆଧାର ରେ ପରସ୍ପର ସହ ସୁସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ପରିଡା ଚଳିତବର୍ଷର ସ୍ନାନଯାତ୍ରାରେ ବିପୁଳ ଜନ ସମାଗମ ଦୃଷ୍ଟିରୁ ଚଳିତ ରଥଯାତ୍ରାରେ ମଧ୍ୟ ବ୍ୟାପକ ଜନଗହଳିର ଆଶା କରାଯାଉଛି। ଅତ୍ୟାବଶ୍ୟକୀୟ ସୁବିଧା କେନ୍ଦ୍ର, ଆଶୁ ଚିକିତ୍ସା କେନ୍ଦ୍ର, ସୂଚନା କେନ୍ଦ୍ର, ଶୌଚାଳୟ, ପୋଲିସ ସହାୟତା କେନ୍ଦ୍ର ଇତ୍ୟାଦି ସମ୍ପର୍କରେ ଧାରଣା ରଖି ଏବଂ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଜିଲ୍ଲାର ସମସ୍ତ ମାଜିଷ୍ଟ୍ରେଟ ଓ ପୁଲିସ ଅଧିକାରୀ ଯୋଗ ଦେଇଥିଲେ।

## ବିଦେଶୀ ମଦ ଦୋକାନ ଉପରକୁ ବୋମା ମାଡ଼ ଘଟଣାର ଅଭିଯୁକ୍ତକୁ ଜେଲ୍

**କୋଣାର୍କ,୧୨।୭/ଏନ୍ଏନ୍ଏସ୍:** ଗତ ଶନିବାର କୋଣାର୍କ କାକଟପୁର ମୁଖ୍ୟ ରାସ୍ତା ବସଷ୍ଟାଣ୍ଡ ନିକଟରେ ଥିବା ସରକାରୀ ବିଦେଶୀ ମଦ ଦୋକାନ ଉପରକୁ ବୋମା ମାଡ଼ କରି ଗିରଫ ହୋଇଥିବା ଆସାମୀ ସାହିଲି ପଣ୍ଡାକୁ ଆଜି ରବିବାର କୋଣାର୍କ ପୋଲିସ ନିମାପଡା କୋର୍ଟରେ ହଜାର କରାଇଥିଲେ। ସେଠାରେ ତାର ଜାମିନ୍ ନାମଞ୍ଜୁର ହେବାରୁ ନିମାପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। କୋଣାର୍କ ପୋଲିସ ବୋମାମାଡ଼ ଘଟଣାକୁ ଗୁରୁତର ଭାବେ ନେବା ସହ ଅନ୍ୟ ଅସାମାଜିକ କାର୍ଯ୍ୟକଳାପ ସହ ସଂଶ୍ଲିଷ୍ଟ କି ନାହିଁ ଓ ଅନ୍ୟମାନେ ଏଥିରେ ରହିଥିବାକୁ ନେଇ ଅଧିକ ତଦନ୍ତ ନିମନ୍ତେ ଅଭିଯୁକ୍ତକୁ ରିମାଣ୍ଡ୍‌ରେ ଦୁଇ ଦିନ ଆଣିବାକୁ ଆଜି କୋର୍ଟରେ ଅନୁରୋଧ କରିଥିବା ଜଣାପଡ଼ିଛି। ଆସାମୀକୁ ରିମାଣ୍ଡରେ ଆଣି ଘଟଣାବଳୀର ପୋଲିସ ସିନ୍ ରିକ୍ରିଏସନ୍ କରିବ ବୋଲି କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ ପଢିହାରୀ ପ୍ରକାଶ କରିଛନ୍ତି।

## ୩୦୦ ବୋତଲ ମଦ ଜବତ, ଦୁଇ ଭାଇ ଫେରାର୍

**ନୟାହାଟ,୧୨।୭/ଏନ୍ଏନ୍ଏସ୍:** ଗ୍ରାମାଞ୍ଚଳରେ ଚୋରା ମଦର ପ୍ରସାର ବଢ଼ି ଚାଲିଥିବା ବେଳେ ଗାଁ ମୁଣ୍ଡ ଛକ ଦୋକାନରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେବା ଫଳରେ ଝିଅ ବୋହୂ ଓ ମହିଳା ମାନେ ପଦାକୁ ବାହାରିବା ପାଇଁ ନିଜକୁ ସୁରକ୍ଷିତ ମଣୁନଥିଲେ। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ବାଲିଦଣ୍ଡା ଠାରେ ପାନ ଦୋକାନ କରିଥିବା ଦୁଇ ଭାଇ ସଞ୍ଜୟ ବେହେରା ଓ ଦିଲ୍ଲୀପ ବେହେରା ବ୍ୟାପକ ଚୋରା ମଦ କାରବାର କରୁଥିବା ଖବର ପାଇ ଗୋପ ଥାନା ଆଇଆଇସି ଦୁର୍ଗା ଚରଣ ମହାପାତ୍ର ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଓ କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ରବିବାର ଦିନ ମିଳିତ ଚଢାଉ ଉକ୍ତ ଦୋକାନ ଉପରେ କରାଯାଇଥିଲା। ଚଢାଉ ସମୟରେ ମହିଳାମାନେ ମଦ ଧରିବାରେ ପୋଲିସକୁ ସହଯୋଗ କରିଥିଲେ। ଦୋକାନ ଓ ଘରୁ ଦେଶୀ ଓ ବିଦେଶୀ ନକଲି ମଦ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ବୋତଲ ଜବତ କରିଥିଲେ। ଏ ସଂପର୍କରେ ଗୋପ ଥାନା ଆଇଆଇସି ଶ୍ରୀ ମହାପାତ୍ରଙ୍କୁ ପଚାରିବାରେ ସେ ଗ୍ରାମବାସୀଙ୍କ ଅଭିଯୋଗ ପରେ ଚଢ଼ଉ କରାଯାଇଥିଲା ବୋଲି କହିଥିଲେ।

# ଦୁତୀକେଶ୍ୱର ମନ୍ଦିରରେ ମାଲ ମାଲ ଫଳକକୁ ନେଇ ଚର୍ଚ୍ଚା

**ଓଡ଼ଗାଁ,୧୨।୭/ଏନ୍ଏନ୍ଏସ୍:** ଓଡ଼ଗାଁ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ବାବା ଦୁତୀକେଶ୍ୱରଙ୍କ ମନ୍ଦିର ପରିସରରେ ମାଳମାଳ ଫଳକକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏଠି ସବୁକାମ ଦରଖଣ୍ଡିଆ ଅବସ୍ଥାରେ ପଡ଼ିଥିବା ବେଳେ କୁଜିନେତା ଠିକାଦାର ସାଜିଥିବା କୁହାଯାଉଛି।ସୂଚନା ଅନୁଯାୟୀ ଦୁତୀକେଶ୍ୱର ମନ୍ଦିର ନବକଳେବର ପାଇଁ ପୂର୍ବସରକାର ଫାଇଭ୍-ଟିରେ ସାମିଲକରି ୫ କୋଟି ଟଙ୍କା ପ୍ରଦାନ କରିଥିଲେ। ଏହାସହିତ ମନ୍ଦିର ଶେ ?ଚାଳୟ ଠାରୁ ଆରମ୍ଭକରି ମାର୍କେଟ କଂପ୍ଲେକ୍ସ, ମିନି ପାର୍କ,ରାସ୍ତା, ରୋଷଶାଳା ଆଦି ବିକଶିତ ଗାଁ,ବିକଶିତ ଓଡ଼ିଶା ଯୋଜନାରେ ନିର୍ମାଣ କରାଯାଇଛି। ମିନିପାର୍କ ପରିସରରେ ଘାସ ଉଠି ଯାଇଥିବାବେଳେ ଶେ ?ଚାଳୟ ଘର ଫାଟି ଆଁ କଲାଣି। ସେତିକିନୁହଁ ମାର୍କେଟ କଂପ୍ଲେକ୍ସ ଚାବି ପଡ଼ିଥିବା ଦେଖିବାକୁ ମିଳିଛି।ଏହାସହିତ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗା ସଂଯୋଗୀକରଣ କରିବାକୁ ମନଇଛା ଅର୍ଥ ଖର୍ଚ୍ଚକରି ଆତ୍ମସାତ୍ କରି ଦିଆଯାଇଛି। କିଛିଦିନ ତଳେ ମନରେଗା ଯୋଜନାରେ ଗାର୍ଡ଼ୱାଲ ନିର୍ମାଣ କରିଥିଲେ ମଧ୍ୟ ତାହା ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଏତେସବୁ ଦୁର୍ନୀତି ଚାଲିଥିଲେ ମଧ୍ୟ ବ୍ଲକ୍ ପ୍ରଶାସନ ସବୁଦେଖି ଆଖି ବୁଜିଦେଇଛି। ପୁରୁଣା କୋଠାଉପରେ ନୂଆ କୋଠା ତିଆରି କରିବା ଓ ରୋଶଶାଳା ପରିତ୍ୟକ୍ତ ଅବସ୍ଥାରେ ପଡ଼ିବା ଏବଂ ରାସ୍ତା ତିଆରି କରିବାକୁ ଯାଇ ଦୁର୍ନୀତି ଏବେ ଚରମସୀମାରେ ପହଞ୍ଚିଛି। ଏହି ଦୁର୍ନୀତିର ଗନ୍ଧ ରବିଗାଡ଼ିଆ ପଞ୍ଚାୟତରେ ହୋଇଥିଲେ ମଧ୍ୟ ଯନ୍ତ୍ରୀ ସବୁଜାଣି ନ ଜାଣିବାର ଅଭିନୟ କରୁଥିବା ଅଭିଯୋଗ ହେଉଛି। କାମ ସମୟରେ ଯନ୍ତ୍ରୀ ନ ରହିବା ଫଳରେ ଏହିସବୁ




ଦୁର୍ନୀତି କରି ଅର୍ଥ ହଡ଼ପ ହୋଇଛି। ଯଦି ଏସବୁ ଯୋଜନାକୁ ଆକଳନ କରାଯାଏ ତେବେ ପାଖାପାଖି ୫୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ସରକାର ବଦଳିବାପରେ ଦୁର୍ନୀତି କମିବା ବଦଳରେ ବଢି ଚାଲିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଘଟଣାର ଭିଜିଲାନ୍ସ ତଦନ୍ତକରି ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିହୋଇଛି।

## ଖାଦ୍ୟ ସୁରକ୍ଷା ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ

**ପୁରୀ,୧୨।୭/ଏନ୍ଏନ୍ଏସ୍:** ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ରଥଯାତ୍ରା ପରିପ୍ରେକ୍ଷୀରେ ପୁରୀ ଜିଲ୍ଲାର ସମସ୍ତ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ଯାଞ୍ଚ ଅଭିଯାନ ଜାରି ରହିଛି। ଏହାକୁ କଡାକଡି ଅନୁପାଳନ ସହ ନିୟମିତ ଯାଞ୍ଚ କରିବାକୁ ଉପଜିଲ୍ଲାପାଳ ଓ ଖାଦ୍ୟ ସୁରକ୍ଷା ଯାଞ୍ଚ ଅଧିକାରୀ ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ପୁରୀ ମହାନଗର ନିଗମ, ବ୍ରହ୍ମଗିରି, ପିପିଲି, କୋଣାର୍କ ଭଳି ଅଞ୍ଚଳକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଉପଜିଲ୍ଲାପାଳ ରାଜ କିଶୋର ଜେନାଙ୍କ ନିର୍ଦ୍ଦେଶ ଆଧାରରେ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଏବଂ ତଦାରଖ ପାଇଁ ଚାରିଟି ଦଳ ଗଠନ କରାଯାଇଛି। ପୁରୀ ଜିଲ୍ଲା ଏବଂ ବ୍ରହ୍ମଗିରିର ବିଭିନ୍ନ ଅଞ୍ଚଳରେ ଦୁଇଟି ଦଳ ନିୟୋଜିତ ହୋଇଥିବା ବେଳେ ବାକି ଦୁଇଟି ଦଳ ପୁରୀ ମହାନଗର ନିଗମ ଅଞ୍ଚଳ ମଧ୍ୟରେ ନିୟୋଜିତ ହୋଇଛନ୍ତି। ପୁରୀ ପୌରପାଳିକା ଦଳ ପୁରୀ ପୌରପାଳିକାର ବିଭିନ୍ନ ଅଞ୍ଚଳରେ ଉପ-ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ବହୁମୁଖୀ ସ୍କ୍ୱାଡ୍ ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଆଜି ଖାଦ୍ୟ ଯାଞ୍ଚ ଟିମ ଗୁଡ଼ିକ ହୋଟେଲ, ରେଷ୍ଟୁରାଣ୍ଟ, ମିଠା ଦୋକାନ, ଉତ୍ପାଦନ ୟୁନିଟ୍, ଷ୍ଟ୍ରିଟ୍ ଫୁଡ୍, ଖୁଚୁରା କାଉଣ୍ଟର ଏବଂ ଅନ୍ୟାନ୍ୟ ଖାଦ୍ୟ ଦୋକାନ ସମେତ ବିଭିନ୍ନ ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ, ସ୍ୱଚ୍ଛ ଏବଂ ପରିମଳ ଅବସ୍ଥା, ଖାଦ୍ୟ ସଂରକ୍ଷଣ ପଦ୍ଧତି ଏବଂ ଖାଦ୍ୟ ସୁରକ୍ଷା ପଞ୍ଜିକରଣ/ଲାଇସେନ୍ସର ବୈଧତା ଯାଞ୍ଚ କରାଯାଇଥିଲା। ଖାଦ୍ୟ ସୁରକ୍ଷା ଆଇନର ବ୍ୟବସ୍ଥା ଅନୁଯାୟୀ,୧୯୨ କିଲୋଗ୍ରାମ ବାସି ଖାଦ୍ୟ ନଷ୍ଟ କରାଯାଇଛି ଏବଂ ଖିଲାପୀ ଖାଦ୍ୟ ବ୍ୟବସାୟ ଅପରେଟରମାନଙ୍କ ଉପରେ ୬୨ ହଜାର ଟଙ୍କା ଜରିମାନା ଲାଗୁ କରାଯାଇଛି।

## ବନ୍ଦ ଘର ଭିତରୁ ଭାଇ ଭଉଣୀଙ୍କ ସମେତ ବୃଦ୍ଧା ଉଦ୍ଧାର

**ନୟାହାଟ,୧୨।୭/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଶୋରଭା ପଞ୍ଚାୟତର ମୁରୁଡ଼ା ଗ୍ରାମରେ ଭାଇ ଭଉଣୀ ଓ ବୃଦ୍ଧା ଜେଜେମା'ଙ୍କୁ ବନ୍ଦ ଘରେ ଚାବି ପକାଇ ରଖିବା ଘଟଣା ଖବର ପାଇ ଶୁକ୍ରବାର ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଳିକ ପୁରୀ ଶିଶୁସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ୧୨ବର୍ଷର ନାବାଳକ ଓ ୯ବର୍ଷର ନାବାଳିକା ଉଦ୍ଧାର ସମୟରେ ଆମେ ପାଠ ପଢ଼ି ଭଲ ମଣିଷ ହେବାକୁ ଚାହୁଁଛୁ ଆମକୁ ଏଠାରୁ ଉଦ୍ଧାର କର ବୋଲି ଆକୁଳ ନିବେଦନ କରିଥିଲେ। ଏହି ପିଲା ଦୁଇଜଣଙ୍କ ବାପା ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ବେଳେ ମୁରୁଡା ଗ୍ରାମର ରବୀନ୍ଦ୍ର ସାହୁଙ୍କ ପରିବାର ମୂଲ ଲାଗିବାକୁ ଯିବା ସମୟରେ ଦୁଇ ଜଣ ନାବାଳକ ଓ ନାବାଳିକାକୁ ତାଲା ପକାଇ ଯାଇଥାନ୍ତି। ରବୀନ୍ଦ୍ର ପତ୍ନୀ ମସ୍ତିଷ୍କ ବିକୃତ ହୋଇଥିବା ବେଳେ ପୁଅ ଚିରଞ୍ଜିବୀ ସାହୁ ଦାଦନ ଭାବେ ବାହାର ରାଜ୍ୟରେ କାମ କରୁଥିବା ବେଳେ ତାଙ୍କର ପତ୍ନୀଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ଦୁଇଟି ପିଲା ଜେଜେ ମା' ଓ ଜେଜେବାପାଙ୍କ ପାଖରେ ରୁହନ୍ତି। ସେମାନଙ୍କ ନାମ ମୁରୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଲେଖାଯାଇଥିଲେ ମଧ୍ୟ ସେମାନେ ମାସ ମାସ ହେଲା କାହିଁକି ସ୍କୁଲ୍‌କୁ ଯାଉନଥିଲେ ଏ ଦିଗରେ ଶିକ୍ଷା ବିଭାଗ କ'ଣ ପାଇଁ ତଦାରଖ କରୁନଥିଲା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବେଣୁଧର ସେନାପତି ଓ ଅନ୍ୟାନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପିଲାଙ୍କୁ ଉଦ୍ଧାର କରିବା ସମୟରେ ନୟାହାଟ ପୋଲିସର ସହଯୋଗ ଲୋଡ଼ିଥିଲେ।

## ସୁରକ୍ଷାକର୍ମୀଙ୍କ ରହସ୍ୟଜନକ ମୃତ୍ୟୁ

**ସାକ୍ଷୀଗୋପାଳ,୧୨।୭/ଏନ୍ଏନ୍ଏସ୍:** ପୁରୀ ରଥଯାତ୍ରା ସୁରକ୍ଷା ଡ୍ୟୁଟିରେ ଆସିଥିବା ଜଣେ ହୋମଗାର୍ଡଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ହୁଣ୍ଡପିଟା ଗାଁର ୪୫ ବର୍ଷୀୟ ପ୍ରଦୀପ କୁମାର ମହନ୍ତ। ସେ କେନ୍ଦୁଝରରୁ ଆସିଥିବା ୫୦ ଜଣିଆ ସୁରକ୍ଷା ଦଳରେ ସାମିଲ ଥିଲେ। ସୁରକ୍ଷା କର୍ମୀମାନେ ସତ୍ୟବାଦୀ ହାଇସ୍କୁଲରେ ରହିଥିଲେ। ଗତକାଲି (ଶନିବାର) ବିଳମ୍ବିତ ରାତିରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ି ଯାଇଥିଲା। ତାଙ୍କୁ ତୁରନ୍ତ ସାକ୍ଷୀଗୋପାଳ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା**

ପ୍ରାଥମିକ ଅନୁମାନ ଅନୁଯାୟୀ, ତାଙ୍କୁ ବିଷାକ୍ତ ସାପ କାମୁଡ଼ି ଥାଇପାରେ ବୋଲି ସନ୍ଦେହ କରାଯାଉଛି। ସୂଚନା ପାଇବା ପରେ ସତ୍ୟବାଦୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହି ଦୁଃଖଦ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯିବା ସହ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ହୋମଗାର୍ଡ ଭାବେ ନିଯୁକ୍ତି ଦିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

## ଦିବଂଗତ କବି ସଂଗ୍ରାମ କେଶରୀ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବାଣପୁର,୧୨।୭/ଏନ୍ଏନ୍ଏସ୍:** କବି କେବେ ମରେ ନାହିଁ, ଜିଇଁ ରହେ ଚିରକାଳ ତାର ସାହିତ୍ୟରେ , ତାର ସୃଷ୍ଟି କାବ୍ୟ କବିତାରେ। ଓଡ଼ିଆ ଭାଷାସାହିତ୍ୟରେ ନିଜର ପ୍ରଚ୍ଛଣ୍ଡବାଗ୍ମିତା, ପ୍ରଗଳ୍ଭ... ବକ୍ତୃତା, ବାଣପୁରଐତିହ୍ୟର ବିଚକ୍ଷଣ ଗବେଷଣା ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି କବି ସ୍ୱର୍ଗତ ସଂଗ୍ରାମ କେଶରୀ ସାହୁଙ୍କ ଦ୍ୱାଦଶାହ ସ୍ମୃତି ସଭାରେ ଯୋଗ ଦେଇ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ବକ୍ତବ୍ୟ ରଖିଥିଛନ୍ତି। ଐତିହାସିକ ପଲଟଣ ପଡ଼ିଆର ସହୀଦ କୃତିବାସ ଭବନରେ ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସ୍ମୃତି ସଭାରେ ଚିଲିକାରପ୍ରାକ୍ତନ ବିଧାୟକ ରଘୁନାଥ ସାହୁ, ସାହିତ୍ୟିକ ସମାଜ ସେବୀ ଦୁଷ୍ମନ୍ତ କୁମାର ହରିଚନ୍ଦନ, ଖୋରଧା ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଗୋପୀନାଥ ମହାରଣା, କବିକୃଷ୍ଣଚନ୍ଦ୍ର ପାଠାଗାରର ପ୍ରମୁଖ ଡ଼ଃ ଚ଼ାନ୍ଦକିଶୋର ତ୍ରିପାଠୀ, ବରିଷ୍ଠ କବି ପୁରୁଷୋତ୍ତମ ମହାପାତ୍ର ପଞ୍ଚୁଦୋଳଯାତ୍ରା କମିଟିର ସଂପାଦକ ମାଧବଚନ୍ଦ୍ର ବାରିକୀ, ମହିଳା ମହାବିଦ୍ୟାଳୟର ଅଧକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ, ଶିକ୍ଷାବିତ ଶିଶିର କୁମାର ଦାସ୍, ନାଟ୍ୟ ନିର୍ଦ୍ଦେଶକ ମହେଶ୍ୱର ଜେନା, ଶିକ୍ଷାବିତ୍ ଆନନ୍ଦ ଚନ୍ଦ୍ରସେନାପତି, ବିଭୂତି ଭୂଷଣ ନନ୍ଦ, ମଧୁସୂଦନ ନନ୍ଦ, ରାଜେନ୍ଦ୍ର ପ୍ରସାଦ ରଥ, ଶିବନାରାୟଣ ପଣ୍ଡା, ଶଶିଭୂଷଣ ବରାଳ ,ଇଁ ବିଭୁଧେନ୍ଦୁ ଭୋଳ ,ଅଧାପକ ରାଜକିଶୋର ସାହୁ, ଶରତ କୁମାର ସ୍ୱାଇଁ, ପାଠାଗାରିକ ଲଲାଟେନ୍ଦୁ ଭୋଳ ,ସଂଧ୍ୟାଦେବୀ , ଅଧାପିକା ସସ୍ମିତା ପାଣିଗ୍ରାହୀ, ଅଧାପକ ଅମ୍ବିକା ପ୍ରସାଦ ସାମନ୍ତରା, ଡ଼ଃ ଲକ୍ଷ୍ମୀଧର ସୁବୁଦ୍ଧି,ଡ଼ଃ କୈଳାସ ମହାରଣା, କବି ରଙ୍ଗନାଥ ସେଠୀ, ଲୋକନାଥ ପ୍ରଧାନ, ବାମନଚରଣ ଦାସ, ପ୍ରଭାତ କୁମାର ବେହେରା, ବ୍ରଜକିଶୋର ଜେନା, ନନ୍ଦକିଶୋର ବାରିକଙ୍କପରି ସ୍ଥାନୀୟ ଅଞ୍ଚଳରବହୁ ବିଶିଷ୍ଟ ଶିକ୍ଷାବିତ୍ ସାରସ୍ୱତ ସାଧକ, କଳାକାର, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ପତ୍ରକାର , ବିଜ୍ଞପ୍ରାଜ୍ଞ ବ୍ୟକ୍ତିବିଶେଷ ଓପରିବାର ବର୍ଗ ଯୋଗ ଦେଇ ତାଙ୍କ ଆତ୍ମାର ସଦଗତି କାମନା କରି ଇଶ୍ୱରଙ୍କ ନିକଟରେ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ତାଙ୍କ ସ୍ମୃତିକୁ ନେଇ ପ୍ରସ୍ତୁତ ଦ୍ୱାଦଶାହ ସ୍ମରଣିକା 'ସ୍ମୃତିର ଶେଫାଳୀ' ଉନ୍ମୋଚିତ ଲୋକାର୍ପିତ ହୋଇଥିଲା। କନ୍ୟା ଏସ୍ ମନୀଷା ମୌସୁମୀ ଏସ୍ ବର୍ଷା ବିଥିକା ଏହାକୁ ପରିଚାଳନା କରିଥିବା ବେଳେ ଯାମାତା ନିରଞ୍ଜନ ସାହୁ ଓ ଦେବାଶିଷ ସାହୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଉଚ୍ଚ ବିଦ୍ୟାଳୟରେ ପରିଚାଳନା କମିଟି ଗଠିତ

**ବେଗୁନିଆ,୧୨।୭/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ନୂତନ ମାର୍ଗଦର୍ଶିକା ଅନୁଯାୟୀ ବେଗୁନିଆ ବ୍ଲକ ସଦରମହକୁମାରେ ଅବସ୍ଥିତ ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚବିଦ୍ୟାଳୟରେ ଛାତ୍ର ଅଭିଭାବକମାନଙ୍କୁ ନେଇ ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ଶନିବାର ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଠିତ ପରିଚାଳନା ପରିଷଦର ସଭାପତି ରୂପେ ସର୍ବସମ୍ମତିକ୍ରମେ ଛାତ୍ର ଅଭିଭାବକ ତଥା ସମାଜସେବୀ ପ୍ରଶାନ୍ତ କୁମାର ବାରିକ ମନୋନୀତ ହୋଇଥିଲେ। ଏଥିରେ ଉପାଧକ୍ଷା ଭାବେ ରୀନା ପ୍ରଧାନ,ବାସନ୍ତୀ ନାୟକ, ସଙ୍ଗୀତା ପଟ୍ଟନାୟକ, ନମିତା ପ୍ରଧାନ, ସାଧନା ମହାନ୍ତି, ସୁଜାତା ରଥ, ବୀଣାପାଣି ଜେନା ଓ ମାନିନୀ ସାହୁ ସଦସ୍ୟା ଭାବେ ମନୋନୀତ ହୋଇଥବା ବେଳେ ସଦସ୍ୟ ରୂପେ ସୁଦର୍ଶନ ସ୍ୱାଇଁ, ଯୋଗେଶ୍ୱର ନାୟକ, ଶିଶିର କୁମାର ସାହୁ, ବିଶ୍ୱଭୂଷଣ ବଳିୟାରସିଂହ ଓ ସନ୍ତୋଷ କୁମାର ରଣସିଂହ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିଭଳି ୱାର୍ଡ ସଭ୍ୟା ବାସନ୍ତୀ ନାୟକ, ଅଙ୍ଗନବାଡ଼ି କର୍ମୀ ସ୍ୱର୍ଣ୍ଣଲତା ପୃଷ୍ଟି, ଆଶାକର୍ମୀ ପୁଷ୍ପାଞ୍ଜଳି ନାୟକ, ବରିଷ୍ଠ ଶିକ୍ଷକ ସୌମ୍ୟରଞ୍ଜନ ସାହୁ ଓ ପ୍ରଧାନ ଶିକ୍ଷକଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ୭୭ ତମ ବନମହୋତ୍ସବ



**ଓଡ଼ଗାଁ,୧୨।୭/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଆନନ୍ଦସାହୁ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ୭୭ତମ ବନମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅତିଥିଭାବେ ସରପଞ୍ଚ ବିଜନ ପାଇକରାୟ, ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘସଭାପତି ରାମେଶ୍ୱର ପଣ୍ଡା ଯୋଗଦେଇ ଜଙ୍ଗଲ କ୍ଷୟର ଭୟାବହତା ସମ୍ପର୍କରେ ଆଲୋଚନା କରିବାସହ ବୃକ୍ଷରୋପଣର ଉପକାରିତା ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ବାହାଡ଼ା, ଅଁଳା, ପଣସ, ଲେମ୍ବୁ, ଅମୃତଭଣ୍ଡା ଓ ବଉଳଗଛ ପ୍ରଭୃତି ରୋପଣ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପିତା ପାଣିଗ୍ରାହୀ, ସସ୍ମିତା ପାଣିଗ୍ରାହୀ ଓ କଳ୍ପନା ପାଣିଗ୍ରାହୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବାବେଳେ କ୍ରୀଡ଼ା ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଣ୍ଡା ପରିଚାଳନା କରିଥିବା ଜଣାପଡ଼ିଛି।

## ମାର୍କଣ୍ଡେଶ୍ୱର ସାହି ବାସିନ୍ଦାଙ୍କ ସହ ସମନ୍ୱୟ ବୈଠକ

**ପୁରୀ,୧୨।୭/ଏନ୍ଏନ୍ଏସ୍:** ପବିତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା-୨୦୨୬ ଅବସରରେ ସୁରକ୍ଷା, ଶୃଙ୍ଖଳା ଏବଂ ସୁଚାରୁ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ଆଜି ସନ୍ଧ୍ୟା ୬ ଘଟିକା ସମୟରେ ବୁଢୀମା ଠାକୁରାଣୀ ଜାଗାରେ ରେ ମାର୍କଣ୍ଡେଶ୍ୱର ସାହିର ମୁରବି, ସେବାୟତ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୁରୀ ଏସ୍ପି ପ୍ରତୀକ ସିଂ ରଥଯାତ୍ରା ସମୟରେ ଭକ୍ତମାନଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ, ଯାତାୟାତ ପରିଚାଳନା, ଜରୁରୀକାଳୀନ ସହାୟତା ଏବଂ ସ୍ଥାନୀୟ ଅଞ୍ଚଳରେ ସମନ୍ୱିତ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ରଥଯାତ୍ରା ବିଶ୍ୱର କୋଟି କୋଟି ଭକ୍ତଙ୍କ ଆସ୍ଥାର ମହାପର୍ବ। ଏହାକୁ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ପୋଲିସ, ପ୍ରଶାସନ, ସେବାୟତ ଓ ସ୍ଥାନୀୟ ବାସିନ୍ଦାଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ଜରୁରୀ। ବୈଠକରେ ଉପସ୍ଥିତ ମୁରବି, ସେବାୟତ ଓ ସ୍ଥାନୀୟ ବାସିନ୍ଦାମାନେ ବିଭିନ୍ନ ଗଠନମୂଳକ ପରାମର୍ଶ ଦେବା ସହ ପୁରୀ ପୋଲିସର ପ୍ରସ୍ତୁତିକୁ ସ୍ୱାଗତ କରିଥିଲେ। ସେମାନେ ରଥଯାତ୍ରା ସମୟରେ ପୋଲିସ ଓ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଆଶ୍ୱାସନା ଦେଇଥିଲେ। ଏହି ସମନ୍ୱୟ ବୈଠକରେ ପୁରୀ ପୋଲିସର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ଗଠିତ



**ବୋଲଗଡ଼,୧୨।୭/ଏନ୍ଏନ୍ଏସ୍:** ବୋଲଗଡ଼ ଶିକ୍ଷା ବ୍ଲକ ଅଧିନ ଶଙ୍କରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇଯାଇଛି। ଏଥିରେ ରମାକାନ୍ତ ପ୍ରତାପସିଂହ ସଭାପତିତ୍ୱ କରିଥିଲେ ଓ ଆୟୋଜିତ ପରିଚାଳନା କମିଟି ଗଠନ କାର୍ଯ୍ୟକ୍ରମରେ ପିତାମାତା ଅଭିଭାବକ ସଂଘ (ପିଟିଏ)ବୈଠକ ପ୍ରାୟୋଜିତ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ଦାସ ଓଡିଶା ସରକାରଙ୍କ ବିଦ୍ୟାଳୟ ପରିଚାଳନା କମିଟି ଗଠନ ନିମନ୍ତେ ଜାରି ହୋଇଥିବା ଗାଇଡ୍ ଲାଇନ୍ ବିଷୟରେ ବିସ୍ତୃତ ଭାବେ କାର୍ଯ୍ୟକ୍ରମରେ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦୃଷ୍ଟିରୁ ପିତାମାତା ତଥା ଅଭିଭାବକ ମାନଙ୍କ ମଧ୍ୟରୁ ୧୫ଜଣ ସଭ୍ୟ/ସଭ୍ୟା ବିଭିନ୍ନ ବର୍ଗରୁ ମନୋନୀତ କରାଯାଇଥିଲା। ପୁନଃ ପରଦିନ ତଥା ଶନିବାର ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ଉପସଭାପତି ଚୟନ ନିମନ୍ତେ ପ୍ରଧାନ ଶିକ୍ଷକ ଶ୍ରୀ ଦାସଙ୍କ ସଭାପତିତ୍ୱରେ ବୈଠକ ଆୟୋଜିତ ହୋଇଥିଲା। ତେବେ ବୈଠକରେ ମନୋନୀତ ପ୍ରକ୍ରିୟାରେ ନିରଞ୍ଜନ ପ୍ରଧାନ ସଭାପତି ଓ କାଞ୍ଚନବାଳା ପ୍ରତାପସିଂହ ଉପସଭାପତି ଭାବେ ମନୋନୀତ ହୋଇଥିଲେ। ପରେ ଉଭୟ ସଭାପତି ଓ ଉପସଭାପତିଙ୍କୁ ବିଦ୍ୟାଳୟ ତରଫରୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ଅଞ୍ଜନ କୁମାର ଜୟସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକାଦଶ ରୁଦ୍ର ବୋଲବମ୍ ଟିମ୍‌ର ପ୍ରସ୍ତୁତି

**କୁଆଁପାଳ,୧୨।୭/ଏନ୍ଏନ୍ଏସ୍:** ମାହାଙ୍ଗା ହାଟଛକରେ ଥିବା ରୁଦ୍ରେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ କାଉଡିଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଏକାଦଶରୁଦ୍ର ବୋଲବମ୍ ଟିମ୍‌ର ସଭାପତି ତ୍ରିଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଶ୍ରାବଣ କାଉଡିଯାତ୍ରା ଜରିଆକୁଳ ଶ୍ରୀ ଶ୍ରୀ ଲଙ୍ଗଳେଶ୍ୱର ମହାଦେବ ପୀଠରୁ ଆରମ୍ଭହୋଇ ଶ୍ରୀ ଚନ୍ଦ୍ରଶେଖର ମହାଦେବ(କପିଳାସ) ପର୍ଯ୍ୟନ୍ତ ଦୀର୍ଘ ୪ଦିନ ବ୍ୟାପୀ ଶ୍ରବଣ କାଉଡିଯାତ୍ରା ତା୧୪.୦୮.୨୦୨୬ରିଖରୁ ଆରମ୍ଭ ତା୧୭.୦୮.୨୦୨୬ ପର୍ଯ୍ୟନ୍ତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଏହି ବୈଠକରେ ସଭ୍ୟ ବ୍ରଜବନ୍ଧୁ ବେହୁରା, ତପନ କୁମାର ଶତପଥୀ, ବିନୋଦ କୁମାର ପରିଡା, ନିରଞ୍ଜନ ମହାନ୍ତି, ଶୁଭେନ୍ଦୁ କୁମାର ମହାନ୍ତି, ଲକ୍ଷ୍ମୀଧର ପାତ୍ର, ବେନୁଚରଣ ପ୍ରଧାନ, ଆର୍ତ୍ତତ୍ରାଣ ରାଉତରାୟ, ବୈକୁଣ୍ଠନାଥ ପଣ୍ଡା, ରବିନ୍ଦ୍ର ସାହୁ, ଦେବେନ୍ଦ୍ରନାଥ ଦଳେଇ, ଯୋଗେଶ ଚନ୍ଦ୍ର ମହାନ୍ତି, ଅଜୟ କୁମାର ସାମଲ ପ୍ରମୁଖ ଯୋଗଦେଇ କିପରି ୪୨ତମ ଶ୍ରାବଣଯାତ୍ରା ସଫଳ ହେବ ସେ ସଂପର୍କରେ ବିଚାରବିମର୍ଶ କରିଥିଲେ।

## ପୁରୀରେ ଇସ୍କନକୁ ବିରୋଧ

**ପୁରୀ,୧୨।୭/ଏନ୍ଏନ୍ଏସ୍:** ପୁରୀ ଗଜପତି ମହାରାଜ ଙ୍କ ଶ୍ରୀନହର ସମ୍ମୁଖରେ ପୁରୀର ସମସ୍ତ ଜଗନ୍ନାଥ ପ୍ରେମୀ ମାନେ ଇସ୍କନ କୁ ବିରୋଧ କରିଛନ୍ତି। ଏହି ପରିପ୍ରେକ୍ଷିରେ ଗଜପତି ମହାରାଜ ଙ୍କ ଚିଠି କୁ ଅବମାନନା କରି ଅପମାନ ସୂଚକ ପତ୍ର ବିନିମୟ କରିଥିବାରୁ ସମସ୍ତେ ଏକ ସ୍ୱରରେ ବିରୋଧ କରିଥିଲେ।ଏହା ସହିତ ଇସ୍କନ କରୁଥିବା ଅଦିନ ରଥଯାତ୍ରା ଓ ସ୍ନାନଯାତ୍ରା କୁ ମଧ୍ୟ ଘୋର ବିରୋଧ କରିଥିଲେ। ଜଗନ୍ନାଥ ପ୍ରେମୀମାନେ ପୁରୀ ବଳିଆ ପଣ୍ଡା ଠାରେ ଇସ୍କନ ଦ୍ୱାରା ନିର୍ମିତ ଏକ ରାମ ମନ୍ଦିର ଢାଞ୍ଚା କୁ ଯଦି ପ୍ରଶାସନ ବନ୍ଦ ନ କରେ ତେବେ ୨୪ଘଣ୍ଟା ପରେ ଜଗନ୍ନାଥ ପ୍ରେମୀ ମାନେ ଏହାକୁ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ବିରୋଧରେ ଦେବାଶିଷ ମିଶ୍ର, ରାଜେଶ ରଥ, ବିଶ୍ୱଶାନ୍ତି ତ୍ରିପାଠୀ, ଦେବରାଜ ଦାସ, ସେବାୟତ ବାଳକୃଷ୍ଣ ମହାରଣା, ରୁଦ୍ର ମହାପାତ୍ର, ରାକେଶ ରୋଶନ ତ୍ରିପାଠୀ, ଗୌରବ ମିଶ୍ର, ଓମ୍ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଦ୍ଧିଜୀବୀ କମିଟିର ସାଧାରଣ ବୈଠକ

**ଚାରିଛକ,୧୨।୭/ଏନ୍ଏନ୍ଏସ୍:** ନିମାପଡା ବ୍ଲକ ଚାରିଛକ ନିକଟସ୍ଥ ଚନ୍ଦ୍ରମଉଳୀସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ର ପରିସରରେ ଚାରିଛକ ଅଞ୍ଚଳର ବୁଦ୍ଧିଜୀବୀ ମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ସମାଜସେବୀ ସନାତନ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ୭ଟି ପ୍ୟଞ୍ଚାୟତର ପ୍ରାୟ ୨୦ଜଣ ବୁଦ୍ଧିଜୀବୀ ଯୋଗଦେଇ ଚାରିଛକର ବିକାଶ ପାଇଁ ଏକ 'ଚାରିଛକ ବିକାଶ ପରିଷଦ' ଗଠନ କରାଯିବା ପାଇଁ ସ୍ଥିର କରାଗଲା। ଆସନ୍ତା ୨୬ ତାରିଖ ବୈଠକରେ ପ୍ରତି ପଞ୍ଚାୟତରୁ ୧୦ଜଣ ବୁଦ୍ଧିଜୀବୀମାନଙ୍କୁ ନେଇ ଚନ୍ଦ୍ରମଉଳୀସ୍ଥିତ ସଦାଦାସ ତୋଟା ଠାରେ ବୈଠକ କରାଯିବାକୁ ସ୍ଥିର କରାଯାଇଥିଲା। ଆସନ୍ତା ବୈଠକ ପର୍ଯ୍ୟନ୍ତ ଅସ୍ଥାୟୀ ସଭାପତି ଭାବେ ଅର୍ଜୁନ ପାତ୍ର ଓ ସଂପାଦକ ଭାବେ ଡଃ କେଦାରନାଥ ସାହୁଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଚାରିଛକ ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର କର, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ଗୋବିନ୍ଦ୍ ଚନ୍ଦ୍ର ମଳିକ, ଦଳିତ ମହାସଂଘର ସଂପାଦକ ଜୟନ୍ତ କୁମାର ସେଠୀ, ତୁଳସୀପୁର ଗ୍ରାମ୍ୟକମିଟି ସଭାପତି ବନବିହାରୀ ଦାଶ, ଅରକ୍ଷିତ ଭୋଇ, ଅର୍ନ୍ତଯ୍ୟାମୀ ନାୟକ, ପବିତ୍ର ପାତ୍ର, ସୁଦର୍ଶନ କାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ସାପ କାମୁଡ଼ାରେ ଛାତ୍ରଙ୍କ ମୃତ୍ୟୁ

**ବଲଙ୍ଗା,୧୦।୭/ଏନ୍ଏନ୍ଏସ୍:** ବୁଧବାର ଅପରାହ୍ନରେ ସାପ କାମୁଡ଼ାରେ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବଲଙ୍ଗା ଥାନା ଅନ୍ତର୍ଗତ ଭୁତପଦା ଗ୍ରାମର ଅକ୍ଷୟ ବିଶ୍ୱାଳଙ୍କ ପୁଅ ଆଦିତ୍ୟ ବିଶ୍ୱାଳ (୧୩)ଙ୍କର ଶୁକ୍ରବାର ଦିନ ମୃତ୍ୟୁ ଘଟିଛି। କ୍ୟାପିଟାଲ ହସ୍ପିଟାଲ ଫାଣ୍ଡି ପୋଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ପାର୍ଥିବ ଶରୀର ଗ୍ରାମରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ବେଳେ ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି। ସୂଚନା ମୁତାବକ ଆଦିତ୍ୟ ବୁଧବାର ଅପରାହ୍ନରେ ବାରିପଟେ ଥିବା ଇଟା ଗଦାରୁ ଇଟା ବାହାର କରୁଥିଲା ବେଳେ ସେଥିରେ ଥିବା ଏକ ବିଷାକ୍ତ ସାପ ହାତ ଆଙ୍ଗୁଠିକୁ କାମୁଡ଼ି ଦେଇଥିଲା। ଫଳରେ ଆଦିତ୍ୟ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତୁରନ୍ତ ଆଦିତ୍ୟକୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଆଦିତ୍ୟ ସ୍ଥାନୀୟ ଉତ୍କଳ ମଣି ହାଇସ୍କୁଲ ନୂଆସନ୍ଥର ଅଷ୍ଟମ ଶ୍ରେଣୀର ଛାତ୍ର ଥିବା ଜଣାପଡ଼ିଛି।


**ନିତି ଭାରତୀ**

ମାନବିକତା ଉପରେ ଆସ୍ଥା ହରାଇବା ଉଚିତ ନୁହେଁ। ମାନବିକତା ଏକ ମହାସାଗର। ମହାସାଗରର କିଛି ବିନ୍ଦୁ ଜଳ ମଇଳା ହୋଇଗଲେ ସମଗ୍ର ମହାସାଗର ମଇଳା ହୋଇଯାଏ ନାହିଁ। - ମହାତ୍ମା ଗାନ୍ଧୀ

ନିତିଦିନ NITIDIN

ସୋମବାର, ୧୩ ଜୁଲାଇ ୨୦୨୬

# ମଣିଷ ଭାଷାର ମୂଲ୍ୟ



ତପୋଧନ ପଣ୍ଡା

ଏଇ ଦୁନିଆରେ ମଣିଷ ଏକମାତ୍ର ପ୍ରାଣୀ ଯେ କି ଭାବ ବିନିମୟ କରିବା ପାଇଁ ଭାଷାର ବ୍ୟବହାର କରେ। ସମଗ୍ର ପୃଥିବୀରେ ପାଖାପାଖି ୭ ହଜାର ଭାଷାରେ ଲୋକେ କଥାବାର୍ତ୍ତା କରନ୍ତି। ଭାଷାବିତ୍‌ମାନେ କୁହନ୍ତି, ଏଇ ଶତାବ୍ଦୀ ଶେଷ ହେବା ବେଳକୁ ଏଥିରୁ ଅର୍ଦ୍ଧେକ ଭାଷା ଉଭାନ୍ ହୋଇଯିବ, ଯଦି ସେ ଭାଷାଗୁଡ଼ିକରେ ଲୋକମାନେ କଥାବାର୍ତ୍ତା ନ କରନ୍ତି। ଆମ ଦେଶରେ ଅଛି ତେର ଶହରୁ ଊର୍ଦ୍ଧ୍ୱ ମାତୃଭାଷା, ଯଦିଓ ଆମ ସମ୍ବିଧାନ ଗ୍ରହଣ କରିଛି ୨୨ଟି ଭାଷାକୁ। ଆଜି ଅତ୍ୟନ୍ତ ଆଶ୍ଚର୍ଯ୍ୟ ଲାଗେ, ଯେମିତି ମଣିଷ କଥା କହିବାକୁ ଭୁଲି ଯାଉଛି ଧୀରେ ଧୀରେ! ଯାହା କଥା ହେବା କଥା, ତା'ର ସ୍ଥାନ ନେଉଛି ସଂକ୍ଷପ୍ତ ମେସେଜ୍। ଯଦି କଥା ହେବାକୁ ଆରମ୍ଭ କରୁଛନ୍ତି ତ ଆରମ୍ଭ ହେଉଛି 'ହାଏ'ରେ। ଆଉ ଖୁବ୍ ଶୀଘ୍ର ଶେଷ ହୋଇ ଯାଉଛି 'ବାଏ'ରେ। ବେଳେବେଳେ କୁହାଯାଉଛି- ମତେ ମେସେଜ୍ କରିଦେବ, ଯାହା କହିବା କଥା ଅଛି ତୁମର- ହ୍ୱାଟସ୍‌ଆପ୍‌ରେ, ଇନ୍‌ଷ୍ଟାଗ୍ରାମ୍‌ରେ ଇତ୍ୟାଦି। ଏହାକୁ ନେଇ ଅନେକ ଗବେଷଣା ଚାଲିଛି।

ମିଶୋରୀର କାନସାସ୍ ସିଟି ବିଶ୍ୱବିଦ୍ୟାଳୟ ଓ ଆରିଜୋନା ବିଶ୍ୱବିଦ୍ୟାଳୟର ଗବେଷକମାନେ ୧୪ ବର୍ଷ ଧରି ଗବେଷଣା ଜାରି ରଖିଥିଲେ ଏ ବାବଦରେ। ସେଦ୍ୱୟ ପବ୍ଲିକ୍ ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ। ଅଧ୍ୟୟନ କରନ୍ତି ୧୫ ହଜାର ୩ ଶହ ବିଦ୍ୟାର୍ଥୀ। ସେଥିରେ ଅଛି ୧୨ଟି ସ୍ୱତନ୍ତ୍ର ବିଦ୍ୟାଳୟ ଓ ୧୨୫ଟି ଏକାଡେମିକ୍ ପ୍ରୋଗ୍ରାମ୍। ତେବେ ଏହି କଥାବାର୍ତ୍ତାରେ ଭାଷା ବ୍ୟବହାରକୁ ନେଇ ସେମାନେ ୧୦ ବର୍ଷରୁ ୯୪ ବର୍ଷ ବୟସର ଲୋକଙ୍କୁ- ୨୦୦୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ଲୋକଙ୍କୁ ନେଇଥିଲେ। ସେଇ ଅଧିବାସୀମାନେ ଥିଲେ ମୁଖ୍ୟତଃ ଆମେରିକା, ମେକ୍ସିକୋ, ଅଷ୍ଟ୍ରିଆ ଏବଂ ୟୁରୋପ୍‌ର ଅନେକ ଦେଶର ଅଧିବାସୀ। ଯାହା ତଥ୍ୟ ସେମାନେ ପାଇଲେ, ତାହା ହେଲା- ପ୍ରତି ବର୍ଷ ଆମେ ପାଖାପାଖି ୩୦୦ ଶବ୍ଦ କମ୍ ବ୍ୟବହାର କରୁଛୁ ପୂର୍ବ ବର୍ଷ ଅପେକ୍ଷା। ୨୦୦୫ ମସିହାରେ ସେମାନେ ବ୍ୟବହାର କରୁଥିଲେ ହାରାହାରି ୧୬୦୦୦ରୁ ଊର୍ଦ୍ଧ୍ୱ ଶବ୍ଦ। ମାତ୍ର ୨୦୧୯ ବେଳକୁ ତାହା ହ୍ରାସ ପାଇ ପହଞ୍ଚି ଯାଇଛି ୧୧,୯୦୦ ଶବ୍ଦରେ। ଅର୍ଥାତ୍ ୨୦ ପ୍ରତିଶତ ହ୍ରାସ। ଏହାର ବାର୍ଷିକ ପ୍ରଭାବ ହେଲା, ୧ ଲକ୍ଷ ୨୦ ହଜାର କମ୍ ଶବ୍ଦ ଜଣେ ମଣିଷ ପିଛା ବ୍ୟବହୃତ ହେଉଛି। ଏହାର ସହଜ ଅର୍ଥ ହେଲା, ହଜାର ହଜାର ସଂଖ୍ୟାର କଥାବାର୍ତ୍ତାଗୁଡ଼ିକ ଆଉ ହେଉନାହିଁ। ତା'ର କାରଣଗୁଡ଼ିକ ଭିତରୁ ମୁଖ୍ୟତଃ ଏଇ କେତେକ ଦାୟୀ- ଆମର ଦୈନନ୍ଦିନ ଚଳଣିରେ କଥାବାର୍ତ୍ତା କମ୍ କରିବାକୁ ପଡୁଛି। ଗୋଟିଏ ଆପ୍ ବ୍ୟବହାର କରି ଜଣେ କ୍ୟାବ୍ ବୁକ୍ କରି ପାରିବ। ସେହିପରି ଅନ୍ୟ ଏକ ଆପ୍ ଦ୍ୱାରା ଖାଦ୍ୟ ମଗେଇ ପାରିବ। କିଛି କିଣିଲେ ଟଙ୍କା ଆପ୍ ମାଧ୍ୟମରେ ଦେବ। କୌଣସି ମଗାଇ ଥିବା ଦ୍ରବ୍ୟ କେବେ ଓ କେତେବେଳେ ପହଞ୍ଚିବ, ତାହା ବି ଟ୍ରାକ୍ କରି ଜାଣି ପାରିବ। କାହାକୁ ପଚାରିବା ଆବଶ୍ୟକ ନାହିଁ। ଏଗୁଡ଼ିକ ପାଇଁ କଥାବାର୍ତ୍ତା କରିବାକୁ ପଡୁଥିଲା ଆଗରୁ। ଏବେ ତା'ର ଆବଶ୍ୟକତା ନାହିଁ। ଏହିପରି ସବୁ କିଛିର ଆବଶ୍ୟକତା ଆପ୍ ମାଧ୍ୟମରେ ପୂରଣ ହୋଇ ପାରୁଛି। ରେଳ ଟିକେଟ୍, ରେଳ ଆସିବାର ସମୟ, କେଉଁଠାରେ ପହଞ୍ଚିଲାଣି ଟ୍ରେନ୍ ଇତ୍ୟାଦି ଇତ୍ୟାଦି ପାଇଁ ସେଇ ଆପ୍‌ର ବ୍ୟବହାର। ୟୁରୋପ୍, ଆମେରିକା, ଜାପାନ ଭଳି ଅତି ଉନ୍ନତ ଦେଶଗୁଡ଼ିକରେ ଷ୍ଟେସନ ସହିତ ଯୋଡ଼ି ହୋଇ ଯାଇଛି ବଜାର। ଯେଉଁ ଷ୍ଟେସନ, ଟ୍ରେନ୍ ଲାଇନ୍‌ଗୁଡ଼ିକ ୪/୫ତଳ ଭାବେ ବିଛାଡ଼ି ହୋଇ ପଡ଼ିଛି ସେଇ ଷ୍ଟେସନ ଭିତରକୁ। ବସ୍ ବି ଆସୁଛି। ଟ୍ରେନ୍ ଷ୍ଟେସନ୍ ଅଛି ଏୟାରପୋର୍ଟ ଭିତରକୁ ବିସ୍ତୃତ ହୋଇ। ସବୁ ସେଇ ଆପ୍‌ଗୁଡ଼ିକ ଦ୍ୱାରା ସମାହିତ ହେଉଛି। କାହାକୁ ପଚାରି ବୁଝିବାର ଆବଶ୍ୟକତା ପଡୁନାହିଁ।

ଆଉ ଏକ କାରଣ ହେଲା- ଟେକ୍ସଟିଂ ନେଉଛି ଟକିଂର ସ୍ଥାନ। ଅର୍ଥାତ୍ କିଛି କହିବାକୁ ଅଛି ତ ଗୋଟିଏ ମେସେଜ୍‌ରେ ପଠାଇ ଦିଅ। ସଙ୍ଗେ ସଙ୍ଗେ ପହଞ୍ଚି ଯିବ। ଉତ୍ତର ବି ଆସିଯିବ ଖୁବ୍ ଶୀଘ୍ର। ଏହା ବି ସୁବିଧା। ଅର୍ଥାତ୍ ଆମର ସୁବିଧାର୍ଥେ ଆମେ କଥା ନକହି ମେସେଜ୍ ପଠାଉଛୁ। କଥା କହି ସମୟ ନଷ୍ଟ କରିବାକୁ ଉଚିତ୍ ମଣୁନାହୁଁ। ଆଧୁନିକ ଯୁଗରେ ମଣିଷ ଖୁବ୍ ଏକାକୀ ହୋଇ ଯାଉଛି। କେତେକ କ୍ଷେତ୍ରରେ ମଣିଷ ବାଧ୍ୟ ହେଉଛି ଏକାକୀ ବଞ୍ଚିବା ପାଇଁ। ସେ ତ ଅଲଗା ଏକ ଘଟଣା। କିନ୍ତୁ ସମସ୍ତଙ୍କ ସହିତ ମିଶିବା, କଥା ହେବାର ସୁଯୋଗ ଥାଉ ଥାଉ ଏକାକୀ ହୋଇଯିବା ଆଜି ଜୀବନରେ ଘଟି ଚାଲିଛି। ଅନେକେ ଅଧିକ ସମୟ ବିତାଉଛନ୍ତି ସ୍କ୍ରିନ୍‌କୁ ଚାହିଁ ଚାହିଁ। ସ୍ମାର୍ଟଫୋନ୍ ହେଉ, ଲାପ୍‌ଟପ୍, ଟ୍ୟାବ୍‌ଲେଟ୍ ହେଉ- ସେଇ ସ୍କ୍ରିନ୍‌ରେ ମଣିଷ ରହି ଯାଉଛି ଦୀର୍ଘ ସମୟ। ଘରେ ସ୍ୱାମୀ, ସ୍ତ୍ରୀ ଦୁଇ ଜଣ ଥିଲେ ବି ଯେଝା ସ୍କ୍ରିନ୍‌ରେ ଯେଝା ବ୍ୟସ୍ତ। ଅର୍ଥାତ୍ ମଣିଷ ଭିତରେ ଗୋଟିଏ ଇଣ୍ଡିଭିଜୁଆଲିଷ୍ଟିକ୍ ଆଟିଚ୍ୟୁଡ୍ ବା ବ୍ୟକ୍ତିବାଦୀ ଦୃଷ୍ଟିଭଙ୍ଗୀ ଧସେଇ ପଶି ଆସୁଛି ଏଇ ସ୍କ୍ରିନ୍ ମାଧ୍ୟମରେ। ନିଜର ଇମୋସନ୍, ଭାବପ୍ରବଣତା ପ୍ରତିକ୍ରିୟାସବୁ ଏଇ ସ୍କ୍ରିନ୍ ମାଧ୍ୟମରେ ଅନ୍ୟ ପାଖକୁ ଚାଲି ଯାଉଛି। ତା'ର ଉତ୍ତର ଖୋଜି ବସି ଯିବାକୁ ହୋଇ ଯାଉଛି ଦୀର୍ଘ ସମୟ। ଅର୍ଥାତ୍ ଆମର ଇମୋସନ୍‌ସବୁ ଚୋରାଇ ନେଉଛି ଏଇ ସ୍କ୍ରିନ୍। ଆଉ ବେଶୀ ବେଶୀ ସମୟ ଲାଖି ରହିବାର ଆକର୍ଷଣ ବଢ଼ି ବଢ଼ି ଚାଲୁଛି।

ଗବେଷକମାନେ ମଧ୍ୟ ଆଉ ଏକ ପ୍ରବଣତା ବା ଟ୍ରେଣ୍ଡ୍ ଆବିଷ୍କାର କରିଛନ୍ତି। ଯେଉଁମାନଙ୍କର ବୟସ ପଚିଶରୁ ତଳକୁ, ସେମାନେ ବୟସ୍କଙ୍କ ତୁଳନାରେ କମ୍ କଥା ହେଉଛନ୍ତି, ଅର୍ଥାତ୍ କମ୍ ଶବ୍ଦ ବ୍ୟବହାର କରୁଛନ୍ତି। କାରଣ ସେମାନେ ଏଆଇ ମଡେଲସ୍‌ରେ ଗ୍ରୁପ୍ ଚାଟ୍‌ରେ ପାରଙ୍ଗମ। ତେଣୁ କଥା ହେବାର ସକ୍ଷମତା ହ୍ରାସ ପାଇ ପାଇ ଚାଲିଛି। ସେହିପରି ବୟସ୍କମାନେ ବି କମ୍ କଥା ହେଉଛନ୍ତି ଆଗ ତୁଳନାରେ। ବୟସ ବୃଦ୍ଧି ହେଲେ ମଣିଷର କଥା କହିବା ଆବଶ୍ୟ ହ୍ରାସ ପାଏ। ଖୁବ୍ ବୟସ୍କ ବ୍ୟକ୍ତିମାନେ ବହୁ ସମୟ ନିରବ ରୁହନ୍ତି। ଏଇଟା ବୟସର ପ୍ରଭାବ ଅବଶ୍ୟ। କିନ୍ତୁ ଯୁବ ଗୋଷ୍ଠୀ? ଏଠାରେ ଉଲ୍ଲେଖନୀୟ, କୌଣସି ମେସେଜ୍ ସେୟାର କରିବା ତୁଳନାରେ ପଦେ କଥା ଅଧିକ ମୂଲ୍ୟ ରଖେ। ମେସେଜ୍‌ରେ ଜୀବନ ନଥାଏ, ଭାବପ୍ରବଣତା ନଥାଏ। ଥାଏ କଥାରେ, ନିଜ ସ୍ୱରରେ, ମାନବିକତା ରୂପରେ। ସେଥିରେ ସିମ୍ପାଥି ବା ସହାନୁଭୂତି ଓ ଏମ୍ପାଥି ବା ସମାନୁଭୂତି ଥାଏ। ଯେପରିକି 'ଫାଇନ୍' ଗୋଟିଏ ଶବ୍ଦ। ତାକୁ ମେସେଜ୍ ମାଧ୍ୟମରେ ପ୍ରାପ୍ତ ହେଲେ ବୁଝାଯାଏ ଏହା କେବଳ 'ଫାଇନ୍' ଛଡ଼ା ସବୁକିଛି। କ୍ଷୁଦ୍ର କ୍ଷୁଦ୍ର କଥା, ଗୋଟିଏ ଗୋଟିଏ ଛୋଟ ଛୋଟ ଶବ୍ଦ ବ୍ୟବହାର କରି କହିଲେ ବି ଯଥେଷ୍ଟ ମୂଲ୍ୟ ରଖେ ଏକ ଟେକ୍ସଟ ମେସେଜ୍ ତୁଳନାରେ। ଯେପରିକି ଜଣେ ସିକ୍ୟୁରିଟି ଗାର୍ଡ଼ ସହିତ- କେମିତି ଅଛ? ସବୁ ଭଲ ତ! ନିଜ ପଡ଼ୋଶୀ ସହିତ ପଦେ ଦି' ପଦ ଦୁଃଖ, ସୁଖ ବା କ୍ଷୁଦ୍ର କଥା ମାଧ୍ୟମରେ ପାଣିପାଗର ସୂଚନା, ଜଣେ ପାନ ଦୋକାନୀ ସହିତ -'କେମିତି ଚାଲିଛି କାରବାର' ବା ଲିଫ୍ଟରେ ଗଲା ବେଳେ କାହାକୁ ଦେଖି 'ହେଲୋ'- ଏସବୁ କ୍ଷୁଦ୍ର କ୍ଷୁଦ୍ର କଥାଗୁଡ଼ିକ ଅଧିକ ମାନେ ରଖେ, ଅନେକ ମହତ୍ତ୍ୱପୂର୍ଣ୍ଣ ମନେହୁଏ। ନିଜର ଫିଲିଂସ୍ ବା ଭାବ/ଭାବନା ଅନ୍ୟ ଏକ ସମ୍ବେଦନାର ସ୍ତରକୁ ନେଇଯାଏ ମଣିଷକୁ। ଏହି ମୁହୂର୍ତ୍ତଗୁଡ଼ିକ ଅତି ଅର୍ଡ଼ିନାରୀ ବା ସାଧାରଣ ହୋଇପାରେ, କିନ୍ତୁ ସେଗୁଡ଼ିକ ଅନେକ ମାନେ ରଖେ ଆମ ଭାବନା ତୁଳନାରେ। ଏଥିରେ ଆମ ଆତ୍ମୀୟତା ଅଧିକ ଭାବରେ ପରିସ୍ଫୁଟ ହୋଇ ଉଠେ। ମଣିଷର ଏକଲାପଣିଆକୁ ନଷ୍ଟ କରିଦିଏ।




ଆଉ ଗୋଟିଏ ଦିଗ ହେଲା ପାରିବାରିକ। ଛୋଟ ଛୋଟ ପିଲାମାନେ କଥା କହି ଶିଖନ୍ତି ବାପା, ମା' ଅବା ବଡ଼ମାନଙ୍କ ପାଖରୁ। ସେମାନେ ଭାଷା ଶିଖନ୍ତି, ତା'ର ବ୍ୟବହାର ଶିଖନ୍ତି। ନୂଆ ନୂଆ ଶବ୍ଦ ପିକ୍ କରନ୍ତି ବା ବାଛି ନିଅନ୍ତି। ନିଜର ଭାବନା ବ୍ୟକ୍ତ କରିବାର ବାଟ ପାଇ ଯାଆନ୍ତି। ଯଦି ବାପା, ମା'ମାନେ କମ୍ କଥା ହୁଅନ୍ତି ଶିଶୁଟି ସହିତ, ସେ ଭୋକାବୁଲାରୀ ବା ଶବ୍ଦାବଳୀ ଗ୍ରହଣରେ ଦୁର୍ବଳ ହୋଇପଡ଼େ। ଅର୍ଥାତ୍ ଏସବୁ ଆଲୋଚନାର ଅର୍ଥ ହେଲା- ଟେକ୍ନୋଲୋଜି ଏହି ସମସ୍ୟା ସୃଷ୍ଟି କରିନାହିଁ। ଟେକ୍ନୋଲୋଜି ଆମ ପାଇଁ ଜୀବନଯାପନକୁ ସହଜ, ସରଳ କରି ଦେଇଛି। ଅଧିକ ସୁବିଧା, ସୁଯୋଗ ପ୍ରଦାନ କରିଛି। ଏହା ସମୟକୁ ସଞ୍ଚୟ କରେ, ଅପବ୍ୟୟ କରାଏ ନାହିଁ। ମଣିଷକୁ ସାହାଯ୍ୟ କରେ ଅନ୍ୟ ସହିତ କନେକ୍ଟେଡ୍ ବା ଯୋଡ଼ି ହୋଇ ରହିବା ପାଇଁ; ଯେତେ ଦୂରରେ ଦୁଇ ଜଣ ଥିଲେ ବି। ଯିଏ କମ୍ କଥା ହୁଏ, ବେଶୀ ସମୟ ନିରବ ରୁହେ, ସେ ଜଣେ ଉତ୍ତମ ଶ୍ରୋତା ହୋଇପାରେ ଓ ଅନ୍ୟକୁ ବୁଝିବାକୁ ତାକୁ ସମୟ ମିଳେ। ବେଶୀ କଥା ହେଲେ କଥା ଭିତରେ ଅନେକ ଅକଥା ବି ପଶିଯାଇ ପାରେ। ତାହା ହୁଏତ କାହାକୁ ଆଘାତ ଦେଇପାରେ। କାରଣ ଯେ କୁହେ, ତାର ପ୍ରତିଟି ଶବ୍ଦକୁ ଅନ୍ୟ ଜଣେ ମାପେ। କମ୍ କଥା ହେଲେ ପରସ୍ପର ସହିତ ସଂଘାତ କମ୍ ହୁଏ। ପୁଣି ଜଣେ ଯଦି ଅନାବଶ୍ୟକ ଭାବରେ ନିରବ ହୋଇଯାଏ, କଥା ନକୁହେ, ହୁଏତ କେହି ଭାବିପାରେ ତା'ର ମୋ କଥା ଶୁଣିବାରେ ଆଗ୍ରହ ନାହିଁ। କଥା ହେବା, ନହେବା, ନିରବ ରହିବା, ଉତ୍ତମ ଶ୍ରୋତା ହେବା, ସଂପର୍କ ଭିତରେ ଦୂରତା ସୃଷ୍ଟି ହେବା ଆଦି ଅନେକ ଦିଗ ହୁଏତ ଅଛି ଏସବୁର, କିନ୍ତୁ ଭାରସାମ୍ୟ ରଖି କଥା ହେବା ସବୁଠୁ ଉତ୍ତମ ହୋଇପାରେ।

ତେବେ ସେହି ଗବେଷଣା ଏକ ପ୍ରଶ୍ନ ଉଠାଇଛି ଆମର ଜୀବନଶୈଳୀ ଉପରେ। ଆଉ ସୂଚାଇ ଦେଇଛି- ଆମେ ଯେତେ ଦ୍ରୁତ ଯୋଗାଯୋଗ କରିବା, ଭାବ ଆଦାନ ପ୍ରଦାନ କରିବା, ସେତେ ବି ତା'ର ଗାମ୍ଭୀର୍ଯ୍ୟ ହରାଇବା। ଏହି ଗଭୀରତା ଆସେ ବାସ୍ତବ କଥାବାର୍ତ୍ତାରେ, ମେସେଜ୍ ଦ୍ରୁତ ପଠାଇବାରେ ନୁହେଁ। 'ହାଏ', 'ହାଲୋ' ଭିତରେ ନୁହେଁ। ଏହାର ମାନେ ନୁହେଁ ମଣିଷ ଭୁଲିଯିବ- 'ଆର୍ଟ ଅଫ୍ ଟେକ୍ସଟିଂ' ବା କଥାବାର୍ତ୍ତା ପଠାଇବାର କୌଶଳ। ଦୁଇଟିଯାକର ଆବଶ୍ୟକତା ଅଛି ଆମ ଜୀବନରେ। ଯେତେବେଳେ ଆବଶ୍ୟକ ଏହି ଟେକ୍ସଟ୍ ମେସେଜ୍ ପଠାଅ, କଲ୍ କର, ଯାହାର କିଛି ମାନେ ଅଛି। ଆପ୍‌ଗୁଡ଼ିକୁ ବ୍ୟବହାର କର ଯେତେବେଳେ ଏହା ସାହାଯ୍ୟ କରିବ ଆମକୁ। ଆଉ କଥା କୁହ, ଯେବେ ସେହି ମୁହୂର୍ତ୍ତଟି ଏହା ଦାବି କରୁଥିବ। ଅର୍ଥାତ୍ ସବୁ ନିଜ ଆୟତ୍ତରେ ଥାଉ, ପାଖରେ ଥାଉ ଆଉ ସେସବୁ ବ୍ୟବହାରର ଅପେକ୍ଷା ରଖୁ। ଆଉ ଭୁଲିଯିବା ଆଦୌ ଉଚିତ୍ ନୁହେଁ ମଣିଷ ଭାଷାର ମୂଲ୍ୟ। ଯେତେ ଯାହା କିଛି ହେଉ, ମଣିଷ ମଣିଷ ଭିତରେ କଥା ହେବାର ବିକଳ୍ପ କିଛି ହୋଇ ନପାରେ।

**ଭିଆଇଏମ୍-୭୪୧, ଶୈଳଶ୍ରୀ ବିହାର, ଭୁବନେଶ୍ୱର**
**ମୋ: ୯୪୩୭୩୦୭୪୮୬**

# ଲକ୍ଷ୍ୟ ପ୍ରାପ୍ତିର ତୃତୀୟ ମାର୍ଗ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ମଣିଷ ଜୀବନ ଇଚ୍ଛା, ସ୍ୱପ୍ନ ଏବଂ ଲକ୍ଷ୍ୟର ସମଷ୍ଟି। କେହି ଚାକିରି ପାଇଁ ଚେଷ୍ଟା କରେ, କେହି ବ୍ୟବସାୟରେ ସଫଳ ହେବାକୁ ଚାହେଁ, କେହି ନାମ ଓ ଯଶ ପାଇବାର ସ୍ୱପ୍ନ ଦେଖେ। କିନ୍ତୁ ଲକ୍ଷ୍ୟ ପ୍ରତି ମଣିଷର ଦୃଷ୍ଟିଭଙ୍ଗୀ ସବୁବେଳେ ସମାନ ନୁହେଁ। କେତେଜଣ ଯାହା ମିଳିଲା, ସେଥିରେ ସନ୍ତୁଷ୍ଟ ହୋଇ ଜୀବନରେ ଆଗକୁ ବଢ଼ନ୍ତି। ଆଉ କେତେଜଣ ଲକ୍ଷ୍ୟ ପୂରଣ ନ ହେବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖନ୍ତି, ଯଦିଓ ସେହି ଦୀର୍ଘ ସଂଘର୍ଷରେ ଜୀବନର ଅନେକ ସୁନ୍ଦର ମୁହୂର୍ତ୍ତ ହାତଛଡ଼ା ହୋଇଯାଏ। ଏହି ଦୀର୍ଘ ପ୍ରକ୍ରିୟାରେ ଅଭିଳାଷ ପୂରଣଜନିତ ଆନନ୍ଦ ଉପଭୋଗ ଅଧୁରା ରହିଯାଏ। ତେବେ ଲକ୍ଷ୍ୟ ପ୍ରାପ୍ତିର କ'ଣ ଏଇ ଦୁଇଟି ହିଁ ମାର୍ଗ ରହିଛି! ନା କିଛି ତୃତୀୟ ମାର୍ଗ ମଧ୍ୟ ଏହା ପାଇଁ ଆପଣେଇ ନିଆଯାଇପାରେ- ଯେଉଁଠି ଲକ୍ଷ୍ୟଠାରୁ ବେଶି ମହତ୍ତ୍ୱ ପାଏ ପ୍ରୟାସ ଏବଂ ଯାତ୍ରା? ତେବେ ସେଇ ତୃତୀୟ ମାର୍ଗକୁ ନେଇ ଆଜିର ଆଲୋଚନା।

ଧରି ନିଅନ୍ତୁ ଆପଣ କୌଣସି ଇଚ୍ଛା ପୋଷଣ କରୁଛନ୍ତି ଏବଂ ତାକୁ ପୂରା କରିବା ପାଇଁ ଯଥେଷ୍ଟ ଚେଷ୍ଟା ମଧ୍ୟ କରୁଛନ୍ତି। ତେବେ ଧ୍ୟାନ ରହେ ଯେ ଆପଣ ଯେଉଁ ପରିଶ୍ରମ କରୁଛନ୍ତି, ତଜ୍ଜନିତ ଆନନ୍ଦକୁ ଉପଭୋଗ ଯେମିତି କରି ପାରନ୍ତି। ଦେଖାଯାଏ ଯେ ଚେଷ୍ଟା ଏବଂ ପରିଶ୍ରମ ପାଇଁ ଆବଶ୍ୟକ ସେଇ ସମୟ କାଳ ଭିତରେ କେତେ ଜଣ ଚିଡ଼ିଚିଡ଼ି ହୁଅନ୍ତି, ଭିନ୍ନ ଭିନ୍ନ ଅଭିଯୋଗ କରନ୍ତି। କେବଳ ଇଚ୍ଛା ପୂରଣ ହେଲେ ହିଁ ଆନନ୍ଦିତ ହୁଅନ୍ତି। ଅପର ପକ୍ଷେ, କେତେ ଜଣ ପରିଶ୍ରମ କରିବା ଦ୍ୱାରା ଏତେ ଥକି ଯାଆନ୍ତି ଯେ ପାଇଥିବା ସଫଳତାର ଆନନ୍ଦ ଉଠେଇବା ପାଇଁ ତାଙ୍କ ଭିତରେ ନା ଶକ୍ତି ଥାଏ, ନା ଉତ୍ସାହ। ଏଥିରୁ ଆକଳନ କରାଯାଇପାରେ ଯେ ଶ୍ରମ ଓ ସମୟ ଦେବା ଠିକ୍; ମାତ୍ର ପରିଶେଷରେ ଏହି ଯାତ୍ରା ଯଦି ଆନନ୍ଦ ଦେଉ ନାହିଁ, ତେବେ ତାହା ପ୍ରକୃତ ଲକ୍ଷ୍ୟ ପ୍ରାପ୍ତି ନୁହେଁ। କଥାଟି ତ ଏମିତି ହେଲା ଯେ ଆପଣ ଭବିଷ୍ୟତରେ ଖୁସି ପାଇବା ପାଇଁ ବର୍ତ୍ତମାନର ଆନନ୍ଦପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକୁ ଅଣଦେଖା କରୁଛନ୍ତି। ସତ କହିବାକୁ ଗଲେ, ଭବିଷ୍ୟତ କିଏ ଦେଖିଛି? ସେଥିପାଇଁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଯାତ୍ରାକୁ ଉପଭୋଗ କରିବାର କଳା ହିଁ ମଣିଷ ଶିଖିବା ଉଚିତ।

ଧରନ୍ତୁ, ଜଣେ ଛାତ୍ର ସରକାରୀ ଚାକିରି ପାଇଁ ପ୍ରସ୍ତୁତି କରୁଛନ୍ତି। ଯଦି ସେ ପ୍ରତି ଦିନ କେବଳ ନିଯୁକ୍ତିପତ୍ରକୁ ଆଖି ଆଗରେ ରଖି ପଢ଼ନ୍ତି, ତେବେ ପ୍ରତ୍ୟେକ ବିଫଳତା ତାଙ୍କୁ ନିରାଶ କରିବ। କିନ୍ତୁ ଯଦି ସେ ପ୍ରତି ଦିନ କିଛି ନୂଆ ଶିଖିବାର ଆନନ୍ଦ, ନିଜର ଜ୍ଞାନ ବୃଦ୍ଧିର ସନ୍ତୋଷ ଏବଂ ଆତ୍ମବିଶ୍ୱାସର ବିକାଶକୁ ଉପଭୋଗ କରନ୍ତି, ତେବେ ଚାକିରି ଶୀଘ୍ର ମିଳୁ କିମ୍ବା ବିଳମ୍ବରେ, ତାଙ୍କର ପ୍ରୟାସ କେବେ ବ୍ୟର୍ଥ ହେବ ନାହିଁ। ସେହିପରି ଜଣେ ଖେଳାଳି କେବଳ ସ୍ୱର୍ଣ୍ଣପଦକ ଜିତିବାର ଚିନ୍ତାରେ ଦୌଡ଼ିଲେ ପରାଜୟ ତାଙ୍କ ପାଇଁ ଅସହ୍ୟ ହୋଇଯିବ। କିନ୍ତୁ ଯଦି ସେ ପ୍ରତି ଦିନର ଅଭ୍ୟାସ, ନିଜ ରେକର୍ଡ ଭାଙ୍ଗିବାର ଉତ୍ସାହ ଏବଂ ଶାରୀରିକ-ମାନସିକ ବିକାଶକୁ ଉପଭୋଗ କରନ୍ତି, ତେବେ ପଦକ ନ ମିଳିଲେ ମଧ୍ୟ ସେ ବିଜୟୀ। କାରଣ, ପ୍ରକୃତ ବିଜୟ ଅନ୍ୟକୁ ହରାଇବାରେ ନୁହେଁ, ନିଜକୁ ପ୍ରତି ଦିନ ଆହୁରି ଉନ୍ନତ କରିବାରେ ରହିଛି। ଆଜିର ସାମାଜିକ ଗଣମାଧ୍ୟମ ଯୁଗରେ ଏହି ଶିକ୍ଷା ଆହୁରି ଅଧିକ ପ୍ରାସଙ୍ଗିକ। ଅନେକେ ଭଲ ଲେଖନ୍ତି, ସୁନ୍ଦର ଚିତ୍ର ଆଙ୍କନ୍ତି କିମ୍ବା ସୃଜନଶୀଳ ଭିଡିଓ ପ୍ରସ୍ତୁତ କରନ୍ତି। କିନ୍ତୁ ତାଙ୍କର ଧ୍ୟାନ ସୃଷ୍ଟିର ଆନନ୍ଦ ଉପରେ ନ ଥାଇ 'ଲାଇକ୍', 'ଶେୟାର' ଏବଂ ପ୍ରଶଂସା ଉପରେ କେନ୍ଦ୍ରୀଭୂତ ରୁହେ। ଆଶାଠାରୁ କମ୍ ପ୍ରତିକ୍ରିୟା ମିଳିଲେ ସେମାନେ ନିଜ କାମକୁ ହିଁ ମୂଲ୍ୟହୀନ ଭାବି ବସନ୍ତି। ଅଥଚ ଯେଉଁ ବ୍ୟକ୍ତି ସୃଜନର ଆନନ୍ଦ ପାଇଁ କାମ କରନ୍ତି, ସେ ବାହ୍ୟ ପ୍ରଶଂସାର ଦାସ ହୁଅନ୍ତି ନାହିଁ। ତାଙ୍କର ସବୁଠାରୁ ବଡ଼ ପୁରସ୍କାର ହେଉଛି ନିଜର ସର୍ବଶ୍ରେଷ୍ଠ ପ୍ରୟାସ। ଏହି ଦର୍ଶନକୁ ଜଣେ କୃଷକଙ୍କ ଜୀବନରେ ମଧ୍ୟ ଦେଖି ପାରିବା। ସେ ବିହନ ବୁଣନ୍ତି, ଜମି ଚାଷ କରନ୍ତି, ପାଣି ଦିଅନ୍ତି, ଯତ୍ନ ନିଅନ୍ତି। ବର୍ଷା ହେବ କି ନାହିଁ, ଅମଳ କେତେ ହେବ; ସବୁକିଛି ତାଙ୍କ ହାତରେ ନଥାଏ। କିନ୍ତୁ ସେ ଚାଷ କରିବା ଛାଡ଼ି ଦିଅନ୍ତି ନାହିଁ। ନିଜ କର୍ତ୍ତବ୍ୟକୁ ନିଷ୍ଠାର ସହିତ କରିବା ହିଁ ତାଙ୍କର ଧର୍ମ। ଏହି ମନୋଭାବ ହିଁ ତୃତୀୟ ମାର୍ଗର ସାରତତ୍ତ୍ୱ।




ଏଣୁ ସବୁବେଳେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଏବଂ ପ୍ରୟାସର ଆନନ୍ଦ ଉଠାନ୍ତୁ। ଯେ କୌଣସି କାମ କରିବା ପୂର୍ବରୁ ସୁନିଶ୍ଚିତ କରନ୍ତୁ ଯେ ଆପଣ କଠିନ ପରିଶ୍ରମ ଏବଂ ଉଚିତ ବୁଝାମଣା ସହ ସବୁ କରୁଛନ୍ତି। ନିଜର ଲକ୍ଷ୍ୟ ନିର୍ଦ୍ଧାରିତ କରି ସେଗୁଡ଼ିକର ସଠିକ୍ ମୂଲ୍ୟାୟନ କରନ୍ତୁ। ଏସବୁ ପରେ ଯଦି ଆଶ୍ୱସ୍ତ ଅଛନ୍ତି, ସନ୍ତୁଷ୍ଟ ଅଛନ୍ତି, ତେବେ ଯାତ୍ରା ଅବ୍ୟାହତ ରଖନ୍ତୁ। ମନେ ରଖନ୍ତୁ- ଏଇ ଯାତ୍ରା ଭିତରେ ଅନେକ ଥର ହାରିବା ଆଉ ଜିତିବା ଆସିବ, କେବେ ପ୍ରଶଂସା ମିଳିବ ତ କେବେ ସମାଲୋଚନା; ଉଭୟକୁ ଜୀବନର ଅଂଶ ଭାବରେ ଗ୍ରହଣ କରି ଆଗେଇ ଚାଲନ୍ତୁ। ମଣିଷ ପାଇଁ ଉଭୟ ହାରିବା ଓ ଜିତିବା ଜରୁରୀ। ଜିତିବା ଅପେକ୍ଷା ପ୍ରତିସ୍ପର୍ଦ୍ଧାରେ ଭାଗ ନେବା, ସେ ସମୟକୁ ଉପଭୋଗ କରିବା ଉପରେ ବେଶି ଗୁରୁତ୍ୱ ଦେବା ଉଚିତ। ଖେଳ, ପରୀକ୍ଷା ହେଉ କିମ୍ବା ପ୍ରତିଯୋଗିତା- ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଏବଂ ପରିଣାମକୁ ଗ୍ରହଣ କରିନେବାର ଉଦାରତା ସମସ୍ତଙ୍କ ଭିତରେ ରହିବା ଅତ୍ୟନ୍ତ ଆବଶ୍ୟକ। ହାରିବା ବି ସେତିକି ଜରୁରୀ, ଯେତିକି ଜିତିବା; କାରଣ ପରାଜୟ ହିଁ ବ୍ୟକ୍ତିକୁ ନିଜର ଦୁର୍ବଳତା ବିଷୟରେ ଅବଗତ କରାଏ। ପରବର୍ତ୍ତୀ ସମୟରେ ଏହାକୁ ବିଶ୍ଳେଷଣ କରି ସେଥିରେ ସୁଧାର ଆଣିବାର ନୂତନ ପଥ ପ୍ରସ୍ତୁତ କରାଯିବାର ସମ୍ଭାବନା ଓ ସୁଯୋଗ ରୁହେ।

ତେବେ ତୃତୀୟ ମାର୍ଗ ଆମକୁ ଶିକ୍ଷା ଦିଏ ଯେ ଲକ୍ଷ୍ୟସ୍ଥଳକୁ ପହଞ୍ଚ କିମ୍ବା ନ ପହଞ୍ଚ, ତାକୁ ପାର କରିବା ସମୟରେ ଯେଉଁ ରୋମାଞ୍ଚ, ଥକ୍କାପଣ, ଉତ୍ସାହ ମଣିଷ ଅନୁଭବ କରିବ, ସେଇ ସୁଖଦ ଅନୁଭୂତି ତା'ଠାରୁ କେହି ଛଡ଼ାଇ ନେଇ ପାରିବେ ନାହିଁ। 'ଗନ୍ତବ୍ୟ ଅପେକ୍ଷା ଯାତ୍ରାକୁ ଭଲ ପାଇବା, ସଫଳତା ଅପେକ୍ଷା ପ୍ରୟାସକୁ ଉତ୍ସବ ରୂପେ ପାଳନ କରିବା'- ଏହି ଦୃଷ୍ଟିଭଙ୍ଗୀ ହିଁ ଜୀବନକୁ ଅଧିକ ସରଳ, ସାର୍ଥକ ଏବଂ ଆନନ୍ଦମୟ କରିପାରେ।

**ଭୁବନେଶ୍ୱର**
**ମୋ: ୬୩୭୦୫୧୬୪୭୮**

## ସମ୍ପାଦକଙ୍କୁ ପତ୍ର

# ଛାତ୍ର ସମାଜ ରାଜନୀତିଠାରୁ ଦୂରେଇ ରୁହନ୍ତୁ

ସମ୍ପ୍ରତି ଦେଶରେ ବିଭିନ୍ନ ରାଜନୈତିକ ଦଳ ଭିନ୍ନ ଭିନ୍ନ ଉପାୟରେ ଛାତ୍ର ସମାଜକୁ ପ୍ରଲୋଭିତ, ପ୍ରଭାବିତ ଏବଂ ଆକର୍ଷିତ କରି ନିଜ ନିଜ ଦଳରେ ସାମିଲ କରାଉଛନ୍ତି। ଫଳରେ ଛାତ୍ରଛାତ୍ରୀମାନେ ନିଜ ନିଜ ଇପ୍‌ସିତ ଲକ୍ଷ୍ୟରୁ ବିଚ୍ୟୁତ ହେବା ସହିତ ଦିଗଭ୍ରଷ୍ଟ ହୋଇ ଯାଉଛନ୍ତି। ରାଜନୈତିକ ଫାଇଦା ହାସଲ ପାଇଁ ପ୍ରାୟତଃ ସବୁ ଦଳ ଛାତ୍ରମାନଙ୍କୁ ମୋହରା ବନାଇ ଦେଉଛନ୍ତି। ଏପରିକି, କୋମଳମତି ଛାତ୍ରଛାତ୍ରୀମାନେ ନିଜ ନିଜ ଶିକ୍ଷାଗତ, ବୃତ୍ତିଗତ ପାଠ୍ୟକ୍ରମ ପ୍ରତି ଧ୍ୟାନ ନଦେଇ ରାଜନୈତିକ ଦଳ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମରେ ଯଥା ହରତାଳ, ପ୍ରତିବାଦ ସଭା, ଗଣ ଧାରଣା, ଦଙ୍ଗା ହଙ୍ଗାମା ଆଦି ଅବାଞ୍ଛିତ କାର୍ଯ୍ୟକଳାପରେ ଯୋଗ ଦେଉଛନ୍ତି। ତା' ଛଡ଼ା ଭିନ୍ନ ଭିନ୍ନ ରାଜନୈତିକ ଦଳଙ୍କ ପ୍ରଭାବରେ ଛାତ୍ର ସମାଜ ବିଭାଜିତ ହୋଇ ଯାଉଛି। ଛାତ୍ରମାନଙ୍କ ଅନ୍ତର୍ନିହିତ ବୃତ୍ତିଗତ ମେଧା ଶକ୍ତି କ୍ରମଶଃ ହ୍ରାସ ପାଉଛି। ଏହା ଯେ ଦେଶ ତଥା ସମାଜ ପାଇଁ ଶୁଭଙ୍କର ନୁହେଁ, ଏକଥା ଜାଣି ମଧ୍ୟ ସମସ୍ତେ ନିରବଦ୍ରଷ୍ଟା ସାଜୁଥିବା ଦେଖାଯାଉଛି। ଯେଉଁ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ରାଜନୀତିକୁ ନିଜର ବୃତ୍ତି ଭାବରେ ଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛନ୍ତି, ସେମାନେ ଅନ୍ତତଃ ଛାତ୍ରାବସ୍ଥାରୁ ନୁହେଁ, ବରଂ ଶିକ୍ଷା ସମାପ୍ତି ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଅନ୍ୟଥା ଦେଶର ସମସ୍ତ ଛାତ୍ର ସମାଜ ରାଜନୀତିଠାରୁ ଦୂରେଇ ରହିବା ଶ୍ରେୟସ୍କର।

**ଅବନୀ ଚନ୍ଦ୍ର ଦାସ,**
**ସାଇ ସଦନ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

# ଭାରତ-ଅଷ୍ଟ୍ରେଲିଆ ଓ ୟୁରାନିୟମ୍

ନିକଟରେ ଭାରତକୁ ଅଷ୍ଟ୍ରେଲିଆ ୟୁରାନିୟମ୍ ଯୋଗାଇବା ନେଇ ହୋଇଥିବା ଚୁକ୍ତି ଏମିତି ଏକ ସମୟରେ ସମ୍ପାଦିତ ହୋଇଛି, ଯେତେବେଳେ କି ଭାରତ ଏକ ଘୋର ସଂକଟପୂର୍ଣ୍ଣ ସମୟ ଦେଇ ଗତି କରୁଛି। ମୋଟର ଗାଡ଼ିଗୁଡ଼ିକରେ ଇଥାନଲ୍ ମିଶ୍ରିତ ଜାଳେଣି ବ୍ୟବହାର କରିବାକୁ ନେଇ ବୃଦ୍ଧି ପାଉଥିବା ଚିନ୍ତା (ଆଧାର ଥିବା ଏବଂ ନଥିବା); ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ଯୋଗୁଁ ରୋଷେଇ ଘରର ଖାଦ୍ୟ ପ୍ରସ୍ତୁତି ଅଧିକ ମହଙ୍ଗା ହେବା; ଏବଂ ହର୍ମୁଜ୍ ପ୍ରଣାଳୀରେ ପୁଣିଥରେ ଆମେରିକା-ଇରାନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯିବା ଭିତରେ ନିଜର ଶକ୍ତି ଉତ୍ସକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ନୂଆଦିଲ୍ଲୀର ଉଦ୍ୟମ ଉପରୋକ୍ତ ମହତ୍ତ୍ୱପୂର୍ଣ୍ଣ ପ୍ରଗତି ସହିତ ଏକ ବଡ଼ ଧରଣର ପ୍ରୋତ୍ସାହନ ଲାଭ କରିଛି। ଭାରତର ଆଣବିକ ଶକ୍ତି କାର୍ଯ୍ୟକ୍ରମ ନିମନ୍ତେ ଅଷ୍ଟ୍ରେଲୀୟ ୟୁରାନିୟମ୍ ଯୋଗାଣ ହାସଲ କରିବା ଉପରେ ଏକ ଚୁକ୍ତି ସମ୍ପାଦିତ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଷ୍ଟ୍ରେଲିଆ ଗସ୍ତର ଏକ ସଫଳ ବାର୍ତ୍ତା କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ଭାରତର ସ୍ୱଚ୍ଛ ଶକ୍ତି ଉଦ୍ଦେଶ୍ୟ, ଯେଉଁଥିପାଇଁ ବିଗତ ୧୨ ବର୍ଷ ଧରି- ଯେହେତୁ ଭାରତ ଏବଂ ଅଷ୍ଟ୍ରେଲିଆ ୨୦୧୪ରେ ଏକ ବେସାମରିକ ଆଣବିକ ସହଯୋଗ ଚୁକ୍ତି ସ୍ୱାକ୍ଷର କରିବାକୁ ସହମତ ହୋଇଥିଲେ- ଯୋଜନାଗୁଡ଼ିକ ହୁଏତ ସ୍ଥାଣୁ ହୋଇ ଯାଇଥିଲା, ନଚେତ୍ ମାନ୍ଦା ଗତିରେ ଆଗଉ ଥିଲା, ତାହା ନୂତନ ଉତ୍ସାହର ସହିତ ଏଣିକି ତା'ର ଗତି ପଥରେ ଦ୍ରୁତ ଗତିରେ ଆଗେଇ ପାରିବ। ନିଜର ସବୁଜ ଶକ୍ତି ଉତ୍ପାଦନ ବୃଦ୍ଧି କରିବା ସହିତ ଅଶୋଧିତ ତୈଳ ଯୋଗାଣରେ ଅନିଶ୍ଚିତତାରୁ ମୁକ୍ତି ପାଇବା ସଙ୍ଗେ ସଙ୍ଗେ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଥିବା ଅଙ୍ଗାରକ ପଦାର୍ଥଙ୍କୁ କମାଇବା ଉଦ୍ଦେଶ୍ୟରେ ଭାରତ ବିପୁଳ ପରିମାଣର ୟୁରାନିୟମ୍ ଆବଶ୍ୟକ କରୁଥିବା ବେଳେ ଏହି ଚାହିଦାକୁ ପୂରଣ କରିବା ନିମନ୍ତେ ଅଷ୍ଟ୍ରେଲିଆ ତା'ର ଖଣିଜ ଉତ୍ତୋଳନକାରୀମାନଙ୍କ ସହଯୋଗ ଲାଭ କରିବା ପାଇଁ ଇତି ମଧ୍ୟରେ ପ୍ରସ୍ତୁତି ଚଳାଇ ଥିଲା। ସମ୍ପ୍ରତି ଏହି ଚୁକ୍ତି ସମ୍ପାଦିତ ହେବା ସମଗ୍ର ବିଶ୍ୱକୁ ଏକ ବାର୍ତ୍ତା ପ୍ରଦାନ କରିଛି ଯେ ୟୁରାନିୟମ୍‌ର ଶାନ୍ତିପୂର୍ଣ୍ଣ ଭାବରେ ବ୍ୟବହାର କରିବାକୁ ଭାରତ ପ୍ରଦର୍ଶନ କରିଥିବା ଆଗ୍ରହ ଏହାକୁ ଉପରୋକ୍ତ ଖଣିଜ ଦ୍ରବ୍ୟର ଏକ ନିର୍ଭରଯୋଗ୍ୟ ବ୍ୟବହାରକାରୀ ଭାବରେ ପ୍ରମାଣିତ କରିଛି।

୨୦୧୪ ପରଠାରୁ ୟୁରାନିୟମ୍‌ର ବ୍ୟବହାର କ୍ଷେତ୍ରରେ ତୃଣମୂଳ ସ୍ତରର ବାସ୍ତବତାରେ ଯଥେଷ୍ଟ ପରିବର୍ତ୍ତନ ଘଟିଛି, କାରଣ ଏକ ଆଣବିକ ଦୁର୍ଘଟଣା କ୍ଷେତ୍ରରେ ଦଣ୍ଡନୀୟତା ଏବଂ କ୍ଷତିପୂରଣକୁ ନେଇ ରହିଥିବା ବ୍ୟବସ୍ଥାରେ ୨୦୨୫ର 'ଶାନ୍ତି ଆଇନ'ରେ ଅଦଳ ବଦଳ କରାଯାଇଛି, ଯାହା ଆନ୍ତର୍ଜାତିକ ମାନକଗୁଡ଼ିକ ପାଇଁ ଉତ୍ତରଦାୟିତ୍ୱକୁ ସୀମିତ କରିଛି। ଉପରୋକ୍ତ ୧୨ ବର୍ଷ ଭିତରେ ଆଣବିକ ଜାଳେଣି ବିକ୍ରୟକୁ ନେଇ ଅନେକ କଥା ହୁଏତ କୁହାଯାଇଥାଇ ପାରେ, କିନ୍ତୁ ୟୁରାନିୟମ୍‌କୁ କେବେ ବି ଅବହେଳିତ ଦୃଷ୍ଟିରେ ଦେଖାଯାଇ ନାହିଁ। ୨୦୪୭ ସୁଦ୍ଧା ୧୦୦ ଜିଡବ୍ଲ୍ୟୁ (୨୦୩୨ ସୁଦ୍ଧା ୨୨.୫ଜିଡବ୍ଲ୍ୟୁ)ର ଆଣବିକ ଶକ୍ତି ଉତ୍ପାଦନ କରିବା ନିମନ୍ତେ ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଭାରତର ସାମ୍ପ୍ରତିକ ପ୍ରତିଷ୍ଠିତ ସାମର୍ଥ୍ୟ ୨୫ଟିଯାକ ପ୍ଲାଣ୍ଟରୁ ମାତ୍ର ୮.୮ ଜିଡବ୍ଲ୍ୟୁ, ଯାହା ଦେଶର ଶକ୍ତି ଉପଭୋଗ ବା କଞ୍ଜମ୍ପସନ୍‌ର ମାତ୍ର ହାରାହାରି ତିନି ପ୍ରତିଶତ ଉତ୍ପାଦନ କରିଥାଏ। ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲ୍‌ବାନିଜ୍ ଯେପରି ଦର୍ଶାଇଛନ୍ତି, ୨୦୧୪ ପୂର୍ବର ଦ୍ୱିପାକ୍ଷିକ ସମ୍ପର୍କ- ଏବଂ ସମ୍ଭବତଃ ବିଗତ ୧୨ ବର୍ଷ ଭିତରର ସମ୍ପର୍କ- ସେପରି 'ମହତ୍ତ୍ୱପୂର୍ଣ୍ଣ' ସ୍ଥାନ ପାଇ ନଥିଲା ଏବଂ ବର୍ତ୍ତମାନ ସମୟରେ ହିଁ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ଭାଗିଦାର ଭାବରେ ବିବେଚିତ ହେବା ପାଇଁ ପ୍ରସ୍ତୁତ ହେବା ଭଳି ମନେ ହେଉଛି, ଯଦିଓ ଏକ ମିତ୍ର ଭାବରେ ନୁହେଁ, ଯଦ୍ୟପି ଉଭୟ ଦେଶ କ୍ୱାଡ୍ ଦେଶମାନଙ୍କ ଗୋଷ୍ଠୀରେ ସମାନ ଅଂଶୀଦାର ରହିଛନ୍ତି। ଆଣବିକ ଚୁକ୍ତି ଏହି ନୂତନ ପ୍ରୟାସର ମସ୍ତକରେ ଟୋପି ପିନ୍ଧାଇ ପାରିଛି ଏବଂ ଚୀନ୍ ଉପରେ ବିଭିନ୍ନ ପ୍ରକାରର ମତ ରହିଥିବା ନିର୍ବିଶେଷରେ ଏହା ଦ୍ୱିପାକ୍ଷିକ ଦିଗଗୁଡ଼ିକୁ ଆଗକୁ ଆଗେଇ ନେବ।

ପ୍ରଧାନମନ୍ତ୍ରୀ ମୋଦୀ ଉଚ୍ଛ୍ୱସିତ ଭାବରେ କହିଛନ୍ତି ଯେ ଭାରତ-ପ୍ରଶାନ୍ତ ମହାସାଗର କେବଳ ଦୁଇଟି ମହାସାଗରର ଏକ ମିଳନ ସ୍ଥଳ ନୁହେଁ, ଏହା ମଧ୍ୟ ସାମ୍ପ୍ରତିକ ଭୂରଣନୀତିକ ଆଶଙ୍କା ଏବଂ ସନ୍ଦେହ ଦୃଷ୍ଟିରୁ ସାମୁଦ୍ରିକ ସୁରକ୍ଷା ଉପରେ ଆବଣ୍ଟିତ ଚିନ୍ତାର ପ୍ରତୀକ। ଇଣ୍ଡୋନେସିଆ ତଥା ଅଷ୍ଟ୍ରେଲିଆ ସହିତ ଅନେକ ସଂଖ୍ୟକ ଚୁକ୍ତି ସମ୍ପାଦନ କରିବା ସାମୁଦ୍ରିକ ବ୍ୟାପାରରେ ଘନିଷ୍ଠ ସହଯୋଗକୁ କାର୍ଯ୍ୟକ୍ଷମ କରିବା ଆଶା କରାଯାଉଛି, ଯେଉଁଥିରେ ତଥ୍ୟ ଆବଣ୍ଟନର ଏକ ସୁଗମକାରୀ ଏବଂ ସଂଯୋଜକ ଭାବରେ ଭାରତର ଭୂମିକା ବୃଦ୍ଧି ପାଇ ଚାଲିଛି। ସାମ୍ପ୍ରତିକ ସମୟର ଭୂରାଜନୀତିକ ପରିବର୍ତ୍ତନ ଏବଂ ଆମେରିକାର ବାଣିଜ୍ୟ କାରବାରଜନିତ ପଦକ୍ଷେପରୁ ଅନ୍ୟ ଏକ ବଡ଼ ଚିନ୍ତାର ଉଦ୍ଭବ ଘଟିଛି, ଯାହା ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟଗୁଡ଼ିକ କ୍ଷେତ୍ରରେ ରହିଛି ଏବଂ ଏଥିପାଇଁ ଭାରତର ଯୋଗାଣ ଶୃଙ୍ଖଳ ଅନ୍ୱେଷଣ ଜାରି ରହିଛି, କାରଣ ଚୀନ୍ ଏହି ପଦାର୍ଥଗୁଡ଼ିକୁ ଯୋଗାଇବା ଉପରେ ଅଙ୍କୁଶ ଲଗାଇଛି। ଆଉ ଏହି ପରିପ୍ରେକ୍ଷୀରେ ନିଜର ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡ଼ିକ ତାଲିକାରୁ ଅନେକ ସଂଖ୍ୟକ ପଦାର୍ଥ ଯୋଗାଇବା କ୍ଷେତ୍ରରେ ଅଷ୍ଟ୍ରେଲିଆର ସାମର୍ଥ୍ୟ ରହିଥିବା ଦୃଷ୍ଟିରୁ ଏହାକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇପାରେ। ୨୦୨୨ର ଏକ ଅନ୍ତରୀଣ ଚୁକ୍ତି ଉପରେ ଅଗ୍ରଗତି କରିବାକୁ ଯାଇ ଦେଶମାନେ ଏକ ପୂର୍ଣ୍ଣାଙ୍ଗ ଇସିଟିଏ ନିର୍ମାଣ କରିବା ଦିଗରେ ଆଗଉ ଥିବା ବେଳେ ଭାରତ ମଧ୍ୟ ଅଷ୍ଟ୍ରେଲିଆ ସହିତ ବାଣିଜ୍ୟିକ ନିଅଣ୍ଟକୁ ହ୍ରାସ କରିବା ଆଶା କରିପାରେ। ନିବେଶଗୁଡ଼ିକର ଆଗମନ ଆରମ୍ଭ ହୋଇଥିବା ବେଳେ- ଭାରତର ଭିତ୍ତିଭୂମି ପାଣ୍ଠିରେ ଏକ ଅଷ୍ଟ୍ରେଲୀୟ ପେନ୍‌ସନ୍ ପାଣ୍ଠି ୩୪୬ ମିଲିଅନ୍ ଡଲାର ନିବେଶ କରିବାକୁ ଚାହୁଁଛି ଏବଂ ନ୍ୟୁଜିଲ୍ୟାଣ୍ଡ ୨୦ ବିଲିଅନ୍ ଡଲାର ନିବେଶ କରିବାକୁ ଚିନ୍ତା କରୁଛି- ଆନ୍ତର୍ଜାତିକ ସ୍ତରରେ ଭାରତ ଖେଳୁଥିବା ଖେଳର ଗୁରୁତ୍ୱ ବୃଦ୍ଧି ପାଉଥିବା ଜଣାପଡୁଛି। ଶ୍ରୀଯୁକ୍ତ ମୋଦୀ ବେସାମରିକ ପୁରସ୍କାରଗୁଡ଼ିକରେ ମଣ୍ଡିତ ହେବା ଅପେକ୍ଷା ପ୍ରଧାନମନ୍ତ୍ରୀ ଗସ୍ତଗୁଡ଼ିକ ଅନେକ ସଂଖ୍ୟକ ମହତ୍ତ୍ୱକୁ ବହନ କରିଥାଏ, ଯାହା ଏବେ ବିଶ୍ୱ ଦରବାରରେ ଭାରତର ଦୃଢ଼ ଉପସ୍ଥିତିକୁ ଦର୍ଶାଉଛି।

# କ୍ରୋଧାଗ୍ନି

କାହା ସାଙ୍ଗରେ ନା କାହା ସାଙ୍ଗରେ ବେଳେ ବେଳେ ପାଟିଗୋଳ ଲାଗିଯାଏ। ପାଟିଗୋଳଟି ଯେତିକି ଜୋର୍‌ରେ ହେଇଥାଏ, ମିଳାମିଶା ହେବାକୁ ସେତିକି ଡେରି ହୁଏ। ଯେମିତି ପାଣି ଯେତିକି ଗରମ ଥାଏ, ହାତ ସେତିକି ଅଧିକ ତାତିଯାଏ, ସେମିତି କ୍ରୋଧରେ ବାଣୀ ଯେତିକି ତାତିଯାଏ, ମନ ସେତିକି ପୋଡ଼ିଯାଏ। ଆଉ ରାଗ ବେଳେ ଯାହା କହିଥାଅ, ତା'ର ପ୍ରାୟଶ୍ଚିତ ହେବା ବହୁତ କଷ୍ଟ। ମନେକର ଜଣେ ଛୁଞ୍ଚିରେ ପ୍ଲାଷ୍ଟିକ୍‌ଟିଏ ଫୁଟାଉଛନ୍ତି। ପ୍ଲାଷ୍ଟିକ୍ ଟାଣ ଅଛି। ସେଥିରେ ଛୁଞ୍ଚି ସହଜରେ ଯିବନି। ସେଇ ଛୁଞ୍ଚିକୁ ତତେଇ ଦେଲେ ପ୍ଲାଷ୍ଟିକ୍‌ରେ ସହଜରେ ପଶିଯିବ। ସେମିତି ଥଟ୍ଟା ପରିହାସରେ କହିଥିବା କଥା ହେଉଛି ଥଣ୍ଡା ଥିବା ଛୁଞ୍ଚି ଭଳି। ହସରେ ହସରେ କଥାଟିଏ ଚଳିଯାଏ। ତଥାପି ମନରେ କଷ୍ଟ ହୋଇଥାଏ। ପରେ ଏହାର ସମାଧାନ ହୋଇପାରେ। ହସି ହସି କହିଥିବା କଥା ପାଇଁ କ୍ଷମା ମାଗି ହୁଏ। ପୁଣି କଥାବର୍ତ୍ତା ହୁଏ। କିନ୍ତୁ ଉତ୍ତପ୍ତ ଛୁଞ୍ଚି ଟାଣ ପ୍ଲାଷ୍ଟିକ୍‌କୁ ଭେଦ କଲା ଭଳି କ୍ରୋଧ ସମୟର କଥା ବହୁତ ପୀଡ଼ା ଦିଏ। ଲୁହାର ଉତ୍ତପ୍ତ ଅବସ୍ଥା ଯାହା, ମଣିଷର କ୍ରୋଧ ଅବସ୍ଥା ସେଇଆ। ନିଜର କ୍ରୋଧ ଅବସ୍ଥାକୁ ଜଗିବା ମଣିଷର ଅନେକ ଭଲ ଗୁଣ ଭିତରୁ ଗୋଟିଏ ସୁଗୁଣ। ଆମେ ଅନ୍ୟର କ୍ରୋଧକୁ ଦେଖିପାରୁ। ନିଜର କ୍ରୋଧକୁ ସହଜରେ ଦେଖି ପାରୁନା। ନିଜେ ଶାନ୍ତ ହୋଇଗଲା ପରେ ଆମେ ଜାଣିପାରୁ ଯେ 'ମୁଁ ରାଗିଥିଲି। ସେହି ଅବସ୍ଥାରେ କ'ଣ ନାହିଁ କ'ଣ କହି ଦେଇଛି।'

ବାସ୍ତବରେ ରାଗିଥିବା ଲୋକକୁ ଭଲ କଥା ହିଁ ଖରାପ ଲାଗେ। କିଛି ଚତୁର ଲୋକ ଅଛନ୍ତି, ଯଦି ଆପତ୍ତି ଅଭିଯୋଗ ଥାଏ ଆଉ ବାବୁ ରାଗି ଥାଆନ୍ତି, ତେବେ ସେ ସମୟରେ ବାବୁଙ୍କ ପାଖ ମାଡ଼ନ୍ତିନି। ବାବୁ ଶାନ୍ତ ଥିଲାବେଳେ କାମ ହାସଲ କରନ୍ତି। ଲୋକେ ରାଗ ଅବସ୍ଥାକୁ ଗରମ ଆଉ ଶାନ୍ତ ଅବସ୍ଥାକୁ ଥଣ୍ଡା ବୋଲି କହନ୍ତି। ଏ କଥାଟି କେଉଁ କାଳରୁ ଚଳି ଆସିଛି। ଯିଏ ବି କ୍ରୋଧ ଓ ଶାନ୍ତପଣ ପାଇଁ ଏ ଦୁଇଟି ଶବ୍ଦ ଯୋଡ଼ିଛନ୍ତି, ଖୁବ୍ ଚତୁରତାର ସହିତ କହିଛନ୍ତି। କାରଣ ଗରମ ତାୱାରେ ପାଣି ପଡ଼ିଲେ ସାଙ୍ଗେ ସଙ୍ଗେ ବାଷ୍ପ ହୋଇଯିବ। ଥଣ୍ଡା ଜାଗାରେ ପାଣି କିଛି ସମୟ ରୁହେ। ସେମିତି କ୍ରୋଧିତ ଅବସ୍ଥାରେ ସବୁ ଅନୁରୋଧ ଆବେଦନ ଧୂଆଁ ହେଇଯାଏ। ତେଣୁ କ୍ରୋଧୀ ମଣିଷ ସହିତ ହୁସିଆରରେ କାରବାର କରିବାକୁ ହୁଏ। କାରଣ ନିଆଁରେ ପାଣି ତାତିଯାଏ। କ୍ରୋଧରେ ବାଣୀ ତାତିଯାଏ। ନିଆଁରେ ବସିଥିବା ପାଣିରେ ଦେହ ପୋଡ଼ିଯାଏ। କ୍ରୋଧିତ ଅବସ୍ଥାରେ ବାଣୀରେ ମନ ପୋଡ଼ିଯାଏ। ତତଲା ପାଣିରୁ ବାମ୍ଫ ବାହାରେ। ତତଲା ବାଣୀରୁ ଘୃଣା ବାହାରେ। ଯେମିତି ଜଳନ୍ତା ଚୁଲା ଉପରେ ତାୱା ରଖିଲେ ତାହା ଗରମ ହୋଇଯାଏ, ସେଇ ତାୱା ଉପରେ ପିଠାଖଡ଼ିକା ଥିଲେ ତାହା ବି ଗରମ ହୋଇଯାଏ; ସେମିତି କ୍ରୋଧରେ ଥିବା ମଣିଷ ପାଖରେ କିଛି ସମୟ ରହିଲେ ତା'ର ପ୍ରଭାବରେ ସାଧାରଣ ମଣିଷ ଭିତରେ କ୍ରୋଧ ଜାତ ହୁଏ। ଏହି କ୍ରୋଧ ଜନ୍ମ ହେବାକୁ ସହଜରେ ଅନୁଭବ କରି ହୁଏନା। ତେଣୁ କ୍ରୋଧର ନିଆଁ ଲିଭେଇବାକୁ ସାଧନାର ଆଶ୍ରୟ ନେବାକୁ ହେବ।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ନାଟ୍ୟ ନିର୍ଦ୍ଦେଶକ ସଂଘର ବାର୍ଷିକୋତ୍ସବ



**କୁଆଖିଆ,୧୨/୭/ଏନ୍ଏନ୍ଏସ୍:** ଓଡ଼ିଶା ନାଟ୍ୟ ନିର୍ଦ୍ଦେଶକ ସଂଘ ଯାଜପୁରର ବାର୍ଷିକ ଉତ୍ସବ ରାଜ୍ୟ ସଭାପତି ନାଟ୍ୟଗୁରୁ ହରି ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ରାଜ୍ୟ ଉପସଭାପତି ଟୁଟୁ ପାଢ଼ୀ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ରଣା, ଗଞ୍ଜାମ ଶାଖା ସମ୍ପାଦକ ଭାସ୍କର ସେନାପତି, ତ୍ରିଲୋଚନ ମହାରଣା, ସ୍ୱପ୍ନେଶ୍ୱର ପ୍ରଧାନ ଓ ମାନଗୋବିନ୍ଦ ପଣ୍ଡା ଯୋଗଦେଇ ନାଟ୍ୟ ନିର୍ଦ୍ଦେଶକଙ୍କ ଦାୟିତ୍ୱ ସେବା ସମ୍ମାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଯାଜପୁର ଶାଖାର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ନୂତନ ସଭାପତି ଭାବେ ଶ୍ୟାମସୁନ୍ଦର ସାହୁ, ଉପସଭାପତି ଗୌରାଙ୍ଗ ପ୍ରଧାନ, ସମ୍ପାଦକ ପ୍ରଫୁଲ୍ଲ ମହାରଣା, ସହସମ୍ପାଦକ ନଗେନ ଜେନା, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ସିଂ ଓ ଜିଲ୍ଲା ସଂଯୋଜକ ରାଜକିଶୋର ଘଡ଼େଇ ମନୋନୀତ ହୋଇ ସଂଘକୁ ଅଧିକ ଗତିଶୀଳ କରିବାକୁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଲକ୍ଷ୍ମୀକାନ୍ତ ଶତପଥୀ, ଧନେଶ୍ୱର ଦାସ, ଅମୁଲ୍ୟ ବେହେରା ଓ ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି

### ଗାନ୍ଧିମୂର୍ତ୍ତି ସମ୍ମୁଖରେ ଗଣ ସତ୍ୟାଗ୍ରହ




**କେନ୍ଦ୍ରାପଡ଼ା,୧୨/୭/ଏନ୍ଏନ୍ଏସ୍:** ନିଟ୍ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହୋଇଥିବାରୁ କନ୍ଭେର୍ଟ୍ ଜନତା ପାର୍ଟି ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଛି। ଏହାକୁ ସମର୍ଥନ ଜଣାଇ ଦିଲ୍ଲୀର ଯନ୍ତରମନ୍ତରରେ ଦେଶର ବିଶିଷ୍ଟ ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ୍‌ଙ୍କ ଅନଶନକୁ ଆଜି ୧୫ ଦିନ ପୁରିଛି। ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା କ୍ରମଶଃ ଜଟିଳ ହେଉଥିବାବେଳେ କେନ୍ଦ୍ର ସରକାର ଆଜିପର୍ଯ୍ୟନ୍ତ ଏହି ଘଟଣା ପ୍ରତି ଅସମ୍ବେଦନଶୀଳ ରହିବାକୁ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର କେନ୍ଦ୍ର କମିଟି ନାପସନ୍ଦ କରିଛି। ଏହାସହ ଶ୍ରୀ ୱାଙ୍ଗଚୁକ୍‌ଙ୍କ ପ୍ରତି ସମର୍ଥନ ଜଣାଇବା ପରିପ୍ରେକ୍ଷୀରେ ସଂଗଠନର ଜିଲ୍ଲା କମିଟି ପକ୍ଷରୁ ପୁରୁଣା ବସଷ୍ଟାଣ୍ଡସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗଣ ସତ୍ୟାଗ୍ରହ କରାଯାଇ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା ସହ ରାଜ୍ୟଠାରୁ କେନ୍ଦ୍ର ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାରେ ସର୍ବବ୍ୟାପୀ ବିଭ୍ରାଟ ପାଇଁ ଦାୟୀ ଅସାମ୍ବିଧାନିକ ଭାବେ ପ୍ରଣୟନ କରାଯାଇଥିବା ଜାତୀୟ ଶିକ୍ଷାନୀତି-୨୦୨୦ର ପ୍ରତ୍ୟାହାର ପାଇଁ ଦାବି କରାଯାଇଥିଲା। ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳଙ୍କ ପରିଚାଳନାରେ ଆୟୋଜିତ ଏହି ଆନ୍ଦୋଳନରେ ସଂଗଠନର ଉପଦେଷ୍ଟା ଡ. ବାସୁଦେବ ଦାସ, ଅଧ୍ୟାପକ ଅଜୟ ସାମଲ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଡ. ଚୈତନ୍ୟ ଚରଣ ପରିଡ଼ା, ରବୀନ୍ଦ୍ର ପ୍ରସାଦ ଜେନା, ଗାଳ୍ପିକା ଅବନ୍ତୀ ବେହେରା, ପ୍ରଫୁଲ୍ଲ ଦାସ, ଫକୀର ଚରଣ ଖଟୁଆ, ନରୋତ୍ତମ ପାର୍ଥସାରଥୀ, ବିକାଶ ଚନ୍ଦ୍ର ବେଉରା, ରଣଧୀର ଜେନା, ଭାଗିରଥୀ ଜେନା, ମୁକ୍ତାର ଖାନ୍, ଜଗଜ୍ଜୀବନ ଦାଶ, ଶୈଳବାଳା ସାମଲ, ସରୋଜକାନ୍ତ ନାୟକ, ନିରୁପମା ଦାସ, କାଶୀନାଥ ରାଉତରାୟ, ବୈଷ୍ଣବ ଚରଣ ସ୍ୱାଇଁ, ବିକ୍ରମ କେଶରୀ ସାମଲ ଓ ଶରତ କୁମାର ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସତ୍ୟସାଇ ସେବା ସମିତି ପକ୍ଷରୁ ବୃକ୍ଷରୋପଣ



**ମାର୍ଶାଘାଇ,୧୨/୭/ଏନ୍ଏନ୍ଏସ୍:** ମାର୍ଶାଘାଇ ଶ୍ରୀ ସତ୍ୟସାଇ ସେବା ସମିତି ଏବଂ ଅନନ୍ତବଳିଆ ସେବାସଂଘର ମିଳିତ ସହଭାଗିତାରେ ସ୍ଥାନୀୟ ଶିଳିପୁର ବାଙ୍କି ପଡ଼ିଆରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ଯୋଗଦେଇ ଆଦିମ କାଳରୁ ମଣିଷର ଭାବ ଓ ଭକ୍ତି ସହିତ ଗଛର ଆବେଗିକ ସମ୍ପର୍କ ରହିବା ଏବଂ ଜୀବନ ଓ ପରିବେଶକୁ ସୁରକ୍ଷିତ ରଖିବା ଦିଗରେ ବୃକ୍ଷରୋପଣର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ରଞ୍ଜନ କୁମାର ବାରିକ ଓ ସାଇକ୍ରିଷ୍ଣା ସ୍ୱାଇଁଙ୍କ ମିଳିତ ଆବାହକତ୍ୱରେ ସତ୍ୟସାଇ ସେବା ସମିତି ପକ୍ଷରୁ ଶ୍ରୀନିବାସ ମଲ୍ଲିକ ଏବଂ ଅନନ୍ତବଳିଆ ସେବାସଂଘ ପକ୍ଷରୁ ବିନୋଦବିହାରୀ ଦାସ, ସୁଜିତ୍ ଦାସ, ଗଙ୍ଗାଧର ଦାସ, ସୁଧୀର ଦାସ ଓ ଅମିୟ ଦାସଙ୍କ ସମେତ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ପରିବେଶପ୍ରେମୀ ମଳୟ କୁମାର ଦାସଙ୍କୁ ମୁଖ୍ୟଅତିଥି ଶ୍ରୀ ପ୍ରଧାନ ସମ୍ବର୍ଦ୍ଧିତ କରିଥିବାବେଳେ ବିଶିଷ୍ଟ ପରିବେଶବିତ୍ ପଦ୍ମଶ୍ରୀ ବଳିଆବାବାଙ୍କ ପ୍ରେରିତ ବାର୍ତ୍ତା ପାଠ କରାଯାଇଥିଲା। କୃତ୍ତିବାସ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## କେନାଲ୍‌ରେ ବୁଡ଼ି ବୃଦ୍ଧା ମୃତ

**ପରଜଙ୍ଗ,୧୨/୭/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ମାଣିକମରା ପଞ୍ଚାୟତ ସରକିଶୋରପାଳ ଗ୍ରାମଦେଇ ଯାଇଥିବା ରେଙ୍ଗାଳି ବାମପାର୍ଶ୍ୱ କେନାଲ୍‌ରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଜୟକୃଷ୍ଣ ସାହୁଙ୍କ ପତ୍ନୀ ଅଖାରୀ ସାହୁ (୮୧)। ଅଖାରୀ ରବିବାର ସକାଳେ ଶୌଚ ପାଇଁ ନିକଟସ୍ଥ ବାମପାର୍ଶ୍ୱ କେନାଲ୍‌କୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇନଥିଲେ। ପରେ କେନାଲ୍ ଜଳକୁ ବନ୍ଦ କରିଥିଲେ। କିଛି ସମୟର ବ୍ୟବଧାନ ପରେ ଜଳବନ୍ଦ କବାଟ ନିକଟରେ ବୃଦ୍ଧାଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଏନେଇ ତୁରନ୍ତ ପରଜଙ୍ଗ ଅଗ୍ନିଶମ ବାହିନୀକୁ ଫୋନ୍ ଯୋଗେ ଜଣାଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ବୃଦ୍ଧାଙ୍କ ମୃତଶରୀରକୁ ଉଦ୍ଧାର କରିଥିଲେ। ପରେ ବ୍ୟବଚ୍ଛେଦ ପାଇଁ ମୃତଶରୀରକୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିବା ଜଣାପଡ଼ିଛି।

## ଅବସରପ୍ରାପ୍ତ ସେନା କର୍ମଚାରୀ ପକ୍ଷରୁ ବୃକ୍ଷରୋପଣ



**ଯାଜପୁର,୧୨/୭/ଏନ୍ଏନ୍ଏସ୍:** ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଭେଟ୍‌ରାନ୍ ଆସୋସିଏସନ୍, ଅବସରପ୍ରାପ୍ତ ସେନା କର୍ମଚାରୀ ଯାଜପୁର ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର ପରିଡ଼ା, ସମ୍ପାଦକ ଗୟାଧର ମିଶ୍ର, ସହ ସମ୍ପାଦକ ବ୍ରଜକିଶୋର ପଣ୍ଡା, ଉପସଭାପତି ପ୍ରମୋଦ କୁମାର ମହାନ୍ତି, ପ୍ରଭାତ କୁମାର ବେହେରା, ଉପଦେଷ୍ଟା ଅଜୟ କୁମାର ମହାନ୍ତି, ନିରଞ୍ଜନ ଦାସ, ଏନ୍ କେ ଶତପଥୀ, କୋଷାଧ୍ୟକ୍ଷ ଦିଜେନ୍ଦ୍ରନାଥ ରାଉତ ଏବଂ ସଦସ୍ୟ ଏନ୍ ସି ଜେନା, ପତିତପାବନ ନାୟକ, ରବିନାରାୟଣ ମହାପାତ୍ର, ଦେବାଶିଷ ପଣ୍ଡା, ନିର୍ମଳ ଚନ୍ଦ୍ର ଦାସ, ବିଶ୍ୱନାଥ ସ୍ୱାଇଁ, ଦାମୋଦର ନାୟକ, ପୂର୍ଣ୍ଣଚନ୍ଦ୍ର ସାମଲ, ନିରୋଦ ମଲ୍ଲିକ, ଭଗବାନ ସାହୁ, ବିଭୂତି ମିଶ୍ର ଓ ସେମାନଙ୍କ ସହଧର୍ମିଣୀ ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ଦେବାଶିଷ ପଣ୍ଡା, ସମିତିସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିଥିଲେ। ପରେ ଭେଟେରାନ୍‌ଙ୍କ ସହଧର୍ମିଣୀମାନେ ସଂସ୍ଥାର କାର୍ଯ୍ୟାଳୟରେ ଏକ ସଭା ଆୟୋଜନ କରିଥିଲେ। ସ୍ୱର୍ଣ୍ଣଲତା ପରିଡ଼ା ସଭାପତିତ୍ୱ କରିଥିବାବେଳେ ଅନୁଷ୍ଠାନ ଦ୍ୱାରା କିପରି ଉନ୍ନତିମୂଳକ କାର୍ଯ୍ୟ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ସମାଜରେ ଥିବା ଅନାଥ, ଅସହାୟଙ୍କୁ ଆମ ଅନୁଷ୍ଠାନ କିପରି ସହଯୋଗର ହାତ ବଢ଼ାଇବାରେ ସାମର୍ଥ୍ୟ ହେବ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ କ'ଣ ସବୁ ଆଗକୁ କରାଯାଇପାରିବ ସେବିଷୟରେ ଆଲୋଚନା ହୋଇଥିଲା।

## ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ କ୍ୟାନ୍ସର୍ ରୋଗୀଙ୍କୁ ୩ ଲକ୍ଷ ସହାୟତା

**ତାଳଚେର,୧୨/୭/ଏନ୍ଏନ୍ଏସ୍:** ତାଳଚେର ପୌରପରିଷଦର ବନମାଳି ମହାରଣା କ୍ୟାନ୍ସର୍‌ରେ ପୀଡ଼ିତ ହୋଇ ଭୁବନେଶ୍ୱର ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଫଳରେ ବନମାଳିଙ୍କ ପରିବାର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏଭଳି ପରିସ୍ଥିତିରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣିଙ୍କୁ ଜିଲ୍ଲା ବିଜେପି ସଭାପତି ଜଣାଇଥିଲେ। ଜୁନ୍ ୮ ତାରିଖରେ ସାଂସଦ ଶ୍ରୀ ପାଣି ଏହି ଚିକିତ୍ସା ପାଇଁ ଆର୍ଥିକ ସଙ୍କଟ ଦୁର୍ବଳ ରହିଥିବାରୁ ଜାତୀୟ ରିଲିଫ୍ ପାଣ୍ଠିକୁ ଚିଠି ଲେଖିବା ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିଥିଲେ। ଫଳସ୍ୱରୂପ ଜୁନ୍ ୧୬ ତାରିଖରେ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ବନମାଳିଙ୍କ ଚିକିତ୍ସା ପାଇଁ ୩ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇବା ସହ ଏକ ପତ୍ର ମାଧ୍ୟମରେ ଆରୋଗ୍ୟ କାମନା ମଧ୍ୟ କରାଯାଇଛି। ପରିବାର ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସାଂସଦ ଶ୍ରୀ ପାଣି ଓ ଜିଲ୍ଲା ସଭାପତି ଜଯାତି ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବିଜେପି ପକ୍ଷରୁ ମହାମିଶ୍ରଣ ପର୍ବ




**ବଡ଼ଚଣା,ଚଣ୍ଡିଖୋଲ,୧୨/୭/ଏନ୍ଏନ୍ଏସ୍ :** ବଡ଼ଚଣା ବିଜେପି ପକ୍ଷରୁ ଏକ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ଚଣା ନିର୍ବାଚନମଣ୍ଡଳୀର ବିଧାୟକ ଅମର କୁମାର ନାୟକ, ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ୍ ଚନ୍ଦ୍ର ନନ୍ଦ, ଯାଜପୁର ଜିଲ୍ଲା ବିଜେପି ଉପସଭାପତି ପ୍ରମୋଦ କୁମାର ଜେନା, ଜିଲ୍ଲା ସମ୍ପାଦକ ବିକାଶ ମହାପାତ୍ର, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ସାଂସଦ ପ୍ରତିନିଧି ରବୀନ୍ଦ୍ର ରାଉତ, ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ଲଲାଟେନ୍ଦୁ ମହାପାତ୍ର, ମଣ୍ଡଳ ସଭାପତି ବିମଳ ପ୍ରସନ୍ନ ପ୍ରଧାନ, ବିଶ୍ୱଜିତ୍ ସାମଲ, ନୃସିଂହ ନାରାୟଣ ଓତା, ବୈକୁଣ୍ଠ ବରାଳ ଓ ନିରଞ୍ଜନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଖଇରା ଓ ନେଳିଆ ପଞ୍ଚାୟତରୁ ୫ଶହରୁ ଅଧିକ ପୁରୁଷ ଓ ମହିଳା ବିଜେପିରେ ସାମିଲ୍ ହୋଇଥିଲେ। ଏହି ଦୁଇ ପଞ୍ଚାୟତର ବିଜେଡି ଦଳର କର୍ମୀମାନେ ବିଜେଡି ଛାଡ଼ି ବିଜେପିରେ ସାମିଲ୍ ହୋଇଛନ୍ତି। ବଡ଼ଚଣା ବିଧାୟକ ଅମର କୁମାର୍ ନାୟକଙ୍କ ଦୃଢ଼ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିବା ସହ ବଡ଼ଚଣାରେ ଲୋକାଭିମୁଖୀ କାର୍ଯ୍ୟ ଚାଲିଥିବାରୁ ସେମାନେ ବିଜେପିରେ ସାମିଲ୍ ହୋଇଥିବା ପ୍ରକାଶ କରିଛନ୍ତି। ଏଥିରେ ଯୋଗ ଦେଇଥିବା କର୍ମୀମାନେ ବିଧାୟକ ଶ୍ରୀ ନାୟକଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ବର୍ଦ୍ଧିତ କରିଥିଲେ। ବିଧାୟକ ଶ୍ରୀ ନାୟକ ଦଳରେ ସାମିଲ୍ ହୋଇଥିବା ସମସ୍ତ କର୍ମୀଙ୍କୁ ଦଳୀୟ ଉତ୍ତୋରୀୟ ଦେଇ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ଉପସଭାପତି ପ୍ରମୋଦ କୁମାର୍ ଜେନା ଅଧ୍ୟକ୍ଷତା କରିଥିଲେ। ବୈକୁଣ୍ଠନାଥ ବରାଳ ଧନ୍ୟବାଦ ଦେଇଥିଲେ।

### ମହାମିଶ୍ରଣ ପର୍ବ

## ଶତାଧିକ ପରିବାର ବିଜେପିରେ ସାମିଲ୍



**ରାଜକନିକା,୧୨/୭/ଏନ୍ଏନ୍ଏସ୍:** ବିଜେପି ରାଜକନିକା ସଦର ମଣ୍ଡଳ ପକ୍ଷରୁ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସଦର କନିକା ମଣ୍ଡଳ ଅନ୍ତର୍ଗତ ଜାଗୁଲାଇପଡ଼ା ପଞ୍ଚାୟତର ଶତାଧିକ ପରିବାର ଅନ୍ୟ ଦଳ ଛାଡ଼ି ବିଜେପିରେ ସାମିଲ୍ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଆଳି ନିର୍ବାଚନମଣ୍ଡଳୀ ନେତା କୃଷ୍ଣଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଅନ୍ୟ ଦଳର କର୍ମୀଙ୍କୁ ବିଜେପି ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏଥିରେ ସଦର ମଣ୍ଡଳ ସଭାପତି ପ୍ରକାଶ ନାୟକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର ବେହେରା, ଜାଗୁଲାଇପଡ଼ା ପଞ୍ଚାୟତ ପ୍ରମୁଖ ପ୍ରଶାନ୍ତ କୁମାର ସାମଲ ଓ ଯୁବନେତା ଦୀପକ କୁମାର ମଲ୍ଲିକ ପ୍ରମୁଖ ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ଦଳର ନୀତି, ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ନୂତନ ଭାବେ ଯୋଗ ଦେଇଥିବା ପରିବାରମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଓ ରାଜ୍ୟରେ ବିଜେପି ସରକାରଙ୍କ କାର୍ଯ୍ୟକ୍ରମ ଦ୍ୱାରା ପ୍ରଭାବିତ ହୋଇ ଦଳରେ ସାମିଲ୍ ହୋଇଥିବା ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଶ୍ରୀ ପଣ୍ଡା କହିଥିଲେ ଯେ ଏହି ଗଣଯୋଗଦାନ ରାଜକନିକା ଅଞ୍ଚଳରେ ବିଜେପିର ସଂଗଠନକୁ ଆହୁରି ମଜବୁତ କରିବ ଏବଂ ଆଗାମୀ ଦିନରେ ଦଳର ଜନାଧାର ବୃଦ୍ଧିରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ଯୁବନେତା ମନୋରଞ୍ଜନ ବେହେରା, ପ୍ରଦୀପ କୁମାର ବେହେରା, ବିବେକାନନ୍ଦ ବେହେରା, ଲାଲଚାନ୍ଦ ଏସ୍ କେ ବେହେରା, ପ୍ରଶାନ୍ତ ବିଶ୍ୱାଳ, ରୋହନ ବେହେରା, ପ୍ରଶାନ୍ତ ନାୟକ ଓ ରବିନାରାୟଣ ନାୟକ ପ୍ରମୁଖଙ୍କ ସମେତ ବହୁସଂଖ୍ୟକ କର୍ମୀ, ସମର୍ଥକ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଛେଳି ଚାଲାଣର ପର୍ଦ୍ଦାଫାସ୍

## ୩୭ ଛେଳି ଉଦ୍ଧାର, ୩ ଗିରଫ



**ପାରାଦୀପ,୧୨/୭/ଏନ୍ଏନ୍ଏସ୍:** ପଶ୍ଚିମବଙ୍ଗରୁ ପାରାଦୀପକୁ ବେଆଇନ୍ ଭାବେ ଛେଳି ଚାଲାଣ କରୁଥିବା ଏକ ବଡ଼ ର୍‍ୟାକେଟ୍‌ର ପାରାଦୀପ ଲକ୍ ପୁଲିସ୍ ପର୍ଦ୍ଦାଫାସ୍ କରିଛି। ଏଥିରେ ପୁଲିସ୍ ୩୭ ଛେଳି ଉଦ୍ଧାର କରିବା ସହ ୩ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ବସ୍ କଣ୍ଡକ୍ଟର ପଶ୍ଚିମବଙ୍ଗ ମେଦିନୀପୁର ଅଞ୍ଚଳର ରତନ ପଟ୍ଟନାୟକ (୫୧), ହେଲ୍ପର୍ ସୁଜିତ ମାଇତି (୫୨) ଓ ବସ୍ ଡ୍ରାଇଭର୍ ରାଧାକାନ୍ତ ଗିରି (୪୩)। ତେବେ ଏହି ର୍‍ୟାକେଟ୍ ବିଷୟରେ ସୂଚନାପାଇ ଜିଲ୍ଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏବଂ ପାରାଦୀପ ଏଏସ୍‌ପି ଆଜିଂକ୍ୟ ବାବୁରାଓ ମାଣେ, ପାରାଦୀପ ଲକ୍ ଥାନାର ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଶ୍ରୀକାନ୍ତ କୁମାର ସାହୁ ଅନ୍ୟ ପୁଲିସ୍ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠିତ ହୋଇଥିଲା। ରବିବାର ସକାଳ ୬ଟାରେ ପଶ୍ଚିମବଙ୍ଗରୁ ଆସୁଥିବା ନୀଳମାଧବ ନାମକ ଏକ ବସ୍‌କୁ ଏହି ପୁଲିସ୍ ଟିମ୍ ଚୂନ ଛକ ନିକଟରେ ଅଟକାଇ ୩୭ଟି ଛେଳି ଉଦ୍ଧାର କରିଥିଲା। ପୁଲିସ୍ ୩ ଜଣଙ୍କୁ ଗିରଫ କରିଥିବାବେଳେ ର୍‍ୟାକେଟ୍‌ର ମୁଖ୍ୟ କାର୍ପଟଦାରକୁ ଧରିବା ପାଇଁ ତଦନ୍ତ ଜାରି ରଖିଛି। ଏନେଇ ଏକ ମାମଲା ରୁ କରାଯାଇ ତଦନ୍ତ ଜାରି ରହିଥିବା ନେଇ ଲକ୍ ଥାନାଧିକାରୀ ରଶ୍ମି ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

# ବିଧାୟକଙ୍କ ଜନଶୁଣାଣି କାର୍ଯ୍ୟକ୍ରମ



**ଧର୍ମଶାଳା,୧୨/୭/ଏନ୍ଏନ୍ଏସ୍:** ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜାରକା ଜୋନ୍‌ର କୁମାରିସ୍ଥିତ ବିଜେପି କାର୍ଯ୍ୟାଳୟରେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ସାହୁ ନିଜେ ଲୋକଙ୍କ ଅଭିଯୋଗ ଶୁଣି ତା'ର ସମାଧାନ କରିଛନ୍ତି। ଏଥିରେ ବିଭିନ୍ନ ପଦପଦବୀରେ ଥିବା ଦଳୀୟ କର୍ମୀମାନେ ଉପସ୍ଥିତ ରହି ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ଲୋକଙ୍କ ସମସ୍ୟା ବୁଝିବାରେ ସହଯୋଗ କରିଥିଲେ। ରବିବାର ସକାଳ ୯ଟାରୁ ଆରମ୍ଭ ହୋଇଥିବା ଜନଶୁଣାଣି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିଥିଲା। ତେବେ ଲୋକଙ୍କ ପକ୍ଷରୁ ଭତ୍ତା, ଆବାସ ଗୃହ, ରାସନ୍ କାର୍ଡ, ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ଆଦି ୭୧୧ଟି ସରକାରୀ ଓ ବେସରକାରୀ ସମସ୍ୟା ମଧ୍ୟରୁ ଅନେକ ସମସ୍ୟାର ତୁରନ୍ତ ସମାଧାନ କରାଯିବା ସହ କେତେକ ସମସ୍ୟାକୁ ସମାଧାନ କରିବାକୁ ବିଧାୟକ ଶ୍ରୀ ସାହୁ ସମ୍ପୃକ୍ତ ଦାୟିତ୍ୱରେ ରହିଥିବା କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନମଣ୍ଡଳୀର ୫୪ଟି ପଞ୍ଚାୟତରୁ ବହୁ ସଂଖ୍ୟାରେ ଲୋକମାନେ ଉପସ୍ଥିତ ହୋଇ ବିଧାୟକଙ୍କ ସହିତ ସିଧାସଳଖ କଥା ହେବାର ସୁଯୋଗ ପାଇ ନିଜ ସମସ୍ୟାକୁ ବିଧାୟକଙ୍କ ଆଗରେ ଉପସ୍ଥାପନ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏଭଳି ଜନଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବାବେଳେ ବିଧାୟକ ଶ୍ରୀ ସାହୁ ନିଜ ନିର୍ବାଚନମଣ୍ଡଳୀର ଲୋକଙ୍କ ସହିତ ମିଶିବା ସହିତ ସେମାନଙ୍କ ସୁଖଦୁଃଖ ଶୁଣିବାର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେ କରିଛନ୍ତି। ଧର୍ମଶାଳା ନିର୍ବାଚନମଣ୍ଡଳୀର ସମସ୍ତ ୬ଟି ଜୋନ୍‌ରେ ଏଭଳି ବିଧାୟକଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗତ କିଛିଦିନ ତଳେ ୩୪ ଓ ୩୫ ନମ୍ବର୍ ଜୋନ୍‌ରେ ଜନଶୁଣାଣି ଅନୁଷ୍ଠିତ ହୋଇଥିବାବେଳେ ପ୍ରତ୍ୟେକ ରବିବାର ଜାରକା କୁମାରୀସ୍ଥିତ ବିଜେପି କାର୍ଯ୍ୟାଳୟରେ ବିଧାୟକ ଉପସ୍ଥିତ ରହି ସାଧାରଣ ଲୋକଙ୍କ ସମସ୍ୟା ଶୁଣିବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ଅରୁହା ଜୋନ୍‌ର ସଭାପତି ଜିତେନ୍ଦ୍ର ରାଉତ, ଜେନାପୁର ଜୋନ୍‌ର ସଭାପତି ଶ୍ରୀବସ୍ତ ଧୀର, ଜାରକା ଜୋନ୍‌ର ସଭାପତି ଦେବଦତ୍ତ ପଣ୍ଡା, ବାରବାଟି ଜୋନ୍‌ର ସଭାପତି ତୀର୍ଥରାଜ ପଣ୍ଡା, କୋଟପୁର ଜୋନ୍‌ର ସଭାପତି ପ୍ରଶାନ୍ତ ନାୟକଙ୍କ ସମେତ ଜୋନ୍ ପ୍ରଭାରୀ ରାଜେଶ ପାଳ, ଅଭିଶେକ ରାଉତ, ଦେବରାଜ ମିଶ୍ର, ବିଶ୍ୱଜିତ୍ ପୃଷ୍ଟି ଓ ଅୟୁଷ୍ମାନ ପ୍ରିୟଦର୍ଶନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିବାହିତ ମହିଳାଙ୍କୁ ପ୍ରେମରେ ଧକ୍କା, ଯୁବକ ଗିରଫ



**ପରଜଙ୍ଗ,୧୨/୭/ଏନ୍ଏନ୍ଏସ୍:** ପରଜଙ୍ଗ ଥାନା ସାଆନ୍ଦା ପଞ୍ଚାୟତ ଶିଆରି ମାଳିଆ ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ପ୍ରେମରେ ଧକ୍କା ଦେଇ ଅଶ୍ଳୀଳ ଭିଡିଓ ଭାଇରାଲ୍ କରିବାକୁ ଧମକ ଦେଇଥିବା ଜଣେ ଯୁବକକୁ ପୁଲିସ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଯାଜପୁର ଜିଲ୍ଲା ବାଜପୁରା ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର ଦୀପକ କୁମାର ବିଶ୍ୱାଳ। ଦୀପକ ଉକ୍ତ ମହିଳାଙ୍କୁ ପ୍ରେମ କରି ୨ରୁ ୩ଥର ଶାରୀରିକ ସମ୍ପର୍କ ରଖିଥିଲା। ମହିଳାଙ୍କ ଅଜାଣତରେ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ ରଖି ଭାଇରାଲ୍ କରିବ ବୋଲି ଧମକ ଦେଇଆସୁଥିଲା। ଏହାସହ ତାଙ୍କ ମଙ୍ଗଳସୂତ୍ର ଛଡ଼ାଇ ନେଇ ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଇଥିବା ନେଇ ମହିଳା ଜଣଙ୍କ ପରଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ତେବେ ପୁଲିସ୍ ଉକ୍ତ ଯୁବକକୁ ଗିରଫ କରି ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ଜାତୀୟ ନାଟ୍ୟ ମହୋତ୍ସବ ପାଇଁ ପ୍ରସ୍ତୁତି



**ବାରିପଦା,୧୨/୭/ଏନ୍‌ଏନ୍‌ଏସ୍:** ବାରିପଦାର ଅଗ୍ରଣୀ ନାଟ୍ୟସଂସ୍ଥା 'ଆମେ ବାରିପଦା' ଆନୁକୂଲ୍ୟରେ ଆସନ୍ତା ଅଗଷ୍ଟ ୧୮ରୁ ୨୬ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ୨ୟ ବାର୍ଷିକ ଜାତୀୟ ନାଟ୍ୟ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କୈଳାଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମହୋତ୍ସବର ଉପସଭାପତି ବରିଷ୍ଠ ସାମ୍ବାଦିକ ଡ଼ଃ ବିଜୟ କୁମାର ଅଗ୍ରୱାଲ, ବିଶିଷ୍ଟ ଆଇନ ପରାମର୍ଶଦାତା ଜୀବନ କୁମାର ସାହୁ, ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ ମହାନ୍ତି, ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢ଼ୀ, ପୂର୍ବତନ ଅଧକ୍ଷା ଝରଣା ବେହେରା, ସମାଜସେବୀ ତଥା ବିଶିଷ୍ଟ ଆଇନଜୀବୀ ସୁଜାତା ମିଶ୍ର ଓ ମେଜର ଡ଼ଃ କଳ୍ପନା ଦାସ ପ୍ରମୁଖ ଯୋଗଦେଇ ମହୋତ୍ସବର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନାଟ୍ୟ ଓ ଚଳଚିତ୍ର ଅଭିନେତା, ଲେଖକ, ନିର୍ଦ୍ଦେଶକ ତଥା ଆୟୋଜନ କମିଟିର ଆବାହକ ଓ ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ ଚଳିତ ବର୍ଷର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହି ମହୋତ୍ସବରେ ରାଜ୍ୟ ତଥା ଅନ୍ୟ ରାଜ୍ୟରୁ ପ୍ରତିଷ୍ଠିତ ନାଟ୍ୟସଂସ୍ଥାମାନେ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ଦାସ ପଟ୍ଟନାୟକ ଜଣାଇଛନ୍ତି। ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ପାଇଁ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଏକକ ଓ ମୁକ ଅଭିନୟ, ନୃତ୍ୟ, ଆଙ୍କରିଙ୍ଗ ଓ ନାଟକ ପାଣ୍ଡୁଲିପି ଲିଖନ ପ୍ରତିଯୋଗିତା ସହିତ ଅନ୍ୟାନ୍ୟ ଆକର୍ଷଣୀୟ କାର୍ଯ୍ୟକ୍ରମ ହେବାର ନିଷ୍ପତ୍ତି ନିଆଗଲା ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

# ଫୁଟବଲ୍ ଦକ୍ଷତା ବୃଦ୍ଧି କର୍ମଶାଳା 'ଆରମ୍ଭ' ଉଦ୍‌ଘାଟିତ

**ବାରିପଦା,୧୨/୭/ଏନ୍‌ଏନ୍‌ଏସ୍:** ଟାଟା ଟ୍ରଷ୍ଟସ୍ ଆନୁକୂଲ୍ୟରେ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡ଼େମୀ ଦ୍ୱାରା ଆୟୋଜିତ ୩ ଦିନିଆ ଫୁଟବଲ୍ ଦକ୍ଷତା ବିକାଶ କର୍ମଶାଳା 'ଆରମ୍ଭ' ବାରିପଦା ଷ୍ଟାଡ଼ିୟମରେ ଉଦ୍‌ଘାଟିତ ହୋଇଯାଇଛି। ଜ୍ଞାନ, ତାଲିମ୍ ଦକ୍ଷତା ଓ ତୃଣମୂଳସ୍ତରର ନେତୃତ୍ୱ ମାଧ୍ୟମରେ ସାମୁହିକ କ୍ରୀଡ଼ାର ବିକାଶ ପାଇଁ ଏକ ମଜବୁତ ଭିତ୍ତିଭୂମି ପ୍ରସ୍ତୁତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏଥିରେ ମୁଖ୍ୟଅତିଥି ଭାବେ




ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଫୁଟବଲ୍ କ୍ଲବ୍‌ର କୋଚ୍ ମୀର ଆସିଫ୍ ଏହି କର୍ମଶାଳାରେ ତାଲିମ୍ ପ୍ରଦାନ କରିବେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ୍‌ର ଫୁଟବଲ୍ ସମ୍ପାଦକ ତଥା ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ନିର୍ଦ୍ଦେଶକ ଅମର ସେଠୀ, ପରାମର୍ଶଦାତା ସୋମନାଥ ସିଂହ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ଓ ସହପ୍ରତିଷ୍ଠାତା ସାଇ କିରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୫ ଜଣ ମାଷ୍ଟର୍ ଟ୍ରେନର୍ ଏବଂ ୧୦ ଜଣ ପ୍ରଶିକ୍ଷକ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କୁ ଫୁଟବଲ୍‌ର ବିଭିନ୍ନ ବୈଷୟିକ ଦିଗ ଉପରେ ପ୍ରଶିକ୍ଷଣ ଦିଆଯିବ ବୋଲି ମୁଖ୍ୟ ଆୟୋଜକ ଦିବ୍ୟରଞ୍ଜନ ଦାସ ଜଣାଇଛନ୍ତି। ପରବର୍ତ୍ତୀ ସମୟରେ ତାଲିମ୍‌ପ୍ରାପ୍ତ ପ୍ରଶିକ୍ଷକମାନେ ନିଜ ନିଜ ଅଞ୍ଚଳରେ ୮ରୁ ୧୮ ବର୍ଷ ବୟସର ଯୁବ ପ୍ରତିଭାଙ୍କୁ ଚୟନ କରିବା ସହ ବର୍ଷସାରା ତାଲିମ୍ ପ୍ରଦାନ କରାଯିବ। ଫଳରେ ସେମାନେ ଜିଲ୍ଲା, ରାଜ୍ୟ ତଥା ଜାତୀୟସ୍ତରରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିପାରିବେ ବୋଲି ଏକାଡେମୀର ନିର୍ଦ୍ଦେଶକ ଶ୍ରୀ ସେଠୀ ଆଶାପୋଷଣ କରିଛନ୍ତି।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅବହେଳା

# ବିନା ସୂଚନାଫଳକ ଓ ନିମ୍ନମାନର କାର୍ଯ୍ୟକୁ ବିରୋଧ



**ସୋର,୧୨/୭/ଏନ୍‌ଏନ୍‌ଏସ୍:** ସୋର ବ୍ଲକ୍ ନଦୀଗାଁ ପଞ୍ଚାୟତ ନଦୀଗାଁ, ଗୁହାଳଡ଼ିହି ଓ ବାଇନଣ୍ଡା ଗ୍ରାମର ବିଭିନ୍ନ ସ୍ଥାନରେ ଚାଲିଥିବା ରାସ୍ତା, ଡ୍ରେନ୍, ପୋଖରୀ ଓ ପୋଲ କାର୍ଯ୍ୟରେ କୌଣସି ସୂଚନାଫଳକ ଲାଗିନାହିଁ। ଫଳରେ ପ୍ରକଳ୍ପର ମୂଲ୍ୟ ଏବଂ ମାନ ସମ୍ପର୍କରେ ଗ୍ରାମବାସୀମାନେ ଅବଗତ ହୋଇନପାରି ଏହାକୁ ବିରୋଧ କରିଛନ୍ତି। ବିଶେଷକରି ପଞ୍ଚାୟତର ସମିତିସଭ୍ୟା ସୁକାନ୍ତି ନାୟକ ଏବଂ ସମାଜସେବୀ କରୁଣାକର ନାୟକ ଏହି କାର୍ଯ୍ୟ ସମ୍ପର୍କରେ କୌଣସି ସୂଚନା ପାଇନଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହିତ ଜିଲ୍ଲାପରିଷଦ ସଭ୍ୟ ଜୟନ୍ତ ସ୍ୱାଇଁଙ୍କୁ ପଚରାଉଚୁରା କରିଛନ୍ତି। ନଦୀଗାଁରେ ଚାଲିଥିବା ନାୟକସାହିରୁ ସେଣସାହି ଡ୍ରେନ୍‌ରେ ପାଣି ନିଷ୍କାସିତ ହୋଇନପାରି ଜମି ରହୁଛି, ରାଧାଗୋବିନ୍ଦ ମନ୍ଦିରରୁ ଶାସନ ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତା, ଗୁହାଳଡ଼ିହିର ପୋଲ, ମହାଦେବ ପଡ଼ିଆରେ ମାଟିକାମ ଓ କଂକ୍ରିଟ୍ ରାସ୍ତା ମରାମତି କାର୍ଯ୍ୟଗୁଡ଼ିକ ଶେଷ ହୋଇଥିବାବେଳେ ଏହାର କୌଣସି ସୂଚନାଫଳକ ଲଗାନଯାଇ ନିମ୍ନମାନର କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଗୁହାଳଡ଼ିହିର ଏକ ପୋଖରୀ ଖୋଳାଯାଇଥିବାବେଳେ ୩ଟି ସ୍ଥାନରେ କଂକ୍ରିଟ୍ ରାସ୍ତା ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ସଂପୃକ୍ତ ବ୍ଲକ୍ ଜେଇ ମୋନାଲିସା ପତିଙ୍କୁ ପଚାରିବାରୁ ସେ ପୋଖରୀ ଖୋଳା ଏବଂ ମାଟି ପକାଯିବା ସମ୍ପର୍କରେ ଜାଣିନଥିବା କହିଛନ୍ତି।

# ଲୁହାପଥର ଜବତ, ୨ ଗିରଫ

**ଯୋଡ଼ା,୧୨/୭/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ବାମ୍ବୋରୀ ଥାନା ଅନ୍ତର୍ଗତ ନୟାଗଡ଼ ଅଞ୍ଚଳରେ ବେଆଇନ୍ ଚୋରା ଲୁହାପଥର ଚାଲାଣବେଳେ ପୁଲିସ୍ ଚଢ଼ଉ କରି ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଲୋହାରଦଗା ଅଞ୍ଚଳର ସଦାମ ସାଇ (୩୨) ଓ ରାଜେଶ କୁମାର ସିଂ (୨୨)। ଶନିବାର ସକାଳେ ନୟାଗଡ଼ ନିକଟରେ ଚୋରା ଲୁହାପଥର ଚାଲାଣ ଚାଲିଥିବାବେଳେ ବିଶେଷ ସୂତ୍ରରୁ ଖବରପାଇ ବାମ୍ବୋରୀ ପୁଲିସ୍ ଅତର୍କିତ ଚଢ଼ଉ କରିଥିଲା। ଏହି ସମୟରେ ଘଟଣାସ୍ଥଳରୁ ଗୋଟିଏ ଜେସିବି ଏବଂ ଏକ ଲାଇନ୍ ଟ୍ରକ୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ତେବେ ଜବତ ହୋଇଥିବା ଲୁହାପଥରର ଆନୁମାନିକ ମୂଲ୍ୟ ପ୍ରାୟ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କାରାଯାଉଛି। ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରି ତଦନ୍ତ ଜାରି ରଖିଥିବା ନେଇ ବାମ୍ବୋରୀ ଥାନାଧିକାରୀ ଜୋସକେତନ ଭୋଇ ସୂଚନା ଦେଇଛନ୍ତି।

# ଶ୍ରୀଗୁଣ୍ଡିଚା ମନ୍ଦିର ମାର୍ଜନା ଉତ୍ସବ

**ରାଜନଗର,୧୨/୭/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ କେରଡ଼ାଗଡ଼ସ୍ଥିତ ଶ୍ରୀପାଦ ନାମାଚାର୍ଯ୍ୟ ବାୟାବାବାଙ୍କ ଜନ୍ମପୀଠ ଆଶ୍ରମ ପକ୍ଷରୁ ରଥଯାତ୍ରା ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିର ମାର୍ଜନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ବାବାଙ୍କ ଆଶ୍ରମ ପରିସରରୁ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁମାନେ ନାମସଙ୍କୀର୍ତ୍ତନ କରି ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ପହଞ୍ଚିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଦାଣ୍ଡ ବାଡ଼ି ମାର୍ଜନା କରାଯାଇଥିଲା। ପରେ ଆଶ୍ରମକୁ ଫେରି ସମସ୍ତେ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସେବକମାନେ ପରିଚାଳନା କରିଥିଲେ।


**AFFIDAVIT**

By virtue of an affidavit sworn before the Executive Magistrate, Khaira, Balasore, dtd. 03.06.2026, I, Sanatan Jena, aged about 43 years, S/o- Balhabha Jena of village - Kalyani, Po- Baghua, Ps- Simulia, Dist - Balasore do hereby declare that my Adhar card name is Sanatan Jena but L.I.C policy no. 585934360 my name is Madan Mohan Das. That **Sanatan Jena & Madan Mohan Das** both names are one & same person i.e. myself.


# ସାମ୍ବାଦିକ ପେନ୍‌ସନ୍ ଯୋଜନା ସମ୍ପର୍କିତ ଆଲୋଚନାଚକ୍ର




**କେନ୍ଦୁଝର,୧୨/୭/ଏନ୍‌ଏନ୍‌ଏସ୍:** ଓଡ଼ିଶା ହାଇକୋର୍ଟ ସାମ୍ବାଦିକଙ୍କ ସୁରକ୍ଷା ନିମନ୍ତେ ଦେଇଥିବା ଏକ ରାୟ ପରିପ୍ରେକ୍ଷୀରେ ଏକ ଆଲୋଚନାଚକ୍ର କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କରେ ଆୟୋଜିତ ହୋଇଯାଇଛି। ଏଥିରେ ଏସ୍‌ଜେଏଓ ରାଜ୍ୟ ସଭାପତି କାହ୍ନୁ ଚରଣ ନନ୍ଦ, ଉପସଭାପତି ପ୍ରଦୀପ୍ତ କିଶୋର ଚୌଧୁରୀ, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା ଓ ସଂଗଠନ ସମ୍ପାଦକ ବିପ୍ଳବ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ହାଇକୋର୍ଟ ସିନିଅର୍ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଓଡ଼ିଶାଙ୍କ ସପକ୍ଷରେ ରାୟ ଦେଇ ରାଜ୍ୟରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକଙ୍କ ପାଇଁ ପେନସନ୍ ଯୋଜନା ୩ ମାସ ମଧ୍ୟରେ ଲାଗୁ କରିବାକୁ ନିର୍ଦ୍ଦେଶ ଦେବା ସମ୍ପର୍କରେ ଆଲୋକପାତ କରିଥିଲେ। ବହୁ ଦିନରୁ ରାଜ୍ୟର ବିଭିନ୍ନ ସାମ୍ବାଦିକ ସଂଗଠନ ଏସମ୍ପର୍କରେ ପ୍ରଚେଷ୍ଟା ଜାରି ରଖିଥିଲେ ମଧ୍ୟ ଏସ୍‌ଜେଏଓ ଯେଉଁ ସଫଳତା ପାଇଛି ତାହା ସମଗ୍ର ସାମ୍ବାଦିକଙ୍କ ପାଇଁ ଉତ୍ସର୍ଗ ବୋଲି କହିଥିଲେ। ଜିଲ୍ଲାର ଚମ୍ପୁଆ, ଆନନ୍ଦପୁର, ଯୋଡ଼ା, ବଡ଼ବିଲ୍ ଓ କେନ୍ଦୁଝର ଆଦି ଅଞ୍ଚଳରୁ ବହୁ ସାମ୍ବାଦିକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ମତବ୍ୟକ୍ତ କରିଥିଲେ। ଆବାହକ ରାଜେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାମ୍ବାଦିକ ଜୁବୁଲି ମିଶ୍ର ଧନ୍ୟବାଦ ଦେଇଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବୃକ୍ଷରୋପଣ



**ବାହାନଗା,୧୨/୭/ଏନ୍‌ଏନ୍‌ଏସ୍:** ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ୧୯୭୮ରୁ ୧୯୮୨ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ବାହାନଗା ବ୍ଲକ୍‌ର ଦେବେନ୍ଦ୍ରପୁର ଗ୍ରାମରେ ସାମୁହିକ ବୃକ୍ଷରୋପଣ ଓ ଫଳଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟ କୁମାର ପାଢ଼ୀ, ଲମ୍ବୁଧର ମିଶ୍ର, ହିମାନି ମିଶ୍ର, ଅଭିମନ୍ୟୁ ପଣ୍ଡା, ସତୀ ରାଣୀ ମହାନ୍ତି, କମଳା କାନ୍ତଙ୍କ ପତି, ସୀତାକାନ୍ତ ନାୟକ, ପ୍ରଦୀପ୍ତ କୁମାର ଦାସ, ନିରଞ୍ଜନ ମହାପାତ୍ର ଓ ରଘୁନାଥ ମିଶ୍ରଙ୍କ ସମେତ ଅନ୍ୟ ସହପାଠୀମାନେ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।


**iDAKSHA TRAINING ACADEMY PVT. LTD.**

iDAKSHA

**RECRUITMENT OF VOCATIONAL TRAINERS & COORDINATORS**

Applications are invited from eligible candidates for implementing Vacational Education in Government Schools of Odisha under CSS-VHSE Samagra Shiksha/PMSHRI. Terms of engagement is Contractual and Institutional positions. Candidates should be domicile of Odisha and must read & write Odia. Gross Salary: Rs.23,500/- per month as per Govt. rules. **Last Date of Application: 15.07.2026 (5.00 pm), apply to: https://forms.gle/qc-GhDwxv3YUbASv9A or scan the QR**

| Sector | District | Qualification & Experience |
| --- | --- | --- |
| AGRICULTURE | Nabarangpur Sonepur | Post Graduation in Horticulture / Agriculture with at least 1 year work / teaching Exp. Or Degree / Diploma in Horticulture/ Agriculture from a recognised Institute / University with at least 2 year work / teaching experience, Preference will be given to the higher qualification and work / teaching experience in related area. |
| APPAREL | Sonepur | Post graduation in Textile and clothing with 1 year of work/ teaching experience in relevant areas. Or Degree/B.Voc/ Diploma in Textile & Clothing from recognised University / Institute with 2-3 years of work/ teaching experience in relevant areas. Preference will be given to higher qualification & experience |
| TOURISM AND HOSPITALITY | Sonepur | Diploma/ Degree in Hotel Management from a recognized Institute or University with at least 5 year work/ teaching experience in Food or Beverage Services, Or Diploma in Food & Beverage Services with at least 5 year work/ teaching experience in Food or Beverage Services. Or Diploma in Restaurant & Banquet Service with at least 5 year work/ teaching experience. Preference will be given to the Higher qualification and work/ teaching experience in related area. |

**NOTE:** Candidates shortlisted on the basis of details filled ONLINE will have to go through On Line Test followed by an Interview. Existing VTs will be undergoing Certificate Verification followed by formal interview. Selected candidates will be asked to join within short notice of one week.

For clarification on Advt. contact on:
**Mob.: 8144814174, Id.- ansuman.idaksha@gmail.com**


## ବିଜେପିର ସାଂଗଠନିକ ବୈଠକ

# ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବାକୁ ଆହ୍ୱାନ




**କେନ୍ଦୁଝର,୧୨/୭/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ନେତୃତ୍ୱରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଡ଼ା. ଫକୀରମୋହନ ନାଏକ, ରାଜ୍ୟନେତ୍ରୀ ସୁକେଶୀ ଓରାମ, ରାଜ୍ୟ ସମ୍ପାଦିକା ମମତା ସିଂହ, ଘସିପୁରା ବିଧାନସଭା ପ୍ରାର୍ଥୀ ଡ଼. ଶମ୍ଭୁନାଥ ରାଉତ ଓ ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ ପ୍ରମୁଖ ମଞ୍ଚାସୀନ ହୋଇ ଜିଲ୍ଲାର ସମସ୍ତ ମଣ୍ଡଳର ନେତୃତ୍ୱଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଜିଲ୍ଲାରେ ସଂଗଠନକୁ ତୃଣମୂଳସ୍ତରରେ ମଜବୁତ କରିବା ସହିତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ଲାଭ କିଭଳି ସାଧାରଣଜନତା ପାଇପାରିବେ ସେଥିପାଇଁ କାର୍ଯ୍ୟ କରିବାକୁ ବୁଥ୍‌ସ୍ତରର କାର୍ଯ୍ୟକର୍ତ୍ତାଙ୍କୁ ବାର୍ତ୍ତା ଦିଆଯାଇଥିଲା। ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ଅଗନୁ ମହାନ୍ତ ଏବଂ ଯଶସ୍ୱିନୀ ବାଳ ସହଯୋଗ କରିଥିଲେ।

# ଗୋପାଳପୁର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ବାହାନଗା,୧୨/୭/ଏନ୍‌ଏନ୍‌ଏସ୍:** ବାହାନଗା ବ୍ଲକ୍ ଗୋପାଳପୁର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବୈଠକ ଶିଶିର ଅଗସ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବରିଷ୍ଠ ସଦସ୍ୟ କାର୍ତ୍ତିକ ବିଶ୍ୱାଳଙ୍କ ବିୟୋଗରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ବରିଷ୍ଠ ନାଗରିକଙ୍କୁ ପ୍ରଦାନ କରାଯାଇଥିବା ପ୍ରମାଣ ପରିଚୟପତ୍ରରେ ରକ୍ତ ନମୁନା, ପୁଲିସ୍ କାର୍ଯ୍ୟାଳୟ ପ୍ରଦତ୍ତ କୌଣସି କ୍ରମିକ ସଂଖ୍ୟା ଓ ପୁଲିସ୍ ଅଧିକାରୀଙ୍କ ସ୍ୱାକ୍ଷର ନଥିବା ସଭ୍ୟମାନେ ଅଭିଯୋଗ କରିଥିଲେ। ୭୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ଚିହ୍ନଟ କରି ସେମାନଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଆସନ୍ତା ଜୁଲାଇ ୧୮ରେ ଗିଳିଦା ସରକାରୀ ହାଇସ୍କୁଲ୍‌ରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବାର ନିଷ୍ପତ୍ତି ନିଆଯାଇଛି। ସାରଙ୍ଗପୁର ବନଦୁର୍ଗା ମନ୍ଦିରରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ମଞ୍ଚର ସମସ୍ତ ସଭ୍ୟ ଗୋଟିଏ ଲେଖାଏଁ ନିମ୍ବ ଗଛର ଚାରାରୋପଣ କରିଥିଲେ। ନୂତନ ସଭ୍ୟଭାବେ ରଜନୀକାନ୍ତ ବିଶୋୟୀ ଏବଂ କପିଳେନ୍ଦ୍ର ପଢ଼ିଆରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ମଞ୍ଚ ପକ୍ଷରୁ ସ୍ୱାଗତ କରାଯାଇଥିଲା।ଏହି ବୈଠକରେ ଗିରିଶ ଚନ୍ଦ୍ର ଦାଶ, ସୁଦର୍ଶନ ମହାପାତ୍ର, ଶଙ୍କର୍ଷଣ ଶିଅଳ, ବସନ୍ତ ମହାପାତ୍ର, ଉଦୟ ନାରାୟଣ ମହାପାତ୍ର, ହରେକୃଷ୍ଣ ଶିଅଳ, ଖଗପତି ଜେନା, ମନ୍ମଥ କୁମାର ଘଡ଼େଇ, ରବି ନାରାୟଣ ପଣ୍ଡା ଓ ସତ୍ୟବ୍ରତ ଦାଶ ଉପସ୍ଥିତ ଥିଲେ। ପ୍ରଦୀପ ଜେନା ଧନ୍ୟବାଦ ଦେଇଥିଲେ।

## ସାପ କାମୁଡ଼ାରେ ଛାତ୍ର ମୃତ୍ୟୁ ଘଟଣା

# ପରିବାରକୁ ସମବେଦନା ଜଣାଇଲେ ନେତା ଓ ସାମ୍ବାଦିକ



**ବୈଶିଙ୍ଗା,୧୨/୭/ଏନ୍‌ଏନ୍‌ଏସ୍:** ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଜଣେ ଛାତ୍ରଙ୍କର ବିଷାକ୍ତ ସାପ ଦଂଶନରେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ବିଦ୍ୟାଳୟ ପରିସରରେ ଶତାଧିକ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଶାସନର ତତ୍ପରତା ଓ ହସ୍ତକ୍ଷେପ ପରେ ସ୍ଥିତିକୁ ଆୟତ୍ତ କରାଯାଇଥିଲା। ତେବେ ବିଳମ୍ବିତ ସନ୍ଧ୍ୟାରେ ଛାତ୍ରଙ୍କ ମୃତଦେହ ଗଡ଼ଦେଉଳିଆରେ ପହଞ୍ଚିବା ପରେ ପୁନର୍ବାର ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ମୃତ ଛାତ୍ରଙ୍କ ମାଆ ଓ ବାପାଙ୍କୁ ଦୀର୍ଘ ସମୟ ଧରି ବୁଝାସୁଝା କରାଯିବା ପରେ ମୃତଦେହକୁ ତାଙ୍କ ପୈତୃକ ନିବାସ କୁଳିଅଣା ଥାନା ଅଧୀନ ବାଇଗଣବାଡ଼ିଆ ଉପକଣ୍ଠ ଜଗନ୍ନାଥପୁର ଗ୍ରାମକୁ ପଠାଯାଇଥିଲା। ମୃତ ଛାତ୍ରଜଣକ ହେଉଛନ୍ତି ଉକ୍ତ ଗ୍ରାମର ରବୀନ୍ଦ୍ର ସୋରେନଙ୍କ କନିଷ୍ଠ ପୁତ୍ର ସ୍ୱପନ ସୋରେନ। ସ୍ୱପନ ଗଡ଼ଦେଉଳିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରାବାସରେ ରହି ପଢୁଥିଲେ। ଆଜି ଗ୍ରାମ୍ୟ ଶ୍ମଶାନରେ ସ୍ୱପନଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଯାଇଛି। ଏହି ଦୁଃଖଦ ଖବର ପାଇ ବେତନଟୀ ବିଜେଡି ବ୍ଲକ ସଭାପତି ରାଜୀବ ରଞ୍ଜନ ସେନାପତି, ଗଡ଼ଦେଉଳିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସିଂ, ବୁଧିଆ ସିଂ, ଦେବେନ୍ଦ୍ର ଜେନା ଏବଂ ସାମ୍ବାଦିକ ଜଗନ୍ନାଥ ହେମ୍ବ୍ରମ ମୃତକଙ୍କ ବାସଭବନକୁ ଯାଇ ଶୋକାକୁଳ ପରିବାରବର୍ଗ ତଥା ଗ୍ରାମବାସୀଙ୍କୁ ଭେଟିଛନ୍ତି। ସେମାନେ ମୃତ ଛାତ୍ରଙ୍କ ପିତାମାତାଙ୍କୁ ସାନ୍ତ୍ୱନା ପ୍ରଦାନ ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।


OFFICE OF THE SUPERINTENDING ENGINEER 25001/715/2627
RURAL WORKS DIVISION-II, GANJAM, BERHAMPUR
Phone-0680-2404096 E-Mail: eerwgmt@yahoo.co.in
Memo No. 6202 / RWD - IIGB, *********** Date : 20.06.2026
Government of Odisha e-Procurement Notice
Bid Identification No. Online Tender/08/SERWD-II/2026-27

| | | | |
| --- | --- | --- | --- |
| 1 | Name of the Work | :: | Road Works |
| 2 | Estimated Cost | :: | Rs. 50.00 to 76.00 Lakhs |
| 3 | Period of Completion | :: | As per Annexure |
| 4 | Date & Time of availability of Bid documents in the Portal | :: | 17.07.2026 at 10.00 AM to 03.08.2026 up to 5.00 P.M |
| 5 | Last Date/ Time for receipt of Bids in the Portal | :: | 03.08.2026 up to 5.00 P.M |
| 6 | Name and address of the Officer ,Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Sd/- Executive Engineer
R.W. Division-II, Ganjam, Berhampur
OIPR-25001/25073/1/26-27/0009



OFFICE OF THE SUPERINTENDING ENGINEER
RWSS DIVISION, RAIRANGPUR
INVITATION FOR BIDS
E-mail-eerwss_rai@nic.in, eerwss.rai@gmail.com

25001/709/2627

e-PROCUREMENT NOTICE

IDENTIFICATION No. 08 RWSS/RRPUR-2026-2027 / Dated 07.07.2026

The Superintending Engineer, RWS&S Division, Rairangpur on behalf of Governor Odisha invites online BID from the registered manufacturers/ Authorized dealers/ Reputed Firms for the following items.

1. Nature of work: - Supply of Desktop Computer, Monitor, Printer & UPS
2. Period of Delivery : 15(Fifteen) days
3. Cost of tender : - ₹6000.00
4. Estimated cost : - ₹14.25 Lac
5. Class of Bidder : - Registered manufacturers / Authorized Dealers only.
6. Date and time of availability of bid documents in Portal: -from 10.00 hours of 14.07.2026 to17.00 to hours of 23.07.2026
7. Receipt of bid cost, bid security, documents: - Online only
8. Date & time of opening of technical bid: - Dt. 24.07.2026 at 11.00 hours onwards.
9. Other Documents: - (As mentioned in DTCN)
10. The bidders have to participate in on-line bidding only. Further details can be seen from the website https//www.tendersodisha.gov.in.
11. Any addendum / Corrigendum / Cancellation of tender can also be seen in the said website.

Sd/- Superintending Engineer
RWSS Division, Rairangpur
OIPR-25001/25010/1/26-27/0004

# ଆଉଟ୍‌ସୋର୍ସିଂ ସଂସ୍ଥା ଦ୍ୱାରା ମୃତ୍ତିକା ପରୀକ୍ଷାଗାରର କର୍ମଚାରୀଙ୍କୁ ଶୋଷଣ



**ମାଲକାନଗିରି, ୧୨।୭/ଏନ୍‌ଏନ୍‌ଏସ୍:** ମାଲକାନଗିରି ଜିଲ୍ଲାରେ ଆଉଟ୍‌ସୋର୍ସିଂ ସଂସ୍ଥାଙ୍କ ଦ୍ୱାରା ବିଭିନ୍ନ ସରକାରୀ ସଂସ୍ଥାରେ ନିଯୁକ୍ତି ପାଇଥିବା କର୍ମଚାରୀମାନେ ଶୋଷଣର ଶିକାର ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ସେମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ ସମୟରେ ଲାଞ୍ଚ ମାଗିବା, ନିଯୁକ୍ତିପତ୍ରରେ ଉଲ୍ଲେଖ ଥିବା ଦରମାରୁ କମ୍ ଟଙ୍କା ପ୍ରଦାନ କରିବା, ଅନିୟମିତ ଭାବେ ଦରମା ପ୍ରଦାନ କରିବା ଓ ଇପିଏଫ୍ ଟଙ୍କା ଠିକ୍ ଭାବେ ପୈଠ ନକରିବା ଆଦି ବିଷୟରେ ଅଧିକାଂଶ ବିଭାଗର କର୍ମଚାରୀ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ଠିକ୍ ସମୟରେ ଦରମା ନଦେବା ଫଳରେ ଏବଂ ନିର୍ଦ୍ଧାରିତ ଦରମାଠାରୁ କମ୍ ଦରମା ପ୍ରଦାନ କରାଯାଉଥିବାରୁ ପରିବାର ଚଳାଇବା କଷ୍ଟକର ବୋଲି ସେମାନେ କହିଛନ୍ତି। ଫଳରେ କର୍ମଚାରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ମଧ୍ୟ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀସ୍ଥିତ ଏଲ୍‌ଟିସି କମର୍ସିଆଲ୍ କମ୍ପାନୀ ଦ୍ୱାରା ନିଯୁକ୍ତି ପାଇଥିବା ମାଲକାନଗିରି ମୃତ୍ତିକା ପରୀକ୍ଷା ଗବେଷଣାଗାରର କର୍ମଚାରୀମାନେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମିଙ୍କୁ ଭେଟି ଆଉଟ୍‌ସୋର୍ସିଂ କମ୍ପାନୀର ଏହି ଶୋଷଣ ବିରୋଧରେ ଅଭିଯୋଗ ଜଣାଇଛନ୍ତି। ଏହାର ସମାଧାନ ପାଇଁ ଅଭିଯୋଗପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ବିଧାୟକ ଶ୍ରୀ ମାଡ଼କାମି ଏହାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି କର୍ମଚାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପୁଣି ବନ୍ଦ ହେଲା ...

ବେସାମରିକ କ୍ରୁ ସଦସ୍ୟ ନିଖୋଜ ଅଛନ୍ତି, ଯାହାଙ୍କୁ ସମୁଦ୍ରରେ ଖୋଜାଯାଉଛି। ଇରାନ୍‌ର ଏହି ଆକ୍ରମଣର ଜବାବ ଦେବାକୁ ଆମେରିକା ସେନା ଇରାନ୍ ଉପରେ ଆକ୍ରମଣ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ପ୍ରାୟ ୧୪୦ଟି ଇରାନ ସାମରିକ ଆଡ୍ଡା ଉପରେ ଆକ୍ରମଣ କରାଯାଇଛି, ଯାହାଦ୍ୱାରା 'ବେସାମରିକ ନାବିକ ଏବଂ ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଇରାନର ଆକ୍ରମଣ କରିବାର କ୍ଷମତାକୁ ହ୍ରାସ କରାଯାଇପାରିବ, ବୋଲି ସେଣ୍ଟକମ୍ କହିଛି। ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଏପ୍ରକାର ତିକ୍ତତା ମଧ୍ୟରେ ଯୁଦ୍ଧ ପରିସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିଛି। ଏହା ଜୁନ୍ ୧୭ ରେ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ୧୪-ଦଫା ସମ୍ମତି ପତ୍ର (ଏମ୍‌ଓୟୁ) ପରଠାରୁ ଚାଲିଥିବା ଶାନ୍ତି ଆଲୋଚନାର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଟ୍ରକ୍ ଧକ୍କାରେ ...

ଅଞ୍ଚଳବାସୀ ରାଇଘର-କୁନ୍ଦେଇ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ରାଇଘର ଏବଂ କୁନ୍ଦେଇ ପୁଲିସ ପହଞ୍ଚି ଟ୍ରକକୁ ଜବତ କରିଥିବା ବେଳେ ଟ୍ରକ୍ ଡ୍ରାଇଭର ଥାନାରେ ଆତ୍ମସମର୍ପଣ କରିଛନ୍ତି।

### ନିଶାମୁକ୍ତ ଓଡ଼ିଶା ...

କଲେଜରେ ନିଶାବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସେହିପରି 'ଗୁଡ୍ ଚଏସ କ୍ଲବ୍' ବା ଆଣ୍ଟି-ଡ୍ରଗ କ୍ଲବ ଗଠନ, ପ୍ରବନ୍ଧ, ବିତର୍କ, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାର ବ୍ୟବସ୍ଥା କରାଯିବ। ଏହା ସହ ୩୦ଟି ଜିଲ୍ଲାରେ ସଚେତନତା ରାଲି, ମାରାଥନ, ୱାକାଥନ ଓ ସାଇକେଲ ରାଲି ଆୟୋଜନ ସହ ବିଶ୍ୱବିଦ୍ୟାଳୟ ଏବଂ ମେଡିକାଲ୍ କଲେଜଗୁଡ଼ିକରେ ଯୁବ ସମ୍ପୃକ୍ତି କାର୍ଯ୍ୟକ୍ରମ ମଧ୍ୟ ଚାଲିବ। ସମୁଦାୟ ସ୍ତରରେ ନିଶା ନିରାକରଣକୁ ସୁଦୃଢ଼ କରିବା ପାଇଁ ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ଆଣ୍ଟି-ଡ୍ରଗ୍ କମିଟି ବୈଠକ ଆୟୋଜନ କରାଯିବ। ଏହା ବ୍ୟତୀତ ୩୦୦ଟି ପଞ୍ଚାୟତରେ ସଚେତନତା ଅଭିଯାନ ଏବଂ ପ୍ରତି ଜିଲ୍ଲାରେ ୫୦ ଜଣ ଲେଖାଏଁ 'ନିଶା ମୁକ୍ତ ମିତ୍ର'ଙ୍କୁ ନେଇ ମୋଟ ୧,୫୦୦ ସ୍ୱେଚ୍ଛାସେବୀଙ୍କ ମୋବିଲାଇଜେସନ୍ କାର୍ଯ୍ୟକ୍ରମ କରାଯିବ। ଏହି ଉପାଦାନ ପାଇଁ ୭୬.୪୦ ଲକ୍ଷ ଟଙ୍କା ବ୍ୟୟ ଧାର୍ଯ୍ୟ କରାଯାଇଛି । ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ପୁଲିସ ଓ ଅବକାରୀ ବିଭାଗର ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିସହ ପରିବାର ପରାମର୍ଶ ଶିବିର, ପୁନଃ ନିଶାସେବନ ରୋକିବା ପାଇଁ କ୍ୟାମ୍ପ, ବୃତ୍ତିଗତ ପୁନର୍ବାସ ସହାୟତା ଏବଂ ନିଶାମୁକ୍ତ ବ୍ୟକ୍ତିଙ୍କ ସାମାଜିକ ପୁନଃଅନ୍ତର୍ଭୁକ୍ତି ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯିବ। ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପୋଷ୍ଟର, ପ୍ରଚାର ପୁସ୍ତିକା, କାନ୍ଥ ଚିତ୍ର, ଅଡିଓ-ଭିଜୁଆଲ ଫିଲ୍ମ, ରେଡିଓ ବାର୍ତ୍ତା ଓ ସୋସିଆଲ ମିଡିଆ ଅଭିଯାନ ପାଇଁ ୫୦ ଲକ୍ଷ ଟଙ୍କା ବ୍ୟୟ ପ୍ରସ୍ତାବ ରହିଛି । ଅନ୍ୟପକ୍ଷରେ ରାଜ୍ୟ ସେଲ ପରିଚାଳନା, ଜିଲ୍ଲାସ୍ତରୀୟ ମନିଟରିଂ, ତ୍ରୈମାସିକ ସମୀକ୍ଷା ବୈଠକ ଏବଂ ତୃତୀୟ ପକ୍ଷ ମୂଲ୍ୟାଙ୍କନ ପାଇଁ ୮୪.୨୦ ଲକ୍ଷ ଟଙ୍କା ବ୍ୟୟ କରାଯିବାର ପ୍ରସ୍ତାବ ରହିଛି। ବିଭାଗ ପକ୍ଷରୁ ପଠାଯାଇଥିବା ପ୍ରସ୍ତାବରେ କୁହାଯାଇଛି ଯେ, କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ଏହି ଯୋଜନାକୁ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ କରାଯିବ।

### ଦନ୍ତାର ମୃତଦେହ ...

ପୂର୍ବରୁ ହୋଇଥିବା ଅନୁମାନ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବନ ବିଭାଗ ସୂଚନା ଦେଇଛି।

### ଗଜପତିଙ୍କୁ କରାଗଲା ...

ସେବକ। ଯାହାକୁ ଶାଢୀବନ୍ଧା ନୀତି କୁହାଯାଏ। ଅନ୍ୟପଟେ ଗଜପତିଙ୍କ ସହ ଶୃଙ୍ଖଳିତ ରଥଯାତ୍ରା ପାଇଁ ସେବାୟତ ମାନେ ଆଲୋଚନା କରିଥିଲେ। ଅଣସର ଘରେ ନୂତନ ଭାବରେ ଶ୍ରୀବିଗ୍ରହ ମାନଙ୍କର ଅଙ୍ଗଗଠନ ପୂର୍ବରୁ, ତାଙ୍କ ଶ୍ରୀଅଙ୍ଗରୁ ଯେଉଁସବୁ ଚନ୍ଦନ, କରାଳ, ପାଟଡୋର ଇତ୍ୟାଦିକୁ ବାହାର କରି ଦିଆଯାଇଥାଏ, ସେହିଥିରୁ କିଛିକୁ ରୁପାଥାଳିରେ ପଟୁଆର ସହ ଶ୍ରୀନଅରକୁ ନିଆଯାଇଥିଲା। ଘଣ୍ଟ, ଛତା ଓ କାହାଳୀ ଆଦି ସହିତ ସେହି ପଟୁଆର ଯାଇଥିଲା।ଶ୍ରୀନଅରରେ ଉପସ୍ଥିତ ହେବା ପରେ ସେଠାରେ ରାଜାଙ୍କ ଛୁଆଁ ଶାଢ଼ୀମାନ ଦଇତା, ପତିମହାପାତ୍ର, ତଢାଉ, ଦେଉଳ କରଣ ଓ ତଳିଛ ମହାପାତ୍ର ପ୍ରଦାନ କରିଥିଲେ। ସେଠାରେ ଗଜପତି ମହାରାଜା ପ୍ରସାଦ ସେବନ ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ସୁସ୍ଥତା ସଂପର୍କରେ ଗଜପତିଙ୍କୁ ଅବଗତ କରିବା ସହ ରଥଯାତ୍ରା ଓ ଗୁପ୍ତନୀତି ସଂପର୍କରେ ସୂଚନା ଦେଇଥିଲେ।

### ୪୦ ଦିନରେ ୭୦ ଥର ...

ଆମେରିକୀୟ ଡଲାର, ସୁନା-ରୂପା ଗହଣା ଏବଂ ଏକ ଦାମୀ ୯ଟଠ ଗାଡ଼ି ମଧ୍ୟ ଜବତ କରାଯାଇଥିଲା। ଏତଦ୍‌ବ୍ୟତୀତ ଏସ୍‌ଆଇଟି ରିପୋର୍ଟରେ ରାମ ମନ୍ଦିର ଟ୍ରଷ୍ଟର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରାଯାଇଛି। ଏସ୍‌ଆଇଟି ଅନୁସାରେ ଟଙ୍କା ଗଣତି ହେଉଥିବା ଗୃହରେ ସୁରକ୍ଷା ଯାଞ୍ଚ ବ୍ୟବସ୍ଥାକୁ ଜାଣିଶୁଣି ଅତି ଦୁର୍ବଳ କରାଯାଇଥିଲା। କାଉଣ୍ଟିଂ ରୁମ୍‌ର କେତେକ ସ୍ଥାନରେ ସିସିଟିଭି କ୍ୟାମେରାର ନଜର ପହଞ୍ଚି ପାରୁନଥିଲା, ଯାହାର ଫାଇଦା ଅଭିଯୁକ୍ତମାନେ ଉଠାଉଥିଲେ। ଏପରିକି ଦାନ ହୁଣ୍ଡି ବାକ୍ସର ଚାବି ମଧ୍ୟ କିଛି ଅନଧିକୃତ କର୍ମଚାରୀଙ୍କ ହାତକୁ ସହଜରେ ଚାଲିଯାଉଥିଲା। ସୂଚନାଯୋଗ୍ୟ, ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ଅଭିନାଶ ଶୁକ୍ଳା, ଅନୁକଳ୍ପ ମିଶ୍ର, ଲବକୁଶ ମିଶ୍ର, କରୁଣେଶ ପାଣ୍ଡେଙ୍କ ସମେତ ମୋଟ ୮ ଜଣ କର୍ମଚାରୀଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଛି ଏବଂ ଏମାନଙ୍କ ଠାରୁ ପ୍ରାୟ ୭୯.୮୫ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି। ସେହିପରି ଏହି ବଡ଼ ସ୍କାମ୍ ସାମ୍ନାକୁ ଆସିବା ପରେ ନୈତିକତା ଦୃଷ୍ଟିରୁ ଏବଂ ଜନ ଅସନ୍ତୋଷ ଯୋଗୁଁ 'ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ'ର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଅନ୍ୟତମ ବରିଷ୍ଠ ସଦସ୍ୟ ଅନିଲ ମିଶ୍ର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି।

# ୩ ବର୍ଷ ହେଲା ଅଧପନ୍ତରିଆ ଅଙ୍ଗନବାଡ଼ି କୋଠା

**ରାୟଗଡ଼ା, ୧୨।୭/ଏନ୍‌ଏନ୍‌ଏସ୍:** କୋମଳମତି ଶିଶୁଙ୍କ ମାନସିକ ବିକାଶ ସହ ସୁରକ୍ଷିତ ଶିକ୍ଷାଦାନ ପାଇଁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଗାଁ ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସରକାର ଏଥିପାଇଁ କୋଟି କୋଟି ଟଙ୍କାର ଅନୁଦାନ ମଧ୍ୟ ଯୋଗାଉଛନ୍ତି। ମାତ୍ର ପ୍ରଶାସନିକସ୍ତରରେ ଇଚ୍ଛାଶକ୍ତିର ଅଭାବ ଓ ଦାୟିତ୍ୱହୀନତା ଯୋଗୁ ଆଜି ବି ଅସୁରକ୍ଷିତ ପରିବେଶରେ ଶିଶୁଙ୍କ ଭବିଷ୍ୟତ ଗଢ଼ା ଚାଲିଛି। ଏଭଳି ଏକ ଘଟଣା ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍‌ର କୁଦୁଲିମା ଗାଁରେ ଦେଖିବାକୁ ମିଳିଛି। ଏଠାରେ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ସମ୍ପୂର୍ଣ୍ଣ ବିପଦସଙ୍କୁଳ ଅବସ୍ଥାରେ ଥିବାବେଳେ ଦୀର୍ଘ ଦିନ ହେବ ପର ଘର ବାରଣ୍ଡାରେ ଖରା-ବର୍ଷା ସହି କୋମଳମତି ଶିଶୁମାନେ ପାଠ ପଢୁଥିବା ଅଭିଯୋଗ ହୋଇଛି।

**ପର ଘର ବାରଣ୍ଡାରେ ଚାଲିଛି ପାଠପଢ଼ା**

**ଫାଇଲ୍ ନଥିବା କହି ବିଡିଓ ଖସିଯାଉଥିବା ଅଭିଯୋଗ**



୨୦୦୧ ମସିହାରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କୁଦୁଲିମା ଗାଁର ଶିଶୁଙ୍କ ପାଇଁ ତତ୍କାଳୀନ ବିଷମକଟକ ବିଧାୟକ ସାରଙ୍ଗଧର କାଡ୍ରାକାଙ୍କ ଦ୍ୱାରା ଏକ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ମାତ୍ର ସଠିକ୍ ରକ୍ଷଣାବେକ୍ଷଣ ଅଭାବରୁ ଏହି କେନ୍ଦ୍ରଟି ଏବେ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଗଲାଣି। ଛାତରୁ ସିମେଣ୍ଟ ଖଣ୍ଡ ଖସୁଥିବାବେଳେ ଚଟାଣ ମଧ୍ୟ ଫାଟିଯାଇଛି। ଏଭଳି ଅସୁରକ୍ଷିତ ଓ ଜରାଜୀର୍ଣ୍ଣ ଗୃହ ମଧ୍ୟକୁ ଅଭିଭାବକମାନେ ନିଜ ପିଲାଙ୍କୁ ଛାଡ଼ିବାକୁ ସୁରକ୍ଷିତ ମଣୁନାହାନ୍ତି। ଫଳରେ ଅଙ୍ଗନବାଡ଼ି କର୍ମୀ ରାଧାରାଣୀ ମିଶ୍ର ବାଧହୋଇ ଗାଁର ଏକ ବେସରକାରୀ ଆବାସ ଗୃହର ବାରଣ୍ଡାରେ ଶିଶୁଙ୍କୁ ବସାଇ ପାଠ ପଢ଼ାଉଛନ୍ତି। ଅନ୍ୟପଟେ ଆଜକୁ ପ୍ରାୟ ୩ ବର୍ଷ ହେବ ଗାଁ ଶେଷରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ ଅଙ୍ଗନବାଡ଼ିର ଏକ ନୂତନ କୋଠା ନିର୍ମାଣ ଆରମ୍ଭ ହୋଇଥିଲା। କୋଠାର ଛାତ ପଡ଼ି ସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇପାରି ନାହିଁ। ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ମଜୁରୀ ବାବଦକୁ ମାତ୍ର ୬୯ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ବାକି ଅନ୍ୟାନ୍ୟ ବିଲ୍ ପାସ୍ କରାଯାଉ ନାହିଁ। ଫଳରେ ଅର୍ଥ ଅଭାବରୁ କାମ ସମ୍ପୂର୍ଣ୍ଣ ଠପ୍ ହୋଇଥିବା ଗ୍ରାମବାସୀ ଦୟାନିଧି ଆମ୍ବାଡ଼ି ଓ ପିନାବାବୁ ଆମ୍ବାଡ଼ି ଅଭିଯୋଗ କରିଛନ୍ତି। ତୁରନ୍ତ ବକେୟା ଅର୍ଥ ପୈଠ ସହ କାର୍ଯ୍ୟ ଶେଷ କରିବାକୁ ୱାର୍ଡ ସଭ୍ୟ ମୁକୁନ୍ଦ ଆମ୍ବାଡ଼ି ଦାବି କରିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରର ନୂତନ କୋଠା କାର୍ଯ୍ୟ କେବେ ସୁଦ୍ଧା ସରିବ ସେନେଇ ମୁନିଗୁଡ଼ା ଗୋଷୀ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ଅଫିସ୍‌ରେ ଏଭଳି କୌଣସି ଫାଇଲ୍ ନଥିବା କହି ଏକ ପ୍ରକାର ଦାୟିତ୍ୱ ଏଡ଼ାଇ ଦେଇଛନ୍ତି। ଯଦି ଫାଇଲ୍ ନାହିଁ ତେବେ ସରକାରୀ ଅର୍ଥରେ କୋଠାର ଛାତ ପଡ଼ିଲା କେମିତି ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପଟେ ମୁନିଗୁଡ଼ା ସିଡିପିଓ ହରଲକ୍ଷ୍ମୀ ପୂଜାରୀଙ୍କୁ ପଚାରିବାରୁ କୁଦୁଲିମା ଭଳି ବ୍ଲକ୍‌ର ୧୨ଟି ଅଙ୍ଗନବାଡ଼ି କେନ୍ଦ୍ରର ନୂତନ କୋଠା ନିର୍ମାଣର ସମସ୍ୟା ସମ୍ପର୍କରେ ବିଡିଓଙ୍କୁ ପତ୍ର ମାଧମରେ ଅବଗତ କରାଯାଇଛି। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ଉଭୟ ବିଭାଗ ମଧ୍ୟରେ ଥିବା ବିବାଦର ସମାଧାନ କରିବା ସହ ଅଧପନ୍ତରିଆ କୋଠାକୁ ସମ୍ପୂର୍ଣ୍ଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ସମ୍ବର୍ଦ୍ଧନା ସମାରୋହ




**ଭବାନୀପାଟଣା, ୧୨।୭/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରସ୍ଥିତ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ନୂତନ କର୍ମକର୍ତ୍ତାଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ନୃପରାଜ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇ ସାମ୍ବାଦିକଙ୍କ ଲେଖନୀ ଓ ଜିବନୀ ଉପରେ ଆଲୋକପାତ କରିବା ସହ ସାମ୍ବାଦିକ କୌଣସି ଲୋକଙ୍କ ଚାପରେ ବଶବର୍ତ୍ତୀ ନହୋଇ ସତ୍ୟ ଘଟଣାକୁ ଲୋକଲୋଚନକୁ ଆଣିବା ଉଚିତ୍ ବୋଲି କହିଥିଲେ। ବିଶିଷ୍ଟ ଅତିଥିଭାବେ ସିଟିଜେନ୍ ଫରମ୍‌ର ସଭାପତି ଡ. ହେମସାଗର ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧାପକ ବି ଚନ୍ଦ୍ରଶେଖର ଅଚାରି, ସମ୍ମାନିତ ଅତିଥିଭାବେ କେସିଙ୍ଗା ଏନ୍‌ଏସିର ଅଧକ୍ଷ ନୃପରଜ ଯାଦବ ଓ ଆଇନଜୀବୀ ତଥା ଉପଦେଷ୍ଟା ସଦସ୍ୟ ନବୀନ କିଶୋର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ନୂତନ ଉପଦେଷ୍ଟା କମିଟିର ସଦସ୍ୟ ନଳିନ ପଟ୍ଟନାୟକ, ଉପସଭାପତି ବିନୋଦ ଜୈନ, ଯୁଗ୍ମ ସମ୍ପାଦକ ଫିରୋଜ ଦାସ ଓ ଆୟୋଜନ ସମ୍ପାଦକ ସୁଜୟ ଲଙ୍ଗଲତି ପ୍ରମୁଖଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସାମ୍ବାଦିକ ଦୟାନିଧି ସୁନାନି, ମଧୁ ସିନ୍ଦୂର, ବୈଦ୍ୟରାଜ ସଦାନନ୍ଦ ପଟେଲ, ଡ. ମକଲିଙ୍ଗ ଗହିରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। କୋଷାଧକ୍ଷ ପ୍ରଫୁଲ୍ଲ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ରୋହିତ ସାହୁ ଧନ୍ୟବାଦ ଦେଇଥିଲେ।

# ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ

**ଶିକ୍ଷାଦାନ ଓ ମଧ୍ୟାହ୍ନଭୋଜନର ସମୀକ୍ଷା**

**ଲାଞ୍ଜିଗଡ, ୧୨।୭/ଏନ୍‌ଏନ୍‌ଏସ୍:** ଲାଞ୍ଜିଗଡ଼ ବ୍ଲକ୍‌ର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବା ପାଇଁ ପ୍ରୟାସ ଜାରି ରହିଛି। ଏହିକ୍ରମେ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ରୁଷିଆ ମେହେର ବିଭିନ୍ନ ବିଦ୍ୟାଳୟ ଗସ୍ତ କରି ଶିକ୍ଷାଦାନ ସହିତ ଅନ୍ୟାନ୍ୟ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ସୂଚନାନୁଯାୟୀ ଶ୍ରୀ ମେହେର ଲାଞ୍ଜିଗଡ଼ ବ୍ଲକ୍ ଅନ୍ତର୍ଗତ ହତମୁଣ୍ଡା, କାରକରଟା ଓ କିଡିଙ୍ଗ ବିଦ୍ୟାଳୟ ହଠାତ୍ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ବିଦ୍ୟାଳୟଗୁଡ଼ିକରେ ଚାଲିଥିବା ଶିକ୍ଷାଦାନ ଶୈଳୀର ସମୀକ୍ଷା କରିବା ସହ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ମଧ୍ୟାହ୍ନଭୋଜନର ଗୁଣବତ୍ତା ଏବଂ ସ୍ୱଚ୍ଛତାର ମଧ୍ୟ ବିଧିବଦ୍ଧ ତଦନ୍ତ କରିଛନ୍ତି।



# ପହଞ୍ଚିଲାନି ଆମ୍ବୁଲାନ୍ସ, ଟ୍ରାକ୍ଟର୍‌ରେ ବୁହାହେଲେ ଗର୍ଭବତୀ



**ନବରଙ୍ଗପୁର, ୧୨।୭/ଏନ୍‌ଏନ୍‌ଏସ୍:** ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ନପାରିବାରୁ ଟ୍ରାକ୍ଟର୍‌ରେ ଗର୍ଭବତୀ ଡାକ୍ତରଖାନା ଯାଉଥିବା ସମୟରେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିବା ଜଣାପଡ଼ିଛି। ଏଭଳି ଦୃଶ୍ୟ କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ଅମଲାଭଟ୍ଟା ପଞ୍ଚାୟତ ଦାବିରିଘାଟି ଗାଁରେ ଦେଖିବାକୁ ମିଳିଛି। ଗାଁର ଡୋମୁ ମାଝୀଙ୍କ ସ୍ତ୍ରୀ ଉମିଳା ମାଝୀ ଗର୍ଭ ଯନ୍ତ୍ରଣା ଅନୁଭବ କରିବାରୁ ଶନିବାର ରାତି ୧୧ଟା ୩୦ରେ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଏହି ଗାଁକୁ ଭଲ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଯାଇ ନପାରି ଚଚରାଗୁଡ଼ା ଗାଁରେ ଅଟକି ଯାଇଥିଲା। ଫଳରେ ପରିବାର ଲୋକେ ଏବଂ ଗ୍ରାମବାସୀ ଏକ ଟ୍ରାକ୍ଟର୍ ଯୋଗେ ୧୦ କିମି ଦୂର ଚଚରାଗୁଡ଼ା ଗାଁକୁ ଆଣିଥିଲେ। ଟ୍ରାକ୍ଟର୍ ସାହାଯ୍ୟରେ ଆଣୁଥିବା ସମୟରେ ହିଁ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିବା ପରିବାର ଲୋକ କହିଛନ୍ତି। ଏହି ଗାଁରୁ ଆମ୍ବୁଲାନ୍ସ ଯୋଗେ ପ୍ରସୂତି ଓ ଶିଶୁ କନ୍ୟାକୁ ପ୍ରଥମେ ମୈଦଲପୁର ମେଡିକାଲ୍ ଅଣାଯାଇଥିଲା। ପ୍ରସୂତିଙ୍କ ରକ୍ତର ଅଭାବ ଓ ମ୍ୟାଲେରିୟା ଥିବା ହେତୁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶଥାଉକି ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଦୁର୍ଗମ ଅଞ୍ଚଳକୁ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। ତେଣୁ ସରକାର ଏବଂ ପ୍ରଶାସନ ଦୃଷ୍ଟି ଦେଇ ଏହି ଦୁର୍ଗମ ଗାଁ ପାଇଁ ଭଲ ରାସ୍ତାଟିଏ ନିର୍ମାଣ କରିବା ସହ ସମସ୍ତ ସରକାରୀ ଯୋଜନା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଟ୍ରକ୍‌କୁ ପିଟିଲା ଟ୍ରେଲର୍, ଡ୍ରାଇଭର୍ ମୃତ

**ରେଢ଼ାଖୋଲ, ୧୨।୭/ଏନ୍‌ଏନ୍‌ଏସ୍:** ସମ୍ବଲପୁର-କଟକ ୫୫ ନମ୍ବର ଜାତୀୟ ରାଜପଥ ରେଢ଼ାଖୋଲ ଥାନା ଅନ୍ତର୍ଗତ ବର୍ଷକିଆ ଖୋଲ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଶନିବାର ସନ୍ଧ୍ୟାରେ ସମ୍ବଲପୁରରୁ କଟକ ଅଭିମୁଖେ ଆସୁଥିବା ଏକ ଟ୍ରକ୍ ପଛପଟୁ ଟ୍ରେଲର୍‌କୁ ଧକ୍କା ଦେବାରୁ ଚାପିହୋଇ ଡ୍ରାଇଭର୍‌ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ



ଜଣଙ୍କ ହେଲେ ବିହାରର ମୋତିହାରି ଜିଲ୍ଲାର ଅଜିତ ସିଂ (୪୫)। ଘଟଣାସ୍ଥଳରେ ରେଢ଼ାଖୋଲ ଥାନାଧିକାରୀ ସନୟ କୁମାର ନାଏକ ଓ ଚାରମାଳ ଥାନାଧିକାରୀ ବେଦ ପ୍ରକାଶ ନନ୍ଦ ସଦଳବଳେ ପହଞ୍ଚିଥିବାବେଳେ ରେଢ଼ାଖୋଲ ଅଗ୍ନିଶମ ବାହିନୀ ଚାପି ହୋଇଥିବା ଡ୍ରାଇଭର୍‌ଙ୍କୁ କଟର୍ ମେସିନ୍ ସାହାଯ୍ୟରେ ଉଦ୍ଧାର କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ଆମ୍ବୁଲାନ୍ସ ଯୋଗେ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାକୁ ପଠା ଯାଇଥିଲା। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଅଧିକ ତଦନ୍ତ କରୁଥିବା ଜଣାଯାଇଛି।

# ବିଇଏମ୍‌ରେ ଦୌଡ଼କୁଦ ପ୍ରତିଯୋଗିତା

**ଝାରସୁଗୁଡ଼ା, ୧୨।୭/ଏନ୍‌ଏନ୍‌ଏସ୍:** ବେଲପାହାଡ଼ସ୍ଥିତ ବେଲପାହାଡ଼ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ରେ ସିଆଇଏସ୍‌ସିଇ ଜୋନାଲ୍ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଝାରସୁଗୁଡ଼ା ଜୋନ୍‌ର ୮ଟି ଆଇସିଏସ୍‌ସିଇ ବିଦ୍ୟାଳୟର ୧୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଶନିବାର ସକାଳେ ହୋଇଥିବା ଉଦ୍‌ଘାଟନୀ ସମାରୋହରେ ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ମନୋଜ କୁମାର ପଟେଲ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଅମ୍ବରିଶ ଘୋଷ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷା ବିଭାଗର ମୁଖ୍ୟ ତଥା ପ୍ରତିଯୋଗିତାର କୋର୍ଡିନେଟର୍ ହମିଦ କୁମାର ମହାପାତ୍ର ପ୍ରତିଯୋଗିତା ବିଷୟରେ ସୂଚନା ଦେଇଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ବିଜୟ କୁମାର ଗୌଡ଼ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବେଲପାହାଡ଼ ଏଜୁକେଶନ୍ ସୋସାଇଟି ତଥା ବେଲପାହାଡ଼ ଇଂଲିଶ୍ ମିଡିୟମ୍ ବିଦ୍ୟାଳୟର ପରିଚାଳନା କମିଟି ସଭାପତି କୁମାର ହେରମ୍ବ ନାରାୟଣ ନାଏକ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ମେଡେଲ୍ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଅମ୍ବରିଶ ଘୋଷ ଓ ଡାନିଏଲ୍ ଗ୍ରୁପ୍ସ ଅଫ୍ ବିଦ୍ୟାଳୟ ବ୍ରଜରାଜନଗରର ଡାଇରେକ୍ଟର୍ ଡ. ବିଜୟ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ହମିଦ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପ୍ରତୀକ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସୁନ୍ଦରଗଡ଼ର ସେଣ୍ଟ ଟେରେସା ବିଦ୍ୟାଳୟ, ସମ୍ବଲପୁରର ସେଣ୍ଟ ଜୋସେଫ୍, ଝାରସୁଗୁଡ଼ାର ସେଣ୍ଟ୍ ମେରି, ସେଣ୍ଟ ଥୋମାସ୍, ଏସେମ୍ବ୍ଲି ଅଫ୍ ଗଡ, ବ୍ରଜରାଜନଗରର ଶିକ୍ଷା ନିକେତନ, ଡାନିଏଲ୍ ପବ୍ଲିକ୍ ସ୍କୁଲ୍ ଓ ବେଲପାହାଡ଼ର ବେଲପାହାଡ଼ ଇଂଲିଶ୍ ମିଡିୟମ୍ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳି ଆସନ୍ତା ମାସରେ ହେବାକୁ ଥିବା ରିଜିଓନାଲ୍ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।

**ପରିବେଶ ସଚେତନତା କାର୍ଯ୍ୟକ୍ରମ**

# 'କେବଳ ମାଆ ନୁହେଁ, ଉଭୟ ବାପା-ମାଆଙ୍କ ନାମରେ ବୃକ୍ଷରୋପଣ କରାଯାଉ'



**ବଲାଙ୍ଗୀର, ୧୨।୭/ଏନ୍‌ଏନ୍‌ଏସ୍:** ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ୍ କୁତୁର୍ଲାର ଧ୍ରୁବଆନନ୍ଦ ମାଧମିକ ବିଦ୍ୟାଳୟରେ ପରିବେଶ ସଚେତନତା ତଥା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ପ୍ରମୋଦ କୁମାର ବଡ଼ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେଓଗାଁ ବ୍ଲକ୍‌ର ପୂର୍ବତନ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ସମ୍ମାନିତ ଅତିଥିଭାବେ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, କନ୍ଧକେଲଗାଁ ସେକ୍ସନ୍ ଫରେଷ୍ଟର୍ ଆଦିତ୍ୟ ନନ୍ଦ, କୁତୁର୍ଲା ସରପଞ୍ଚଙ୍କ ପ୍ରତିନିଧି ଡମ୍ବରୁ ହରିପାଲ ଓ ବନରକ୍ଷୀ ପ୍ରଦୀପ ମାଝୀ ଯୋଗ ଦେଇଥିଲେ। ବଲାଙ୍ଗୀରରେ ପ୍ରତି ବର୍ଷ ତାପମାତ୍ରା ୪୬ ଡିଗ୍ରୀ ଉପରକୁ ଯାଉଛି। ଜଙ୍ଗଲ ପରିମାଣ ୩୭ରୁ ଖସି ୧୭ ପ୍ରତିଶତରେ ପହଞ୍ଚିଲାଣି। ତେଣୁ ସମସ୍ତେ ସଚେତନ ହୋଇ ବ୍ୟାପକ ମାତ୍ରାରେ ବୃକ୍ଷରୋପଣ କରିବାକୁ ଅତିଥିମାନେ କହିଥିଲେ। ସମ୍ପ୍ରତି ପ୍ରଧାନମନ୍ତ୍ରୀ 'ମଆଙ୍କ ପାଇଁ ଗଛଟିଏ' କାର୍ଯ୍ୟକ୍ରମ କରିବାକୁ ଆହ୍ୱାନ ଦେଇଛନ୍ତି। କିନ୍ତୁ ଆମେ ଉଭୟ ମଆ-ବାପାଙ୍କୁ ଭଲପାଇ ଅନ୍ତତଃ ଦୁଇଟି ଗଛ ରୋପଣ କରିବା ବୋଲି ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଫରେଷ୍ଟର୍ ଆଦିତ୍ୟ ନନ୍ଦ ବନୀକରଣର ଆବଶ୍ୟକତା ତଥା ସରକାରୀ ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ। ଛାତ୍ରଛାତ୍ରୀ ନିଜସ୍ୱ ଉଦ୍ୟମରେ ନିଜ ନିଜ ଘରବାଡ଼ି ତଥା ସ୍କୁଲ୍ ଓ କଲେଜରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାରେ ସହାୟକ ହେବାକୁ ମତପ୍ରକାଶ ପାଇଥିଲା। ଏହି ଅବସରରେ ବିଦ୍ୟାଳୟ କ୍ୟାମ୍ପସ୍‌ରେ ଅତିଥିଗଣ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧାପକ ବିଜୟ କୁମାର ଜାଲ, ବଳରାମ ପ୍ରଧାନ, ହେମନ୍ତ ସାହୁ, ନବକିଶୋର ବାରିକ, ସମାଜସେବୀ ସଞ୍ଜୀବ ପ୍ରଧାନଙ୍କ ସହ ସମସ୍ତ ଛାତ୍ରଛାତ୍ରୀ, ଅଧାପକ ଓ କର୍ମଚାରୀଗଣ ସହଯୋଗ କରିଥିଲେ।

## ନାଦବ୍ରହ୍ମ ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍:** ନାଦବ୍ରହ୍ମ ଅନୁଷ୍ଠାନ ପକ୍ଷରୁ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଦୁଇଦିନ ବ୍ୟାପି ଗୀତ, ନୃତ୍ୟ ଓ ବାଦ୍ୟର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଘାଟନ କରି କହିଥିଲେ ଯେ ଏକାମ୍ର ନିର୍ବାଚନ ମଣ୍ଡଳୀର ନାଦବ୍ରହ୍ମ ପରି ଏକ ସାଂସ୍କୃତିକ ଅନୁଷ୍ଠାନ ଯେପରି ସଙ୍ଗୀତ କାର୍ଯ୍ୟକ୍ରମ କରି ଲୋକାଭିମୁଖୀ କରାଉଛି ତାହା ବିରଳ।

ସମ୍ମାନିତ ଅତିଥିଭାବେ ଓଡ଼ିଆ ଫିଲ୍ମ ସାମ୍ବାଦିକ ଦିଲ୍ଲୀପ ହାଲି କହିଲେ ଯେ ନାଦବ୍ରହ୍ମ ଅନୁଷ୍ଠାନ ଗୀତଗୋବିନ୍ଦ ଓଡ଼ିଶୀ କାର୍ଯ୍ୟକ୍ରମ କରି ଆମ ଓଡ଼ିଶାର ପରମ୍ପରାକୁ ବଞ୍ଚାଇ ରଖିବାର ପ୍ରୟାସ ଜାରି ରଖିଛି। ଅନ୍ୟତମ ଅତିଥି ଭାବେ ଡ଼. ଅଜୟ ନାୟକ କହିଲେ ଯେ ନାଦବ୍ରହ୍ମର ସଦସ୍ୟ ଭାବେ ମହାପାତ୍ର ମିନତୀ ଭଞ୍ଜ ଓ ପ୍ରଫେସର କୁଅଁରଙ୍କ ଓଡ଼ିଶାର ସାଂସ୍କୃତିକ ବୈଭବକୁ ଯେପରି ପ୍ରଚାର ପ୍ରସାର କରୁଛନ୍ତି ତାହା ଅତ୍ୟନ୍ତ ଖୁସିର ବିଷୟ। ଅତିଥି ଭାବେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ବେହେରା ଓ ସଭାପତି ବ୍ରହ୍ମାନନ୍ଦ ରାଉତ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ଗୁରୁ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ଗୁରୁ ଜଗନ୍ନାଥ କୁଅଁର ସଙ୍ଗୀତ ସମ୍ମାନରେ ସମ୍ମାନିତ ଓ ଗୁରୁ ମୁରଲୀଧର ସ୍ୱାଇଁଙ୍କୁ ଗୁରୁ ଜଗନ୍ନାଥ କୁଅଁର ତାଳବାଦ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭାକାର୍ଯ୍ୟ ପରେ ଡ. ଜୟସ୍ମିତା କୁଅଁରଙ୍କ ଶ୍ରୀ ଜୟଦେବଙ୍କ ରଚିତ ଶାସ୍ତ୍ରୀୟ ଗୀତଗୋବିନ୍ଦ ଗାୟନ ଶ୍ରୋତାଙ୍କୁ ବିମୁଗ୍ଧ କରିଥିଲା। ପରେ ପରେ ଗୁରୁ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଛାତ୍ରଛାତ୍ରୀମାନେ ଓଡ଼ିଶୀ ବୃନ୍ଦ ଗାୟନ କରିଥିଲେ। ତତ୍‌ପରେ ଏକକ ଓଡ଼ିଶୀ ଶାସ୍ତ୍ରୀୟ ଗାନ କରିଥିଲେ ଡକ୍ଟର ହିମାଂଶୁ ଶେଖର ସ୍ୱାଇଁ। ଶେଷରେ ଗୁରୁ ଜଗନ୍ନାଥ କୁଅଁର, ଜୟଗୁରୁ ପ୍ରଧାନ ଓ ଜଳନ୍ଧର ନାୟକ ବୃନ୍ଦ ମର୍ଦ୍ଦଳ ବାଦନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ଼. ମୃତ୍ୟୁଞ୍ଜୟ ରଥ ଓ ସୁଶ୍ରୀ ଅନନ୍ୟା ମିଶ୍ର। ଅନୁଷ୍ଠାନ ସମ୍ପାଦକ ଡ଼. ଜଗନ୍ନାଥ କୁଅଁର ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଏମ୍‌ସିର 'ସଫେଇ ଆପଣାନ୍ତୁ ରୋଗ ହଟାନ୍ତୁ' ଅଭିଯାନ



**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍:** ପବିତ୍ର ରଥଯାତ୍ରା ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆଜି ବିଶାଳ ଗଣ ସଫେଇ ଅନୁଷ୍ଠିତ ହୋଇଯାଇଛି। 'ସଫେଇ ଆପଣାନ୍ତୁ, ରୋଗ ହଟାନ୍ତୁ' ଅଭିଯାନର ଆଜି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି ମେୟର ଶ୍ରୀମତୀ ସୁଲୋଚନା ଦାସ। କଟକ-ପୁରୀ ହାଇଟେକ ଛକଠାରୁ ଲିଙ୍ଗିପୁର ଛକ ପର୍ଯ୍ୟନ୍ତ ବାଇପାସ୍ ରାସ୍ତାର ସମ୍ପୂର୍ଣ୍ଣ ସଫେଇ କରାଯାଇଛି। ଏଥିପାଇଁ ୬ ଭାଗରେ ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛସାଥୀ, ସାନିଟାରୀ ଇନ୍‌ସପେକ୍ଟର, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଏଜେନ୍ସିର କର୍ମୀ ବିଶେଷ କରି ସ୍ଥାନୀୟ ଲୋକମାନଙ୍କୁ ନିୟୋଜିତ କରାଯାଇଥିଲା। ଏକ ସଙ୍ଗରେ ଯାନ୍ତ୍ରିକ ସଫେଇ ଓ ମେଡିଆନ ସଫେଇ ମଧ୍ୟ କରାଯାଇଛି।

କଟକ-ପୁରୀ ବାଇପାସ୍ ହାଇଟେକ ଛକ ନବଗୁଞ୍ଜର ନିକଟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମେୟର୍ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଡେପୁଟି ମେୟର୍ ମଞ୍ଜୁଲତା କହଁର, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର୍ ଶୁଭେନ୍ଦୁ କୁମାର ସାହୁ, ସ୍ଥାନୀୟ ତଥା ୧୮ ନମ୍ବର କର୍ପୋରେଟର୍ ବିପ୍ଳବ ବେହେରା, ୪୫ ନମ୍ବର ୱାର୍ଡ କର୍ପୋରେଟର୍ ଅମରେଶ ଜେନା, ୪୪ ନମ୍ବର ୱାର୍ଡ କର୍ପୋରେଟର୍ ଅଜିତ୍ ବେହେରା, ୫ ନମ୍ବର ୱାର୍ଡ କର୍ପୋରେଟର୍ ମିନୁଶ୍ରୀ ଖୁଣ୍ଟିଆ, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ସହକାରୀ କମିଶନର (ପିଆର) ସୁଶ୍ରୀ ସ୍ମୃତି ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛସାଥୀ, ସାନିଟାରୀ ଇନ୍‌ସପେକ୍ଟର, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଏଜେନ୍ସିର କର୍ମଚାରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ସ୍ଥାନୀୟ ଲୋକେ ଏବଂ ଟିମ୍ ବିଏମ୍ ସିଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ରଥଯାତ୍ରା ଦେଖିବାକୁ ଏହି ରାସ୍ତାରେ ହଜାର ହଜାର ଭକ୍ତଙ୍କର ସମାଗମ ହେବ। ରାସ୍ତା ପାର୍ଶ୍ୱରେ ଥିବା ଦୋକାନୀମାନେ ନିଜେ ନିଜର ଦୋକାନ ସମ୍ମୁଖ ସଫା ରଖିବା ସହ କୌଣସି ପରିସ୍ଥିତିରେ ଯେପରି କାଗଜ, ଗୁଟ୍‌ଖା ଜରି, ପଲିଥିନ୍, କାଗଜ କପ୍, ପ୍ଲେଟ୍ ଆଦି ନ ପଡ଼େ, ସେ ସମ୍ପର୍କରେ ସ୍ଥାନୀୟ ଦୋକାନୀମାନଙ୍କୁ ତାଗିଦ୍ କରିଛନ୍ତି ମେୟର୍। ଶହ ଶହ ଲୋକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଜି 'ସଫେଇ ଆପଣାନ୍ତୁ, ରୋଗ ହଟାନ୍ତୁ' ଏବଂ 'କ୍ୟାଚ୍ ଦ ରେନ୍' ଅଭିଯାନର ଶୁଭାରମ୍ଭ କରାଯାଇଛି। ପୁରୀର ପ୍ରମୁଖ ପ୍ରବେଶ ପଥ କଟକ-ପୁରୀ ବାଇପାସ୍ ରାସ୍ତା ସହ ଭୁବନେଶ୍ୱର ବିଭିନ୍ନ ସ୍ଥାନରେ ଏହି ଅଭିଯାନ ଜାରି ରହିବ ବୋଲି ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ସୂଚନା ଦେଇଥିଲେ ଅତିରିକ୍ତ କମିଶନର୍ ଶୁଭେନ୍ଦୁ କୁମାର ସାହୁ। ଶେଷରେ ସ୍ଥାନୀୟ କର୍ପୋରେଟର୍ ବିପ୍ଳବ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ଅଲ୍ ଓଡ଼ିଶା କମ୍ପ୍ୟୁଟର ଟ୍ରେନିଂ ସେଣ୍ଟର୍ ଆସୋସିଏସନ୍‌ର ସାଧାରଣ ପରିଷଦ ବୈଠକ



**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ରେଡ୍‌କ୍ରସ ଭବନଠାରେ ଅଲ୍ ଓଡ଼ିଶା କମ୍ପ୍ୟୁଟର ଟ୍ରେନିଂ ସେଣ୍ଟର୍ ଆସୋସିଏସନ୍‌ର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି।

### ୱେବ୍‌ସାଇଟ୍ ଉଦ୍‌ଘାଟିତ

ଏହି ଅବସରରେ ସମାଜସେବୀ ତଥା ଶିକ୍ଷାବିତ୍ ଡଃ ତାରା ପ୍ରସନ୍ନ ଶତପଥି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆସୋସିଏସନ୍‌ର ଏକ ୱେବସାଇଟ୍ www.aoctca.in ଉଦ୍‌ଘାଟନ କରିଥିଲେ। ଏହି ପୋର୍ଟାଲ ମାଧ୍ୟମରେ ସାରା ଓଡ଼ିଶାର କମ୍ପ୍ୟୁଟର ପ୍ରଶିକ୍ଷଣ ଆଶାୟୀ ଯୁବକ ଯୁବତୀମାନେ ରାଜ୍ୟରେ ଥିବା କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକ ବିଷୟରେ ସୂଚନା ପାଇପାରିବେ ଏବଂ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକର ପାଠ୍ୟକ୍ରମ, ପାଠ୍ୟକ୍ରମର ଅବଧି ତଥା ଦେୟ ବିଷୟରେ ଅବଗତ ହୋଇପାରିବେ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ।

ବୈଠକରେ ଆସୋସିଏସନ୍‌ର ଅନୁଗୁଳ ଜିଲ୍ଲା ସଭାପତି କାଳନ୍ଦି ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ନୂତନ କରି ପଞ୍ଜିକୃତ ସଭ୍ୟମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଉପଦେଷ୍ଟା ଜ୍ଞାନରଞ୍ଜନ ଦାସ, ରାଜ୍ୟ ସମ୍ପାଦକ ତାପସ ପତି ଏବଂ ଅନ୍ୟତମ ଉପଦେଷ୍ଟା ଅରୁଣ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଆସୋସିଏସନ୍‌ର ରାଜ୍ୟ ସଭାପତି ସୟଦ ସଫିର ଅଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ସମସ୍ତ ଜିଲ୍ଲାର ସଂଯୋଜକମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଆଲୋଚନାରେ ଖୋର୍ଦ୍ଧା ଜିଲ୍ଲା ସଭାପତି ମନୋରଞ୍ଜନ କର, ସତ୍ୟବ୍ରତ ସାହୁ, ସନ୍ତୋଷ ଡାକୁଆ, ପ୍ରଭାତ ଦେହୁରୀ, ବୁବୁନ ପ୍ରଧାନ, ରମଣ କୁମାର ପ୍ରଧାନ, ସନ୍ତୋଷ ଡାକୁଆ, ସୁବ୍ରତ କୁମାର ରଥ, ରାଜେନ୍ଦ୍ର ପ୍ରସାଦ ନାୟକ, ସର୍ବେଶ୍ୱର ମହାରଣା, ବୁବୁନ ପ୍ରଧାନ, କାଳନ୍ଦୀ ବେହେରା, ପ୍ରଭାତ ଦେହୁରୀ, ସୁକାନ୍ତ କୁମାର ମହାରଣା ଓ ବିଭାସ ରଞ୍ଜନ ପଟ୍ଟନାୟକ ପ୍ରମୁଖ ସଭ୍ୟବୃନ୍ଦ ଭାଗ ନେଇଥିଲେ। ଶେଷରେ ରାଜ୍ୟ ସଂଯୋଜକ ତଥା ଉପସଭାପତି ଇଞ୍ଜିନିୟର ଅବିନାଶ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### କେଜିରୁ ପିଜି ମାଗଣା ଶିକ୍ଷାଦାନ ବ୍ୟବସ୍ଥା

## ସବୁ ବିଦ୍ୟାଳୟକୁ ସରକାରୀକରଣ କରାଯାଉ: ଓଷ୍ଟା

**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍:** ଓଡ଼ିଶାରେ ପ୍ରାଥମିକ ଠାରୁ ଉଚ୍ଚଶିକ୍ଷା (କେଜିରୁ ପିଜି) ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ନିମନ୍ତେ ରାଜ୍ୟ କ୍ୟାବିନେଟ୍‌ରେ ଯେଉଁ ନିଷ୍ପତ୍ତି ହୋଇଛି ତାହାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ସ୍ୱାଗତ କରାଯାଇଛି। ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଓ ସୁଲଭ କରିବା ପାଇଁ ସ୍କୁଲ କଲେଜ ମାନଙ୍କରେ ଉପଯୁକ୍ତ ସଂଖ୍ୟକ ଶିକ୍ଷକ ଓ ଶିକ୍ଷାକର୍ମଚାରୀ, ଅନୁଷ୍ଠାନର ପରିଚାଳନା ଓ ସୁରକ୍ଷା ନିମନ୍ତେ ଉପଯୁକ୍ତ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେଲେ ଏହା ଫଳପ୍ରଦ ହୋଇପାରିବ ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି।

କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ପାଇଁ ରାଜ୍ୟ ସରକାର ତାଙ୍କର ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ ଅବସରରେ ଗତ ଜୁନ୍ ୧୨ ତାରିଖରେ ଘୋଷଣା କରି ଏକମାସର ଅବଧି ମଧ୍ୟରେ ଏହାକୁ କ୍ୟାବିନେଟ ବୈଠକରେ ପାରିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକ କିପରି ଚାଲିବ ସେ ଦିଗରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ସରକାର ସମସ୍ତ ବର୍ଗର ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରନ୍ତେ ସବୁ ବିଦ୍ୟାଳୟଗୁଡ଼ିକ ସରକାରୀ ସୁବିଧା ପାଇପାରନ୍ତା, ସମସ୍ତ ପିଲା ସମାନ ଭାବରେ ସୁବିଧା ସୁଯୋଗ ହାସଲ କରିପାରନ୍ତେ, ସମାନ ଢଙ୍ଗରେ କେଜିରୁ ପିଜି ଏକପ୍ରକାର ଶିକ୍ଷକ ରହନ୍ତେ ଏବଂ ସମସ୍ତଙ୍କୁ ସବୁ ସୁବିଧା ମିଳି ପାରନ୍ତା ବୋଲି ଓଷ୍ଟା ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ ପାଇଛି। ସରକାର କେଜିରୁ ପିଜି ଯୋଜନା ନିମନ୍ତେ ଯେଉଁ ଘୋଷଣା କରିଛନ୍ତି ଯଦି ସମସ୍ତ ବର୍ଗର ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରନ୍ତେ ତେବେ ଡବଲ ଇଞ୍ଜିନ ସରକାରଙ୍କର ଏହା ଐତିହାସିକ ପଦକ୍ଷେପ ହୋଇ ପାରନ୍ତା ଏବଂ ଓଡ଼ିଶାରେ ଗୋଟିଏ ପ୍ରକାର ବିଦ୍ୟାଳୟର ବ୍ୟବସ୍ଥା ଚାଲିବା ସହିତ ସମସ୍ତେ ସମାନ ସୁବିଧା ସୁଯୋଗ ପାଇପାରନ୍ତେ ବୋଲି ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କୁ ଜଣାଇଛନ୍ତି।

## ସେଣ୍ଟ୍ରାଲ୍ ଭୁବନେଶ୍ୱର ସୋସିଆଲ୍ ୱାର୍କ ଟିମ୍‌ର ଜନ ସଂଯୋଗ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍:** ୟୁନିଟ୍-୫ ସ୍ଥିତ କେଶରୀ ନଗର କଲୋନୀ ପରିସରରେ ଆଜି ସକାଳେ ସେଣ୍ଟ୍ରାଲ ଭୁବନେଶ୍ୱର ସୋସିଆଲ ୱାର୍କ ଟିମ୍ ପକ୍ଷରୁ ଏକ ମହତ୍ତ୍ୱପୂର୍ଣ୍ଣ ଜନ ସଂଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲୋନୀର ବାସିନ୍ଦାମାନେ ଦୀର୍ଘ ଦିନ ଧରି ସମ୍ମୁଖୀନ ହେଉଥିବା ବିଭିନ୍ନ ମୌଳିକ ସମସ୍ୟାଗୁଡ଼ିକୁ ଗମ୍ଭୀରତାର ସହ ବୁଝିବା ଏବଂ ତାହାର ନିରାକରଣ ଦିଗରେ ପଦକ୍ଷେପ ନେବା ଉଦ୍ଦେଶ୍ୟରେ ଏହି ପରିଦର୍ଶନ କରାଯାଇଥିଲା। ଏହି ଅଭିଯାନରେ ଦଳର ସଦସ୍ୟମାନଙ୍କ ସହିତ ଅନ୍ୟ କେତେକ ପ୍ରମୁଖ ସାମାଜିକ କର୍ମୀ, ସରକାରୀ ସାହାଯ୍ୟ ନିରପେକ୍ଷ ସଂଗଠନ (ଏନଜିଓ) ସଦସ୍ୟ, ଉଠା ଦୋକାନୀ ସଂଘର ସଦସ୍ୟ ଓ ସେମାନଙ୍କ ସଭାପତି ଏବଂ ସ୍ଥାନୀୟ ବାସିନ୍ଦା ବହୁ ସଂଖ୍ୟାରେ ସାମିଲ ହୋଇଥିଲେ. ଟିମ୍‌ର ସଦସ୍ୟମାନେ କଲୋନୀର ସ୍ଥାନୀୟ ନେତାମାନଙ୍କୁ ସାଥୀରେ ନେଇ ଘରକୁ ଘର ବୁଲିଥିଲେ ଏବଂ ପ୍ରତ୍ୟେକ ପରିବାରର ସଦସ୍ୟମାନଙ୍କୁ ପ୍ରତ୍ୟକ୍ଷ ଭାବେ ଭେଟିଥିଲେ। ବାସିନ୍ଦାମାନେ ଦୈନନ୍ଦିନ ଜୀବନରେ ନିୟମିତ ଭାବେ ସମ୍ମୁଖୀନ ହେଉଥିବା ସାମାଜିକ ଓ ଆର୍ଥିକ ସମସ୍ୟା ବିଷୟରେ ଦଳର ପ୍ରତିନିଧିମାନେ ପ୍ରତ୍ୟେକ ବ୍ୟକ୍ତିଙ୍କ ସହ ପୃଥକ ପୃଥକ ଭାବେ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବା ପ୍ରମୁଖ ସଦସ୍ୟମାନେ ହେଲେ ମାନି ପଣ୍ଡା, କିଶଳୟ ଘୋଷ, ଆଲୋକ ଶର୍ମା, କୁଞ୍ଜ ବିହାରୀ ବେହେରା, ବାସୁଦେବ ମହାରଣା, ମନ୍ଦାକିନୀ ଗହାରଣା, ଅଶୋକ ରାୟ, ପ୍ରତାପ ସାହୁ, ଲକ୍ଷ୍ମୀଧର ପ୍ରଧାନ, ଗୁରୁବାରୀ ନାଏକ, ନିତ୍ୟାନନ୍ଦ ନାୟକ, ରେବତୀ ସାମଲ, ପଠାଣି ବେହେରା, ଅଞ୍ଜୁ ଗୋଛାୟତ, ଶୁଭଜିତ ଦାସ, ପର୍ମାନନ୍ଦ ନାୟକ, ରାଜଶ୍ରୀ ଦାସ, ମୀନାକ୍ଷୀ, ରଞ୍ଜିତା, ପ୍ରଭାତୀ ଏବଂ ଏହି ଅଞ୍ଚଳର ତଥା ବାହାରୁ ଆସିଥିବା ଅନେକ ସମର୍ଥକ ଓ ସମର୍ପିତ କର୍ମୀ।

## ହେଲ୍ପମେଟ୍ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ




**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍:** ସାମାଜିକ ଅନୁଷ୍ଠାନ ହେଲ୍ପମେଟ୍ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ପାଳନ କରାଯାଇଛି। ଚମକ ଚାନ୍ଦିନୀ ଦାଶ ମଞ୍ଚ ପରିଚାଳନା କରିଛନ୍ତି। ରାଜ୍ୟସ୍ତରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ୭ ଦିନ ଧରି ବକ୍ତୃତା, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, କୌତୁକ ପୋଷାକ, ଗଳ୍ପ, କବିତା ଇତ୍ୟାଦି ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଅନନ୍ୟ ପ୍ରତିଭା ଯଥା ଡ. ରଶ୍ମି ଦାସ, ମଧୁସ୍ମିତା ସା, ଅମ୍ବିତ୍ କୁମାର ଜେନା, ଦୀପ୍ତି ମିଶ୍ର, ଜୟଶ୍ରୀ ପଟ୍ଟନାୟକ ଓ ଦୀପ୍ତି ପଟ୍ଟନାୟକଙ୍କ ସହ ତିନିଜଣ ମହାବିଦ୍ୟାଳୟର ଛାତ୍ର ଯଥା ଅଭିଷେକ ସାହୁ, ଅଧିକାରୀ ସୁରନଜିତ୍ ଦାଶ ଓ ରୋହିତ ନାଥଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅତିଥି ବିଶିଷ୍ଟ କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ଲିପିକା ଦାସ, ନିହାରୀକା ପଟ୍ଟନାୟକ, ଲିନା ମିଶ, ଜଗନ୍ନାଥ ପ୍ରଧାନ, ଆଲୋଚ୍ୟ ବିଷୟ 'ନାରୀର ଉନ୍ନତି, ଦେଶର ପ୍ରଗତି' ଉପରେ କହିଛନ୍ତି ଯେ ନାରୀର ସାମାଜିକ, ଅର୍ଥନୈତିକ ଓ ବୌଦ୍ଧିକ ବିକାଶ ହିଁ ଦେଶର ପ୍ରଗତିର ପ୍ରକୃତ ମାପଦଣ୍ଡ। ସଭାପତି ଡ. ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହ ସମ୍ପାଦିକା ନିବେଦିତା ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସଦସ୍ୟାମାନଙ୍କ ଦ୍ୱାରା ସଚେତନତା ମୂଳକ ନାଟକ 'ଜାଗ୍ରତ ହେଉ ମାନବିକତା' ପରିବେଷଣ କରାଯାଇଥିଲା। ଶେଷରେ ମାନସ ଆଟୋଇ ଧନ୍ୟବାଦ୍ ଦେଇଥିଲେ।

## ଅଖିଳ ଓଡ଼ିଶା ସାମାଜିକ ସୁରକ୍ଷା ଅଧିକାରୀ ସଂଘର ରାଜ୍ୟସ୍ତରୀୟ ବୈଠକ

ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍: ଅଖିଳ ଓଡ଼ିଶା ସାମାଜିକ ସୁରକ୍ଷା ଅଧିକାରୀ ସଂଘ ପକ୍ଷରୁ ରାଜ୍ୟ ସ୍ତରୀୟ ବାର୍ଷିକ ସାଧାରଣ ବୈଠକ ଓଡ଼ିଶା ସଚିବାଳୟ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ସଭାପତି ଯତୀନ ପାଣିଗ୍ରାହୀ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଖୋର୍ଦ୍ଧା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ବିଭିନ୍ନ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ ଓ ସାମାଜିକ ସୁରକ୍ଷା କ୍ୟାଡର୍‌ର ଉପସ୍ଥିତ ୨୦୦ ରୁ ଅଧିକ ଅଧିକାରୀଙ୍କୁ ଆଗାମୀ ଯୋଜନା ବିଷୟରେ ପରାମର୍ଶ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭିକ ଗ୍ରେଡ୍ ପେ'ର ଲେଭଲ ୯ରୁ ଲେଭଲ ୧୦ କୁ ସଂଶୋଧନ, ପଞ୍ଚାୟତସ୍ତରୀୟ ନୂତନ କ୍ଷେତ୍ର ଅଧିକାରୀ ନିଯୁକ୍ତି, ବହୁପ୍ରତିକ୍ଷୀତ ସଂଶୋଧିତ ସାମାଜିକ ସୁରକ୍ଷା କ୍ୟାଡ଼ର୍‌ର ଯଥାଶୀଘ୍ର ଲାଗୁ, କନିଷ୍ଠ ସହାୟକମାନଙ୍କର ପଦୋନ୍ନତି କ୍ୟାଡ଼ର ଗଠନ ଇତ୍ୟାଦି ଦାବି ଉପରେ ଆଲୋଚନା କରାଯାଇଥିଲା।

## 'ସହରୀ ଛାତ ଉପର ବଗିଚା' ଉପରେ ଆଲୋଚନାଚକ୍ର

**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍:** ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ 'ସହରୀ ଛାତ ଉପର ବଗିଚା' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଥିଲେ କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର, ଭୁବନେଶ୍ୱରର ପ୍ରମୁଖ ବୈଜ୍ଞାନିକ ଡ. ପି ଶ୍ରୀନିବାସ। ସହରାଞ୍ଚଳ ଛାତ ଉପର ବଗିଚାର ଅନେକ ଲାଭ ବିଷୟରେ ବ୍ୟାଖ୍ୟା କରି ଡ. ଶ୍ରୀନିବାସ ପ୍ରକାଶ କରିଥିଲେ ଯେ ଏହା ତାଜା ଏବଂ ରାସାୟନିକ ମୁକ୍ତ ପନିପରିବା ଉପଲବ୍ଧ କରାଇଥାଏ, ପୁଷ୍ଟିକର ଖାଦ୍ୟରେ ଉନ୍ନତି ଘଟାଏ ଏବଂ ବଜାର ଉତ୍ପାଦିତ ଦ୍ରବ୍ୟ ଉପରେ ନିର୍ଭରଶୀଳତା ହ୍ରାସ କରିଥାଏ। ଡ. ପାଣିଗ୍ରାହୀ ପ୍ରକାଶ କରିଥିଲେ ଯେ ଏହାର ସୁବିଧା ସତ୍ତ୍ୱେ, ସହରାଞ୍ଚଳ ରୋଷେଇଶାଳ ବାଗିଚା ସୀମିତ ସ୍ଥାନ, ଅନିୟମିତ ଜଳ ଯୋଗାଣ, କିଛି ଆପାର୍ଟମେଣ୍ଟରେ ସୂର୍ଯ୍ୟକିରଣର ଅଭାବ ଏବଂ କୀଟପତଙ୍ଗ ପରିଚାଳନା ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥାଏ। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ମତ ପ୍ରକାଶ କରିଥିଲେ ଯେ ଅଧିକ ଲୋକ ଏହି ଅଭ୍ୟାସକୁ ଗ୍ରହଣ କଲେ, ସହରାଞ୍ଚଳ ରୋଷେଇଶାଳ ଉଦ୍ୟାନ ଖାଦ୍ୟ ସୁରକ୍ଷା, ଅପଚୟ ହ୍ରାସ ଏବଂ ସବୁଜ ସହର ସ୍ଥାପନରେ ଉପଯୁକ୍ତ ଯୋଗଦାନ ରଖିପାରିବ। ଉପ-ସଭାପତି ଡ. ବିଜୟ କେତନ ପଟ୍ଟନାୟକ ପକ୍ଷୀ ଏବଂ କୀଟପତଙ୍ଗ ପରି ପରାଗସଙ୍ଗମକାରୀମାନଙ୍କୁ ଏହା ଆକର୍ଷିତ କରି କିପରି ଜୈବବିବିଧତାକୁ ସମର୍ଥନ କରେ ତାହା ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ପ୍ରାରମ୍ଭିକ ଭାଷଣ ପ୍ରଦାନ ଏବଂ ବିଷୟବସ୍ତୁର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ସଂଯୋଜକ ପ୍ର. ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପ-ସଭାପତି ଡ. ଲାଲା ଏ.କେ. ସିଂହ ଧନ୍ୟବାଦ ଦେଇଥିଲେ।

## ହ୍ୟୁମାନ୍ ପୋଟେନ୍‌ସିଆଲ୍ ଡେଭଲପ୍‌ମେଣ୍ଟ ଟ୍ରଷ୍ଟ୍‌କୁ 'ଉତ୍କର୍ଷ ସମ୍ମାନ'



**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍:** ଏଲ୍ ଆଣ୍ଡ ଟି ଗ୍ଲୋବାଲ୍, ଭୁବନେଶ୍ୱର ଦ୍ୱାରା ଚନ୍ଦକା ଶିଳ୍ପାଞ୍ଚଳସ୍ଥିତ ଓ-ହବ୍‌ଠାରେ ଆଜି ଆୟୋଜିତ ମାନବ ସମ୍ବଳ ମହାସମାବେଶରେ ହ୍ୟୁମାନ୍ ପୋଟେନସିଆଲ୍ ଡେଭେଲପମେଣ୍ଟ ଟ୍ରଷ୍ଟ ଯୋଗଦାନ କରି ସମ୍ମାନିତ ହୋଇଛି। ଏହି ମାନବ ସମ୍ବଳ ମହାସମାବେଶରେ ରାଜ୍ୟର ସମସ୍ତ ଜିଲ୍ଲାର ସଂଯୋଜକମାନେ ଯୋଗ ଦେଇଥିଲେ। ଏହି ଅବସରରେ ଟ୍ରଷ୍ଟ ଦ୍ୱାରା ପଟ୍ଟଚିତ୍ର କଳାରେ ତାଲିମପ୍ରାପ୍ତ ସାଲିଆସାହି ଓ ତପୋବନ ବସ୍ତିର ବାଳିକା କୁମାରୀ କଳ୍ପନା ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ଚିନ୍ମୟୀ ଖଟୁଆ, ଶକୁନ୍ତଳା ମଲ୍ଲିକ, ତୃପ୍ତିମୟୀ ଦେହୁରୀ ଓ ପୁଷ୍ପାଞ୍ଜଳି ସାହୁ ସେମାନଙ୍କ ଦ୍ୱାରା ନିପୁଣ ଭାବେ ପ୍ରସ୍ତୁତ ବିଭିନ୍ନ ପଟ୍ଟଚିତ୍ରଗୁଡ଼ିକର ଏକ ଆକର୍ଷଣୀୟ ପ୍ରଦର୍ଶନୀ କରିଥିଲେ। ସମାବେଶରେ ଯୋଗଦେଇଥିବା ବିଭିନ୍ନ ପ୍ରତିନିଧିମାନେ ସେହି କଳାକୃତିଗୁଡ଼ିକୁ ଭୂୟସୀ ପ୍ରଶଂସା କରିବା ସହିତ କେତେକ ଚିତ୍ର କ୍ରୟ ମଧ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ବସ୍ତିର କଳାକାରମାନଙ୍କ ସହିତ ଟ୍ରଷ୍ଟର ପ୍ରତିନିଧି ମିନା ସୁବୁଦ୍ଧି, ସୋନାଲି ସାମନ୍ତରାୟ, ସୁସ୍ମିତା ଦାଶ ଏବଂ ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶ୍ରୀରାଜକୁମାର ସୁତାର ପ୍ରମୁଖ ଯୋଗ ଦେଇଥିଲେ। ବସ୍ତି ଅଞ୍ଚଳରେ ରହୁଥିବା ଯୁବକଯୁବତୀଙ୍କ ଜୀବନଶୈଳୀର ବିକାଶ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ କରାଇବା ସଙ୍ଗେ ସଙ୍ଗେ ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ସୁରକ୍ଷା କରିବା ଦିଗରେ ଏହି ଟ୍ରଷ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରାଯାଇଛି. ଏହି ପରିପ୍ରେକ୍ଷୀରେ ଏଲ୍ ଆଣ୍ଡ୍ ଟି ଗ୍ଲୋବାଲ୍ ତରଫରୁ ଟ୍ରଷ୍ଟକୁ ସ୍ୱତନ୍ତ୍ର 'ଉତ୍କର୍ଷ ସମ୍ମାନ' ପ୍ରଦାନ କରାଯିବା ସହ ଏହାର ନିର୍ଦ୍ଦେଶକ ଡକ୍ଟର ଅଶୋକ କୁମାର ସାହୁଙ୍କ ଦ୍ୱାରା ଟ୍ରଷ୍ଟକୁ ପ୍ରୋତ୍ସାହନ ସ୍ୱରୂପ ଦଶ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଥିଲା।

### ସନ୍ତୋଷ କୁମାର ସିଂହ ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍

## କିଟ୍‌ର ଇଶାନ୍ତ ଦାସ ଚାମ୍ପିଅନ୍



**ଭୁବନେଶ୍ୱର,୧୨।୭/ଏଜେନ୍ସି:** ସ୍ଥାନୀୟ କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍‌ରେ ରବିବାର ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ୍ ପକ୍ଷରୁ ୫ମ ସନ୍ତୋଷ ସିଂହ ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ୍‌ରେ କିଟ୍ ଇଣ୍ଟରନାସ୍‌ନାଲ୍ ସ୍କୁଲ୍‌ର ଇଶାନ୍ତ ଦାସ ୪.୫ ପଏଣ୍ଟ୍ ହାସଲ କରି ଚାମ୍ପିଅନ୍ ହୋଇଛନ୍ତି। ଶାନ୍ତନୁ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ର ଉଦୟକାନ୍ତ ନାୟକ (୪.୫) ଓ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ୍‌ର ପ୍ରିୟଦର୍ଶନ ରାୟ (୪.୦ ପଏଣ୍ଟ) ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବାଳିକା ବିଭାଗରେ ସ୍ଥିତପ୍ରଜ୍ଞା ପଟ୍ଟନାୟକ ପ୍ରଥମ ଓ ଦ୍ରିଶିତା ନାୟକ ଦ୍ୱିତୀୟ ହୋଇଛନ୍ତି। ସେହିପରି ବୟସ ବର୍ଗରେ ଓମ୍ ଶତପଥୀ, ଆହାନ୍ ଅଭିଜ୍ଞାନ, କୀର୍ତ୍ତିଶ କୁମାର ସାହୁ ଓ ଶ୍ରେୟାଂଶୁ ରଥ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଟୁର୍ଣ୍ଣାମେଣ୍ଟ୍‌କୁ ରୟାଲ୍ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର ଷ୍ଟେଟ୍ ବ୍ୟାଙ୍କ୍ ମୁଖ୍ୟ ବ୍ରାଞ୍ଚ୍ ମ୍ୟାନେଜର କଲ୍ୟାଣୀ ଦାସ, ରୟାଲ୍ ପବ୍ଲିକ୍ ସ୍କୁଲ୍ ଭାଇସ୍ ପ୍ରିନ୍ସିପାଲ୍ ପ୍ରଜ୍ଞା ପାରମିତା ସାହୁ ଏବଂ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥି ଭାବେ ଉପସ୍ଥିତ ଥିଲେ।

### ଏସିଆନ୍ କନିଷ୍ଠ ବାଳକ ହ୍ୟାଣ୍ଡ୍‌ବଲ୍

## ଭାରତୀୟ ଦଳରେ ସୁପ୍ରଜିତ ବେହେରା

**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍:** ଚଳିତ ମାସ ୧୩ରୁ ୨୬ ତାରିଖ ପ୍ରଯ୍ୟନ୍ତ ଚୀନ୍‌ର ଚୁଜ୍ ସହରରେ ୨୧ ବର୍ଷରୁ କମ୍ ଏସିଆନ୍ ବାଳକ ହ୍ୟାଣ୍ଡ୍‌ବଲ୍ ପ୍ରତଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ପ୍ରତିଯୋଗିତାରେ ପାଇଁ ଘୋଷିତ ଅଠର ଜଣିଆ ଭାରତୀୟ ଦଳରେ ଓଡ଼ିଶାର ସୁପ୍ରଜିତ ବେହେରାଙ୍କୁ ସ୍ଥାନ ସାମିଲ କରାଯାଇଛି। ଏହି ପ୍ରତିଯୋଗିତା ପାଇଁ ଲକ୍ଷ୍ନୌରେ ମେ' ମାସ ୧୧ ଓ ୧୨ ତାରିଖ ଦୁଇଦିନ ଧରି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରୁ ୩୦ ଜଣ ଚଳିତ ମାସ ୩ରୁ ୧୨ ତାରିଖ ପର୍ଯ୍ୟନ୍ତ ଜାମସେଦପୁରର ଜେସିଆର୍‌ଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜିତ ଚୟନ ଶିବିର ପାଇଁ ମନୋନୀତ ହୋଇଥିଲେ। ଏହି ଚୟନ ଶିବିର ରେ ଓଡିଶା ର ପ୍ରଥମ ଅନ୍ତର୍ଜାତୀୟ କୋଚ୍ ଗୌରୀ ଶଙ୍କର ମିଶ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୁପ୍ରଜିତଙ୍କ ଏହି ସଫଳତା ପାଇଁ ଓଡ଼ିଶାର ପୁରାତନ ହ୍ୟାଣ୍ଡ୍‌ବଲ୍ ଖେଳାଳି ପ୍ରଣୟ କୁମାର ପାଣି, ଓଡ଼ିଶା ହ୍ୟାଣ୍ଡ୍‌ବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷଦକ୍ଷ ଶୀତେନ୍ଦ୍ରନାଥ ଦାସ ଓ ଭୁବନେଶ୍ୱର ହ୍ୟାଣ୍ଡ୍‌ବଲ୍ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



## ଓଡ଼ିଶା ବିଦ୍ୟୁତ୍ କ୍ଷେତ୍ର ପ୍ରଶାସନିକ କର୍ମଚାରୀ ସଂଘର ସାଧାରଣ ଅଧିବେଶନ




**ଭୁବନେଶ୍ୱର,୧୨।୭/ଏନ୍‌ଏନ୍‌ଏସ୍:** ଓଡ଼ିଶା ବିଦ୍ୟୁତ୍ କ୍ଷେତ୍ର ପ୍ରଶାସନିକ କର୍ମଚାରୀ ସଂଘର ଦ୍ୱିତୀୟ ବାର୍ଷିକ ସାଧାରଣ ଅଧିବେଶନ 'ସଂକଳ୍ପ-୨୦୨୬' ଭୁବନେଶ୍ୱର ଓଡ଼େଶା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଜିଲ୍ଲାର ସଂଯୋଜକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସଂଘର ସଭାପତି ପ୍ରଭାତ ମହାନ୍ତି ଓ ଅତିଥି ବିଜୟ ମଲ୍ଲ ଯୋଗଦେଇ କର୍ମଚାରୀଙ୍କ ଅବଦାନକୁ ପ୍ରଶଂସା କରିଥିବା ବେଳେ ପ୍ରିୟଦର୍ଶନ ପୃଷ୍ଟି, କହ୍ନେଇ ମୋଦି, ଅମରେନ୍ଦ୍ର ଆଚାର୍ଯ୍ୟ, ମୋନାଲିସା ବେହେରା ଏବଂ ବରିଷ୍ଠ କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ବରାଳ, ରଘୁନାଥ ହେମ୍ବ୍ରମ, ଦେବିପ୍ରସାଦ ଜେନା, ଦିପ୍ତିକର ମାଝୀ, ରାକେଶ ପରିଡ଼ା, ଦିବ୍ୟ ରଞ୍ଜନ ଭୋଇ, ପ୍ରିୟନାଥ ମହାନ୍ତି, ଅସ୍ମିତା କର, ଦିପ୍ତିମୟୀ ନାଥ, ରୋଶନୀ ଗନ୍ତାଘରିଆ, ଶ୍ୱେତା ପ୍ରଜ୍ଞା ଯୋଶୀ, ସୁନୀଲ କୁମାର ପରିଚ୍ଛା, ସୌରଭ କୁମାର ପ୍ରଧାନ, ମହେଶ୍ୱର ମୁର୍ମୁ, ଶିବ ଶଙ୍କର ସାହୁ, ବିଷ୍ଣୁପ୍ରସାଦ ନାୟକ, ଅଭିନବ ତିର୍କୀ, ତାପସ କୁମାର ମଲ୍ଲିକ, ଅମରେଶ ବେହେରା, କ୍ଷ୍ୱଅଶ୍ମି ରଞ୍ଜନ ପରିଡ଼ା, ସ୍ୱାଧୀନ କୁମାର ଜେନା, ତୃପ୍ତିରଞ୍ଜନ ମିଶ୍ର, ସନତ ପଟ୍ଟନାଏକ, ସଞ୍ଜୀବ ମିତ୍ର ଠାକୁର, ସାଗର ଅମାତ, ସନ୍ତୋଷ ମହାପାତ୍ର ଓ ଜିତ ରଞ୍ଜନ ମଲ୍ଲିକଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜିର ଇତିହାସ

- ୧୮୦୩-ରାଜା ରାମ ମୋହନ ରାୟ ଓ ଆଲେକଜାଣ୍ଡାର ଡଫ୍ ପାଞ୍ଚ ଜଣ ଛାତ୍ରଙ୍କୁ ନେଇ ସ୍କଟିସ୍ ଚର୍ଚ୍ଚ କଲେଜ ଆରମ୍ଭ କରିଥିଲେ।
- ୧୯୦୫-ବଙ୍ଗାଳୀ ଭାଷାର ସାପ୍ତାହିକ 'ସଞ୍ଜୀବନୀ' ପ୍ରଥମ ଥର ବ୍ରିଟିଶ ସାମଗ୍ରୀଗୁଡ଼ିକୁ ଜଳେଇବା ପାଇଁ ପରାମର୍ଶ ଦେଇଥିଲା।
- ୧୯୪୫-ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ ଆକ୍ଟ ବ୍ରିଟିଶ ପାର୍ଲିଆମେଣ୍ଟରେ ପାରିତ ହୋଇଥିଲା।
- ୧୯୭୪-ଭାରତ ପ୍ରଥମ ଏକଦିବସୀୟ ମ୍ୟାଚ୍ ଇଂଲଣ୍ଡ ବିରୁଦ୍ଧରେ ଖେଳିଥିଲା।
- ୧୯୭୭-ଆପାତକାଳ ସମୟରେ ଭାରତ ରତ୍ନ, ପଦ୍ମ ବିଭୂଷଣ ଆଦି ଲୋକ ସମ୍ମାନଗୁଡ଼ିକୁ ଫେରାଇ ଅଣାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ସମସ୍ୟାଗୁଡ଼ିକରେ ସୁଧାର ହେବ। ବ୍ୟାପାରରେ କୌଣସି ନୂଆ ଯୋଜନାରେ ମନ ଲଗାଇବେ। ଅଳ୍ପ ଦୂର ସ୍ଥାନକୁ ଯିବା ପାଇଁ ଅବସର ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ।

**ବୃଷ** - ନୂଆ ଯୋଜନା ପ୍ରସ୍ତୁତ କରିବେ। ଅନୁଭବୀ ବ୍ୟକ୍ତିଙ୍କ ଠାରୁ ପରାମର୍ଶ ନେଇପାରନ୍ତି। ଆର୍ଥିକ ଲାଭ ଯୋଗୁ ମନ ପ୍ରସନ୍ନ ରହିବ। ପରିଜନଙ୍କ ତରଫରୁ ଶୁଭ ସୂଚନା ମିଳିପାରେ। ରିସ୍କଥିବା କାମରେ ସମସ୍ୟା ହୋଇପାରେ।

**ମିଥୁନ** - ଧୈର୍ଯ୍ୟର ସହିତ କାମ କରିବେ। ଯୋଜନାଗୁଡ଼ିକ ଆର୍ଥିକ ଲାଭ ଦେଇପାରନ୍ତି। ଆଧ୍ୟାତ୍ମିକ ବିଷୟଗୁଡ଼ିକରେ ରୁଚି ବଢ଼ିବ। ରୋଜଗାର ମିଳିବାର ସମ୍ଭାବନା ରହିଛି। ଧାର୍ମିକ କାମରେ ମନ ଲାଗିବ।

**କର୍କଟ** - ବ୍ୟବସାୟରେ ବଡ଼ ରିସ୍କ ନେବା ଅନୁଚିତ। ଅଜଣା ଲୋକଙ୍କ ଠାରୁ ଦୂରରେ ରହିଲେ ଭଲ। ଅବିବାହିତ ଜାତକରେ ବିବାହର ମୋହର ଲାଗିପାରେ। ଅଧିକାରୀଙ୍କୁ ଅଣଦେଖା କରିଲେ କ୍ଷତି ହେବ।

**ସିଂହ** - ଦାମ୍ପତ୍ୟ ଜୀବନରେ ମଧୁରତା ରହିବ। ସମ୍ପତ୍ତି ସହିତ ଜଡ଼ିତ ବିବାଦରେ ବିଜୟୀ ହେବେ। ଭାଗୀଦାରୀ ବ୍ୟବସାୟରେ ଆର୍ଥିକ ଲାଭର ଯୋଗ ରହିଛି। ମିତ୍ରଙ୍କ ସହିତ ସମୟ ଅତିବାହିତ କରିବେ।

**କନ୍ୟା** - ଦିନଟି ମିଶ୍ରିତ ଫଳ ଦେବ। କାର୍ଯ୍ୟକ୍ଷେତ୍ରରେ ନୂଆ ଦାୟିତ୍ୱ ମିଳିବ। ପୁରୁଣା ଭୁଲ୍ ଲୋକଙ୍କ ସାମ୍ନାରେ ଉଜାଗର ହେବ। ସରକାରୀ ଚାକିରି ପାଇଁ ନୂଆ ଆବେଦନ କରିପାରନ୍ତି। ବ୍ୟାପାର ଠିକ୍‌ଠାକ୍ ଚାଲିବ।

**ତୁଳା** - କାର୍ଯ୍ୟକ୍ଷେତ୍ରରେ ପ୍ରତିସ୍ପର୍ଦ୍ଧାର ଭାବ ବଜାୟ ରହିବ। ମହତ୍ତ୍ୱପୂର୍ଣ୍ଣ ମାମଲାରେ ଆଜି ନିଷ୍ପତ୍ତି ଆପଣଙ୍କ ପକ୍ଷରେ ଯିବ। ଶୈକ୍ଷଣିକ ଗତିବିଧିଗୁଡ଼ିକରେ ବ୍ୟସ୍ତ ରହିବେ। ଆଧ୍ୟାତ୍ମ ପ୍ରତି ଆକର୍ଷିତ ହେବେ।

**ବିଛା** - ନୂଆ ସମ୍ପତ୍ତି କିଣିବାର ଯୋଜନା କରିବେ। ବ୍ୟବସାୟ ପାଇଁ ଭଲ ସମୟ। ଅସାବଧାନତା କ୍ଷତି ଦେଇପାରେ। ମାଙ୍ଗଳିକ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି। ଧନ ଲାଭର ଆଶା ଅଛି।


**ଧନୁ** - ଆଜିର ଦିନଟି ଭଲରେ କଟିବ। ଜନ କଲ୍ୟାଣ କାମରେ ମନ ଲାଗି ରହିବ। ଅନ୍ୟମାନଙ୍କ କାମ ସହିତ ନିଜ କାମରେ ଧ୍ୟାନ ଦେବେ। ସାମାଜିକ କ୍ଷେତ୍ରରେ ସାବଧାନ ରହିଲେ ଭଲ।

**ମକର** - ଦିନଟି ଆନନ୍ଦମୟ ହେବ। ସୁଖ-ସୁବିଧାର ବସ୍ତୁଗୁଡ଼ିକରେ ଧନ ଖର୍ଚ୍ଚ ହେବ। ଅତିଥିଙ୍କ ଆଗମନ ହୋଇପାରେ। ଭାଇଙ୍କ ସହଯୋଗରେ ସମସ୍ୟାରୁ ବାହାରିବେ। ଆର୍ଥିକ ମାମଲା ଅଳ୍ପ ସମସ୍ୟା କରେଇବ।

**କୁମ୍ଭ** - ରଚନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ ହେବ। କୌଣସି ମହତ୍ତ୍ୱପୂର୍ଣ୍ଣ ସୂଚନା ମିଳିପାରେ। ମାନ-ସମ୍ମାନ ବୃଦ୍ଧି ହୋଇପାରେ। ନିକଟ ସମ୍ପର୍କୀୟ ନାରାଜ ହୋଇପାରନ୍ତି। ଚିନ୍ତା କରି କାମ କରିଲେ ଭଲ।

**ମୀନ** - ନିଜ ଦାୟିତ୍ୱକୁ ପୂରା କରିବେ। କାନୁନୀ ମାମଲା ପାଇଁ ଧୈର୍ଯ୍ୟ ଧରନ୍ତୁ। ଆପଣଙ୍କ ଆକର୍ଷଣ ଲୋକମାନଙ୍କୁ ପ୍ରଭାବିତ କରିବ। ଧାର୍ ନକଲେ ଭଲ। ବିଦେଶରେ ରହୁଥିବା ପରିଜନଙ୍କ ସହିତ ସାକ୍ଷାତ ହୋଇପାରେ।


## ଶ୍ରୀମଦ୍ ଭଗବଦ୍‌ଗୀତା




**ସୁଖଂ ତ୍ୱିଦାନୀଂ ତ୍ରିବିଧଂ ଶୃଣୁ ମେ ଭରତର୍ଷଭ।**
**ଅଭ୍ୟାସାଦ୍ରମତେ ଯତ୍ର ଦୁଃଖାନ୍ତଂ ଚ ନିଗଚ୍ଛତି। (୧୮/୩୬)**

ହେ ଅର୍ଜୁନ ! ବର୍ତ୍ତମାନ ତ୍ରିବିଧ ସୁଖ ବିଷୟ ମୋ ଠାରୁ ଶୁଣ। ଏଠାରେ ଶ୍ରୀକୃଷ୍ଣ କ୍ରିୟା ଓ କର୍ତ୍ତାର ଗୁଣଭେଦ ଅନୁସାରେ ପ୍ରକାରଭେଦ କହିସାରିବା ପରେ ବର୍ତ୍ତମାନ କର୍ମର ଫଳ ସ୍ୱରୂପ ଯେଉଁ ସୁଖ ମିଳେ, ତାହାର ତ୍ରିଭେଦ ବର୍ଣ୍ଣନା କରାଯିବ।

# ହିନ୍ଦୁ ଧର୍ମର ପଞ୍ଚକନ୍ୟା




**ଆମ ପରମ୍ପରାରେ ମା' ଦୁର୍ଗା, ମା' ଲକ୍ଷ୍ମୀ ଓ ଦେବୀ ସରସ୍ୱତୀଙ୍କୁ କ୍ରମଶଃ ଶକ୍ତି, ସମୃଦ୍ଧି ଓ ଜ୍ଞାନର ଦେବୀ ଭାବରେ ପୂଜା କରାଯାଏ। ଏହି ଦେବୀମାନଙ୍କର ଗୁଣ ସମସ୍ତ ସ୍ତ୍ରୀମାନଙ୍କ ମଧ୍ୟରେ କୌଣସି ନା କୌଣସି ଭାବରେ ରହିଥାଏ। ତେବେ ଆମ ପୁରାଣରେ ଏହିପରି ପାଞ୍ଚ ଜଣ ନାରୀଙ୍କ ବିଷୟରେ ଉଲ୍ଲେଖ ରହିଛି ଯେଉଁମାନଙ୍କୁ ଦେବୀ ଭାବରେ ମାନ୍ୟତା ମିଳିନାହିଁ କିନ୍ତୁ ସାହସ, ଧୈର୍ଯ୍ୟ ଓ ଜୀବନ ସଂଘର୍ଷର କାରଣରୁ ସେମାନଙ୍କୁ ଅତ୍ୟନ୍ତ ପୂଜନୀୟ ସ୍ଥାନ ପ୍ରାପ୍ତ ହୋଇଛି।**

**ଅହଲ୍ୟା-**ତାଙ୍କ ଜୀବନ ଉପରେ ଏକ ଦୃଷ୍ଟି ପକାଇଲେ ଜଣାପଡ଼େ ଯେ ସେ ଥିଲେ ମହର୍ଷି ଗୌତମଙ୍କ ପତ୍ନୀ। ପୁରାଣ ଅନୁସାରେ ସେ ଅତ୍ୟନ୍ତ ରୂପବତୀ ଓ ବିଦୂଷୀ ନାରୀ ଥିଲେ। ଦେବରାଜ ଇନ୍ଦ୍ର ଛଳ କରି ତାଙ୍କୁ ଅପମାନିତ କରିଥିଲେ। ତାଙ୍କ ନାରୀତ୍ୱକୁ ଶକ୍ତ ଧକ୍କା ଲାଗିଥିଲା ଯେଉଁ କାରଣରୁ ଋଷି ଗୌତମ ତାଙ୍କୁ ପଥର ହୋଇଯିବା ପାଇଁ ଅଭିଶାପ ଦେଇଥିଲେ। ପରେ ଭଗବାନ ରାମ ତାଙ୍କୁ ସ୍ପର୍ଶ କଲା ପରେ ସେ ମୁକ୍ତି ପାଇଥିଲେ।

**ଦ୍ରୌପଦୀ-** ତାଙ୍କୁ ଯାଜ୍ଞସେନୀ ବୋଲି କୁହାଯାଏ। ସେ ଜୀବନ ସାରା ନିଜର ସମ୍ମାନ ପାଇଁ ଲଢ଼ିଥିଲେ। ତାଙ୍କ ସହିତ ହୋଇଥିବା ଦୁର୍ବ୍ୟବହାରକୁ ସେ କ୍ଷମା କରିନଥିଲେ ଓ ପରବର୍ତ୍ତୀ ସମୟରେ ଯୁଦ୍ଧକୁ ହିଁ ଚୟନ କରିଥିଲେ। ମହିଳାମାନଙ୍କ ସମ୍ମାନ ଉପରେ ଯଦି ଆଞ୍ଚ ଆସେ ତେବେ କେବଳ ଘର ନୁହେଁ ଶତ୍ରୁର ପୂରା ସଂସାର ଜଳିଯାଇପାରେ ବୋଲି ସେ ସନ୍ଦେଶ ଦେଇଥିଲେ।

**ତାରା-**ବାନରରାଜ ବାଳୀଙ୍କର ପତ୍ନୀ ଥିଲେ ତାରା। ବାଳୀଙ୍କ ମୃତ୍ୟୁ ପରେ ରାଜ୍ୟରେ ସ୍ଥିରତାକୁ ବଜାୟ ରଖିବା ପାଇଁ ସେ ସୁଗ୍ରୀବଙ୍କୁ ବିବାହ କଲେ ଓ ନିଜର ବୁଦ୍ଧିମତ୍ତା ଓ ଦୂରଦର୍ଶିତା ଦ୍ୱାରା ଶାସନ ବ୍ୟବସ୍ଥାକୁ ସମ୍ଭାଳିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଣୀ ତାରା ପ୍ରଜାମାନଙ୍କର ଜୀବନକୁ ରକ୍ଷା କରିବା ସହିତ ସେମାନଙ୍କୁ ମାତା ପରି ଆଶୀର୍ବାଦ ମଧ୍ୟ ଦେଉଥିଲେ।

**କୁନ୍ତୀ-** ସେ ଥିଲେ ଜଣେ ଅସାଧାରଣ ନାରୀ ଯିଏ ସର୍ବଦା ଧୈର୍ଯ୍ୟ ଓ ତ୍ୟାଗର ପ୍ରତୀକ ଥିଲେ। କଠିନ ପରିସ୍ଥିତିରେ ସେ ନିଜର ପାଞ୍ଚ ପୁତ୍ରଙ୍କର ପାଳନ ପୋଷଣ କରି ଧୈର୍ଯ୍ୟ, ସାହସ ଓ କର୍ତ୍ତବ୍ୟର ମାର୍ଗକୁ ଆପଣାଇବା ପାଇଁ ଶିକ୍ଷା ଦେଇଛନ୍ତି। ସମସ୍ୟାଗୁଡ଼ିକୁ ମଧ୍ୟ ଖୁବ୍ ସାହସର ସହିତ ସେ ସମ୍ମୁଖୀନ ହୋଇଥିଲେ ଓ ପାଞ୍ଚ ପୁତ୍ରଙ୍କୁ ଦୁନିଆର ସର୍ବଶ୍ରେଷ୍ଠ କରିବାର ଦାୟିତ୍ୱ ତୁଲାଇଥିଲେ।

**ମନ୍ଦୋଦରୀ-**ରାବଣର ପତ୍ନୀ ଓ ଭଗବାନ ଶିବଙ୍କର ଜଣେ ପରମ ଭକ୍ତ ଥିଲେ ରାଣୀ ମନ୍ଦୋଦରୀ। ତାଙ୍କୁ 'ନାଗ କନ୍ୟା' ବୋଲି ମଧ୍ୟ କୁହାଯାଉଥିଲା। ରାମାୟଣ ଅନୁସାରେ ମନ୍ଦୋଦରୀ ଅନେକ ଥର ମାତା ସୀତାଙ୍କୁ ଛାଡ଼ି ଧର୍ମର ମାର୍ଗକୁ ଆପଣାଇବା ପାଇଁ ରାବଣଙ୍କୁ ପରାମର୍ଶ ଦେଇଥିଲେ କିନ୍ତୁ ରାବଣ ନିଜର ଅହଂକାର କାରଣରୁ ତାଙ୍କ କଥା ମାନି ନଥିଲା ଓ ଭଗବାନ ରାମଙ୍କ ହାତରେ ମୃତ୍ୟୁବରଣ କରିଥିଲା।


# ମୃତ ସାଗର

ଇସ୍ରାଏଲ୍‌ର ପଶ୍ଚିମ ଓ ଜର୍ଡାନର ପୂର୍ବ ଦିଗ ମଧ୍ୟରେ ମୃତ ସାଗର ନାମକ ଏକ ହ୍ରଦ ରହିଛି। ଏହା ପୂରା ବିଶ୍ୱରେ ପ୍ରସିଦ୍ଧ କାରଣ ଏହି ହ୍ରଦରେ କେହି ବୁଡ଼ି ପାରିବେ ନାହିଁ। ଏହି ଅଦ୍ଭୁତ ଓ ଅନୋଖା ରୋମାଞ୍ଚର ଆନନ୍ଦ ନେବା ପାଇଁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ସେଠାକୁ ଯାଆନ୍ତି। ତେବେ ଏହା ଏକ ରୋଚକ କଥା ଯେ ଯେଉଁ ସ୍ଥାନକୁ ମୃତ ସାଗର ବୋଲି କୁହାଯାଉଛି ସେଠାରେ ଲୁଣ ଓ ଅନ୍ୟ ଧାତୁର ମାତ୍ରା ଅନ୍ୟ ସାଗର ବା ହ୍ରଦ ଅପେକ୍ଷା ଅଧିକ। ଏହି କାରଣରୁ ସେଠିକାର ପାଣି ଅଧିକ ଭାରି ଅର୍ଥାତ ପାଣିରେ ଘନତ୍ୱ ଅଧିକ ରହିଥାଏ। ଏହାଦ୍ୱାରା ପାଣିରେ ଉତ୍‌ପ୍ଳାବକ ବଳ ବୃଦ୍ଧି ହୁଏ ଓ ମଣିଷକୁ ବୁଡ଼ିବାକୁ ଦିଏନାହିଁ। ପ୍ରତି ବର୍ଷ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ସେଠାକୁ ଯାଆନ୍ତି। ସେଠିକାର ପାଣିରେ ଧାତୁ ଓ ଲବଣର ମାତ୍ରା ଅଧିକ ହେବା କାରଣରୁ ଏହା ସ୍କିନ୍ ପାଇଁ ଖୁବ୍ ସ୍ୱାସ୍ଥ୍ୟକାରୀ ହୋଇଥାଏ ଯେଉଁଥି ପାଇଁ ପର୍ଯ୍ୟଟକମାନେ ସେଠାକୁ ସ୍ନାନ କରିବା ପାଇଁ ଯାଆନ୍ତି। ଅଧିକ ଘନତ୍ୱ ଥିବା କାରଣରୁ ପାଣିରେ ଚାଲିବା ମଧ୍ୟ କଷ୍ଟକର ହୋଇଯାଏ। କାରଣ ପାଣି ଉପର ଆଡ଼କୁ ଫୋପାଡ଼ିଦିଏ। ତେଣୁ ପର୍ଯ୍ୟଟକମାନେ ପଲଙ୍କରେ ଶୋଇବା ପରି ପାଣି ଉପରେ ଶୋଇଯାଆନ୍ତି। କିନ୍ତୁ ପାଣି ଯେପରି ଆଖି ଭିତରକୁ ଯିବ ନାହିଁ ତା' ଉପରେ ଧ୍ୟାନ ଦେବା ଜରୁରୀ ହୋଇଥାଏ। କାରଣ ସେହି ପାଣି ଆଖିପାଇଁ ହାନିକାରକ ହୋଇଥାଏ। ଅନେକ ପର୍ଯ୍ୟଟକ ପ୍ରକୃତିର ଆନନ୍ଦ ନେବା ସହିତ ହ୍ରଦରେ ଯାଇ ପୁସ୍ତକ ପଢ଼ିବାର ଆନନ୍ଦ ଉଠେଇବାକୁ ଯାଇଥାନ୍ତି।



**ଉତ୍‌ପ୍ଳାବକ ବଳ-**ଯେତେବେଳେ କୌଣସି ବସ୍ତୁକୁ ତରଳ ଦ୍ରବରେ ପକାଯାଏ ସେହି ଦ୍ରବ ବସ୍ତୁର ବଳକୁ ଉପର ଆଡ଼କୁ ଠେଲିଦିଏ। ଏହି ବଳକୁ କୁହାଯାଏ ଉତ୍‌ପ୍ଳାବକ ବଳ। ଉଦାହରଣସ୍ୱରୂପ ପାଣିକୁ ଯେତେବେଳେ ଆମେମାନେ ଡ଼େଇଁ ଯାଆନ୍ତି ପାଣି ଆମକୁ ପୁନଃ ପୃଷ୍ଠଭାଗ ଆଡ଼କୁ ଠେଲିଦିଏ ଯେଉଁ ଶକ୍ତିକୁ କୁହାଯାଏ ଉତ୍‌ପ୍ଳାବକ ବଳ।

# ଆଜି ଖୁସିରେ କିପରି ରହିବି ?




ବୟସ ବୃଦ୍ଧି ସହିତ ଶରୀରରେ ପରିବର୍ତ୍ତନ ଆସିବା ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ଅନେକ ଥର ଆମେମାନେ ଭୁଲି ଯାଆନ୍ତି ଯେ ଆମର ମନ ବି ବୟସ ସହିତ ଅନୁକୂଳ ପ୍ରକ୍ରିୟା ଦେଇ ଗତି କରୁଥାଏ। ଯଦି ମନକୁ ସଠିକ୍ ଦିଗ ମିଳିଯାଏ ତେବେ ୬୦ ବର୍ଷ ବୟସ ପରେ ଜୀବନ ଚିନ୍ତାରୁ ମୁକ୍ତ ହୋଇଯାଏ ଓ ସନ୍ତୋଷରେ ଭରିଯାଏ।

**ଡେ-ଟାଇଟ୍ କମ୍ପାର୍ଟମେଣ୍ଟ୍ସ-** ଅର୍ଥାତ ଆଜିର ୨୪ ଘଣ୍ଟାରେ ବଞ୍ଚନ୍ତୁ। ବିଗତ ଓ ଆଗାମୀ ଦିନର ଚିନ୍ତା ଛାଡ଼ନ୍ତୁ। ଦ୍ରୁତଗତିରେ ବଦଳୁଥିବା ଏହି ସୂତ୍ର ବୟସ୍କମାନଙ୍କ ପାଇଁ ବିଶେଷ ଭାବରେ ଉପଯୋଗୀ ହୋଇଥାଏ।

**ଚାପ ହ୍ରାସ ହେବ-**ଚିନ୍ତାର ସବୁଠାରୁ ବଡ଼ କାରଣ ଅତୀତକୁ ନେଇ ପଶ୍ଚାତାପ କରିବା କିମ୍ବା ଭବିଷ୍ୟତର ଭୟ। ଯେତେବେଳେ ଆଜିର ସମୟରେ ଆମେ ବଞ୍ଚନ୍ତି ତେବେ ଚାପ ହର୍ମୋନ୍ କୋର୍ଟିସୋଲ୍ କମ୍ ହୋଇଯାଏ।

**ଏଥିପାଇଁ କ'ଣ କରିବେ-** ସକାଳୁ ଉଠି ନିଜକୁ ପଚାରନ୍ତୁ -'ଆଜି ମୁଁ କେଉଁ ପ୍ରକାରର ଖୁସି ଏକାଠି କରିପାରିବି ?' ସକାଳେ ଯାଇ ବୁଲିବା, ଚା' ସହିତ ଖବରକାଗଜ ପଢ଼ିବା, ନାତିନାତୁଣୀଙ୍କ ସହିତ କଥାବାର୍ତ୍ତା ହେବା ଆଦି କାର୍ଯ୍ୟ କରନ୍ତୁ। ତେବେ ମନୋବିଜ୍ଞାନୀଙ୍କ ଅନୁସାରେ ଖୁସିର ତିନୋଟି ମୁଖ୍ୟ ସ୍ତମ୍ଭ ରହିଛି- ସମସ୍ତଙ୍କ ସହିତ ଯୋଡ଼ିହୋଇ ରହିବା, ଯୋଗଦାନ ଓ ନିୟନ୍ତ୍ରଣ। ପ୍ରତି ଘଟଣାରେ ନିଜର ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବା ଓ ପ୍ରତି ସ୍ଥିତିରୁ ଭଲ ଗୁଣ ଖୋଜିବା ହେଉଛି ଅସଲ ଖୁସିର ଗଣିତ। ସାଙ୍ଗସାଥି, ପରିବାର ଓ ପ୍ରିୟଜନମାନଙ୍କ ସହିତ ବିତେଇଥିବା ଖୁସିର ସମୟ ମାନସିକ ଶାନ୍ତି ଓ ଖୁସିର ସବୁଠାରୁ ବଡ଼ ସୋର୍ସ। ଏହା ସହିତ ଖୁବ୍ ବଢ଼ିଆ ଡାଏଟ୍, ଭରପୂର ନିଦ ଓ ଚାପମୁକ୍ତ ଜୀବନ ଖୁସି ରହିବାର ପ୍ରଥମ ସର୍ତ୍ତ। ନିଃସ୍ୱାର୍ଥ ଭାବରେ କାହାକୁ ସାହାଯ୍ୟ କରିବା ବା ସମାଜ ପାଇଁ କିଛି କରିବା ଦ୍ୱାରା ବ୍ୟକ୍ତିକୁ ଆନ୍ତରିକ ସନ୍ତୋଷ ମିଳିଥାଏ।

# ଓଡ଼ିଆ ସାମ୍ବାଦିକତାର ଜନକ



ଭାଷା ଭିତ୍ତିରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବା ପାଇଁ ଯେଉଁ କେତେଜଣ ବରେଣ୍ୟ ଓଡ଼ିଆ ଆଗଧାଡ଼ିରେ ରହିଥିଲେ ସେମାନଙ୍କ ଭିତରେ କର୍ମବୀର ଗୌରୀଶଙ୍କର ରାୟ ଥିଲେ ଅନ୍ୟତମ। ଓଡ଼ିଆ ଭାଷାକୁ ଉଜ୍ଜୀବିତ କରି ରଖିବାରେ ତାଙ୍କର ଅବଦାନ ଥିଲା ଅତୁଳନୀୟ। ସବୁବେଳେ ସେ କର୍ମରେ ହିଁ ବିଶ୍ୱାସ ରଖୁଥିଲେ। ତାଙ୍କର ନିଷ୍ଠାପର କର୍ମ ପାଇଁ ସେ 'କର୍ମବୀର' ନାମରେ ଆଜି ପରିଚିତ। ଊନବିଂଶ ଶତାବ୍ଦୀରେ ହୋଇଥିବା ଓଡ଼ିଆ ନବଜାଗରଣର ଏହି ପୁରୋଧା ୧୮୩୮ ମସିହାର ଆଜିର ଦିନରେ କଟକ ଜିଲ୍ଲାର ଅସୁରେଶ୍ୱର ଅନ୍ତର୍ଗତ ଦୀକ୍ଷିତପଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଢ଼ିବା ଥିଲା ତାଙ୍କର ସ୍ୱପ୍ନ। ଗ୍ରାମ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ କଟକରେ ହାଇସ୍କୁଲ ଶିକ୍ଷା ଗ୍ରହଣ କରିବା ପରେ ଉଚ୍ଚ ଶିକ୍ଷା ପାଇଁ ସେ ହୁଗୁଳି ଯାଇଥିଲେ। ଶିକ୍ଷା ସମାପ୍ତ ହେବା ପରେ ବାଲେଶ୍ୱରରେ ଜଣେ ଶିକ୍ଷକ ଭାବରେ ସେ ନିଜର ଚାକିରି ଜୀବନ ଆରମ୍ଭ କରିବା ସହିତ 'ଉତ୍କଳ ଦୀପିକା' ସମ୍ବାଦପତ୍ର ପ୍ରକାଶ କରି ଏହାର ସମ୍ପାଦନା ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଏହି ନୀତିନିଷ୍ଠ ଓ କର୍ମପ୍ରବଣ ବ୍ୟକ୍ତି ଜଣକ ସମାଜ ସଂସ୍କାର, ଓଡ଼ିଆ ଭାଷାର ସମୃଦ୍ଧି, ସୁରକ୍ଷା ଓ ବିଭିନ୍ନ ଓଡ଼ିଆଭିତ୍ତିକ କାର୍ଯ୍ୟକ୍ରମରେ ସଦାସର୍ବଦା ଯତ୍ନବାନ ଥିଲେ ବୋଲି କୁହାଯାଏ। ଗୌରୀଶଙ୍କର ନିଜର ଦୃଢ଼ ଅଧ୍ୟବସାୟ ଏବଂ ନିଷ୍ଠା ପାଇଁ ବହୁ ପ୍ରାଚୀନ ସାହିତ୍ୟ, ଗ୍ରନ୍ଥ, ଧର୍ମଗ୍ରନ୍ଥ ଇତ୍ୟାଦି କଟକ ପ୍ରିଣ୍ଟିଂ ପ୍ରେସ୍‌ରୁ ପ୍ରକାଶିତ କରି ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧି ଦିଗରେ ଅନେକ କାର୍ଯ୍ୟ କରିଛନ୍ତି। ଏହା ବ୍ୟତୀତ ସେ ଥିଲେ ଜଣେ ବଦାନ୍ୟ ବ୍ୟକ୍ତିତ୍ୱ। ଓଡ଼ିଆ ଅସ୍ମିତାର ସଂରଚନା ଏବଂ ଓଡ଼ିଶାରେ ଖବରକାଗଜ ପ୍ରକାଶନର ଆଦି କର୍ଣ୍ଣଧାର ଭାବେ ଓଡ଼ିଆ ସାହିତ୍ୟ ଇତିହାସରେ ସେ ଚିରସ୍ମରଣୀୟ ହୋଇ ରହିବେ। ଓଡ଼ିଶାରେ ସାମ୍ବାଦିକତା, ସାହିତ୍ୟ ଏବଂ ସ୍ୱାଭିମାନକୁ ପରିପୁଷ୍ଟ କରିଥିବା ଗୌରୀଶଙ୍କର ରାୟ ୭ ମାର୍ଚ୍ଚ, ୧୯୧୭ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ଶେଷ ହେଉନି 'ସତଲୁଜ୍' ବିବାଦ


ଦିଲଜିତ୍ ଦୋସାଂଝଙ୍କ ଫିଲ୍ମ 'ସତଲୁଜ୍' ଉପରେ ଚାଲିଥିବା ବିବାଦ ଥମିବାର ନାମ ନେଉ ନାହିଁ। ତିନି ବର୍ଷର ଦୀର୍ଘ ଅପେକ୍ଷା ପରେ ଫିଲ୍ମଟିକୁ ଜି୫ରେ ଏହି ମାସ ୩ ତାରିଖରେ ରିଲିଜ କରାଯାଇଥିଲା। କିନ୍ତୁ ମାତ୍ର ୪୮ ଘଣ୍ଟା ଭିତରେ ଏହାକୁ ଓଟିଟି ପ୍ଲାଟ୍‌ଫର୍ମରୁ ହଟେଇ ଦିଆଗଲା। କିନ୍ତୁ ବର୍ତ୍ତମାନ ଫିଲ୍ମଟିକୁ ପୁଣି ଥରେ ଜି୫ରେ ଉପଲବ୍ଧ କରେଇବା ପାଇଁ ଦାବି କରାଯାଉଛି। ଏହା ସହିତ ଯାଚିକାରେ କୁହାଯାଇଛି ଯେ ଫିଲ୍ମଟିକୁ ହଟେଇବାର ନିଷ୍ପତ୍ତି ଅଭିବ୍ୟକ୍ତିର ସ୍ୱତନ୍ତ୍ରତାର ସାମ୍ବିଧାନିକ ଅଧିକାରର ଉଲ୍ଲଙ୍ଘନ ଅଟେ। ଶିଖ୍ ମାନବାଧିକାର କାର୍ଯ୍ୟକର୍ତ୍ତା ଯଶବନ୍ତ ସିଂହ ଖାଲ୍‌ରାଙ୍କ ଜୀବନୀ ଦ୍ୱାରା ପ୍ରେରିତ ଏହି ଫିଲ୍ମଟିକୁ ପ୍ଲାଟ୍‌ଫର୍ମରୁ ହଟେଇବା ପରେ ଫିଲ୍ମି ଜଗତର ଅନେକ ଲୋକ, ଶିଖ୍ ସଂଗଠନ ଓ ନାଗରିକ ଅଧିକାର କାର୍ଯ୍ୟକର୍ତ୍ତାମାନେ ଏହି ନିଷ୍ପତ୍ତି ଉପରେ ଆଲୋଚନା କରିଥିଲେ। ଅଧିବକ୍ତା ମୁତାବିକ ଏହି ମାମଲାର ଯାଞ୍ଚ ପାଇଁ କେନ୍ଦ୍ର ସରକାର ତିନି ସଦସୀୟ ସମିତିର ଗଠନ କରିଛନ୍ତି କିନ୍ତୁ ଏ ପର୍ଯ୍ୟନ୍ତ ଫିଲ୍ମର ଷ୍ଟ୍ରିମିଂକୁ ରୋକିବାର କାରଣ ସାର୍ବଜନିକ କରାଯାଇ ନାହିଁ।



**ବିବାଦର କାରଣ-**୨୦୨୨ରେ 'ପଞ୍ଜାବ ୯୫' ନାମରେ ଫିଲ୍ମଟି ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ ପାଖକୁ ଯାଇଥିଲା କିନ୍ତୁ ନିର୍ମାତାମାନେ ବୋର୍ଡ ଦ୍ୱାରା କରାଯାଇଥିବା ୧୨୭ଟି କଟ୍‌କୁ ମାନି ନଥିଲେ। ଏହାପରେ କଥିତ ଭାବରେ ଫିଲ୍ମଟିକୁ ନୂଆ ନାମ ଦିଆଯିବା ପରେ ୩ ଜୁଲାଇରେ ସିଧା ଓଟିଟିରେ ରିଲିଜ କରିଦିଆଯାଇଥିଲା। କିନ୍ତୁ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଓ ଜି୫ ଏ ପର୍ଯ୍ୟନ୍ତ ଫିଲ୍ମଟିକୁ ହଟେଇବା ପଛରେ ସୁରକ୍ଷା ସମ୍ବନ୍ଧୀୟ ଚିନ୍ତା କ'ଣ ଥିଲା ସେ ବିଷୟରେ କିଛି ସଠିକ୍ ତଥ୍ୟ ଦେଇନାହାନ୍ତି। ଫିଲ୍ମଟିର କାହାଣୀ ଲେଖିଥିଲେ ତ୍ରେହାନ, ନୀରେନ୍ ଭଟ୍ଟ ଓ ଉତ୍ସବ ମୈତ୍ରା। ଏଥିରେ ଦିଲ୍‌ଜିତଙ୍କ ସହିତ ଅର୍ଜୁନ ରାମପାଲ୍, କନ୍‌ୱଲଜିତ୍ ସିଂହ, ସୁବିନ୍ଦର ଭିକ୍କି ଓ ଗୀତିକା ବିଦ୍ୟା ଓହଲ୍ୟାନ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି।

# ଦୁର୍ଗିଆନା ମନ୍ଦିର

ଅମୃତସରର ନାମ ଆସିଲେ ମନରେ ପ୍ରଥମେ ସ୍ୱର୍ଣ୍ଣ ମନ୍ଦିର, ଜାଲିୟାନାୱାଲାବାଗ୍ ଓ ୱାଘା ବର୍ଡର ପରି ପର୍ଯ୍ୟଟନ ସ୍ଥଳ କଥା ଆସିଥାଏ। କିନ୍ତୁ ଏସବୁ ସତ୍ତ୍ୱେ ଅମୃତସର ଲୌହଗଡ଼ ଗେଟ୍ ପାର୍ଶ୍ୱରେ ଥିବା ଦେବୀ ଦୁର୍ଗାଙ୍କୁ ସମର୍ପିତ ଦୁର୍ଗିୟାନା ମନ୍ଦିର ମଧ୍ୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। ଦେଶର ପ୍ରସିଦ୍ଧ ସମାଜ ସୁଧାରକ ଓ ରାଜନେତା ପଣ୍ଡିତ ମଦନ ମୋହନ ମାଲବୀୟ ଏହି ଭବ୍ୟ ମନ୍ଦିରର ଆଧାରଶୀଳା ରଖିଥିଲେ। ମନ୍ଦିରରେ ଦୁର୍ଗା ମାତା, ସୀତା ମାତା ଓ ଭଗବାନ ହନୁମାନଙ୍କ ସହିତ ଅନେକ ଦେବଦେବୀଙ୍କ ମୂର୍ତ୍ତି ରହିଛି। ସେଠାରେ ଦେବୀ ଦୁର୍ଗାଙ୍କର ଏକ ରୂପ ଶୀତଳା ମାତାଙ୍କର ଆରାଧନା କରଯାଏ। ଷୋଡ଼ଶ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରର ବର୍ତ୍ତମାନର ସ୍ୱରୂପକୁ ୧୯୨୧ ମସିହା ପାଖାପାଖି ସ୍ୱର୍ଣ୍ଣ ମନ୍ଦିର ଶୈଳୀରେ ପୁନଃ ନିର୍ମାଣ କରାଯାଇଛି। ଏହାର ପାର୍ଶ୍ୱବର୍ତ୍ତୀ କ୍ଷେତ୍ରରେ କୌଣସି ପ୍ରକାରର ମାଦକ ଦ୍ରବ୍ୟକୁ ସମ୍ପୂର୍ଣ୍ଣ ଭାବରେ ନିଷେଧ କରାଯାଇଛି। ଶଙ୍ଖ ମଲ୍‌ମଲ୍ ପଥରରେ ନିର୍ମିତ ଏହି ମନ୍ଦିରର ମୁଖ୍ୟ ଦ୍ୱାର ପାର୍ଶ୍ୱରେ ପହଞ୍ଚିବାକୁ ହେଲେ ଏକ ସରୋବରକୁ ଅତିକ୍ରମ କରିବାକୁ ପଡ଼େ। ପର୍ଯ୍ୟଟକମାନେ ସେଠାରେ କିଛି ସମୟ ବସି ସମୟ ଅତିବାହିତ କରିବା ସହିତ ମନ୍ଦିରର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି। ଦଶହରା, ଦୀପାବଳି ଓ ରାମନବମୀ ପର୍ବ ଧୁମ୍‌ଧାମ୍‌ରେ ମନ୍ଦିରରେ ପାଳନ କରିବାର ପରମ୍ପରା ରହିଛି। ମନ୍ଦିରର ଗମ୍ବୁଜରେ ସୁନାର କୋଟିଂ ଦିଆଯାଇଛି ଓ ଏହାର ଦ୍ୱାରଗୁଡ଼ିକ ରୁପାରେ ନିର୍ମିତ। ରୁପା କବାଟ ଥିବା କାରଣରୁ ଏହାକୁ ଅନେକ ଲୋକ 'ସିଲ୍‌ଭର୍ ଟେମ୍ପଲ' ବୋଲି ମଧ୍ୟ କହିଥାନ୍ତି। ଏହା ବ୍ୟତୀତ ମନ୍ଦିରରେ ହିନ୍ଦୁ ଗ୍ରନ୍ଥଗୁଡ଼ିକର ସମୂହ ସଂଗ୍ରହ ରହିଛି। ପରିସର ମଧ୍ୟରେ ଥିବା ହ୍ରଦକୁ ଦୁର୍ଗିୟାନା ହ୍ରଦ ବୋଲି ମଧ୍ୟ କୁହାଯାଏ। ମନ୍ଦିରରେ ପ୍ରବେଶ ମାତ୍ରେ ଅଖଣ୍ଡ ଜ୍ୟୋତିର ଦର୍ଶନ ମିଳିଥାଏ। ସରୋବରର ମଧ୍ୟ ଭାଗରେ ରହିଛି ଲକ୍ଷ୍ମୀ ନାରାୟଣ ମନ୍ଦିର। ମନ୍ଦିରର ଗମ୍ବୁଜ ନିର୍ମିତ ହୋଇଛି ସ୍ୱର୍ଣ୍ଣ ମନ୍ଦିର ଶୈଳୀରେ। ରାତ୍ରି ସମୟରେ ଗମ୍ବୁଜଗୁଡ଼ିକୁ ଲାଇଟ୍ ଦ୍ୱାରା ପ୍ରକାଶିତ କରାଯାଇଥାଏ। ତେବେ ମନ୍ଦିରରେ ହୋଇଥିବା କାଙ୍ଗଡ଼ା ଶୈଳୀର ଚିତ୍ରକଳା ଓ କାଚରେ ହୋଇଥିବା ଅଦ୍ଭୁତ କାର୍ଯ୍ୟ ପର୍ଯ୍ୟଟକମାନଙ୍କୁ ସବୁ ସମୟରେ ଆକର୍ଷିତ କରିଥାଏ।



# ଦୁର୍ଲଭ ମୋତି ଗୁମ୍ଫା



ଭିଏତ୍‌ନାମର ଏକ ଚୂନପଥର ପାହାଡ଼ର ଗଭୀରତାରେ ବୈଜ୍ଞାନିକମାନେ ଏକ ନୂଆ ଓ ଅଦ୍ଭୁତ ଗୁମ୍ଫାର ସନ୍ଧାନ ନେଇଛନ୍ତି। ଏହି ଗୁମ୍ଫାଟି ନିଜର ଭୂବୈଜ୍ଞାନିକ ମହତ୍ତ୍ୱ କାରଣରୁ ପୂର୍ବରୁ ଧ୍ୟାନ ଆକର୍ଷିତ କରିଥିଲା। ଥାଇଂ ଗୁମ୍ଫା (ବିଜୟ ଗୁମ୍ଫା) ନାମକ ଏହି ନୂଆ ଅନ୍ୱେଷଣରେ ଦୁର୍ଲଭ ଗୁମ୍ଫା ମୋତି ମିଳିଛି ଯେଉଁଗୁଡ଼ିକ ଚିକଣ, ଗୋଲାକାର ଓ ଖଣିଜ ସଂରଚନାର ଉଦାହରଣ ଓ ଏହିପରି ମୋତି ହଜାର ହଜାର ବର୍ଷ ମଧ୍ୟରେ କୌଣସି ବିଶିଷ୍ଟ ପରିସ୍ଥିତିଗୁଡ଼ିକ ମଧ୍ୟରେ ବିକଶିତ ହୋଇଥାନ୍ତି। ନିଜର ପ୍ରଭାବଶାଳୀ ଗୁମ୍ଫା ଓ ଜଟିଳ ପଥୁରିଆ ସଂରଚନାଗୁଡ଼ିକ ସହିତ ଏହି ଅନ୍ୱେଷଣ ଅଧ୍ୟୟନକାରୀମାନଙ୍କ କ୍ଷେତ୍ରର ପ୍ରାଚୀନ କାର୍ଷ୍ଟ ଭୂଦୃଶ୍ୟ ଓ ଏହାକୁ ନିରନ୍ତର ଆକାର ଦେଉଥିବା ଭୂବୈଜ୍ଞାନିକ ପ୍ରକ୍ରିୟାଗୁଡ଼ିକ ସମ୍ପର୍କରେ ବହୁମୂଲ୍ୟ ତଥ୍ୟ ପ୍ରଦାନ କରୁଛି। ଦୁନିଆର ସବୁଠାରୁ ଗୁମ୍ଫା ପ୍ରଣାଳୀଗୁଡ଼ିକ ମଧ୍ୟରୁ ଅନ୍ୟତମ ଥାଇଂ ଗୁମ୍ଫା, ପୃଥିବୀର କିଛି ଅସାଧାରଣ ଭୂମିଗତ ଚମତ୍କାରଗୁଡ଼ିକର ଘର ଭାବରେ ଭିଏତ୍‌ନାମର ପ୍ରତିଷ୍ଠାରେ ଯୋଡୁଛି ଆଉ ଏକ ଅଧ୍ୟାୟ। ଥାଇଂ ଗୁମ୍ଫାର ଅନ୍ୱେଷଣ-ବିଜୟ ଗୁମ୍ଫା ଭାବରେ ପରିଚିତ ଏହି ଗୁମ୍ଫାକୁ କ୍ୱାଙ୍ଗ୍ ତ୍ରି ପ୍ରାନ୍ତର ଫୋଙ୍ଗ ହ୍ନା-କେ ବ୍ୟାଙ୍ଗ ରାଷ୍ଟ୍ରୀୟ ଉଦ୍ୟାନରେ ଥିବା ଚୂନପଥରର ଭୂଭାଗର ଅନ୍ୱେଷଣକାରୀମାନେ ଖୋଜିଥିଲେ। ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟ ସ୍ଥଳର ମାନ୍ୟତା ପାଇଥିବା ଏହି ଗୁମ୍ଫା ନିଜର ଭୂମିଗତ ନଦୀ, ଶାନ୍‌ଦାର ଭୂଭାଗଗୁଡ଼ିକର ଜାଲ ପାଇଁ ପ୍ରସିଦ୍ଧ ଯେଉଁଗୁଡ଼ିକ ମଧ୍ୟରୁ କେତେକଙ୍କୁ ଆଂଶିକ ଭାବରେ ଅନ୍ୱେଷଣ କରାଯାଇଛି। ନୂଆ ଅନ୍ୱେଷଣ ହୋଇଥିବା ଏହି ଗୁମ୍ଫାରେ ବିଶାଳ କକ୍ଷ, ଷ୍ଟାଲାକ୍ଟାଇଟ୍ସ, ଷ୍ଟାଲାଗ୍‌ମାଇଟ୍ସ ଓ ଅନ୍ୟ ଖଣିଜ ପଦାର୍ଥ ସବୁ ରହିଛି। ଏହି କାରଣରୁ ଭୂବୈଜ୍ଞାନିକ ସଂଗ୍ରହଗୁଡ଼ିକର ସୂଚୀରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଅଂଶବିଶେଷ ହୋଇସାରିଛି।

## ଲର୍ଡ୍ସରେ ଯାସ୍ତିକା ପ୍ରଥମ ଶତକଧାରୀ ମହିଳା

# ଭାରତ ୩୨୬ ରନ୍‌ରେ ଆଗୁଆ

**ଲଣ୍ଡନ,୧୨।୭/ଏଜେନ୍ସି:** ଲର୍ଡ୍ସରେ ଖେଳାଯାଉଥିବା ପ୍ରଥମ ମହିଳା ଟେଷ୍ଟରେ ଭାରତ ମଜଭୁତ ସ୍ଥିତିରେ ପହଞ୍ଚିଛି। ତୃତୀୟ ଦିନ ଭାରତ ଦ୍ୱିତୀୟ ଇନିଂସ୍ ୨୪୧/୭ ରନ୍‌ରେ ଘୋଷଣା କରିବା ସହିତ ୪୫୬ ରନ୍‌ରେ ଆଗୁଆ ହୋଇଥିଲା। ୱିକେଟ୍‌କିପର୍ ବ୍ୟାଟର୍ ଯାସ୍ତିକା ଭାଟିଆ ୧୫୮ ବଲ୍‌ରେ ୧୧୩ ରନ୍‌ର ଇନିଂସ୍



କରିଥିଲା। ସ୍ମୃତି ମନ୍ଧାନା (୭୦), ଜେମିମା ରୋଡ୍ରିଗ୍ସ (୩) ଏବଂ କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ କୌର (୧୬) ଆଉଟ୍ ହେବା ପରେ ଯାସ୍ତିକା ଇନିଂସ୍ ସମ୍ଭାଳିଥିଲେ। ସେ ପ୍ରଥମେ ୧୪୫ ରନ୍‌ରେ ନିଜର ପ୍ରଥମ ଟେଷ୍ଟ ଶତକ ପୂରଣ କରିଥିଲେ ଏବଂ ପରେ ୧୧୩ ରନ୍ କରି ସୋଫି ଏକ୍ଲେଷ୍ଟୋନ୍‌ଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଯାସ୍ତିକାଙ୍କ

ଖେଳିଛନ୍ତି। ଏହା ସହିତ ଲର୍ଡ୍ସରେ ଶତକ ହାସଲ କରିବାରେ ସେ ପ୍ରଥମ ମହିଳା କ୍ରିକେଟର୍ ହୋଇଛନ୍ତି। ଜବାବରେ ଷ୍ଟମ୍ପ ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସ୍‌ରେ ୬ ୱିକେଟ୍ ହରାଇ ୧୩୦ ରନ୍ କରି ୩୨୬ ରନ୍‌ରେ ପଛୁଆ ରହିଛି। ଆମି ଜୋନ୍ସ ୫୨ ଏବଂ ସୋଫି ଏକ୍ଲେଷ୍ଟୋନ୍ ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ପୂର୍ବରୁ ମାଇଆ ବାଉଚିୟର୍ ୨, ଟାମି ବ୍ୟୁମୋଣ୍ଟ ୦, ହିଥର୍ ନାଇଟ୍ ୧୩, ନାଟ୍ ସିଭର୍-ବ୍ରଣ୍ଟ ୧୧, ଆଲିସ୍ କାପ୍‌ସି ୨୧ ଏବଂ ମ୍ୟାଡି ଭିଲିୟର୍ସ ୨୬ ରନ୍ କରି ଆଉଟ୍ ହୋଇଥିଲେ। ଭାରତ ପକ୍ଷରୁ ସୟାଲୀ ସତ୍‌ଘରେ, କ୍ରାନ୍ତି ଗୌଡ଼ ଏବଂ ସ୍ନେହ ରାଣା ୨-୨ ୱିକେଟ୍ ନେଇଛନ୍ତି। ଭାରତ ତୃତୀୟ ଦିନର ଆରମ୍ଭ ୧୫୪/୧ ସ୍କୋର୍‌ରୁ ଇନିଂସ୍‌ରେ ୧୪ ଶତକ ସାମିଲ ଥିଲା। ସେ ସ୍ମୃତି ମନ୍ଧାନାଙ୍କ ସହ ୭୩ ଏବଂ ଦୀପ୍ତି ଶର୍ମାଙ୍କ ସହ ୫୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହା ପରେ ଦୀପ୍ତି ଶର୍ମା ୧୦, ସ୍ନେହ ରାଣା ୧ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଶେଷରେ ରିଚା ଘୋଷ ୫୨ ବଲ୍‌ରେ ୫୦ ଏବଂ ସୟାଲୀ ସତ୍‌ଘରେ ୧୮ ରନ୍‌ରେ ଅପରାଜିତ ଫେରିଥିଲେ। ଓପ୍ନର୍ ସ୍ମୃତି ମନ୍ଧାନା ୧୩୦ ବଲ୍‌ରେ ୯ ଚୌକା ଓ ଗୋଟିଏ ଛକା ସହାୟତାରେ ୭୦ ରନ୍ କରିଥିଲେ। ପ୍ରଥମ ଇନିଂସ୍‌ରେ ମଧ୍ୟ ମନ୍ଧାନା ୮୩ ରନ୍‌ର ଇନିଂସ୍ ଖେଳିଥିଲେ। ଇଂଲଣ୍ଡ ପକ୍ଷରୁ ସୋଫି ଏକ୍ଲେଷ୍ଟୋନ୍ ୫ ୱିକେଟ୍ ହାସଲ କରିଥିବା ବେଳେ ଲରେନ୍ ବେଲ୍‌ଙ୍କୁ ଦୁଇଟି ସଫଳତା ମିଳିଥିଲା।

# ଷଷ୍ଠ ଥର ସେମିଫାଇନାଲ୍‌ରେ ଆର୍ଜେଣ୍ଟିନା

**କାନ୍‌ସାସ୍,୧୨।୭/ଏଜେନ୍ସି:** ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଣ୍ଟିନା ଚଳିତ ଫୁଟ୍‌ବଲ୍ ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ପହଞ୍ଚିଛି। ଟିମ୍ ଅନ୍ତିମ କ୍ୱାର୍ଟର୍ ଫାଇନାଲ୍‌ରେ ସ୍ୱିଜରଲାଣ୍ଡକୁ ୩-୧ରେ ହରାଇଛି। ଷଷ୍ଠ ଥର ବିଶ୍ୱକପ୍ ସେମିଫାଇନାଲ୍ ସ୍ଥାନ ହାସଲ କରିଥିବା ଲିଓନେଲ୍ ମେସିଙ୍କ ଟିମ୍ ଆସନ୍ତା ୧୫ ତାରିଖରେ ଇଂଲଣ୍ଡକୁ ଭେଟିବ।

କାନ୍‌ସାସ୍ ସିଟି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଆର୍ଜେଣ୍ଟିନା ୧୦ମ ମିନିଟ୍‌ରେ ଆଗୁଆ ହୋଇଥିଲା। ପେନାଲ୍ଟି କର୍ଣ୍ଣରରୁ ଲିଓନେଲ୍ ମେସିଙ୍କ ଏକ ଚମତ୍କାର ପାସ୍‌ରେ ଆଲେକ୍ସିସ୍ ମ୍ୟାକ୍ ଏଲିଷ୍ଟର୍ ହେଡର୍ ଜରିଆରେ ଗୋଲ୍ ଦେଇଥିଲେ। ଏହା ମେସିଙ୍କ ୧୦ ଗୋଲ୍ ଆସିଷ୍ଟ ହୋଇଥିବା ବେଳେ ଚଳିତ ସଂସ୍କରଣରେ ଏହା ଆର୍ଜେଣ୍ଟିନାର ଦ୍ରୁତତମ ଗୋଲ୍ ଥିଲା। ତେବେ ୬୭ତମ ମିନିଟ୍‌ରେ ସ୍ୱିଜରଲାଣ୍ଡ ପକ୍ଷରୁ ଡାନ୍ ଏନ୍‌ଡୋଏ ଗୋଲ୍ ଦେଇ ସ୍କୋର୍ ୧-୧ କରିଥିଲେ। ନିର୍ଦ୍ଧାରିତ ୯୦ ମିନିଟ୍ ପର୍ଯ୍ୟନ୍ତ ସ୍କୋର ୧-୧ ରହିଥିଲା। ଇନ୍‌ଜୁରୀ ଟାଇମ୍‌ରେ ମଧ୍ୟ କୌଣସି ଗୋଲ୍ ହୋଇନଥିଲା। ଅତିରିକ୍ତ ସମୟର ୧୧୨ତମ ମିନିଟ୍‌ରେ ଜୁଲିୟନ୍ ଅଲ୍‌ଭାରେଜ୍ ଏବଂ ୧୨୧ତମ ମିନିଟ୍‌ରେ ଏମି ମାର୍ଟିନେଜ୍ ଗୋଲ୍ କରି ଆର୍ଜେଣ୍ଟିନାକୁ ଲଗାତାର ଦ୍ୱିତୀୟ ବିଶ୍ୱକପ୍ ସେମିଫାଇନାଲ୍‌ରେ ପହଞ୍ଚାଇଥିଲେ।


ଏହି ବିଜୟ ସହିତ ଆର୍ଜେଣ୍ଟିନା ଗୋଟିଏ ବିଶ୍ୱକପ୍‌ର ଦୁଇ ଅଲଗା ମ୍ୟାଚ୍‌ରେ ଅତିରିକ୍ତ ସମୟର ଗୋଟିଏ ହାଫ୍‌ରେ ୨-୨ ଗୋଲ୍ କରିବାରେ ପ୍ରଥମ ଟିମ୍ ହୋଇଛି। ଆର୍ଜେଣ୍ଟିନା ରାଉଣ୍ଡ ଅଫ୍ ୩୨ରେ କେପ୍ ଭର୍ଡେ ବିପକ୍ଷ ଅତିରିକ୍ତ ସମୟରେ ଡବଲ୍ ଗୋଲ୍ କରିଥିଲା।



ସ୍ୱିଜରଲାଣ୍ଡକୁ ୩-୧ରେ ହରାଇଲା
ଅନ୍ତିମ-୪ରେ ଇଂଲଣ୍ଡକୁ ଭେଟିବ

ସେହିପରି ଟିମ୍ ଲଗାତାର ୧୫ମମ ମ୍ୟାଚ୍‌ରେ ଗୋଲ୍ କରିଛି। ଟୁର୍ଣ୍ଣାମେଣ୍ଟ ଇତିହାସରେ ସବୁଠୁ ଲମ୍ବା ଗୋଲ୍ କରିବା ସିରିଜ୍ କେବଳ ଉରୁଗୁଏ (୧୬ ମ୍ୟାଚ୍, ୧୯୩୦-୧୯୬୨), ହଙ୍ଗେରୀ (୧୭ ମ୍ୟାଚ୍, ୧୯୩୪-୧୯୬୨), ଜର୍ମାନୀ (୧୮ ମ୍ୟାଚ୍, ୧୯୩୪-୫୮ ଏବଂ ୧୯୮୬-୧୯୯୮) ଏବଂ ବ୍ରାଜିଲ୍ (୧୮ ମ୍ୟାଚ୍, ୧୯୩୦-୧୯୫୮) ନାମରେ ରହିଛି।

## ବେଲିଙ୍ଗ୍‌ହାମ୍‌ଙ୍କ ଡବଲ୍‌ରେ ଜିତିଲା ଇଂଲଣ୍ଡ



ଜୁଡ୍ ବେଲିଙ୍ଗ୍‌ହାମ୍‌ଙ୍କ ଦୁଇ ଗୋଲ୍ ବଳରେ ଇଂଲଣ୍ଡ ଚଳିତ ଫୁଟ୍‌ବଲ୍ ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛି। ରବିବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଟିମ୍ ନରୱେକୁ ଅତିରିକ୍ତ ସମୟରେ ୨-୧ରେ ହରାଇଛି। ଇଂଲଣ୍ଡ ୨୦୧୮ ପରେ ପ୍ରଥମ ଥର ଅନ୍ତିମ-୪ରେ ସ୍ଥାନ ହାସଲ କରିଛି। ମିୟାମୀ ଷ୍ଟାଡିୟମ୍‌ରେ ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୧-୧ ସ୍କୋର୍‌ରେ ବରାବର ଥିଲା। ଏହାପରେ ରିୟଲ୍ ମାଦ୍ରିଦ୍ ଷ୍ଟାର୍ ମିଡ୍‌ଫିଲ୍ଡର୍ ଜୁଡ୍ ବେଲିଙ୍ଗ୍‌ହାମ୍ ଅତିରିକ୍ତ ସମୟର ୩ୟ ମିନିଟ୍‌ରେ ବିଜୟୀ ଗୋଲ୍ ଦେଇଥିଲେ। ନରୱେ ୩୬ତମ ମିନିଟ୍‌ରେ ଆଣ୍ଡ୍ରିଆସ୍ ଶେଲ୍ଡେରୁପ୍‌ଙ୍କ ଗୋଲ୍‌ରେ ଆଗୁଆ ହୋଇଥିଲା। ଏହାପରେ ପ୍ରଥମ ହାଫ୍‌ର ଇନ୍‌ଜୁରୀ ଟାଇମ୍‌ରେ (୪୫+୨ ମିନିଟ୍) ବେଲିଙ୍ଗ୍‌ହାମ୍ ଗୋଲ୍ ଦେଇ ସ୍ଥିତି ବରାବର କରିଥିଲେ। ଏହି ସ୍ଥିତି ନିୟମିତ ସମୟ ପର୍ଯ୍ୟନ୍ତ ରହିଥିଲା। ମାତ୍ର ଅତିରିକ୍ତ ସମୟର ୩ୟ ମିନିଟ୍ (୯୦+୩)ରେ ବେଲିଙ୍ଗ୍‌ହାମ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇ ଇଂଲଣ୍ଡକୁ ବିଜୟୀ କରାଇବା ସହିତ ଅନ୍ତିମ-୪ରେ ପହଞ୍ଚାଇଥିଲେ। ଏହି ଦୁଇ ଗୋଲ୍‌କୁ ମିଶାଇ ଚଳିତ ଟୁର୍ଣ୍ଣାମେଣ୍ଟରେ ବେଲିଙ୍ଗ୍‌ହାମ୍‌ଙ୍କ ଗୋଲ୍ ସଂଖ୍ୟା ୬ ହୋଇଛି ଏବଂ ସେ କ୍ୟାପ୍‌ଟେନ୍ ହ୍ୟାରୀ କେନ୍‌ଙ୍କ ସମକକ୍ଷ ହୋଇଛନ୍ତି।

# ଇଂଲଣ୍ଡ ଗସ୍ତ ପରେ ବଦଳିବ ଭାରତୀୟ କୋଚିଂ ଷ୍ଟାଫ୍ !

**ନୂଆଦିଲ୍ଲୀ,୧୨।୭/ଏଜେନ୍ସି:** ଇଂଲଣ୍ଡ ଓ ଆୟର୍ଲାଣ୍ଡ ବିପକ୍ଷରେ ଲଗାତାର ଦୁଇଟି ଟି-୨୦ ସିରିଜ୍ ହାରିବା ପରେ ଭାରତୀୟ ଟିମ୍‌ର ସପୋର୍ଟ ଷ୍ଟାଫ୍‌ରେ ପରିବର୍ତ୍ତନ ହୋଇପାରେ। ରିପୋର୍ଟ ଅନୁସାରେ ସହାୟକ କୋଚ୍ ର୍ୟାନ୍ ଟେନ୍ ଡୋଶେଟ୍ ଏବଂ

ହଟିବେ ଡୋଶେଟ୍ ଓ ମୋର୍କେଲ୍
ଫିଲ୍ଡିଂ କୋଚ୍ ଟି. ଦିଲୀପ୍ ବି ଟାର୍ଗେଟ୍‌ରେ

ବୋଲିଂ କୋଚ୍ ମୋର୍ନେ ମୋର୍କେଲ୍ ଟିମ୍‌ରୁ ବାଦ୍ ପଡ଼ିପାରନ୍ତି। ଦୁହିଁଙ୍କ କଣ୍ଟ୍ରାକ୍ଟ ଇଂଲଣ୍ଡ ବିପଂ୪ ଦିନିକିଆ ସିରିଜ୍ ପରେ ଶେଷ ହେଉଛି। ଲଗାତାର ଖରାପ ପ୍ରଦର୍ଶନ ପରେ ବିସିସିଆଇ ଟିମ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ପ୍ରଦର୍ଶନର ସମୀକ୍ଷା କରିବ। ଟିମ୍‌ର ଖରାପ ଫିଲ୍ଡିଂ ମଧ୍ୟ ବୋର୍ଡର ଚିନ୍ତା ବଢ଼ାଇଛି। ଟିମ୍ ଇଣ୍ଡିଆ ଆୟର୍ଲାଣ୍ଡ



ଓ ଇଂଲଣ୍ଡ ଗସ୍ତରେ ୧୦ରୁ ଊର୍ଦ୍ଧ୍ୱ କ୍ୟାଚ୍ ହାତଛଡ଼ା କରିଛି। ଫଳରେ ଫିଲ୍ଡିଂ କୋଚ୍ ଟି. ଦିଲୀପ୍‌ଙ୍କ ମଧ୍ୟ ହଟାଯିବାର ସମ୍ଭାବନା ରହିଛି। ଗତବର୍ଷ ତାଙ୍କୁ ଅଭିଷେକ ନାୟରଙ୍କ ସହ ଟିମ୍‌ରୁ ବାହାର କରାଯାଇଥିଲା। କିନ୍ତୁ ପରେ ପୁଣିଥରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

ରିପୋର୍ଟ ଅନୁସାରେ ର୍ୟାନ୍ ଟେନ୍ ଡୋଶେଟ୍ ପୂରା ବର୍ଷ ଭାରତୀୟ ଟିମ୍ ସହିତ ଲଗାତାର ଯାତ୍ରା କରିବାକୁ ନେଇ ସନ୍ତୁଷ୍ଟ ନାହାନ୍ତି। ସେ ନିଜର ଏହି କଥା ବିସିସିଆଇ ସାମ୍ନାରେ ମଧ୍ୟ ରଖିଛନ୍ତି। ଏହା ସହିତ ତାଙ୍କର କୌଣସି ଆଇପିଏଲ୍ ଫ୍ରାଞ୍ଚାଇଜି ସହିତ ଯୋଡ଼ି ହେବାର ଚର୍ଚ୍ଚା ମଧ୍ୟ ହେଉଛି। ସେହିପରି ମୋର୍ନେ ମୋର୍କେଲ୍ ମଧ୍ୟ ଦ୍ୱିତୀ ବିପଳ୍ପ ଉପରେ ବିଚାର କରୁଛନ୍ତି। ଯଦି ଡୋଶେଟ୍ ଏବଂ ମୋର୍କେଲ୍‌ଙ୍କୁ ସପୋର୍ଟ ଷ୍ଟାଫ୍‌ରୁ ହଟାଯାଏ ତେବେ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ (ସିଓଇ)ର ନୂଆ ଫାଷ୍ଟ ବୋଲିଂ କୋଚ୍ ଲକ୍ଷ୍ମୀପତି ବାଲାଜୀଙ୍କୁ ଶ୍ରୀଲଙ୍କା ଗସ୍ତରେ ଭାରତୀୟ ଟିମ୍ ସହିତ ପଠାଯାଇପାରେ। ଭାରତ ଅଗଷ୍ଟ ପ୍ରାରମ୍ଭରେ ଶ୍ରୀଲଙ୍କା ବିପକ୍ଷରେ ଦୁଇଟି ଟେଷ୍ଟ ମ୍ୟାଚ୍‌ର ସିରିଜ୍ ଖେଳିବ। ସେହିପରି ଜୁଲାଇ ଶେଷ ଆଡ଼କୁ ଜିମ୍ବାୱେ ଗସ୍ତରେ ହେବାକୁ ଥିବା ଟି-୨୦ ସିରିଜ୍‌ରେ ଭିଭିଏସ୍ ଲକ୍ଷ୍ମଣ ସିଓଇ କୋଚିଂ ଷ୍ଟାଫ୍ ସହିତ ଟିମ୍ ଇଣ୍ଡିଆର ଦାୟିତ୍ୱ ସମ୍ଭାଳିବେ।

## ହର୍ଷିତ ଓ ବରୁଣ ଆଗାମୀ ସିରିଜ୍‌ରୁ ବାଦ୍


ପ୍ରିନ୍ସ ଯାଦବ ଓ ରବି ବିଷ୍ଣୋଇଙ୍କୁ ସୁଯୋଗ



**ମୁମ୍ବାଇ,୧୨।୭/ଏଜେନ୍ସି:** ଆହତ କାରଣରୁ ଭାରତୀୟ ଫାଷ୍ଟ ବୋଲର୍ ଆଗାମୀ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ସେହିପରି ସ୍ପିନର୍ ବରୁଣ ଚକ୍ରବର୍ତ୍ତୀ ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜ୍‌ରୁ ବାହାର ହୋଇଛନ୍ତି। ହର୍ଷିତଙ୍କ ସ୍ଥାନରେ ପ୍ରିନ୍ସ ଯାଦବଙ୍କ ଦିନିକିଆ ସ୍କ୍ୱାଡ୍‌ରେ ସାମିଲ କରାଯାଇଛି। ଅନ୍ୟପକ୍ଷରେ ବରୁଣଙ୍କ ସ୍ଥାନରେ ରବି ବିଷ୍ଣୋଇଙ୍କୁ ସୁଯୋଗ ଦିଆଯାଇଛି। ଦୁଇ ଆହତ ଖେଳାଳି ଚିକିତ୍ସା ପାଇଁ ବେଙ୍ଗାଲୁରୁସ୍ଥିତ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ (ସିଇଓ) ଯିବେ।

## ଲିଣ୍ଡା ନୋସ୍କୋଭା ୱିମ୍ବଲଡନ୍ ମହିଳା ସିଙ୍ଗଲ୍ସ ଚାମ୍ପିଅନ୍

**ଲଣ୍ଡନ,୧୨।୭/ଏଜେନ୍ସି:** ଚେକ୍ ଗଣରାଜ୍ୟର ୨୧ ବର୍ଷୀୟା ଟେନିସ୍ ଷ୍ଟାର୍ ଲିଣ୍ଡା ନେସ୍କୋଭା ୱିମ୍ବଲଡନ୍ ୨୦୨୬ ମହିଳା ସିଙ୍ଗଲ୍ସ ଚାମ୍ପିଅନ୍ ହୋଇଛନ୍ତି। ଏହା ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍। ଶନିବାର ଖେଳାଯାଇଥିବା ଅଲ୍-ଚେକ୍ ଫାଇନାଲ୍‌ରେ ନେସ୍କୋଭା ୬-୨, ୫-୭, ୬-୩ରେ କାରୋଲିନା ମୁଚୋଭାଙ୍କୁ ହରାଇ ପ୍ରତିଷ୍ଠିତ ୱିମେନ୍ସ ରୋଜୱାଟର୍ ଡିଶ୍ କବ୍‌ଜା କରିଛନ୍ତି। ନୋସ୍କୋଭା ପ୍ରଥମ ସେଟ୍‌ରେ ଉନ୍ନତ ପ୍ରଦର୍ଶନ କରି ସହଜରେ ଆଗୁଆ ହୋଇଥିଲେ। ତେବେ ଦ୍ୱିତୀୟ ସେଟ୍‌ରେ ସେ ବିଜୟଠାରୁ ଗୋଟିଏ ପାଦ ଦୂରରେ ରହିଯାଇଥିଲେ। ପାଞ୍ଚ ମ୍ୟାଚ୍ ପଏଣ୍ଟ ହରାଇ ପରେ ମ୍ୟାଚ୍ ତୃତୀୟ



ସେଟ୍‌ରେ ଚାଲିଯାଇଥିଲା। ଏହା ସତ୍ତ୍ୱେ ସେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ନିର୍ଣ୍ଣାୟକ ସେଟ୍ ୬-୩ରେ ଜିତିନେବା ସହ ନିଜର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ହାସଲ କରିଥିଲେ। ଲିଣ୍ଡା ନୋସ୍କୋଭା ଗତ ଚାରିବର୍ଷରେ ୱିମ୍ବଲଡନ୍ ମହିଳା ସିଙ୍ଗଲ୍ସ ଟାଇଟଲ୍ ଜିତିବାରେ ତୃତୀୟ ଚେକିଆ ଖେଳାଳି ହୋଇଛନ୍ତି। ଏହା ପୂର୍ବରୁ ମାର୍କେଟା ଭୋନ୍ଦ୍ରୋସୋଭା ୨୦୨୩ ଏବଂ ବାର୍‌ବୋରା କ୍ରେଜିକୋଭା ୨୦୨୪ରେ ଏହି ପ୍ରତିଷ୍ଠିତ ଟାଇଟଲ୍ ଜିତିଥିଲେ। ଏହି ବିଜୟ ସହ ମହିଳା ଟେନିସ୍‌ରେ ଚେକ୍ ଗଣରାଜ୍ୟର ଦବ୍‌ଦବା ପୁଣିଥରେ ସାବ୍ୟସ୍ତ ହୋଇଛି।



# ଆସନ୍ତା ବର୍ଷ ଗଡ଼ିବ ପ୍ରଥମ ବୁଲେଟ୍ ଟ୍ରେନ୍

**ନୂଆଦିଲ୍ଲୀ,୧୨।୭/ଏଜେନ୍ସି:** ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍ ସେବା ଅଗଷ୍ଟ ୧୫, ୨୦୨୭ରୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ଷମ ହେବ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ଏସମ୍ପର୍କରେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ମୁମ୍ବାଇ ଏବଂ ଅହମଦାବାଦ ମଧ୍ୟରେ ପ୍ରଥମ ସେକ୍‌ସନ୍ ବୁଲେଟ ଟ୍ରେନ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି, ଯାହାକି ଆସନ୍ତା ବର୍ଷ କାର୍ଯ୍ୟକ୍ଷମ ହେବ। ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ପ୍ରାୟ ୮୦ ପ୍ରତିଶତ କାମ ଶେଷ ହୋଇସାରିଛି ଏବଂ ସ୍ଥିରୀକୃତ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ୫୦୮ କିଲୋମିଟରର ବିଶିଷ୍ଟ ମୁମ୍ବାଇ-ଅହମଦାବାଦ ହାଇ ସ୍ପିଡ୍ ରେଲ୍ (ଏମ୍‌ଏଏଚ୍‌ଏସ୍‌ଆର୍) କରିଡରର ସୁରଟ-ବିଲିମୋରା ସେକ୍ସନ ଦେଶର ପ୍ରଥମ ହାଇ-ସ୍ପିଡ୍ ରେଳ ମାର୍ଗ ଭାବେ ଆରମ୍ଭ ହେବାକୁ ଯାଉଛି। ଏହା ଦୁଇଟି ଆର୍ଥିକ କେନ୍ଦ୍ର ମଧ୍ୟରେ ଯାତ୍ରା



ଦେଶର ପ୍ରଥମ ହାଇ-ସ୍ପିଡ୍ ରେଳ ପ୍ରକଳ୍ପ ‘ମୁମ୍ବାଇ-ଅହମଦାବାଦ କରିଡର’

ସମୟକୁ ଯଥେଷ୍ଟ ହ୍ରାସ କରିବ। ଏହାସହ ଦେଶରେ ଉନ୍ନତ ରେଳ ପ୍ରଯୁକ୍ତିବିଦ୍ୟାର ପ୍ରତିଷ୍ଠା କରିବ ଏବଂ ଆଞ୍ଚଳିକ ଯୋଗାଯୋଗକୁ ମଧ୍ୟ ସୁଦୃଢ଼ କରିବ ବୋଲି ରେଳମନ୍ତ୍ରୀ କହିଛନ୍ତି। ପ୍ରକାଶ, ଏହି କରିଡର ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ଶ୍ରୀ ବୈଷ୍ଣବ କହିଛନ୍ତି, ମୁମ୍ବାଇ-ଅହମଦାବାଦ୍ କରିଡର ପରେ ପରେ, ପର୍ଯ୍ୟାୟକ୍ରମେ ଭାପିରୁ ସୁରତ, ଭାପିରୁ ଅହମଦାବାଦ, ଅହମଦାବାଦରୁ ଥାନେ ଏବଂ ଶେଷରେ ଅହମଦାବାଦରୁ ମୁମ୍ବାଇ ମଧ୍ୟରେ ସ୍ପିଡ୍ ରେଳ ମାର୍ଗ ପ୍ରକଳ୍ପ ମଧ୍ୟ ସମାପ୍ତ କରାଯିବ। ପୁଣେ ଏବଂ ହାଇଦ୍ରାବାଦକୁ ସଂଯୋଗ କରୁଥିବା ପ୍ରଥମ ପ୍ରକଳ୍ପ ଯାତ୍ରା ସମୟକୁ ଦୁଇ ଘଣ୍ଟା ହ୍ରାସ କରିବ; ହାଇଦ୍ରାବାଦରୁ ମୁମ୍ବାଇ ଯାତ୍ରା ପାଇଁ ୨ ଘଣ୍ଟା ୫୦ ମିନିଟ୍, ହାଇଦ୍ରାବାଦରୁ ଅମରାବତୀ ୧ ଘଣ୍ଟା ୧୦ ମିନିଟ, ହାଇଦ୍ରାବାଦରୁ ଚେନ୍ନାଇ ୩ ଘଣ୍ଟା ଏବଂ ହାଇଦ୍ରାବାଦରୁ ବେଙ୍ଗାଲୁରୁ ୨ ଘଣ୍ଟା ୩୫ ମିନିଟ ସମୟ ଲାଗିବ। କେନ୍ଦ୍ରମନ୍ତ୍ରୀଙ୍କ ଅନୁସାରେ ତିନୋଟି ପ୍ରମୁଖ ବୁଲେଟ ଟ୍ରେନ୍ କରିଡର ଆରମ୍ଭ ହେବା ସହିତ ହାଇଦ୍ରାବାଦ ଏକ ହାଇ-ସ୍ପିଡ ହବ୍ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆବଣ୍ଟିତ ୫,୪୦୦ କୋଟିର ପର୍ଯ୍ୟାପ୍ତ ରେଳ ବଜେଟ ତେଲଙ୍ଗାନାରେ ବୈପ୍ଳବିକ ପରିବର୍ତ୍ତନ ଆଣୁଛି ବୋଲି ସେ କହିଛନ୍ତି।

# ନେପାଳରେ ପୁଣି ଜେନ୍-ଜି ବିକ୍ଷୋଭ

## ଜୋର୍ ଧରିଲା ବାଲେନ୍ ଶାହାଙ୍କ ଇସ୍ତଫା ଦାବି

**କାଠମାଣ୍ଡୁ, ୧୨।୭/ଏଜେନ୍ସି:** ନେପାଳ ଯୁବପିଢ଼ିଙ୍କ ମଧ୍ୟରେ ବଢ଼ୁଥିବା ଅସନ୍ତୋଷ ପୁଣିଥରେ ରାଜପଥରେ ଦେଖିବାକୁ ମିଳିଛି। ଗତ ତିନି ଦିନ ମଧ୍ୟରେ ତିନିଜଣ ଯୁବକ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

୩ ଦିନରେ ୩ ଆତ୍ମାହୁତି ଉଦ୍ୟମ; ବେରୋଜଗାରୀ ସାଜିଛି ଆକ୍ରୋଶର ମୁଖ୍ୟ କାରଣ

ଘଟିଥିବା ବେଳେ ଜଣେ ଯୁବକ ଗୁରୁତର ଭାବେ ପୋଡ଼ିଯାଇ ଡାକ୍ତରଖାନାରେ ଭର୍ତ୍ତି ଅଛନ୍ତି। ଦେଶରେ ଏପ୍ରକାର ଘଟଣା ବଢ଼ି ଚାଲିଥିବା ବେଳେ ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହା ‘ବାଲେନ୍’ଙ୍କ ଇସ୍ତଫା ଦାବି ମଧ୍ୟ ଜୋର ଧରିଛି।

ଗୋଟିଏ ପଟେ ରାଜଧାନୀ କାଠମାଣ୍ଡୁରେ ଯୁବକମାନେ ପ୍ରତିବାଦ ପ୍ରଦର୍ଶନ କରୁଥିବା ବେଳେ ବିରୋଧୀ ଦଳ ‘ନେପାଳୀ



କଂଗ୍ରେସ’ ସରକାରଙ୍କ ଉପରେ ଯୁବପିଢ଼ିଙ୍କ ମନରେ ଆଶା ଓ ବିଶ୍ୱାସ ସୃଷ୍ଟି କରିବାରେ ବିଫଳ ହୋଇଥିବା ଅଭିଯୋଗ ଆଣିଛି। ‘ଜେନ୍-ଜି ନେପାଳ’ ନାମକ ଏକ ସଂଗଠନ ପ୍ରଧାନମନ୍ତ୍ରୀ ବାଲେନ୍ ଶାହାଙ୍କ ଉପରେ ଜନବିରୋଧୀ ଏବଂ ସ୍ୱେଚ୍ଛାଚାରୀ ଭାବେ ଶାସନ ଚଳାଉଥିବା ଅଭିଯୋଗ କରିଛି। ସଂଗଠନର କହିବା ଅନୁଯାୟୀ, ବଜେଟ୍ ଏବଂ ସରକାରୀ ନୀତିଗୁଡ଼ିକରେ ଯୁବକମାନଙ୍କ ନିଯୁକ୍ତି ତଥା ରୋଜଗାର ବଢ଼ାଇବା ପାଇଁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନାହିଁ।

## ପାକିସ୍ତାନୀ ମା’ ଓ ପୁଅ ଗିରଫ

**ବେଙ୍ଗାଲୁରୁ, ୧୨।୭/ଏଜେନ୍ସି:**

କର୍ଣ୍ଣାଟକର ଚିକ୍କାବଲ୍ଲାପୁର ଜିଲ୍ଲା ଅନ୍ତର୍ଗତ ବାଗେପଲ୍ଲୀ ଅଞ୍ଚଳ ତଥା ତାଲୁକର ଦାସରଗେରେ ଗ୍ରାମରେ ଜଣେ ପାକିସ୍ତାନୀ ମହିଳା ଏବଂ ତାଙ୍କ ପୁଅଙ୍କୁ ବେଆଇନ ଭାବେ ରହୁଥିବା ଅଭିଯୋଗରେ ପୁଲିସ୍ ଗିରଫ କରିଛି। ସେମାନଙ୍କର ଭିସା ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସେମାନେ ପାକିସ୍ତାନ ନଫେରି ଭାରତରେ ବେଆଇନ ଭାବେ ରହୁଥିବା ଜଣାପଡ଼ିଥିଲା। ଅଭିଯୁକ୍ତ ମା’ଙ୍କ ନାମ ଫରହାନାଜ୍ (୫୨) ଏବଂ ପୁଅର ନାମ ମହମ୍ମଦ ଫରଦିନ୍ ଖାନ୍ (୨୨)। ଫରହାନାଜ୍ ଦାସରଗେରେ ଗ୍ରାମର ବାସିନ୍ଦା ଆୟୁବ୍ ଖାନ୍‌ଙ୍କୁ ବିବାହ କରିଥିଲେ।

ଜାଲ୍ ପରିଚୟ ପତ୍ର ଆଧାରରେ ଭାରତରେ ରହିଆସୁଥିଲେ

ଆୟୁବ୍ ଖାନ୍ ବର୍ତ୍ତମାନ ଗଲ୍ଫ ଦେଶରେ ଜଣେ ବସ୍ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ବେଳେ ଫରହାନାଜ୍ ତାଙ୍କ ପୁଅ ସହ ଏହି ଗ୍ରାମରେ ରହୁଥିଲେ। ତଦନ୍ତ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପାକିସ୍ତାନୀ ନାଗରିକ ହୋଇଥିଲେ ମଧ୍ୟ ଏହି ମା’ ଓ ପୁଅ ଭାରତରେ ରହିବା ପାଇଁ ଅନେକ ଜାଲ୍ ଭାରତୀୟ ପରିଚୟ ପତ୍ର ପ୍ରସ୍ତୁତ କରିଥିଲେ। ପୁଲିସ୍ ସେମାନଙ୍କ ନିକଟରୁ ଜାଲ୍ ଆଧାର କାର୍ଡ, ଭୋଟର ଆଇଡି, ରାସନ କାର୍ଡ, ଭାରତୀୟ ବ୍ୟାଙ୍କ ଆକାଉଣ୍ଟ ସହ ପାକିସ୍ତାନୀ ପାସପୋର୍ଟକୁ ଜବତ କରିଛି।

## ଜମ୍ମୁ-କାଶ୍ମୀରକୁ ରାଜ୍ୟ ପାହ୍ୟା ଫେରସ୍ତ ଦାବି

# ୨୦ରେ ଜନ୍ତରମନ୍ତରରେ ଗର୍ଜିବ ଏନ୍‌ସି

**ଶ୍ରୀନଗର, ୧୨।୭/ଏଜେନ୍ସି:** ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ରାଜ୍ୟ ପାହ୍ୟା (ଷ୍ଟେଟହୁଡ୍) ଫେରସ୍ତ ଦାବିରେ ଜୁଲାଇ ୨୦ ତାରିଖରେ ଦିଲ୍ଲୀର ଜନ୍ତର ମନ୍ତର ଠାରେ ବଡ଼ ଧରଣର ଗଣବିକ୍ଷୋଭ ପ୍ରଦର୍ଶନ କରିବାକୁ ଘୋଷଣା କରିଛନ୍ତି। ଏହି ଦିନ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେଉଥିବାରୁ ଦଳ ଏହାକୁ ଏକ ଜାତୀୟ ମୁଦ୍ଦା କରିବାକୁ ଚାହୁଁଛି। ଓମାର କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ସହ ଦୀର୍ଘ ସମୟ ଧରି ଚାଲିଥିବା ଆଲୋଚନାରୁ କୌଣସି ସକାରାତ୍ମକ ନିଷ୍କର୍ଷ ନ ବାହାରିବାରୁ, ତାଙ୍କ ଦଳ ଏବେ ଏହି ଦାବିକୁ ଜାତୀୟ ରାଜଧାନୀ ପର୍ଯ୍ୟନ୍ତ ନେଇଯିବ। ରବିବାର ଜମ୍ମୁଠାରେ ଆୟୋଜିତ ଏକ ଜନସଭାକୁ ସମ୍ବୋଧିତ କରି ଓମାର ଅବଦୁଲ୍ଲା କହିଛନ୍ତି ଯେ, ରାଜ୍ୟ ପାହ୍ୟା କାହାର ଦୟା ନୁହେଁ, ବରଂ ଜାମ୍ମୁ-କାଶ୍ମୀରବାସୀଙ୍କ ଅଧିକାର। ଅନ୍ୟପକ୍ଷେ ଏହି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଦଳର ବରିଷ୍ଠ ନେତା ଫାରୁକ୍ ଅବଦୁଲ୍ଲା ଦେଶର ୫୨ ଜଣ ପ୍ରମୁଖ ରାଜନୈତିକ ନେତାଙ୍କୁ ଚିଠି ଲେଖି



ସମର୍ଥନ ମାଗିଛନ୍ତି। ଏଥିରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ମମତା ବାନାର୍ଜୀ, ଅରବିନ୍ଦ କେଜ୍ରିୱାଲଙ୍କ ଭଳି ଇଣ୍ଡିଆ ମେଣ୍ଟର ବହୁ ବଡ଼ ବଡ଼ ନେତା ଏବଂ ଜମ୍ମୁ-କାଶ୍ମୀରର ସ୍ଥାନୀୟ ବିରୋଧୀ ଦଳର ନେତାମାନେ ମଧ୍ୟ ସାମିଲ ଅଛନ୍ତି। ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ହଟାଇବା ସହ ଏହାକୁ ଏକ ପୂର୍ଣ୍ଣ ରାଜ୍ୟରୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ (ଜମ୍ମୁ-କାଶ୍ମୀର ଏବଂ ଲଦାଖ)ରେ ବିଭକ୍ତ କରିଦେଇଥିଲେ। ସେସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହ ପ୍ରତିଶ୍ରୁତି ଦେଇ କହିଥିଲେ ଯେ ବିଧାନସଭା ନିର୍ବାଚନ ପରେ ‘ଉପଯୁକ୍ତ ସମୟ’ରେ ଜମ୍ମୁ କାଶ୍ମୀରକୁ ରାଜ୍ୟ ପାହ୍ୟା ଫେରସ୍ତ

ସାମିଲ ହେବେ କଂଗ୍ରେସ, ଆପ୍, ଟିଏମ୍‌ସି ସମେତ ୫୨ ବିରୋଧୀ ନେତା

କରାଯିବ। କିନ୍ତୁ ନିର୍ବାଚନ ସରି ସରକାର ଗଠନ ହେବାର ଦୀର୍ଘ ମାସ ପରେ ମଧ୍ୟ କେନ୍ଦ୍ର ସରକାର ଏହି ପ୍ରତିଶ୍ରୁତି ପୂରଣ କରିନାହାନ୍ତି, ଯାହାକୁ ନେଇ ଓମାର ଅବଦୁଲ୍ଲା ପ୍ରଶ୍ନ ଉଠାଇଛନ୍ତି। ଏବେ ସେଠାକାର ସ୍ଥାନୀୟ ଦଳଗୁଡ଼ିକ ମଧ୍ୟ (ବିଜେପିକୁ ଛାଡ଼ି) ମିଳିତ ଭାବେ ଜମ୍ମୁ-କାଶ୍ମୀରକୁ ପୁଣିଥରେ ଏକ ପୂର୍ଣ୍ଣ ରାଜ୍ୟର ମାନ୍ୟତା ଫେରସ୍ତ କରିବାକୁ ଦାବି କରୁଛନ୍ତି। ଏସବୁ ମଧ୍ୟରେ ହୁରିୟତ ନେତା ମୀରୱାଇଜ୍ ଉମର ଫାରୁକ୍ ମଧ୍ୟ କହିଛନ୍ତି ଯେ କେବଳ ରାଜ୍ୟ ପାହ୍ୟା ନୁହେଁ, ବରଂ ଧାରା ୩୭୦ର ପୁନରୁଦ୍ଧାର ଏବଂ ଜେଲ୍‌ରେ ଥିବା ରାଜନୈତିକ ବନ୍ଦୀମାନଙ୍କ ମୁକ୍ତି ପାଇଁ ମଧ୍ୟ ଏହି ଆନ୍ଦୋଳନରେ ଦାବି କରାଯିବା ଉଚିତ୍। ତେବେ ପ୍ରଦେଶ ବିଜେପି, ଏହି ଆନ୍ଦୋଳନକୁ ସମର୍ଥନ କରିବାକୁ ସିଧାସଳଖ ମନା କରିଦେଇଛି।

ଓମାର ଏହି ପରିପ୍ରେକ୍ଷୀରେ ଆଉ ଏକ ସଂଗୀନ ଅଭିଯୋଗ ମଧ୍ୟ କରିଛନ୍ତି। ଓମାର କହିଛନ୍ତି, ବିଜେପି ତାଙ୍କ ସରକାରକୁ ଭାଙ୍ଗିବା ପାଇଁ (ଅପରେସନ୍ ଲୋଟସ୍ ଅନ୍ତର୍ଗତ) ତଥା ନିଜ ସହ ମିଶିବା ପାଇଁ ତାଙ୍କ ଦଳର କିଛି ବିଧାୟକଙ୍କୁ ୨୦-୩୦ କୋଟି ଲେଖାଏ ଦେବାକୁ ମଧ୍ୟ ଯାଚିଥିଲା। କିନ୍ତୁ ତାଙ୍କ ଦଳର କୌଣସି ବିଧାୟକ ବିକ୍ରିଯୋଗ୍ୟ ନୁହଁନ୍ତି। ତାଙ୍କର ଏପ୍ରକାର ଅଭିଯୋଗ ଉପରେ ବିଜେପି କହିଛି ଯେ, ଓମାରଙ୍କୁ ନିଜ ଅଭିଯୋଗ ପାଇଁ ପ୍ରମାଣ ଦେବାକୁ ହେବ ନଚେତ୍ ସର୍ବସାଧାରଣରେ କ୍ଷମାପ୍ରାର୍ଥନା କରିବାକୁ ହେବ।

# ଲଦାଖ୍‌ରେ ହେବ ୧୭ ନୂଆ ତହସିଲ

## ପ୍ରସ୍ତାବକୁ ଉପ-ରାଜ୍ୟପାଳଙ୍କ ମଞ୍ଜୁରୀ

**ଶ୍ରୀନଗର, ୧୨।୭/ଏଜେନ୍ସି:** ଏକ ବଡ଼ ପ୍ରଶାସନିକ ନିଷ୍ପତ୍ତିକ୍ରମେ, ଲଦାଖର ଉପ-ରାଜ୍ୟପାଳ ଭି. କେ. ସକ୍ସେନା କେନ୍ଦ୍ରଶାସିତ ଅଞ୍ଚଳରେ ୫ଟି ନୂତନ ଭାବେ ଗଠିତ ଜିଲ୍ଲାକୁ କାର୍ଯ୍ୟକ୍ଷମ କରିବା ପାଇଁ ୧୭ଟି ନୂଆ ତହସିଲ ଗଠନକୁ ମଞ୍ଜୁରୀ ଦେଇଛନ୍ତି। ଏହାଦ୍ୱାରା ଲଦାଖରେ ତହସିଲ ସଂଖ୍ୟା ୧୫ରୁ ବୃଦ୍ଧି ପାଇ ୩୨ ରେ ପହଞ୍ଚିଛି। ଚଳିତ ବର୍ଷ ଅପ୍ରେଲ ୨୭ ରେ ନୂଆ ଜିଲ୍ଲା ଗଠନର ବିଜ୍ଞପ୍ତି ପ୍ରକାଶ ପାଇବା ପରେ, ଉପ-ରାଜ୍ୟପାଳଙ୍କ ଦ୍ୱାରା ଗଠିତ ଏକ ଉଚ୍ଚସ୍ତରୀୟ କମିଟିର ସୁପାରିଶ ଆଧାରରେ ଏହି ନୂଆ ତହସିଲଗୁଡ଼ିକ ସୃଷ୍ଟି କରାଯାଇଛି।

କମିଟି ଦେଖିବାକୁ ପାଇଥିଲା ଯେ ପୂର୍ବରୁ ଥିବା ପ୍ରଶାସନିକ ବ୍ୟବସ୍ଥା ଯେପରିକି ତହସିଲ ଏବଂ ରାଜସ୍ୱ ଗ୍ରାମଗୁଡ଼ିକର ସୀମା ସ୍ପଷ୍ଟ ଭାବେ ନିର୍ଦ୍ଧାରିତ ହୋଇନଥିଲା। ଅନେକ ତହସିଲର ସୀମା ଏକରୁ ଅଧିକ ଜିଲ୍ଲା ମଧ୍ୟକୁ ବ୍ୟାପିଥିଲା, ଯାହାଫଳରେ କାର୍ଯ୍ୟ ପରିଚାଳନାରେ ଅନେକ ସମସ୍ୟା ସୃଷ୍ଟି ହେଉଥିଲା।ଏହି ସମସ୍ୟାର ସମାଧାନ ପାଇଁ, ଏବେ ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ଗୋଟିଏ ତହସିଲ ସହ ଏବଂ ପ୍ରତ୍ୟେକ ତହସିଲକୁ ଗୋଟିଏ ଜିଲ୍ଲା ସହ ଯୋଡ଼ା ଯାଇଛି। ଏହାଦ୍ୱାରା ଏକ ସ୍ୱଚ୍ଛ ଓ ସହଜ



ପ୍ରଶାସନିକ ଗଠନ ପ୍ରସ୍ତୁତ ହୋଇଛି। ସବୁଠୁ ବଡ଼କଥା ଏଥିପାଇଁ ଜିଲ୍ଲାଗୁଡ଼ିକର ଭୌଗୋଳିକ ସୀମାରେ କୌଣସି ପରିବର୍ତ୍ତନ କରାଯାଇନାହିଁ।

ରାଜ୍ୟ ସରକାରଙ୍କ ଜଣେ ମୁଖପାତ୍ର ସୂଚନା ଦେଇ କହିଛନ୍ତି ଯେ, ୧୭ ନୂଆ ତହସିଲ ଗଠନ ନିଷ୍ପତ୍ତି ଫଳରେ ସ୍ଥାନୀୟ ନାଗରିକମାନଙ୍କୁ ସରକାରୀ ସେବା ପାଇଁ ଆଉ ଦୀର୍ଘ ଦୂରତା (ଯାହା ପ୍ରାୟତଃ ୩୦୦ କିଲୋମିଟରରୁ ଅଧିକ ହେଉଥିଲା) ଯାତ୍ରା କରିବାକୁ ପଡ଼ିବ ନାହିଁ ଏବଂ ଜନସାଧାରଣ ଶୀଘ୍ର ସେବା ପାଇପାରିବେ। ଏହି ବ୍ୟବସ୍ଥା ଦ୍ୱାରା ତୃଣମୂଳ ସ୍ତରର ଶାସନ ମଜବୁତ ହେବ ଏବଂ ବିକାଶମୂଳକ ଯୋଜନାଗୁଡ଼ିକର ସଫଳ ରୂପାୟନ ହୋଇପାରିବ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra